RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-45 ◆FRIDAY ◆8 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪୫ ◆ଶୁକ୍ରବାର ◆୮ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



▶ଭିତର ପୃଷ୍ଠାରେ...

## ଚାଷୀଙ୍କୁ ଶୋଷୁଛି ବୀମା କମ୍ପାନୀ

# ନେଉଛି ଅଧିକ; ଦେଉଛି କମ୍

■ **ଭୁବନେଶ୍ୱର,୭।୮ (ସମିସ):** ଫସଲବୀମା ପ୍ରିମିୟମ ବାବଦରେ କମ୍ପାନୀଗୁଡ଼ିକ ପ୍ରତିବର୍ଷ କୋଟି କୋଟି ଟଙ୍କା ନେଉଛନ୍ତି। ହେଲେ ଫସଲ କ୍ଷତି ଆଧାରରେ ଚାଷୀମାନଙ୍କୁ କ୍ଷତିପୂରଣ ଦେଉ ନାହାନ୍ତି। କ୍ଷତିପୂରଣ ଟଙ୍କା ପାଇବା ପାଇଁ ଚାଷୀଙ୍କୁ ଧାଇଁଧାଇଁ ଶେଷରେ ନିରାଶ ହେବାକୁ ପଡୁଛି ଓ ଯେଉଁମାନେ କ୍ଷତିପୂରଣର ଜଟିଳ ପ୍ରକ୍ରିୟାକୁ କୌଣସି ପ୍ରକାର ଶେଷ କରୁଛନ୍ତି, ସେମାନଙ୍କୁ ଯେତିକି ଅର୍ଥ ମିଳୁଛି ତାହା କ୍ଷତି ତୁଳନାରେ ଯଥେଷ୍ଟ କମ୍। ଏପରିକି କମ୍ପାନୀଗୁଡ଼ିକ ବୀମା ପ୍ରିମିୟମ ବାବଦରେ ଯେତିକି ଟଙ୍କା ନେଉଛନ୍ତି ଚାହାର ଚାରିଭାଗରୁ ଭାଗେ ବି କ୍ଷତିପୂରଣ ମିଳୁନାହିଁ। ଯାହାକୁ ନେଇ ଚାଷୀଙ୍କ ମନରେ ଅସନ୍ତୋଷ ବଢୁଛି ଏବଂ ଫସଲବୀମାର କାର୍ଯ୍ୟକାରୀତା ଓ ଏହାର ସଫଳତାକୁ ନେଇ ସରକାରଙ୍କ ଶ୍ରେୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗତ ୨୦୨୪ରେ ଗଞ୍ଜାମ ଜିଲ୍ଲାର ୧ଲକ୍ଷ ୪୫ ହଜାର ୭୧୬ଜଣ ଚାଷୀ ବୀମା କରିଥିଲେ। ଏହି ବାବଦରେ ଚାଷୀଙ୍କର ୭୬ କୋଟି ୩୪ ଲକ୍ଷ ୧ ହଜାର ପ୍ରିମିୟମ ଟଙ୍କା ବୀମା କମ୍ପାନୀ ପାଇଥିଲା। ମାତ୍ର ସେହିବର୍ଷ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା ଓ କ୍ଷତିପୂରଣ ପାଇବାକୁ ଲୋକେ କ୍ଲେମ୍ କରିଥିଲେ। ବୀମା କମ୍ପାନୀ ଫସଲ କ୍ଷତି ପାଇଁ ଚାଷୀଙ୍କୁ କ୍ଲେମ ଅନୁଯାୟୀ କ୍ଷତିପୂରଣ ସହାୟତା ଦେବା ତ ଦୂରର କଥା, ପ୍ରିମିୟମ ବାବଦକୁ ଖର୍ଚ୍ଚ ହୋଇଥିବା ଟଙ୍କାର ଯଥେଷ୍ଟ କମ୍ ଅର୍ଥାତ ମାତ୍ର ୧୦କୋଟି ୧୨ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଚାଷୀଙ୍କୁ କ୍ଷତିପୂରଣ ବାବଦକୁ ସମୁଦ୍ରକୁ ଶଙ୍ଖେ ଟଙ୍କା ଦେଇ ରାଜ୍ୟ ଓ ଜିଲ୍ଲା ପ୍ରଶାସନ, ସରକାର ଓ କମ୍ପାନୀର ମିଳିଭଗତରେ ▶ପୃଷ୍ଠା-୭

**ପ୍ରିମିୟମ୍ ଦେୟ ତୁଳନାରେ କ୍ଷତିପୂରଣ ରାଶି ଯଥେଷ୍ଟ କମ୍**

**୯ ବର୍ଷରେ କମ୍ପାନୀ ନେଇଛନ୍ତି ୧୨ ହଜାର କୋଟିର ପ୍ରିମିୟମ୍**



## ଏନ୍‌ଡିଏ ବୈଠକରେ ଉପରାଷ୍ଟ୍ରପତି ଚୟନ ନିଷ୍ପତ୍ତି

# ମୋଦୀ ବାଛିବେ ପ୍ରାର୍ଥୀ

■ **ନୂଆଦିଲ୍ଲୀ, ୭।୮ (ଏଜେନ୍ସି):** ଆସନ୍ତା ସେପଟେମ୍ବର ୯ ତାରିଖରେ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନ ଲାଗି ନିର୍ବାଚନ କମିସନ ଆଜି ବିଜ୍ଞପ୍ତି ଜାରି କରିଛନ୍ତି। ଏହାସହିତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତେବେ ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ଖାଲିପଡ଼ିଥିବା ଉପରାଷ୍ଟ୍ରପତି ପଦରେ କିଏ ବସିବ, ତାହାକୁ ନେଇ କସରତ ଆରମ୍ଭ ହୋଇଯାଇଛି। ସଂଖ୍ୟା ଦୃଷ୍ଟିରୁ କ୍ଷମତାସୀନ ଏନ୍‌ଡିଏ ଆଗୁଆ ଥିବାରୁ ଏହାର ପ୍ରାର୍ଥୀ ଉପରାଷ୍ଟ୍ରପତି ହେବା ପ୍ରାୟ ନିଶ୍ଚିତ। ଏନ୍‌ଡିଏ ପ୍ରାର୍ଥୀ ବାଛିବା ଲାଗି ମେଣ୍ଟ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଜେପି ସଭାପତି ଜେପି ନଡ୍ଡାଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ସେମାନେ ଯାହାକୁ ପ୍ରାର୍ଥୀ କରିବେ, ତାହାକୁ ଏନ୍‌ଡିଏ ଗ୍ରହଣ କରିବ। ଆଜି ଏଠାରେ ଅନୁଷ୍ଠିତ ଏନ୍‌ଡିଏ ନେତାମାନଙ୍କ ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। କେନ୍ଦ୍ର ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅମିତ ଶାହ, ଜେପି ନଡ୍ଡା, ଲଲନ ସିଂହ, ଶ୍ରୀକାନ୍ତ ସିନ୍ଦେ, ଶ୍ରୀକୃଷ୍ଣା ଦେବରାୟାଲୁ ଏବଂ ଚିରାଗ ପାଶ୍ୱାନ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ଭବତଃ ଆସନ୍ତା ୧୨ ତାରିଖରେ ଏନ୍‌ଡିଏ ପ୍ରାର୍ଥୀଙ୍କ ନାମ ଘୋଷଣା ହେବ ବୋଲି ଜଣାପଡ଼ିଛି।

ଆଜି ନିର୍ବାଚନ କମିସନ ପକ୍ଷରୁ ଜାରି କରାଯାଇଥିବା ଉପରାଷ୍ଟ୍ରପତି ନିର୍ବାଚନ ବିଜ୍ଞପ୍ତି ଅନୁଯାୟୀ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ କରାଯାଇପାରିବ। ▶ପୃଷ୍ଠା-୭

## ସରକାରୀ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର

# ୩୭ ପ୍ରତିଶତ ଡାକ୍ତର ପଦ ଖାଲି

■ **ଭୁବନେଶ୍ୱର, ୭।୮ (ସମିସ):** ଦୁଇ ଦିନ ତଳେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଭେଟି ମେଡିକାଲ ସିଟ୍ ସଂଖ୍ୟା ବୃଦ୍ଧି କରିବା ପାଇଁ ନିବେଦନ କରିଛନ୍ତି। ମାତ୍ର ରାଜ୍ୟରେ ହଜାର ହଜାର ସଂଖ୍ୟାରେ ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଥିଲେ ବି ସେଥିପ୍ରତି ମନ୍ତ୍ରୀ କିମ୍ବା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଉନାହାନ୍ତି। ଫଳସ୍ୱରୂପ ସାମାନ୍ୟତମ ସ୍ୱାସ୍ଥ୍ୟ ସମସ୍ୟା ହେଲେ ବି ରୋଗୀମାନେ ବାଧ୍ୟହୋଇ ଭୁବନେଶ୍ୱର, କଟକ ଆଦି ସହରକୁ ଦୌଡୁଛନ୍ତି। କିଛି ରୋଗୀ 'ଗୋପବନ୍ଧୁ' ଓ 'ଆୟୁଷ୍ମାନ' ଯୋଜନାରେ ସହାୟତା ପାଉଥିବାବେଳେ ଆଉ କିଛି ରୋଗୀ ଘରୋଇ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏମିତିକି 'ଆୟୁଷ୍ମାନ' କାର୍ଡରେ ମାତ୍ରାଧିକ ସମସ୍ୟା ହେତୁ ଲୋକମାନେ ନିଜର ଜମିବାଡ଼ି ବିକ୍ରି କରି ଘରୋଇ ଡାକ୍ତରଖାନାରେ ଚିକିତ୍ସା ଖର୍ଚ୍ଚ ତୁଲାଉଛନ୍ତି। ଗତ ମାର୍ଚ୍ଚ ମାସରେ ସରକାର ବିଧାନସଭାରେ ▶ପୃଷ୍ଠା-୭

**୫୫% ବିଶେଷଜ୍ଞ ଡାକ୍ତର ନାହାନ୍ତି**

## ମହିଳା ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ଯୌନ ନିର୍ଯାତନା

# ହସ୍ପିଟାଲ ମ୍ୟାନେଜର୍ ଗିରଫ

■ **ଫୁଲନଖରା, ୭।୮ (ସମିସ):** ମହିଳା ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ବଣ୍ଟକୁଦ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ମ୍ୟାନେଜର୍ ନିଶିଥ ରଞ୍ଜନ ସାହୁଙ୍କୁ କଟକ ସଦର ଥାନା ପୁଲିସ ଗିରଫ କରିଛି। ଗତ ୪ ମାସ ଧରି ନିଶିଥ ଅଶୋଭନୀୟ ଆଚରଣ ▶ପୃଷ୍ଠା-୭

**ଡ୍ୟୁଟି ସମୟରେ ଅଶ୍ଳୀଳ ଆଚରଣ ଓ ଇଙ୍ଗିତ କରୁଥିଲେ**


**ଆଇସିସି କମିଟିରେ ମିଳିନଥିଲା ନ୍ୟାୟ**



## ପଟ୍ଟାମୁଣ୍ଡାଇରେ ଛାତ୍ରୀ ଆତ୍ମାହୁତି ଘଟଣାରେ ନବୀନଙ୍କ କ୍ଷୋଭ

# ଆଉ କେତେ ଚିତା ଜଳିଲେ ଜାଗିବେ ରାଜ୍ୟ ସରକାର ?

■ **ଭୁବନେଶ୍ୱର, ୭।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇରେ ଜଣେ + ୩ ଛାତ୍ରୀ ଆତ୍ମାହୁତି କରିବା ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଥିବା ବେଳେ ଏହାକୁ ନେଇ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟ ବିଜେପି ସରକାର ଜାଗ୍ରତ ହେବା ପୂର୍ବରୁ ଆଉ କେତେ ଚିତା ଜଳିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ପ୍ରତିଦିନ ମହିଳା ବିରୋଧୀ ଅତ୍ୟାଚାର, ଅପରାଧ ସାମ୍ନାକୁ ଆସୁଥିବା ବେଳେ ଆତ୍ମାହୁତି ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏପରି ସ୍ପର୍ଶକାତର, ସମ୍ବେଦନଶୀଳ ଘଟଣା ରୋକିବାରେ ▶ପୃଷ୍ଠା-୭











## ଅହମଦାବାଦ ବିମାନ ଦୁର୍ଘଟଣା
# ୬୦ ପୀଡିତ ପରିବାର ଆମେରିକା କୋର୍ଟ ଯିବେ

ଅହମଦାବାଦ, ୭ ।୮ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ଜୀବନ ହରାଇଥିବା ଯାତ୍ରୀଙ୍କ ୬୦ ପରିବାର ବୋଇଂ କମ୍ପାନୀ ବିରୋଧରେ କୋର୍ଟ ଯିବାକୁ ନିଷ୍ପତ୍ତି ନେଇଛନ୍ତି । ଦୁର୍ଘଟଣାଗ୍ରସ୍ତ ବିମାନର ନିର୍ମାତା କମ୍ପାନୀ ବୋଇଂ ବିରୋଧରେ ଆମେରିକା କୋର୍ଟରେ ମକଦ୍ଦମା କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏଥିପାଇଁ ସେମାନେ ଆମେରିକାର ଜଣାଶୁଣା ଓକିଲ ତଥା ଆଇନ ବିଶେଷଜ୍ଞ ମାଇକ ଆଣ୍ଡ୍ରୁଜ୍‌ଙ୍କୁ ନିୟୋଜିତ କରିଛନ୍ତି । ଦୁର୍ଘଟଣା ଯାଞ୍ଚ ନେଇ ଏହି ପୀଡିତ ପରିବାରଗୁଡିକ ପ୍ରଶ୍ନ ଉଠାଇଛନ୍ତି। । ବିମାନ କକ୍‌ପିଟ୍‌ର ଭଏସ ରେକର୍ଡର ଓ ଫ୍ଲାଇଟ୍ ଡାଟା ରେକର୍ଡର ତଥ୍ୟ ଦେବାକୁ ପୀଡିତ ପରିବାରଗୁଡିକ ଦାବି କରିଛନ୍ତି । ଏହାଦ୍ୱାରା ସ୍ୱାଧୀନ ଭାବେ ସ୍ୱତନ୍ତ୍ର ଯାଞ୍ଚ କରିହେବ ବୋଲି ପରିବାର ତରଫରୁ କୁହାଯାଇଛି । ଆଣ୍ଡ୍ରୁଜ ଗୁରୁତର ଭାବେ ଆହତ ଓ ମୃତ୍ୟୁବରଣ କରିଥିବା ମାମଲାରେ ବିଶେଷଜ୍ଞ ଭାବେ ଜଣାଶୁଣା । ଏହାପୂର୍ବରୁ ସେ କେତୋଟି ଟ୍ରକ୍ ଓ କାର ନିର୍ମାତା କମ୍ପାନୀ ବିରୋଧରେ କେସ ଲଢି ସାରିଛନ୍ତି । ଉଲ୍ଲେଖଥାଉକି ଜୁନ୍ ୧୨ରେ ଅହରାହ୍ଣ ୧.୩୮ ରେ ଅହମଦାବାଦ ବିମାନ ବନ୍ଦରରୁ ଟେକ୍‌ଅଫ୍ କରିବାର କିଛି ସେକେଣ୍ଡ ପରେ ଏୟାର ଇଣ୍ଡିଆ ବିମାନ ୧୭୧ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ବିମାନ ଯାତ୍ରୀ, କ୍ରୁ ମେମ୍ବରଙ୍କ ସମେତ ଏଥିରେ ମୋଟ୍ ୨୭୦ଜଣ ମୃତ୍ୟୁବରଣ କରିଥିଲେ । ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ମଧ୍ୟ ଏଥିରେ ମୃତ୍ୟୁବରଣ କରିଥିଲେ ।

# ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ପନ୍ନୁର ହତ୍ୟା ଧମକ

ଅମୃତସର, ୭ ।୮ (ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କୁ ହତ୍ୟା ଧମକ ମିଳିଛି । ଜଣାଶୁଣା ଖଲିସ୍ତାନୀ ଆତଙ୍କୀ ସଂଗଠନ 'ଶିଖ ଫର ଜଷ୍ଟିସ୍' (ଏସ୍‌ଏଫ୍‌ଜେ) ମୁଖ୍ୟ ଗୁରପତବନ୍ତ ସିଂହ ପନ୍ନୁ ଏହି ହତ୍ୟା ଧମକ ଦେଇଛି । ଏ ନେଇ ସେ ସୋସିଆଲ ମିଡିଆରେ ଏକ ଭିଡିଓ ମଧ୍ୟ ଜାରି କରିଛି । ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଭଗବନ୍ତ ମାନ ନିଶାଣରେ ରହିବେ ବୋଲି ସେ ଧମକ ଦେଇଛି । ସ୍ୱାଧୀନତା ଦିବସରେ ଭଗବନ୍ତ ତ୍ରିରଙ୍ଗା ଉଡାଇବାକୁ ଆମେ ବିରୋଧ କରୁଛୁ ବୋଲି ସେ ଭିଡିଓରେ କହିଛି । ସେ ଲ୍ୟାଣ୍ଡ ପୁଲିଂ ପଲିସିକୁ ନେଇ ଲୋକଙ୍କୁ ଉସ୍କାଇବାକୁ ମଧ୍ୟ ପ୍ରୟାସ କରିଛି । ସେହିପରି ସେ ଅମୃତସର ବସଷ୍ଟାଣ୍ଡ ନିକଟସ୍ଥ ମନ୍ଦିର, କୋର୍ଟ ପରିସର ଓ ଖାଲସା କଲେଜର ଦିଆଲିରେ 'ଖଲିସ୍ତାନୀ ଏସ୍‌ଏଫ୍‌ଜେ ରେଫରେଣ୍ଡମ ଓ ଭଗବନ୍ତ ମାନ ମୁର୍ଦ୍ଦାବାଦ'ର ସ୍ଲୋଗାନ ଲେଖାଇଛି ବୋଲି ସେ ଦାବି କରିଛି । ପନ୍ନୁ ଭାରତର ସ୍ୱାଧୀନତା ଦିବସକୁ ବିରୋଧ କରୁଛି । ତେଣୁ ସେ ଏହାକୁ ପାଳନ କରିବାକୁ ମଧ୍ୟ ଖୋଲାଖୋଲି ଭାବେ ବିରୋଧ କରୁଛି ବୋଲି ଭିଡିଓରେ କହିଛି ।

# ପ୍ରୟାଗରାଜରେ ଏନ୍‌କାଉଣ୍ଟର; ଗ୍ୟାଙ୍ଗଷ୍ଟର ନିହତ

ଲକ୍ଷ୍ନୌ, ୭ ।୮ (ଏଜେନ୍ସି): ଉତ୍ତରପ୍ରଦେଶର ପ୍ରୟାଗରାଜ୍‌ରେ ସ୍ପେଶିଆଲ ଟ୍ୟାକ୍ସ ଫୋର୍ସ (ଏସ୍‌ଟିଏଫ୍) ଝାଡଖଣ୍ଡର କୁଖ୍ୟାତ ଗ୍ୟାଙ୍ଗଷ୍ଟର ଛୋଟୁ ଧନବାଦିଆ ଉର୍ଫ ଆଶିଷ ରଞ୍ଜନଙ୍କୁ ଏନ୍‌କାଉଣ୍ଟର କରିଛି । ଆଶିଷ ନାମରେ ୪ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ସର୍ଭିଲାନ୍ସ ଜରିଆରେ ତା'ର ଠିକଣାକୁ ଠାବ କରାଯାଇଥିଲା । ସ୍ଥାନୀୟ ଶଙ୍କରଗଡ଼ ସ୍ଥିତ ଶିବରାଜ ଛକରେ ତାକୁ ଏସ୍‌ଟିଏଫ୍ ଘେରାଉ କରିଥିଲା । ସେ ବାଇକ୍‌ରେ ଯାଉଥିବା ବେଳେ ତା'ର ପିଛା କରାଯାଇଥିଲା । କିନ୍ତୁ କିଛି ବାଟ ଯାଇ ସେ ଏକେ-୪୭ରେ ଆଖିବୁଜା ଗୁଳି ଚଳାଇଥିଲା । ଏସ୍‌ଟିଏଫ୍‌ର ପାଲଟା ଗୁଳିରେ ସେ ଆହତ ହୋଇଥିଲା । ତାକୁ ହସ୍ପିଟାଲ ନିଆଯାଇଥିଲା କିନ୍ତୁ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ୧୦ ମିନିଟର ଏହି ଏନ୍‌କାଉଣ୍ଟରରେ ୪୬ ରାଉଣ୍ଡ ଫାୟାରିଂ ହୋଇଥିଲା । ତାଠାରୁ ଏକେ-୪୭ ଓ ୯ ଏମ୍‌ଏମ୍‌ର ଗୁଳି ଜବତ କରାଯାଇଛି ।


# ଖାଇକୁ ଖସିଲା ସିଆରପିଏଫ୍ ଗାଡ଼ି: ୩ ଯବାନ ମୃତ

ନୂଆଦିଲ୍ଲୀ, ୭ ।୮ (ଏଜେନ୍ସି): ଜମ୍ମି- କଶ୍ମୀରର ଉର୍ଦ୍ଧ୍ୱମପୁର ଜିଲ୍ଲାର ବସନ୍ତଗଡ଼ ଅଞ୍ଚଳରେ ଗୁରୁବାର ସକାଳ ୧୦.୩୦ରେ ସିଆରପିଏଫ୍‌ର ଏକ ଗାଡ଼ି ୨୦୦ ଫୁଟ ଗଭୀର ଖାଇରେ ଖସିପଡ଼ିଛି । ଏହି ଦୁର୍ଘଟଣା ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ସ୍ଥିତି ଗମ୍ଭୀର ରହିଛି ବୋଲି ସ୍ଥାନୀୟ ପ୍ରଶାସନ ତରଫରୁ କୁହାଯାଇଛି । ଯବାନମାନଙ୍କୁ ନେଇ ଏହି ଗାଡି ଆସୁଥିଲା । ତେବେ ନିୟନ୍ତ୍ରଣ ହରାଇ ଗାଡି ଖାଇକୁ ଖସିଥିଲା ବୋଲି ସିଆରପିଏଫ୍ ଅଧିକାରୀମାନେ ସୂଚନା ଦେଇଛନ୍ତି । ଘଟଣାସ୍ଥଳରୁ ୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଉଲ୍ଲେଖଥାଉ କି, ପୂର୍ବରୁ ଜୁଲାଇ ୧୬ରେ ଲଦାଖରେ ଏକ ମିନି ବସ ଖାଇରେ ଖସି ପଡ଼ିବା ଫଳରେ ୨ ଜଣଙ୍କ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ଗୁରୁତର ଭାବେ ଆହତ ହୋଇଥିଲେ ।

# ୫ ସାଥୀଙ୍କୁ ଗୁଳି ମାରିଲେ ଯବାନ

ୱାସିଂଟନ, ୭ ।୮ (ଏଜେନ୍ସି): ଆମେରିକାର ଜର୍ଜିଆ ରାଜ୍ୟର ଫର୍ଟ ଷ୍ଟିୱାର୍ଟସ୍ଥିତ ସେନା କ୍ୟାମ୍ପ ।।ରେ ଜଣେ ସୈନିକ ନିଜ ପର୍ସନାଲ ହ୍ୟାଣ୍ଡଗନ୍‌ରେ ନିଜର ସାଥି ସୈନିକମାନଙ୍କୁ ଟାର୍ଗେଟ କରି ଆଖିବୁଜା ଗୁଳିମାଡ କରିଥିଲେ । ଆକ୍ରମଣକାରୀ ସୈନିକଙ୍କ ନାମ କ୍ୱୋରୋନେଲିଅସ ରାଡଫର୍ଡ ବୋଲି ଜଣାଯାଇଛି । ଏହି ଘଟଣାରେ ୫ ଜଣ ସୈନିକ ଆହତ ହୋଇଛନ୍ତି । ଆଟଲାଣ୍ଟର ଦକ୍ଷିଣପୂର୍ବ ଦିଗରେ ଫର୍ଟ ଷ୍ଟିୱାର୍ଟ ୩୮୬ କିମି ଦୂରରେ ଅବସ୍ଥିତ । ଭାରତୀୟ ସମୟ ଅନୁସାରେ ବୁଧବାର ରାତି ୮.୨୬ରେ ଏହି ଘଟଣା ଘଟିଥିଲା । ଆକ୍ରମଣ କରିବା ମାତ୍ରେ ହିଁ ରାଡଫର୍ଡଙ୍କୁ ଅନ୍ୟ ସୈନିକମାନେ କାବୁ କରି ନେଇଥିଲେ । ଆହତ ସୈନିକଙ୍କୁ କମ୍ୟୁନିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ନିର୍ବାଚନ କମିସନଙ୍କ ବିରୋଧରେ ରାହୁଲଙ୍କ 'ଭୋଟ ଚୋରି' ଅଭିଯୋଗ
# କର୍ଣ୍ଣାଟକରେ ଭୟଙ୍କର ଜାଲିଆତି



### ଗୋଟିଏ ବିଧାନସଭା ଆସନରେ ଏକ ଲକ୍ଷ ଭୋଟରଙ୍କୁ ନେଇ ଉଠାଇଲେ ପ୍ରଶ୍ନ
### ଅଭିଯୋଗକୁ ଖଣ୍ଡନ କଲେ ନିର୍ବାଚନ କମିସନ
### ସତ୍ୟପାଠ ଜରିଆରେ ତଥ୍ୟ ପ୍ରମାଣ ଦିଅ

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଜାଲ ଭୋଟର, ଜାଲ ଠିକଣା, ଜାଲ୍ ଫଟୋ, ଗୋଟିଏ ଠିକଣାରେ ବହୁ ସଂଖ୍ୟକ ଭୋଟର । ନିର୍ବାଚନ କମିସନ ବିରୋଧରେ ଏଭଳି ଗୁରୁତର ଅଭିଯୋଗ ଆଣିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ସେ କହିଛନ୍ତି ଯେ ବିଜେପିକୁ ଜିତାଇବା ଲାଗି କମିସନ ବଡ଼ ଧରଣର ଜାଲିଆତି କରିଛନ୍ତି । କର୍ଣ୍ଣାଟକରେ ଏକ ଲୋକସଭା ନିର୍ବାଚନମଣ୍ଡଳୀରେ ହୋଇଥିବା ଭୋଟ ଜାଲିଆତିର ଉଦାହରଣ ଦେଇ ସେ କହିଛନ୍ତି ଯେ ଏଠାରେ ଗୋଟିଏ ବିଧାନସଭା ନିର୍ବାଚନମଣ୍ଡଳୀରେ ଏକ ଲକ୍ଷ ଭୋଟ୍ ଚୋରି କରାଯାଇଛି ।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି ଯେ ଗୋଟିଏ ନିର୍ଦ୍ଦିଷ୍ଟ ଦଳକୁ ଜିତାଇବା ଲାଗି ଭୋଟର ତାଲିକାରେ ହଜାର ହଜାର ଜାଲ ଭୋଟରଙ୍କୁ ସାମିଲ କରାଯାଇଛି । କର୍ଣ୍ଣାଟକର କେନ୍ଦ୍ରୀୟ ବାଙ୍ଗାଲୋର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହାଦେବପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ହୋଇଥିବା ଜାଲିଆତିର ଉଦାହରଣ ଦେଇ ସେ କହିଛନ୍ତି ଯେ ଏଠାରେ ୬ ଲକ୍ଷ ୫୦ ହଜାର ଭୋଟର ଥିବା ବେଳେ ଏକ ଲକ୍ଷରୁ ଅଧିକ ଭୋଟ୍ ଜାଲିଆତି ହୋଇଛି । ୨୦୨୪ ସାଧାରଣ ନିର୍ବାଚନରେ ଏହି ଲୋକସଭା ଆସନରେ କଂଗ୍ରେସ ପ୍ରାର୍ଥୀ ଗଣତି ବେଳେ ପ୍ରାୟ ସବୁସ୍ଥାନରେ ଆଗୁଆ ଥିବା ବେଳେ ଫଳାଫଳ ଘୋଷଣା ବେଳେ ବିଜେପି ପ୍ରାର୍ଥୀଙ୍କୁ ୩୨ ହାର ୭୦୭ ଭୋଟରେ ବିଜୟୀ ଘୋଷଣା କରାଗଲା । କଂଗ୍ରେସ ପ୍ରାର୍ଥୀ ୬,୨୬,୨୦୮ ଭୋଟ୍ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ୬,୫୮,୯୧୫ ଭୋଟ୍ ପାଇଥିଲେ । ଏହାର ରହସ୍ୟ ଜାଣିବା ଲାଗି କଂଗ୍ରେସ ପକ୍ଷରୁ ନିଜସ୍ୱ ଉଦ୍ୟମରେ ଅନୁସନ୍ଧାନ କରାଯାଇଥିଲା । ଏଥିରୁ ଜଣାପଡ଼ିଥିଲା ଯେ ଏହି ଲୋକସଭା ଆସନର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ଆଗୁଆ ଥିବା ବେଳେ ମହାଦେବପୁରା ବିଧାନସଭା ଆସନରେ ବହୁତ ପଛରେ ରହିଥିଲେ । ଏହି ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ୧ ଲକ୍ଷ ୧୪ ହଜାର ଭୋଟରେ ହାରିଯାଇଥିଲେ । ରାହୁଲ କହିଲେ ଯେ ଏହି ନିର୍ବାଚନମଣ୍ଡଳୀରେ ଏକ ଲକ୍ଷରୁ ଅଧିକ ଭୋଟ ଜାଲିଆତି ହୋଇଛି । ଏଠାରେ ୧୧ ହଜାର ୯ ୬୫ ଡୁପ୍ଲିକେଟ୍ ଭୋଟର ଅଛନ୍ତି । ୪୦ ହଜାର ୯ ଜଣ ଏମିତି ଭୋଟର ଅଛନ୍ତି, ଯାହାର ଠିକଣା ଠିକ୍ ନାହିଁ । ଗୋଟିଏ ଗୋଟିଏ ଠିକଣାରେ ୧୦ ହଜାର ୪୫୨ ଭୋଟରଙ୍କର ନାମ ରହିଛି । ପୁଣି ୪୧୩୨ ଏମିତି ଭୋଟର ରହିଛନ୍ତି ଯେଉଁମାନଙ୍କର ଫଟୋ ଇନ୍‌ଭାଲିଡ୍ ରହିଛି । ଏହାସହିତ ଫର୍ମ-୬ର ଅପବ୍ୟବହାର କରାଯାଇ ୩୩ ହଜାର ୬୯୨ ନୂଆ ଭୋଟରଙ୍କୁ ସାମିଲ କରାଯାଇଛି । ନୂଆ ଭୋଟରମମାନଙ୍କ ମଧ୍ୟରେ ଅଧିକାଂଶ ବ୍ୟକ୍ତି ହେଉଛନ୍ତି ବୟସ୍କ ।

ରାହୁଲ କହିଲେ ଯେ ତାଙ୍କ ଦଳ ପକ୍ଷରୁ ନିର୍ବାଚନ କମିସନଙ୍କୁ ଏସଂପର୍କରେ ତଥ୍ୟ ମଗାଯାଇଥିଲା । କିନ୍ତୁ କମିସନ ଭୋଟର ତାଲିକା ଇଲେକଟ୍ରୋନିକ ଫର୍ମାଟରେ ନଦେଇ କାଗଜରେ ଦେଇଛନ୍ତି । ଏହି କାଗଜ ତାଲିକାର ଉଚ୍ଚତା ହେଉଛି ୭ ଫୁଟ୍ । ଇଲେକଟ୍ରୋନିକ ଫର୍ମାଟରେ ଦେଇଥିଲେ ଜାଲିଆତି ୩୦ ସେକଣ୍ଡରେ ଧରାପଡ଼ି ଯାଇଥାନ୍ତା । କିନ୍ତୁ ବିଭ୍ରାନ୍ତ କରିବା ଲାଗି କାଗଜ ଫର୍ମାଟରେ ଦିଆଯାଇଛି । କାଗଜ ତଥ୍ୟରେ ଜାଲିଆତି ଧରିବା ଏକ କଷ୍ଟସାଧ୍ୟ ବ୍ୟାପାର । ଭୋଟର ତଥ୍ୟ ଯାଞ୍ଚ କରାଇନଦେବା ଲାଗି ରାଜନୈତିକ ଦଳଙ୍କୁ ଏଭଳି କାଗଜରେ ତଥ୍ୟ ଦେଉଛନ୍ତି କମିସନ । ତଥାପି ଏହି କାଗଜ ତଥ୍ୟକୁ ନେଇ ଯାଞ୍ଚ କରିବା ଲାଗି କଂଗ୍ରେସ ଟିମ୍‌କୁ ୬ ମାସ ଲାଗିଗଲା ବୋଲି ରାହୁଲ କହିଛନ୍ତି ।

୨୦୨୪ ଲୋକସଭା ନିର୍ବାଚନରେ ବିଜେପି ଓ କଂଗ୍ରେସ ମଧ୍ୟରେ କଡା ଟକ୍କର ହୋଇଥିଲା । ବିଜେପି (୨୪୦) ନିଜ ଦମରେ ସରକାର ଗଠନ କରିପାରି ନଥିଲା । ସରକାର ପାଇଁ ଅନ୍ୟ ଦଳଙ୍କର ସହାୟତା ।।ନେଇଥିଲା । କିନ୍ତୁ ଏହାପରେ ହରିଆଣା, ମହାରାଷ୍ଟ୍ର ଓ ଦିଲ୍ଲୀରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପିକୁ ଅପ୍ରତ୍ୟାଶିତ ସଫଳତା ମିଳିଥିଲା । ଏହା କେବଳ ରାଜନୈତିକ ଦଳଙ୍କୁ ନୁହେଁ, ଏକଜିଟ୍ ପୋଲ୍ ସଂସ୍ଥାମାନଙ୍କୁ ମଧ୍ୟ ବିସ୍ମିତ କରିଥିଲା । ଏହାକୁ ନେଇ ସନ୍ଦେହ ବଢ଼ିବାରୁ କଂଗ୍ରେସ ପକ୍ଷରୁ ଅନୁସନ୍ଧାନ ଆରମ୍ଭ ହୋଇଥିଲା । ଭୋଟର ତାଲିକାରେ ଜାଲ ଭୋଟରଙ୍କୁ ସାମିଲ କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି ।

ତେବେ ନିର୍ବାଚନ କମିସନ ରାହୁଲଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି । କମିସନ କହିଛନ୍ତି ଯେ କଂଗ୍ରେସ ନେତା ସତ୍ୟପାଠ ମାଧ୍ୟମରେ ତଥ୍ୟ ପ୍ରମାଣ ଦାଲଖ କରନ୍ତୁ । ସଂସ୍ଥା ବିରୋଧରେ ଦେଶବାସୀଙ୍କୁ ବିଭ୍ରାନ୍ତ ନକରିବା ଲାଗି କହିଛନ୍ତି ।

# ଜଷ୍ଟିସ ବର୍ମାଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ, ୭ ।୮ (ଏଜେନ୍ସି): ବାସଭବନରୁ ନଗଦ ଟଙ୍କା ଜବତ ମାମଲାରେ ଫସିଥିବା ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ଆବେଦନକୁ ଆଜି ଖାରଜ କରିଦେଇଛନ୍ତି ସୁପ୍ରିମ କୋର୍ଟ । ଏହି ମାମଲାରେ ଜଷ୍ଟିସ ବର୍ମା ତାଙ୍କ ବିରୋଧରେ କୋର୍ଟ ଯାଞ୍ଚ କମିଟି ଦେଇଥିବା ରିପୋର୍ଟକୁ ଚ୍ୟାଲେଞ୍ଜ କରି ପିଟିସନ ଦାୟର କରିଥି।।ଲେ । କିନ୍ତୁ ସ।।ର୍ବୋଚ୍ଚ ଅଦାଲତ ଏହି ପିଟିସନକୁ ଖାରଜ କରି।।ଦେଇଛନ୍ତି । ଫଳ।।ରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରକ୍ରିୟା ଚାଲୁ ରହିବ ବୋଲି ସ୍ପଷ୍ଟ ହୋଇଯାଇଛି ।

ଜଷ୍ଟିସ ବର୍ମା ତାଙ୍କ ବାସଭବନରେ ଅଧାଜଳା ନଗଦ ଟଙ୍କା ଜବତ ମାମଲାରେ ଇନ୍ ହାଉସ୍ କମିଟିର ରିପୋର୍ଟ ଓ ମହାଭିଯୋଗ ନେଇ ହୋଇଥିବା ସୁପାରିସ୍‌କୁ ରଦ୍ଦ କରିବାକୁ ସୁପ୍ରିମକୋର୍ଟରେ ଅପିଲ କରିଥିଲେ । ଏହି ରିପୋର୍ଟରେ ଜଷ୍ଟିସ ବର୍ମାଙ୍କୁ ଦୋଷୀ ବୋଲି ଉଲ୍ଲେଖ କରାଯାଇଥିଲା । ଜଷ୍ଟିସ ବର୍ମାଙ୍କ ଆବେଦନ ଖାରଜ ହେବା ପରେ ଏବେ ଦୁଇଟି ସମ୍ଭାବନା ସୃଷ୍ଟି ହୋଇଛି । ପ୍ରଥମଟି ହେଲା ସେ ଇସ୍ତଫା ଦେବେ । ଯଦି ଏହା ହୁଏ, ତେବେ ସେ ମହାଭିଯୋଗକୁ ସାମ୍ନା କରିବାରୁ ବର୍ତ୍ତିଯିବେ ଓ ଅବସରପ୍ରାପ୍ତ ବିଚାରପତି ଭାବେ ସେ ପେନ୍‌ସନ ପାଇବେ । କିନ୍ତୁ ଯଦି ମହାଭିଯୋଗ ଜରିଆରେ ତାଙ୍କୁ ପଦରୁ ହଟା ଯାଏ ତେବେ ସେ ପେନସନ ସହିତ ଅନ୍ୟସବୁ ସୁବିଧାରୁ ବଞ୍ଚିତ ହେବେ । କିନ୍ତୁ ସେ ଇସ୍ତଫା ଦେବେ ନାହିଁ ବୋଲି ବହୁ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ।

ସେପଟେ ଜଷ୍ଟିସ ବର୍ମାଙ୍କ ବିରୋଧରେ ସଂସଦର ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଚଳିତ ଅଧିବେଶନରେ ଲୋକସଭାର ୧୫୨ ସାଂସଦ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବରେ ହସ୍ତାକ୍ଷର କରିଥିଲେ ।

# ଉତ୍ତରାଖଣ୍ଡ ବିପତ୍ତି: ୧୭୪ ଉଦ୍ଧାର, ୫୯ ନିଖୋଜ



ନୂଆଦିଲ୍ଲୀ, ୭ ।୮ (ଏଜେନ୍ସି): ବାଦଲ ଫଟା ବର୍ଷା ଜନିତ ବନ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାକୁ ଏକପ୍ରକାର ଧ୍ୱଂସ ସ୍ତୂପରେ ପରିଣତ କରିଛି । ମଙ୍ଗଳବାର ଆସିଥିବା ଏହି ବନ୍ୟା ଓ କାଦୁଅ ସୁଅରେ ଉତ୍ତରକାଶୀର ଧରାଲୀ ଓ ହର୍ଶୀଲ ଗାଁ ସମ୍ପୂର୍ଣ୍ଣ ଭାବେ ମାଟିରେ ମିସିଯାଇଥିଲା । ଉଦ୍ଧାର କାର୍ଯ୍ୟ ପାଇଁ ହେଲିକପ୍ଟର ନିୟୋଜିତ କରାଯାଇଛି । ୨୭୪ ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି । ଏମାନଙ୍କ ମଧ୍ୟରେ ଗୁଜରାଟର ୧୩୧ ଓ ମହାରାଷ୍ଟ୍ରର ୧୨୩ ସାମିଲ ରହିଛନ୍ତି । ଏମାନେ ଗଙ୍ଗୋତ୍ରୀ ଓ ଅନ୍ୟ ଅଞ୍ଚଳରେ ଫସି ରହିଥିଲେ । ସେହିପରି ୯ ଯବାନ ଓ ୫୦ ନାଗରିକ ସମେତ ୫୯ ଜଣ ଏପର୍ଯ୍ୟନ୍ତ ନିଖୋଜ ରହିଛନ୍ତି । ଭାରତୀୟସେନାରଚିନୁକହେଲିକପ୍ଟରକୁଉଦ୍ଧାରକାର୍ଯ୍ୟରେ ନିୟୋଜିତ କରାଯାଇଛି । ଏୟାର ଲିଫ୍ଟ ପାଇଁ ଅର୍ଦ୍ଧସୈନିକ ବଳର ଯବାନମାନଙ୍କୁ ଓ ଏକାଧିକ ମେଡିକାଲ ଟିମ୍‌ଗୁଡିକୁ ନିୟୋଜିତ କରାଯାଇଛି । ରୁଷିଆ ନିର୍ମିତ ଏମ୍‌ଆଇ-୧୭ ହେଲିକପ୍ଟରକୁ ମଧ୍ୟ ବ୍ୟବହାର କରାଯାଉଛି । ଆଇଟିବିପି ଏହି ହେଲିକପ୍ଟର ସଞ୍ଚାଳନ କରୁଛି । ଗୁରୁବାର ସକାଳ ୧୦ଟା ସୁଦ୍ଧା ପ୍ରଭାବିତ ଅଞ୍ଚଳଗୁଡିକରୁ ୬୧ ଜଣ ଲୋକଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି । ଜଣଙ୍କୁ ଜରୁରୀକାଳୀନ ଚିକିତ୍ସା ପାଇଁ ହସ୍ପିଟାଲକୁ ହଲିକପ୍ଟର ମାଧ୍ୟମରେ ନିଆଯାଇଥିଲା । ଭୂସ୍ଖଳନ ଯୋଗୁଁ ଜିଲ୍ଲାର ବିଭିନ୍ନ ମୁଖ୍ୟ ସଡକ ବନ୍ଦ ହୋଇଛି । ବୁଧବାର ଧରାଲୀରୁ ୧୯୦ଜଣଙ୍କୁ ଉଦ୍ଧାର କରାଯାଇଥିଲା । ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ମାତିଲ ହେଲିପ୍ୟାଡ୍ ବୁଲି ଦେଖିଛନ୍ତି ଓ ଏୟାରଲିଫ୍ଟ ହୋଇଥିବା ଲୋକଙ୍କୁ ଭେଟିଛନ୍ତି । ପ୍ରଭାବିତ ଲୋକଙ୍କୁ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି ।

ପାର୍ବତ୍ୟାଞ୍ଚଳରେ ମାଟି କିମ୍ବା କାଦୁଅ ତଳେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଅଭିଯାନ ଚାଲୁ ରହିଛି । କେତେକାଞ୍ଚଳରେ ଉଦ୍ଧାରକାରୀ ଦଳ ପହଞ୍ଚିବାରେ ସକ୍ଷମ ହୋଇନାହାନ୍ତି । ହର୍ଶୀଲ ଉପତ୍ୟାକାକୁ ମଧ୍ୟ ଯିବା ସମ୍ଭବ ହୋଇପାରିନାହିଁ । ୧୦୦ମି ଲମ୍ବ ଲୁହା ନିର୍ମିତ ପୋଲ ଭୁଶୁଡିବା ଫଳରେ ଏହି ସ୍ଥାନ ଏପର୍ଯ୍ୟନ୍ତ ଅପହଞ୍ଚ ରହିଛି ।

# ୟୁପିରେ ୩୬୦ ଘର ଭୁଶୁଡିଛି, ୨ ଦିନରେ ୧୬ ମୃତ

ନୂଆଦିଲ୍ଲୀ, ୭ ।୮ (ଏଜେନ୍ସି): ହିମାଚଳ ପ୍ରଦେଶରେ ଗତ ଦୁଇଦିନ ହେବ ପ୍ରବଳ ବର୍ଷା ଜାରି ରହିଛି । ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଶିମଲା ଜିଲ୍ଲାରେ ବୁଧବାର ରାତି ୧୦.୧୫ରେ ବାଦଲ ଫଟା ବର୍ଷା ହୋଇଥିଲା । ଫଳରେ ନାଗୋଲି ନଦୀରେ ଭୟଙ୍କର ବନ୍ୟା ଆସିଛି । ବୁଧବାର ମଣ୍ଡିର ଦବାଡାରେ ଚଣ୍ଡିଗଡ଼- ମାନାଲୀ ଫୋରଲେନ୍ ଫ୍ଲାଇଓଭରରେ ଭୂସ୍ଖଳନ କାରଣରୁ ଫାଟ ସୃଷ୍ଟି ହୋଇଛି । ଫଳରେ ମଣ୍ଡି- ମନାଲୀ, ଚଣ୍ଡିଗଡ଼- ସମ୍ଲା ଫୋରଲେନ୍ ସମେତ ୫୩୩ ସଡକ ବନ୍ଦ ହୋଇଛି ।

ସେପଟେ ଉତ୍ତରପ୍ରଦେଶରେ ପ୍ରବଳ ବର୍ଷା କାରଣରୁ ପ୍ରାୟସବୁ ନଦୀରେ ବନ୍ୟା ଆସିଛି । ପ୍ରୟାଗରାଜ, ବାରଣାସୀ ସମେତ ୨୪ ଜିଲ୍ଲାରେ ୧, ୨୪୫ ଗାଁ ବନ୍ୟା ଘେରରେ ରହିଛି । ବର୍ଷା କାରଣରୁ ୟୁପିରେ ୩୬୦ ଘର ଭୁଶୁଡିଛି । ଗତ ଦୁଇଦିନରେ ହୋଇଥିବା ବର୍ଷା ଯୋଗୁଁ ୧୬ ଲୋକଙ୍କ ମୃତ୍ୟୁ ହୋଇଛି । ବିହାରର ଗଙ୍ଗା ଓ ସୋନ ନଦୀରେ ମଧ୍ୟ ବନ୍ୟା ଆସିଛି । ବିହାର ଓ ଝାଡଖଣ୍ଡ ସମେତ ୧୨ଟି ରାଜ୍ୟରେ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ସେହିପରି ଉତ୍ତରାଖଣ୍ଡ ଓ ହିମାଚଳ ସମେତ ୧୧ଟି ରାଜ୍ୟରେ ୟେଲୋ ଆଲର୍ଟ ଜାରି କରାଯାଇଛି ।


# ପୁଣି ଆମେରିକା ଯିବେ ପାକ୍ ସେନାମୁଖ୍ୟ ଅସିମ ମୁନୀର୍

କରାଚୀ, ୭ ।୮ (ଏଜେନ୍ସି): ପାକିସ୍ତାନ ସେନାଧ୍ୟକ୍ଷ ଅସିମ ମୁନୀର ଚଳିତ ସପ୍ତାହ ପୁଣି ଆମେରିକା ଗସ୍ତରେ ଯିବେ । ସେ ସିଏନ୍‌ଟିସିଓଏମ୍ (ସେଣ୍ଟ୍ରାଲ କମାଣ୍ଡ)ର ନୂଆ ମୁଖ୍ୟଙ୍କ ନିଯୁକ୍ତି ସମାରୋହରେ ଯୋଗ ଦେବେ । ଦୁଇମାସ ମଧ୍ୟରେ ସେ ଦ୍ୱିତୀୟଥର ପାଇଁ ଆମେରିକା ଗସ୍ତ କରିବେ । ପୂର୍ବରୁ ସେ ଜୁନ୍ ୧୪ରେ ଆମେରିକା ଗସ୍ତରେ ଯାଇଥିଲେ । ସେ ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହ୍ୱାଇଟ୍ ହାଉସ୍‌ରେ ଦୁଇଘଣ୍ଟା ଲଞ୍ଚ୍ ମିଟିଂରେ ସାମିଲ ହୋଇଥିଲେ । ବନ୍ଦ କୋଠାରୀରେ ଏହି ବୈଠକ ବସିଥିଲା । ପ୍ରଥମଥର ପାଇଁ କୌଣସି ଆମେରିକାର ରାଷ୍ଟ୍ରପତି ସେତେବେଳେ ପାକିସ୍ତାନ ସେନାମୁଖ୍ୟଙ୍କ ସହ ବୈଠକରେ ମିଳିତ ହୋଇଥିଲେ । ମୁନୀର ସେତେବେଳେ ଭାରତ ସହିତ ହୋଇଥିବା ଅସ୍ତ୍ରବିରତିର ଶ୍ରେୟ ଟ୍ରମ୍ପଙ୍କୁ ପ୍ରଦାନ କରିଥିଲେ । କେବଳ ସେତିକି ନୁ।।ହେଁ, ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାକୁ ସେ ପ୍ରସ୍ତାବ ଦେଇ ଚର୍ଚ୍ଚା ସୃଷ୍ଟି କରିଥିଲେ ।

# ଆୟର୍ଲାଣ୍ଡରେ ଭାରତୀୟ ବାଳିକାକୁ ଚୁଟି ଟାଣି ଆକ୍ରମଣ

ଡବ୍ଲିନ୍, ୭ ।୮ (ଏଜେନ୍ସି): ଆମେରିକା, ଅଷ୍ଟ୍ରେଲିଆ, ବ୍ରିଟେନ ପରେ ଏବେ ଆୟର୍ଲାଣ୍ଡରେ ମଧ୍ୟ ଭାରତୀୟ ନାଗରିକମାନେ ବର୍ଣ୍ଣବୈଷମ୍ୟ ଭେଦଭାବର ଶିକାର ହେଉଛନ୍ତି । ଏହି ୟୁରୋପୀୟ ଦେଶରେ ଜଣେ ୬ ବର୍ଷର ଭାରତୀୟ ନାବାଳିକା ବର୍ଣ୍ଣବୈଷମ୍ୟ ଭେଦଭାବର ଶିକାର ହୋଇଛନ୍ତି । ଏହି ଭାରତୀୟ ବାଳିକା ହେଉଛନ୍ତି ନିଆ ନବୀନ ।। ନିଆଙ୍କ ପରିବାର କେରଳର କୋଟ୍ଟାୟାମରୁ ଯାଇ ଆୟର୍ଲାଣ୍ଡରେ ରହୁଛନ୍ତି । ଅୟର୍ଲାଣ୍ଡର ଦକ୍ଷିଣ ପୂର୍ବରେ ଥିବା ୱାଟରଫର୍ଡ ସିଟିରେ ନିଆ ତାଙ୍କ ଘର ବାହାରେ ଖେଳୁଥିଲେ । ଏତିକି ବେଳେ ୧୨ରୁ ୧୪ ବର୍ଷର କେତେଜଣ ପିଲା ଆସି ନିଆଙ୍କୁ ଆକ୍ରମଣ କରିଥିଲେ । ତାଙ୍କୁ ଅସନା ଓ ଭାରତ ଫେରିଯାଅ ବୋଲି କହିଥିଲେ । ସେମାନେ ନିଆଙ୍କ ମୁହଁକୁ ମୁଥ ମାରିଥିଲେ । ପୁଣି ପିଲାମାନେ ତାଙ୍କ ବେକକୁ ଧକ୍କା ମାରିବା ସହ ଚୁଟି ମଧ୍ୟ ଟାଣିଥିଲେ ଥିଲେ ବୋଲି ତାଙ୍କ ମା ଅନୁପା ଅଚୁଥାନ 'ଆଇରିଶ ମିରର'କୁ କହିଛନ୍ତି । ଜଣେ ନର୍ସ ଭାବେ ଅନୁପା ୮ ବର୍ଷ ହେବ ସ୍ୱାମୀଙ୍କ ସହ ଆୟର୍ଲାଣ୍ଡରେ ରହୁଛନ୍ତି । ନିକଟରେ ତାଙ୍କୁ ଆୟର୍ଲାଣ୍ଡର ନାଗରିକତା ମିଳିଛି । ଗତ ସୋମବାର ଏହି ଘଟଣା ଘଟିବା ପର୍ଯ୍ୟନ୍ତ ସବୁକିଛି ଠିକ୍‌ଠାକ୍ ଥିଲା ବୋଲି ସେ କହିଛନ୍ତି । ଏହି ପିଲାମାନେ ଅନୁପାଙ୍କୁ ମଧ୍ୟ ପରିହାଶ କରିଥିଲେ । ଅବଶ୍ୟ ଆୟର୍ଲାଣ୍ଡରେ ପୂର୍ବରୁ ମଧ୍ୟ ଏଭଳି ଘଟଣା ଘଟିଛି । ଏହି ଘଟଣା ପରେ ଡବ୍ଲିନସ୍ଥିତ ଭାରତୀୟ ଦୂତାବାସ ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କୁ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛି ।

# ବର୍ଷ ଶେଷରେ ଭାରତ ଆସିବେ ପୁଟିନ




ନୂଆଦିଲ୍ଲୀ/ ମସ୍କୋ, ୭ ।୮ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଚଳିତ ବର୍ଷ ଶେଷ ଆଡ଼କୁ ଭାରତ ଗସ୍ତରେ ଆସିବେ । ଭାରତର ରାଷ୍ଟ୍ରୀୟ ନିରାପତ୍ତା ଉପଦେଷ୍ଟା ଅଜିତ ଡୋଭାଲ ଏହି ସୂଚନା ଦେଇଛନ୍ତି । ଡୋଭାଲ ଆଜି ରାଷ୍ଟ୍ରପତି ପୁଟିନଙ୍କୁ ମଧ୍ୟ ଭେଟିଛନ୍ତି । ରୁଷ ସହିତ ସଂପର୍କକୁ ନେଇ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କ୍ଷୁବ୍ଧ ହୋଇ ଭାରତ ଉପରେ ଅତ୍ୟଧିକ ଶୁଳ୍କ ଲଦୁଥିବା ବେଳେ ପୁଟିନଙ୍କ ଭାରତ ଗସ୍ତକାର୍ଯ୍ୟକ୍ରମ ଏବଂ ମସ୍କୋରେ ପୁଟିନଙ୍କ ସହିତ ଡୋଭାଲଙ୍କ ସାକ୍ଷାତ ବିଶେଷ ଗୁରୁତ୍ୱ ବହନ କରୁଛି ।

ଏହାପୂର୍ବରୁ ଡୋଭାଲ ଆଜି ରୁଷ୍ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁଙ୍କୁ ଭେଟିଥିଲେ । ଏବେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଯଥେଷ୍ଟ ଉନ୍ନତି ହୋଇଛି ଓ ଏହାକୁ ଆମେ ସମ୍ମାନ କରୁଛୁ । ଦୁଇ ଦେଶ ମଧ୍ୟରେ ଏକ ଦୃଢ ତଥା ଉତ୍ତମ ବୁଝାମଣା ରହିଛି ଓ ଏହାକୁ ଆଗେଇ ନେବୁ ବୋଲି ଡୋଭାଲ ସାକ୍ଷାତ ଅବସରରେ ଶୋଇଗୁଙ୍କୁ କହିଛନ୍ତି ।

ଅପରେସନ ସିନ୍ଦୂର ପରେ ଏହା ଡୋଭାଲଙ୍କର ପ୍ରଥମ ମସ୍କୋ ଗସ୍ତ । ପୁଟିନ ୨୦୨୧ ଡିସେମ୍ବର ୬ରେ ଶେଷଥର ପାଇଁ ଭାରତ ଆସିଥିଲେ । ସେ ମାତ୍ର ୪ ଘଣ୍ଟା ପାଇଁ ଭାରତ ଆସିଥିଲେ । ସେତେବେଳେ ଭାରତ ଓ ରୁଷ୍ ମଧ୍ୟରେ ୨୮ଟି ବୁଝାମଣା ଚୁକ୍ତି ହୋଇଥିଲା । ୨୦୨୨ରେ ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଆରମ୍ଭ ହେବା ପରେ ପୁଟିନ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିବେ । ଗତ ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଥର ରୁଷିଆ ଗସ୍ତରେ ଯାଇଥିଲେ । ଭାରତ ରୁଷିଆର ଦ୍ୱିତୀୟ ସର୍ବାଧିକ ତୈଳ କ୍ରେତା ରହିଆସିଛି । ୟୁକ୍ରେନ ଯୁଦ୍ଧ ପୂର୍ବରୁ ଭାରତ ୦.୨ ପ୍ରତିଶତ ତୈଳ ଆମଦାନୀ କରୁଥିଲା । କିନ୍ତୁ ଏବେ ଏହା ବୃଦ୍ଧିପାଇଁ ୪୫ ପ୍ରତିଶତରେ ପହଞ୍ଚିଛି ।

### ପୁଟିନଙ୍କୁ ଭେଟିଲେ ଡୋଭାଲ

# ଖୁବ୍‌ଶୀଘ୍ର ଟ୍ରମ୍ପ-ପୁଟିନ ସାକ୍ଷାତ



ମସ୍କୋ, ୭ ।୮ (ଏଜେନ୍ସି): ଖୁବଶୀଘ୍ର ଆମେରିକା ଓ ରୁଷିଆ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ସାକ୍ଷାତ ହେବାକୁ ଯାଉଛି । ଏ ସଂକ୍ରାନ୍ତରେ ରୁଷିଆ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ କ୍ରେମଲିନର ଅଧିକାରୀମାନେ ଗୁରୁବାର ସୂଚନା ଦେଇଛନ୍ତି । ଏହି ବୈଠକ ଆସନ୍ତା ସପ୍ତାହରେ ବସିବ । ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଶେଷ କରିବାକୁ ରୁଷିଆକୁ ଟ୍ରମ୍ପ ଅଗଷ୍ଟ ୮ ସୁଦ୍ଧା ଡେଡ୍‌ଲାଇନ୍ ଧାର୍ଯ୍ୟ କରିଛନ୍ତି । ଯୁଦ୍ଧ ରୋକିବା ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି କୁହାଯାଇଛି । ତେବେ ଏହି ବୈଠକରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଯୋଗ ଦେବେ କି ନା ସେ ନେଇ କିଛି କୁହାଯାଇନାହିଁ । ଏହି ବୈଠକ କେଉଁଠାରେ ବସିବ ସେ ନେଇ ସହମତି ହୋଇ ସାରିଛି ଓ ଏ ନେଇ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ପୁଟିନଙ୍କ ବୈଦେଶିକ ବିଭାଗର ପରାମର୍ଶ ଦାତା ୟୁରୀ ଓସାକୋଭ କହିଛନ୍ତି । ଚଳିତବର୍ଷ ଦ୍ୱିତୀୟଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଟ୍ରମ୍ପ ପ୍ରଥମଥର ପାଇଁ ପୁଟିନଙ୍କୁ ଭେଟିବେ । ୨୦୨୧ ପରେ ଦୁଇ ଦେଶ ମଧ୍ୟରେ ପ୍ରଥମଥର ପାଇଁ ଶିଖର ବୈଠକ ବସିବ । ସେତେବେଳର ରାଷ୍ଟ୍ରପତି ଜୋ ବାଇଡେନ ଓ ପୁଟିନ ଜେନିଭାରେ ବୈଠକରେ ଏକାଠି ହୋଇଥିଲେ । ୟୁକେନ ଓ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧ ଦୃଷ୍ଟିକୋଣରୁ ଏହି ବୈଠକ ବେଶ୍ ଗୁରୁତ୍ୱ ବହନ କରିବ ।

# ମାଧୁରୀ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର୍

ଭୁବନେଶ୍ୱର,୭।୮ (ସମିସ): ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର ଭାବେ ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତ୍ରୀ ମାଧୁରୀ ଦୀକ୍ଷିତ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଗୁରୁବାର ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଜନତା ମଇଦାନରେ ଆୟୋଜିତ ହସ୍ତତନ୍ତ ମେଳା 'ଏକତା'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ। ଆମର 'ହସ୍ତତନ୍ତ କ୍ଷେତ୍ର' କେବଳ ଏକ ଆର୍ଥିକ ସ୍ତମ୍ଭ ନୁହେଁ; ବରଂ ଏହା ଜାତୀୟ ଗର୍ବ ଓ ଗରିମାର ପ୍ରତୀକ। ମାଧୁରୀ ଦୀକ୍ଷିତଙ୍କ ସକ୍ରିୟ ସହଯୋଗରେ ଓଡ଼ିଶା ହସ୍ତତନ୍ତରୁ ପ୍ରସ୍ତୁତ ପୋଷାକ ଦେଶବିଦେଶର ଫେସନ୍ ଜଗତରେ ପ୍ରତିଷ୍ଠା ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ରାଜ୍ୟରେ ଟେକ୍ସଟାଇଲ ଶିଳ୍ପ ପ୍ରତିଷ୍ଠା ପାଇଁ ୭ ହଜାର ୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୩୩ଟି ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ଟେକ୍ସଟାଇଲ କ୍ଷେତ୍ରରେ ୫୩ ହଜାର ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ବରଗଡ଼, କଟକରେ ଡାଇ ହାଉସ୍, ଗୋଦାମ, ଡିଜାଇନ୍ ଷ୍ଟୁଡିଓ, ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର ଭଳି ସାଧାରଣ ସୁବିଧା ସହିତ ହସ୍ତତନ୍ତ ପାର୍କ ବିକଶିତ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ମାଧୁରୀ ଦୀକ୍ଷିତ ଉପସ୍ଥିତ ରହି କହିଥିଲେ ଯେ ହସ୍ତତନ୍ତ କେବଳ ଜୀବିକା ନୁହେଁ; ଏହା ହେଉଛି ଆମ ସଂସ୍କୃତି ଓ ଆମ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ। ଏହି ଅବସରରେ ରାଜ୍ୟର ହସ୍ତତନ୍ତ ବୁଣାକାରମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ହସ୍ତତନ୍ତ ଦିବସର ମାସ୍କଟ "ରେଶା' ଏବଂ ହସ୍ତତନ୍ତ ଶିଳ୍ପ ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ୍ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ।



- ହସ୍ତତନ୍ତ କେବଳ ଜୀବିକା ନୁହେଁ; ଆମ ଜୀବନଶୈଳୀର ଅଭିନ୍ନ ଅଙ୍ଗ: ମାଧୁରୀ
- ଆମ ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ: ମୁଖ୍ୟମନ୍ତ୍ରୀ

## ବଳଙ୍ଗା ନାବାଳିକାଙ୍କୁ ନ୍ୟାୟ, ଅଭିଯୁକ୍ତଙ୍କୁ ଗିରଫ ଦାବି

# ବିଜେଡିର ହରତାଳ, ଜିଲ୍ଲାବାସୀଙ୍କ ପୂର୍ଣ୍ଣ ସମର୍ଥନ

ପୁରୀ,୭।୮ (ସମିସ): ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟପ୍ରଦାନ, ଅଭିଯୁକ୍ତଙ୍କୁ ଗିରଫ ଦାବି ଏବଂ ରାଜ୍ୟରେ ବଢ଼ିଚାଲିଥିବା ନାରୀ ନିର୍ଯାତନା ବିରୋଧରେ ବିଜୁ ଜନତା ଦଳ ପକ୍ଷରୁ ପୁରୀ ଜିଲ୍ଲାରେ ହରତାଳ କରାଯାଇଛି। ଗୁରୁବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପୁରୀ ବନ୍ଦକୁ ପୂର୍ଣ୍ଣ ସମର୍ଥନ ଦେଇଛନ୍ତି ଜିଲ୍ଲାବାସୀ। ପୁରୀରୁ ପିପିଲି, ବ୍ରହ୍ମଗିରିରୁ ଅସ୍ତରଙ୍ଗ ଜିଲ୍ଲାର ୧୧ଟି ବ୍ଲକ୍, ଗୋଟିଏ ପୌରସଂସ୍ଥା ଏବଂ ୩ଟି ଏନ୍‌ଏସିରେ ପୁରୀ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ସ୍ୱତଃପ୍ରବୃତ୍ତ ଭାବେ ବ୍ୟବସାୟୀମାନେ ସେମାନଙ୍କ ବ୍ୟାବସାୟିକ ପ୍ରତିଷ୍ଠାନ ବନ୍ଦ କରିଥିବା ବେଳେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ବିଜେଡି ନେତା ଓ କର୍ମୀ ରାସ୍ତାରେ ବସି ଶାନ୍ତିପୂର୍ଣ୍ଣ ଭାବେ ହରତାଳ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ।

ରାଜ୍ୟରେ ନାରୀ ଓ ଛାତ୍ରୀ ନିର୍ଯାତନା ଅପରାଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ନିକଟରେ ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ କରିବା, ବଳଙ୍ଗା ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା, କେନ୍ଦ୍ରାପଡ଼ାରେ ପୁଲିସକୁ ନ୍ୟାୟ ପାଇଁ ଗୁହାରି କରି ଜଣେ ଛାତ୍ରୀ ଆତ୍ମଦାହ କରିବା ଏମିତି ଅନେକ ଘଟଣା ନାରୀ ନିର୍ଯାତନାର ଜ୍ୱଳନ୍ତ ଉଦାହରଣ। ଏହି ସମସ୍ତ ଘଟଣାର ନିରପେକ୍ଷ ଓ ଏକ ନ୍ୟାୟିକ ତଦନ୍ତ କରାଯାଇ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାଯିବା ସହିତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଦାବି କରିଥିଲେ ବିଜେଡି କର୍ମୀ।



### ଗଡ଼ିଲାନି ଗାଡ଼ି, ଖୋଲିଲାନି ବ୍ୟାବସାୟିକ ପ୍ରତିଷ୍ଠାନ

ଉଦ୍‌ବେଗର ବିଷୟ ହେଉଛି, ପୁରୀ ଜିଲ୍ଲା ବଳଙ୍ଗାରେ ଜଣେ ନାବାଳିକାଙ୍କୁ ଜିଅନ୍ତା ଜାଳିବା ଘଟଣା ଉପରୁ ଏ ପର୍ଯ୍ୟନ୍ତ ପରଦା ହଟିପାରି ନାହିଁ। ଦୀର୍ଘ ୧୫ଦିନ ମୃତ୍ୟୁ ସଂଗ୍ରାମ କରି ପୀଡ଼ିତା ହାରିଯାଇଥିଲେ ହେଁ ତାଙ୍କୁ ନ୍ୟାୟ ମିଳି ପାରିନାହିଁ। ଏହାର ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯାଇ ନଥିବା ବେଳେ ଦୋଷୀଙ୍କୁ ଧରିବାରେ ପୁଲିସ ବିଫଳ ହୋଇଛି। ଓଡ଼ିଶାର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଦୁର୍ବଳ ତଦନ୍ତ ପ୍ରକ୍ରିୟା ଅପରାଧୀମାନଙ୍କୁ ଅଧିକ ଅପରାଧ କରିବା ପାଇଁ ପ୍ରୋତ୍ସାହିତ କରୁଛି ବୋଲି ହରତାଳକାରୀ ନାରାବାଜି ଦେଇଥିଲେ।

ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଅଠରନଳାଠାରୁ ବାଇକ୍ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଶହଶହ ଦଳୀୟ କର୍ମୀ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ମୋହନ ମାଝୀ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଶ୍ରୀ ଖୁଣ୍ଟିଆ କହିଥିଲେ, ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ପକ୍ଷରୁ ଯେଉଁ ୬ ଘଣ୍ଟିଆ ହରତାଳ ଡାକରା ଦିଆଯାଇଥିଲା, ତାହାକୁ ପୁରୀବସୀ ଦୃଢ଼ ସମର୍ଥନ ଦେଇଛନ୍ତି। ରାଜ୍ୟରେ ମହିଳା, ଛାତ୍ର ଆଉ ସୁରକ୍ଷିତ ମନେ କରୁନାହାନ୍ତି। ଏଫ୍‌ଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ଭଉଣୀ ଅଭିଯୋଗ ନେଇ ସ୍ଥାନୀୟ ବିଧାୟକ, ସାଂସଦଙ୍କ ପାଖକୁ ଗଲେ। ହେଲେ କେହି ନ ଶୁଣିବାକୁ ବାଧ ହୋଇ ସେ ଆତ୍ମହତ୍ୟା କଲେ। ବଳଙ୍ଗାରେ ଦୁର୍ବୃତ୍ତମାନେ ନାବାଳିକାଙ୍କୁ ଉଠାଇ ନେଇ ନିଆଁ ଲଗାଇଦେଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୀଡ଼ିତାଙ୍କୁ ଭେଟିବା ପରେ ଗଣମାଧ୍ୟମକୁ କହିଥିଲେ ସେ ସୁସ୍ଥ ହୋଇଆସୁଛନ୍ତି। ହେଲେ ହଠାତ୍ ଏମିତି କ'ଣ ହେଲା ସେ ଆଖି ବୁଜିଦେଲେ। ଏହି ଘଟଣାରେ ପୁଲିସର ତଦନ୍ତ ଦିଗହରା ହୋଇଛି। ବିଜେପି ସରକାର ଚାପରେ ପୁଲିସ ଚେପା ହୋଇଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କୁ ଗିରଫ କରାଯାଉ। ନାରୀଙ୍କୁ ସୁରକ୍ଷା ଦେବାରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି। ଗତକାଲି କେନ୍ଦ୍ରାପଡ଼ାରେ ଜଣେ ଭଉଣୀ ପୁଲିସଠାରୁ ନ୍ୟାୟ ନ ପାଇବା ଫଳରେ ବାଧ ହୋଇ ନିଜେ ଆତ୍ମାହୁତି କରିଛନ୍ତି। କିଛି ଦିନ ପୂର୍ବରୁ ଗୋପାଳପୁରରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ରାଜ୍ୟରେ ପ୍ରତିଦିନ ମହିଳା ନିର୍ଯାତନା, ଦୁଷ୍କର୍ମ ବଢ଼ି ଚାଲିଛି। ନୈତିକତା ଦୃଷ୍ଟିରେ ମୋହନ ମାଝୀ ସରକାର ଇସ୍ତଫା ଦାବି କରିଥିଲେ ଶ୍ରୀ ଖୁଣ୍ଟିଆ।

ସେହିପରି ପୁରୀ ବିଧାୟକ ସୁନୀଲ ମହାନ୍ତି କହିଥିଲେ, ରାଜ୍ୟରେ ଆଇନଶୃଙ୍ଖଳା ବୋଲି କିଛି ନାହିଁ। ପ୍ରତିଦିନ ମହିଳାଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଛି। ଗୋପାଳପୁରରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି, ବଳଙ୍ଗାରେ ନାବାଳିକାଙ୍କୁ ଜାଳିଦେବା ପରେ ବୁଧବାର କେନ୍ଦ୍ରାପଡ଼ାରେ ନ୍ୟାୟ ନ ମିଳିବାରୁ ଜଣେ ଛାତ୍ରୀ ଆତ୍ମଦାହ କରିଛନ୍ତି। ନିଶା କାରବାର ବଢୁଛି, ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ସାଧାରଣ ଲୋକେ ଆଜି ଭୟଭୀତ। ତଦନ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ରହୁ ନ ଥିବାରୁ ଅପରାଧୀମାନଙ୍କ ସାହସ ବଢୁଛି। ଏହାର ପ୍ରତିବାଦରେ ବିଜୁ ଜନତା ଦଳ ଜିଲ୍ଲାରେ ହରତାଳ କରିଥିଲା, ଏହାକୁ ଜନସାଧାରଣ ଦୃଢ଼ ସମର୍ଥନ ଜଣାଇଛନ୍ତି ବୋଲି କହିଛନ୍ତି ବିଧାୟକ ଶ୍ରୀ ମହାନ୍ତି। ପୁରୀରେ ବିଜେଡି ନେତା ଦିବାକର ପାତ୍ର, ଶାନ୍ତିଲତା ପ୍ରଧାନ, ଗୌରହରି ପ୍ରଧାନ, ରବିଶଙ୍କର ପ୍ରତିହାରୀ ପ୍ରମୁଖ ହରତାଳରେ ସାମିଲ୍ ହୋଇଥିଲେ।

## ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ତଦନ୍ତରୁ ଅନ୍ତର ହେଲେ ଆଇଜି ସାଇନି

# ଶାସକ ଦଳକୁ ସମ୍ପୃକ୍ତି ଧରାପଡ଼ିବା ଭୟ: ବିଜେଡି

ଭୁବନେଶ୍ୱର,୭।୮ (ସମିସ): ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ତଦନ୍ତ ଦାୟିତ୍ୱରେ ଥିବା ଆଇଜି ଏସ୍. ସାଇନି ହଠାତ୍ ଛୁଟିରେ ଯିବା ଓ ତାଙ୍କ ସ୍ଥାନରେ ଅନ୍ୟ ଏକ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ ନିଷ୍ପତ୍ତି ସାଧାରଣରେ ସଂଶୟ ସୃଷ୍ଟି କରିଛି। ଏହାଦ୍ୱାରା ତଦନ୍ତ ବାଟବଣା ହେବା ନେଇ ସନ୍ଦେହ ପ୍ରକାଶ କରିଛି ବିଜେଡି। ଏବିଭିପିର ୨ ସଦସ୍ୟଙ୍କୁ ଗିରଫର ୨୪ ଘଣ୍ଟା ମଧ୍ୟରେ ସାଇନି ଦାୟିତ୍ୱରୁ ଅପସରି ଯିବାକୁ ସମଗ୍ର ରାଜ୍ୟବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏବିଭିପି ଓ ଶାସକ ଦଳର ସମ୍ପୃକ୍ତି ସାର୍ବଜନୀନ ହେବା ଭୟରେ ସରକାରଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟ ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି ।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ପ୍ରଥମରୁ ବାଲେଶ୍ୱର ପୁଲିସକୁ କ୍ଲିନ୍‌ଚିଟ୍ ଦେଇଥିବା କ୍ରାଇମବ୍ରାଞ୍ଚ ଡିଜି ପରବର୍ତ୍ତୀ ସମୟରେ ଆଇଜି ଏସ୍. ସାଇନିଙ୍କୁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାୟିତ୍ୱ ନ୍ୟସ୍ତ କରିଥିଲେ। ସୌମ୍ୟାଶ୍ରୀଙ୍କ ମୃତ୍ୟୁରେ ଏବିଭିପିର ସମ୍ପୃକ୍ତି ବାବଦରେ କ୍ରାଇମବ୍ରାଞ୍ଚ ଖୁଲାସା କରିବା ସହ ଏବିଭିପିର ୨ ଜଣ କର୍ମକର୍ତ୍ତାଙ୍କୁ ଗିରଫ କରିଥିଲା। ଏହି ଗିରଫଦାରୀ ପରେ ଏବିଭିପି ଓ ବିଜେପିର କୁତ୍ସିତ ଚେହେରା ପଦାକୁ ଆସିଥିଲା । ଏଥିରେ ଆହୁରି କିଛି ଏବିଭିପି ସଦସ୍ୟ ଓ ବିଜେପିର ନେତାମାନଙ୍କ ସମ୍ପୃକ୍ତି ରହିଛି ବୋଲି ସନ୍ଦେହ ପ୍ରକାଶ ପାଇଥିଲା । ତଦନ୍ତ ଆଗକୁ ବଢ଼ିଲେ ଏବିଭିପି ଓ ବିଜେପିର ନେତାଙ୍କ ସମ୍ପୃକ୍ତି ପଦାକୁ ଆସିବାର ଭୟ ଥିବାରୁ ଏସ୍. ସାଇନିଙ୍କୁ ତଦନ୍ତ ପ୍ରକ୍ରିୟାରୁ ଅନ୍ତର କରାଯାଇଛି ବୋଲି ଡ. ସାମନ୍ତସିଂହାର ଅଭିଯୋଗ କରିଥିଲେ।



**୨ ଏବିଭିପି ସଦସ୍ୟଙ୍କ ଗିରଫର ୨୪ ଘଣ୍ଟା ମଧ୍ୟରେ ଛୁଟିରେ ଗଲେ ଆଇଜି**

ବିଧାୟକ ଶ୍ରୀ ଦାସ କହିଥିଲେ ଯେ ବିରୋଧୀ ଦଳ ଏବଂ ଗଣମାଧ୍ୟମର ଚାପରେ ଘଟଣାର ୨୨ ଦିନ ପରେ ୨ ଜଣ ଏବିଭିପି କର୍ମକର୍ତ୍ତାଙ୍କୁ ୩ ତାରିଖ ରାତିରେ ଗିରଫ କରାଯାଇଥିଲା। ଏହାର ୨୪ ଘଣ୍ଟା ମଧ୍ୟରେ ଏସ୍. ସାଇନି ଛୁଟିରେ ଯାଇଥିଲେ। ଏହାପରେ ସ୍ପଷ୍ଟ ହୋଇଛି ଯେ ଘଟଣାରେ ବିଜେପିର ବଡ଼ ନେତାଙ୍କ ସମ୍ପୃକ୍ତି ଖୁଲାସା ହେବା ଆଶଙ୍କାରେ ସରକାର ଭୟଭୀତ ହୋଇ ଏଭଳି ଷଡ଼ଯନ୍ତ୍ର କରିଛନ୍ତି। ତେଣୁ ସୌମ୍ୟାଶ୍ରୀ ମୃତ୍ୟୁ ଭଳି ଗୋଟିଏ ସମ୍ବେଦନଶୀଳ ଘଟଣାରେ ଅଚାନକ ତଦନ୍ତ ଅଧିକାରୀଙ୍କୁ ଛୁଟିରେ ପଠାଇ ତାଙ୍କ ସ୍ଥାନରେ ଅନ୍ୟ ଜଣେ କନିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କେଉଁ ସ୍ୱାର୍ଥରେ କରାଯାଇଛି ରାଜ୍ୟ ସରକାର ତୁରନ୍ତ ସ୍ପଷ୍ଟୀକରଣ ଦିଅନ୍ତୁ । ସୌମ୍ୟାଶ୍ରୀଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେଡି ଲଢ଼େଇ ଜାରି ରଖିବ ବୋଲି ଶ୍ରୀ ଦାସ କହିଥିଲେ।

# ଗୋ-ହତ୍ୟା ନିଷେଧ ପାଇଁ ପଦକ୍ଷେପ ନିଅ: ହାଇକୋର୍ଟ

କଟକ, ୭।୮ (ସମିସ): ରାଜ୍ୟରେ ପ୍ରଚଳିତ ଆଇନ ଅନୁସାରେ ଗୋ-ହତ୍ୟା ନିଷେଧ। ଓଡ଼ିଶା ଗୋ-ହତ୍ୟା ନିରୋଧ ଆଇନ ୧୯୬୦ରେ ଏହା ଉଲ୍ଲେଖ ଥିବା ବେଳେ ଏହି ଆଇନ ଅନୁସାରେ ଗୋ-ହତ୍ୟା ନିଷେଧ ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟ ଆଜି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗୋ ଜ୍ଞାନ ଫାଉଣ୍ଡେସନ୍ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ସେହିଭଳି ଓଡ଼ିଶା ଗୋହତ୍ୟା ନିରୋଧ ଆଇନ-୧୯୬୦ର ଧାରା ୩ ଅନୁସାରେ ସମ୍ପୂର୍ଣ୍ଣ ଗାଈ ହତ୍ୟାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଅନ୍ୟପଟରେ କେବଳ ଗୋରୁ ବା ବଳଦ ହତ୍ୟା ପାଇଁ ପ୍ରାଧିକୃତ ଅଧିକାରୀଙ୍କଠାରୁ ପ୍ରମାଣପତ୍ର ଆଣିବା ପରେ ହିଁ ଅନୁମତି ମିଳିପାରିବ ବୋଲି ଉକ୍ତ ଆଇନରେ ବ୍ୟବସ୍ଥା ରହିଛି। ତେବେ କଟକ ସହରରେ ଗୋ-ହତ୍ୟା ପାଇଁ କୌଣସି ପ୍ରମାଣପତ୍ର ଜାରି ହୋଇନାହିଁ। ସେହିପରି ଏଥିପାଇଁ କୌଣସି ଅନୁମତି ଦିଆଯାଉନାହିଁ କିମ୍ବା ସରକାରଙ୍କ ପକ୍ଷରୁ କେହି ପ୍ରାଧିକୃତ ଅଧିକାରୀ ମଧ୍ୟ ନିଯୁକ୍ତ ହୋଇନଥିବା ନେଇ ପୂର୍ବରୁ କଟକ ମହାନଗର ନିଗମ ପ୍ରଶାସନ ପକ୍ଷରୁ ସତ୍ୟପାଠ ଦିଆଯାଇଥିଲା। ଆଜି ମାମଲାର ଶୁଣାଣି ବେଳେ ଏହି ପ୍ରାଧିକୃତ ଅଧିକାରୀଙ୍କ ନିଯୁକ୍ତି ଦିଗରେ କ'ଣ ପଦକ୍ଷେପ ନିଆଯାଇଛି, ତାହା ମଧ୍ୟ ସ୍ପଷ୍ଟ ହୋଇନଥିଲା। ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ସେପ୍ଟେମ୍ବର୧ କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ ହୋଇଛି।

ମାମଲାରୁ ପ୍ରକାଶ ଯେ ଓଡ଼ିଆ ବଜାର, ଜନତାଗଳି, ଦିୱାନ ବଜାର ଓ ହାତୀପୋଖରୀ ଆଦି କେତେକ ଅଞ୍ଚଳରେ ଗୋ-ହତ୍ୟା ପାଇଁ ବେଆଇନ ଭାବେ ଚାଲୁଥିବା କଂସେଇଖାନାକୁ ସ୍ଥାନୀୟ ପୁଲିସ ସହଯୋଗରେ ବନ୍ଦ କରିବା ସହ ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଗତ ୨୦୧୯ ମାର୍ଚ୍ଚ ୨୫ରେ ସିଏମସିକୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। କିନ୍ତୁ, ଏହି ନିର୍ଦ୍ଦେଶ ପାଳନ ହୋଇ ନଥିବା ବେଳେ ଉପରୋକ୍ତ ଅଞ୍ଚଳର କଂସେଇଖାନାରେ ଆଇନ ଉଲ୍ଲଙ୍ଘନ ପୂର୍ବକ ଗୋହତ୍ୟା କରାଯାଇ ଆସୁଥିବା ଆବେଦନକାରୀ ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୃଣାଳିନୀ ପାଢ଼ୀ ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ପୀୟୂଷ ପଣ୍ଡା ସହାୟତା କରୁଛନ୍ତି।

# ଆଜି ଡିଜିପି ଅଫିସ୍ ଘେରିବ କଂଗ୍ରେସ

ଭୁବନେଶ୍ୱର,୭।୮ (ସମିସ): ରାଜ୍ୟରେ ବଢୁଥିବା ମହିଳା ହିଂସା ଓ ନାରୀଙ୍କୁ ନ୍ୟାୟ ଦାବି କରି ଶୁକ୍ରବାର ସକାଳ ୧୦ଟାରେ କଟକ ଡିଜିପି ଅଫିସ ଘେରାଉ କରିବାକୁ ରାଜ୍ୟ କଂଗ୍ରେସ ନିଷ୍ପତ୍ତି ନେଇଛି। ଏନେଇ ଗୁରୁବାର କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ ଗୋଟିଏ ମାସ ମଧ୍ୟରେ ରାଜ୍ୟରେ ଦୁଇ ଜଣ ଯୁବତୀ ଆତ୍ମାହୁତି କରିଛନ୍ତି ଏବଂ ଅନ୍ୟ ଜଣଙ୍କୁ ଦୁର୍ବୃତ୍ତ ପୋଡ଼ି ଦେଇଛନ୍ତି। ପୁଲିସ ଏବଂ ସରକାର ପୂର୍ବରୁ ସାମାନ୍ୟ ପଦକ୍ଷେପ ନେଇଥିଲେ ଏଭଳି ହୃଦୟବିଦାରକ ଘଟଣା ଦେଖିବାକୁ ମିଳି ନ ଥା'ନ୍ତା। ସରକାର କିମ୍ବା ପ୍ରଶାସନ ଅଭିଯୁକ୍ତଙ୍କୁ କାଠଗଡ଼ାକୁ ଆଣିବାରେ କୌଣସି ତତ୍ପରତା ଦେଖାଉ ନାହାନ୍ତି। ତେଣୁ ଅପରାଧୀ ନିର୍ଭୟରେ ତାଙ୍କ ଅମାନୁଷିକ କାର୍ଯ୍ୟକଳାପ କରି ଚାଲିଛନ୍ତି। ପୁଲିସ ତଦନ୍ତ କରୁଛି; କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ମୁଖ୍ୟ ଅପରାଧୀମାନଙ୍କୁ ଧରିପାରୁନି। ପ୍ରକୃତରେ ପୁଲିସ ଅଭିଯୁକ୍ତଙ୍କୁ ଧରିପାରୁନି କି ଧରିବାକୁ ଚାହୁଁନି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ ନାରୀ ନିର୍ଯାତନା ଏବଂ ଏହାକୁ ନେଇ ଚାଲିଥିବା ତଦନ୍ତ ପ୍ରକ୍ରିୟାରେ ପୁଲିସ ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛି ବୋଲି କଂଗ୍ରେସ ମୁଖପାତ୍ର ଆଇନଜୀବୀ ନିଶିକାନ୍ତ ମିଶ୍ର କହିଛନ୍ତି। ଏମିତି କି ବଳଙ୍ଗା ପୀଡ଼ିତାଙ୍କ ମାଆ ଦେଇଥିବା ଏତଲା ଓ ବିଏନ୍‌ଏସ ଅନୁସାରେ ତଦନ୍ତ ନ କରି ସରକାର ଦେଇଥିବା ସଂଳାପ ଅନୁସାରେ ପୁଲିସ ତଦନ୍ତ କରୁଛି ବୋଲି ଶ୍ରୀ ମିଶ୍ର ସରକାରଙ୍କୁ ନିଶାଣ କରିଛନ୍ତି। ପୁଲିସ ବିଜେପି ଏବଂ ତାଙ୍କ ସରକାରକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ସମସ୍ତ ନୀତି ନିୟମକୁ ଉଲଂଘନ କରି ତଦନ୍ତ କରୁଛି। ଏପରିକି ତଦନ୍ତ ଚାଲୁଥିବା ସମୟରେ ତଦନ୍ତର ସ୍ଥିତି ସମ୍ପର୍କରେ ଲୋକ ଲୋଚନରେ ପ୍ରକାଶ କରିବା ସୂଚନା ଅଧିକାର ପରିସରରୁ ବାହାରେ ରଖାଯାଇଥିବା ସ୍ଥଳେ ପୁଲିସର ସାମାଜିକ ଗଣମାଧ୍ୟମରେ ଏଭଳି ମନ୍ତବ୍ୟ ନିନ୍ଦନୀୟ ଏବଂ ଦୁର୍ଭାଗ୍ୟଜନକ ବୋଲି ମୁଖପାତ୍ର ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।



# ହାଇୱା ଧକ୍କାରେ ବାପା-ଝିଅ ମୃତ

କୁଜଙ୍ଗ, ୭।୮ (ସମିସ): କୁଜଙ୍ଗରେ ଆଜି ଏକ ହୃଦୟବିଦାରକ ଘଟଣା ଘଟିଛି। ଏକ ହାଇୱା ଧକ୍କାରେ ବାପା-ଝିଅଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, କୁଜଙ୍ଗ ଥାନା ଅନ୍ତର୍ଗତ ବାଗୋଇ ପଞ୍ଚାୟତ ଷଣ୍ଢପୁର ଗ୍ରାମର ରାଜକିଶୋର ବିଶ୍ୱାଳ ଓ ତାଙ୍କ ଝିଅ ଲୋରି ବିଶ୍ୱାଳ। ଲୋରି ପାରାଦୀପସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲରୁ ପାଠ ପଢ଼େ। ସ୍କୁଲ ଛୁଟି ପରେ ଆଜି ଉଭୟ ବାପ-ଝିଅ ଘରକୁ ଫେରୁଥିବା ବେଳେ କୋଠିଆସାହି ଗଡ଼ା ନିକଟରେ ଏକ ହାଇୱା ସେମାନଙ୍କୁ ଚାପି ଦେଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ କଟକ-ପାରାଦୀପ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ବୁଝାସୁଝା କରିବା ପରେ ଅବରୋଧ ହଟିଥିଲା।

**ପଟ୍ଟାମୁଣ୍ଡାଇରେ ଛାତ୍ରୀ ଆତ୍ମଦାହ ଘଟଣା**

# ଗାଁ ମଶାଣିରେ ଜଳିଲା ସଂଗୀତାଙ୍କ ଜୁଇ

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ,୭।୮ (ସମିସ): ପୁରୁଷବନ୍ଧୁ ଦ୍ୱାରା ଉତ୍ପୀଡ଼ନର ଶିକାର ହୋଇ ଆତ୍ମାହୁତି ଦେଇଥିବା କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ କାଠିଆପଡ଼ା ଗ୍ରାମର ଛାତ୍ରୀ ସଙ୍ଗୀତା ପରିଡ଼ାଙ୍କ ମୃତଦେହ ଆଜି କଟକ ବଡ଼ ମେଡିକାଲରେ ବ୍ୟବଚ୍ଛେଦ ହୋଇଛି। ଆଜି କଡା ସୁରକ୍ଷାବଳୟ ଭିତରେ ସଙ୍ଗୀତାଙ୍କ ମୃତଦେହ କଟକ ବଡ ମେଡିକାଲ ଅଣାଯାଇଥିଲା। କେନ୍ଦ୍ରାପଡା ପୁଲିସର ଗୋଟିଏ ସେକ୍ସନ ଫୋର୍ସ ଏଠାରେ ନିୟୋଜିତ ହୋଇଥିଲେ। ଅପରାହ୍ନରେ ଶବ ବ୍ୟବଚ୍ଛେଦ ହୋଇଥିଲା। ବ୍ୟବଚ୍ଛେଦ ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ଏସପି କାର୍ଯ୍ୟାଳୟର ଜଣେ ଆଇଆଇସିଙ୍କ ନେତୃତ୍ୱରେ ମହିଳା ଏସଆଇ, ଜିଲ୍ଲା ସାଇଣ୍ଟିଫିକ ଅଫିସର ଓ ଜଣେ ଡାକ୍ତର ଉପସ୍ଥିତ ଥିଲେ। ଶରୀର ସମ୍ପୂର୍ଣ୍ଣ ଜଳିଯାଇଥିବା ଏସସିବି ମେଡିକାଲର ଏଫଏମଟି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନ୍ୟପଟେ ପୀଡ଼ିତାଙ୍କ ଭିସେରା ନମୁନା ସଂଗ୍ରହ ହୋଇଥିବା ବେଳେ ଏହାକୁ ଭୁବନେଶ୍ୱର ରସୁଲଗଡ଼ ଫରେନସିକ୍ ସାଇନ୍ସ ଲାବ୍ରୋଟୋରୀ ପଠାଯିବାକୁ ସ୍ଥିର ହୋଇଛି। ପରେ ଗାଁ ମଶାଣିରେ ଏକ ଶୋକାକୁଳ ପରିବେଶରେ ସଂଗୀତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି। ଅପରପକ୍ଷେ, ଆଜି ବିଜେଡି, କଂଗ୍ରେସ, ବିଜେପି ଓ ବାମପନ୍ଥୀ ଦଳର ପ୍ରତିନିଧିମାନେ କାଠିଆପଡ଼ା ଗ୍ରାମକୁ ଯାଇ ପୀଡ଼ିତାଙ୍କ ପରିବାରଲୋକଙ୍କୁ ଭେଟି ଆଲୋଚନା କରିଛନ୍ତି।

- ଏସ୍‌ସିବିରେ ଶବ ବ୍ୟବଚ୍ଛେଦ; ଭିସେରା ନମୁନା ସଂଗ୍ରହ
- ଥାନା ଏଏସ୍‌ଆଇଙ୍କୁ ହେଡ୍‌କ୍ୱାର୍ଟର୍ସ ବଦଳି
- ବାପା-ମା' ଓ ଗ୍ରାମବାସୀଙ୍କ ବୟାନ ରେକର୍ଡ
- ପରିବାରଲୋକଙ୍କୁ ଭେଟିଲେ ବିଜେଡି, କଂଗ୍ରେସ, ବିଜେପି ଓ ବାମପନ୍ଥୀ ଦଳ



ସେହିପରି, ସଂଗୀତାଙ୍କ ମୃତ୍ୟୁ ଉପରକୁ ପରଦା ହଟାଇବା ପାଇଁ ପୁଲିସ ସମସ୍ତ ଦିଗକୁ ଛାନଭିନ୍ କରିଛି। ଗତକାଲି ପୁଲିସ ସଂଗୀତାଙ୍କ ପ୍ରେମିକ ଘର ଉପରେ ଚଢ଼଼ଉ କରିଥିଲେ ମଧ୍ୟ ସେ କୌଶଳକ୍ରମେ ଫେରାର୍ ହୋଇଯାଇଥିଲା। ଆଜି ପଟ୍ଟାମୁଣ୍ଡାଇ ଆଦର୍ଶ ଓ ଗ୍ରାମାଞ୍ଚଳ ଥାନା ଦାୟିତ୍ୱରେ ଥିବା ଆଇଆଇସି ବନ୍ଦନା ପାତ୍ର କାଠିଆପଡ଼ା ଗ୍ରାମକୁ ଯାଇ ସଂଗୀତାଙ୍କ ବାପା-ମାଆଙ୍କୁ ପଚରାଉଚରା କରିବା ସହ ପଡ଼ୋଶୀ ଓ ଗ୍ରାମବାସୀଙ୍କ ବୟାନ ରେକର୍ଡ କରିଛନ୍ତି। ସେହିପରି ଏହି ଘଟଣାରେ ଗ୍ରାମାଞ୍ଚଳ ଥାନା ଏଏସ୍‌ଆଇ ଶୈଳେନ୍ଦ୍ର ମୋହନ ପଲାଇଙ୍କୁ ହେଡ୍‌କ୍ୱାର୍ଟରକୁ ବଦଳି କରାଯାଇଛି। ଅପରପକ୍ଷେ, କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ପ୍ରାଥମିକ ତଦନ୍ତରେ ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସମସ୍ତ କଥା ଜଣାପଡ଼ିବ। ସବୁ ଦିଗକୁ ନେଇ ପୁଲିସ ତଦନ୍ତ ଚଳାଇଛି। ପୁଲିସ ବିରୋଧରେ ଯେଉଁ ଅଭିଯୋଗ ହୋଇଛି, ତାହାକୁ ମଧ୍ୟ ଲିଖିତ ଭାବେ ପରିବାରଲୋକେ ଦେଇନାହାନ୍ତି। ଏବେ ତଦନ୍ତ ଚାଲିଛି ଓ ଏହା ଶେଷ ହେବା ପରେ କିଏ ଅପରାଧୀ, କିଏ ଆତ୍ମହତ୍ୟା ପାଇଁ ବାଧ କରିଛି ତାହା ଜଣାପଡ଼ିବ ବୋଲି କହିଛନ୍ତି।

## ବେଗୁନିଆ ବିଜେପିରେ ଗୋଷ୍ଠୀକନ୍ଦଳ ଉଗ୍ର

# ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳିଙ୍କୁ ଆକ୍ରମଣ

ଖୋର୍ଦ୍ଧା,୭।୮ (ସମିସ): ବେଳକୁ ବେଳ ବେଗୁନିଆ ବିଜେପିରେ କୁହୁଳୁଛି କନ୍ଦଳ ନିଆଁ। ବିଗତ ଦିନରେ ନିର୍ବାଚନମଣ୍ଡଳୀ ଭିତରେ ଛକାପଞ୍ଝା ଲାଗିଥିବା ବେଳେ ଗୁରୁବାର ଏହା ଉଗ୍ରରୂପ ନେଇଥିଲା। ଗୁରୁବାର ଚାଷୀଙ୍କ ଅଭିଯୋଗ ନେଇ ଖୋର୍ଦ୍ଧା ଡିଆର୍‌ସିଏସ୍ ଅଫିସ ଆସିଥିବା ବେଗୁନିଆ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳିଙ୍କୁ ଖୋର୍ଦ୍ଧା ବିଧାୟକଙ୍କ ଏକାନ୍ତ ଅନୁଗତମାନେ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲେ। ଏଥିସହ ଶ୍ରୀ ବିଜୁଳିଙ୍କ ଫର୍ଚୁନର ଗାଡ଼ିକୁ ଭାଙ୍ଗିବା ସହ ତାଙ୍କ ସୁନାଚେନ୍ ଛିଡ଼ାଇ ନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ତେବେ କାଉନସିଲର୍ କମଳ ପ୍ରଧାନ, ଛାତ୍ରନେତା ବିଶ୍ୱଦୀପ, ଅଂଶୁମାନ ଦିନ ଦିପହରରେ ରାସ୍ତା ଉପରେ ଗୁଣ୍ଡାଗିରି କରିଥିବା ବେଳେ ଆର୍‌ଡି ବଙ୍ଗଳାକୁ ସେମାନେ ଦୀର୍ଘ ଦିନ ଧରି ଆଡ୍ଡାସ୍ଥଳୀ କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ସୂଚନା ଦେଇଛି। ଶ୍ରୀ ବିଜୁଳିଙ୍କ ଅଭିଯୋଗ ଉପରେ ଆଦର୍ଶ ଥାନା ପୁଲିସ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ, ଗୁରୁବାର ବେଗୁନିଆ ବ୍ଲକ୍ ଛତ୍ରପଡ଼ା ସେବା ସମବାୟ ସମିତିର ୪୦ରୁ ୫୦ଜଣ ଚାଷୀଙ୍କୁ ସାଙ୍ଗରେ ଧରି ଶ୍ରୀ ବିଜୁଳି ସମବାୟ ସମିତି ସମୂହ ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ଚାଷୀଙ୍କ ହିତ ଦୃଷ୍ଟିରୁ ପଞ୍ଜୀକରଣ କାର୍ଯ୍ୟ ଛତ୍ରପଡ଼ା କଳିଙ୍ଗ କ୍ଲବ୍‌ଠାରେ ଶୁଭାରମ୍ଭ କରିବା ନିମନ୍ତେ ଆଲୋଚନା କରି କାର୍ଯ୍ୟାଳୟରୁ ବାହାରୁଥିଲେ। ଏହି ସମୟରେ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଡାକବଙ୍ଗଳା ଭିତରୁ ଯୋଜନା ମୁତାବକ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଅନୁଗତ ସାରୁଅ କାଠ ଖୁଣ୍ଟିଆର ବିଶ୍ୱଜିତ ଭୁଜବଳ ତାଙ୍କୁ ବିଧାୟକଙ୍କ ସହ କଥା ହେବାକୁ ଫୋନ୍ ଲଗାଇ ଧରାଇଥିଲେ। ସେ ଫୋନ୍ ଧରିବାରେ ବିଧାୟକ ଶ୍ରୀ ଜଗଦେବ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବେଗୁନିଆରେ ବେଶୀ ରାଜନୀତି କରୁଛୁ ବୋଲି କହିଥିଲେ। ବେଗୁନିଆ ନ ମାଡ଼ିବାକୁ ପୂର୍ବରୁ ଧମକ ଦେଇଥିବା ବେଳେ କାହିଁକି ଗଲୁ ପ୍ରଶ୍ନ କରିବା ସହ ଜୀବନରେ ମାରିବାକୁ ପୂର୍ବରୁ ଧମକ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ମାତ୍ର ଶ୍ରୀ ବିଜୁଳି କିଛି ନ କହି ଫୋନ୍ କାଟିଦେବାରେ ସାନପଦର ଗ୍ରାମର ଅଂଶୁମାନ ପଟ୍ଟନାୟକ ତାଙ୍କ କଲର ଧରି ଆକ୍ରମଣ କରିଥିଲେ। ବେକରେ ଥିବା ୩୯ ଗ୍ରାମ୍ ଓଜନର ଏକ ସୁନାଚେନ୍‌କୁ ଛଡ଼ାଇ ନେଇ ବେଗୁନିଆ ଗଲେ ବୋମା ପକାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲା।



- ଖୋର୍ଦ୍ଧା ବିଧାୟକଙ୍କ ଅନୁଗତ ଭିଆଇଲେ କାଣ୍ଡ
- ଭାଙ୍ଗିଲେ ଗାଡ଼ି, ଛିଡ଼ାଇନେଲେ ସୁନାଚେନ୍
- କାଉନ୍‌ସିଲର କମଲ ପ୍ରଧାନ, ଛାତ୍ରନେତା ବିଶ୍ୱଦୀପ, ଅଂଶୁମାନ ଦେଖାଇଲେ ଗୁଣ୍ଡାରାଜ୍

ପାଖରେ ଥିବା ଖୋର୍ଦ୍ଧା ପୌର ପରିଷଦର କାଉନସିଲର କମଳ ପ୍ରଧାନ(ଅଗ୍ନି) ଏବଂ ଡଙ୍ଗରପଡ଼ାର ବିଶ୍ୱଦୀପ ପ୍ରଧାନଙ୍କ ସମେତ ୭ରୁ ୮ଜଣ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ଫର୍ଚୁନର ଗାଡ଼ି (ଓଡି.୦୨ଡିବି-୮୭୮୭)କୁ ଲୁହାରଡ୍, ଠେଙ୍ଗା ଓ ପଥରମାଡ଼ କରି ଭଙ୍ଗାରୁଜା କରିଥିଲେ। ଏଥିସହିତ ବେଗୁନିଆ ମାଟି ମାଡ଼ିଲେ ହତ୍ୟା ଧମକ ଦେଇ ଚାଲିଯାଇଥିବାବେଳେ ଶ୍ରୀ ବିଜୁଳିଙ୍କ ଜୀବନ ପ୍ରତି ବିପଦ ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାକୁ ପୁଲିସ ଗୁରୁତ୍ୱର ସହ ନେଇ ନମ୍ବର ୩୩୩/୨୫ରେ ଏକ ମାମଲା ରୁଜୁ କରି ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଚଳାଇଛି।





# ଡେଲିଭରୀ ବୟ / ଦୁଆର୍ ମୁହଁରେ ଅପରାଧୀ

## ଅନ୍ୟ ଜିଲ୍ଲାରେ ଅପରାଧ; ରାଜଧାନୀରେ ଆତ୍ମଗୋପନ

- ପୁଲିସ ରଖୁନି ଡେଲିଭରୀ ବୟଙ୍କ ତଥ୍ୟ
- ଗାଡ଼ି ଚାଳନା ବେଳେ ମୋବାଇଲ୍ ବ୍ୟବହାର



ଭୁବନେଶ୍ୱର, ୭।୮ (ସମିସ)

ରାଜଧାନୀରେ ଡେଲିଭରୀ ବୟ ବେଶରେ ଏବେ ସହରସାରା ବୁଲୁଛନ୍ତି ଅପରାଧୀ। ସେମାନେ ରାତିରେ ଖାଦ୍ୟ ଡେଲିଭରୀ ଦେବା ବାହାନାରେ ଅପରାଧ ଘଟାଉଛନ୍ତି। କିଏ ଚୋରି କରୁଥିବା ବେଳେ ଆଉ ଏକ ଲୁଟ୍‌ପାଟ କରୁଛନ୍ତି। ଥାନାରେ ମାମଲା ହେଲେ ମଧ୍ୟ ପୁଲିସ ନିକଟରେ ସେମାନଙ୍କ ତଥ୍ୟ ନ ଥିବାରୁ ସେମାନଙ୍କୁ ଧରିବାରେ ବିଫଳ ହେଉଛି। ଯାହାଦ୍ୱାରା ପ୍ରତିଦିନ ଏହି ଡେଲିଭରୀ ବୟଙ୍କ ଅପରାଧିକ ରେକର୍ଡ଼ ବଢ଼ିବାରେ ଲାଗିଛି। ବିଶେଷକରି ଯେଉଁମାନେ ରାତିରେ କାମ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅପରାଧିକ ଶ୍ରେଣୀର ହୋଇଥିବା ଅଭିଯୋଗ ହେଉଛି। ରାତିରେ ସହରରେ ପୁଲିସର ଦେଖା ମିଳୁ ନ ଥିବା ବେଳେ ପ୍ରତି ଛକ ଏବଂ ହୋଟେଲ ନିକଟରେ ମାଳମାଳ ଡେଲିଭରୀ ବୟ ଦେଖିବାକୁ ମିଳୁଛି। ବିଶେଷ ପାତ୍ରପଡ଼ା, ଫାୟାର ଷ୍ଟେସନ, ସିଆରପି, ଜୟଦେବ ବିହାର ଏବଂ ରସୁଲଗଡ଼ ଭଳି ଛକରେ ଏହି ଡେଲିଭରୀ ବୟମାନଙ୍କ ଖଟି ଦେଖିବାକୁ ମିଳିଛି। ବଡ଼କଥା ହେଲା ଅନ୍ୟ ଜିଲ୍ଲାରେ ଅପରାଧ ଘଟାଇ ଅପରାଧିମାନେ ଭୁବନେଶ୍ୱରକୁ ପଳାଇ ଆସୁଛନ୍ତି। ଏଠାରେ ଆଧାରକାର୍ଡ ଦେଇ ଆପ୍‌ରେ ରେଜିଷ୍ଟ୍ରେସନ କରି ଡେଲିଭରୀ ବୟ ଭାବରେ କାମ କରୁଛନ୍ତି। କିନ୍ତୁ ଉକ୍ତ ଜିଲ୍ଲାର ପୁଲିସ ଅଭିଯୁକ୍ତକୁ ଗିରଫ ପାଇଁ ଖୋଜୁଥିଲେ ମଧ୍ୟ ପାଇ ନ ଥାଏ। ଏଠାରେ ଅଭିଯୁକ୍ତ ଡେଲିଭରୀ ବୟ ବେଶରେ ରହି ଗୋଟିଏ ପରେ ଗୋଟିଏ ଅପରାଧ ଘଟାଉଥିବା ଅଭିଯୋଗ ହୋଇଛି। ଆହୁରି ମଧ୍ୟ ଏବେ ଦିନ ଅପେକ୍ଷା ରାତିରେ ଅଧିକ ଅପରାଧୀ ଡେଲିଭରୀ ବୟ ଭାବରେ କାମ କରିବାକୁ ପସନ୍ଦ କରୁଛନ୍ତି। ମିଳିଥିବା ତଥ୍ୟ ଅନୁସାରେ ରାଜଧାନୀରେ ଡେଲିଭରୀ ବୟ କାମ କରୁଥିବା ୩୫ ପ୍ରତିଶତ ଯୁବକଙ୍କ ନାମରେ ବିଭିନ୍ନ ମାମଲା ରହିଛି। ବିଶେଷ କରି ହତ୍ୟା ଉଦ୍ୟମ, ଦୁଷ୍କର୍ମ ଏବଂ ଲୁଟ୍‌ପାଟ ଭଳି ସଂଗୀନ ମାମଲା ରହିଛି।

କେବଳ ନିଜର ପରିଚୟପତ୍ର ଦେଇ ଡେଲିଭରୀ ବୟ କାମ କରୁଛନ୍ତି। ସେମାନଙ୍କ ଅପରାଧିକ ରେକର୍ଡ ଯାଞ୍ଚ କରାଯାଉ ନାହିଁ। ଯେଉଁଥି ପାଇଁ ଅପରାଧୀଙ୍କ ସୁରକ୍ଷାସ୍ଥଳୀ ପାଲଟିଛି ଡେଲିଭରୀ ବୟ କାର୍ଯ୍ୟ। ମାଲିକଙ୍କ ଘରେ ଭଡ଼ା ରହୁଥିବା ବ୍ୟକ୍ତିଙ୍କ ତଥ୍ୟ ପୁଲିସ ଥାନାରେ ଦିଆଯାଉଛି। କିନ୍ତୁ ଯେଉଁ ସଂସ୍ଥାରେ ଡେଲିଭରୀ ବଏ କାମ କରୁଛନ୍ତି ସେମାନଙ୍କ ଅପରାଧିକ ରେକର୍ଡ ଯାଞ୍ଚ କରାଯାଉନାହିଁ। ସେମାନଙ୍କ ତାଲିକା କାହିଁକି ଥାନାକୁ ଦିଆଯିବନି ବୋଲି ଅନେକ ଆଇନ୍‌ଜୀବୀ ପ୍ରଶ୍ନ କରୁଛନ୍ତି। ଅନେକ ସମୟରେ ଏହି ଡେଲିଭରୀ ବଏ ରାତିରେ ଲୋକଙ୍କ ଘରକୁ ଖାଦ୍ୟ ନେଇଯାଉଛନ୍ତି। ହେଲେ ମହିଳାଙ୍କୁ ଏକାକୀ ଦେଖି ଅସଦାଚରଣ ଏବଂ ଲୁଟ୍‌ପାଟ କରିବାକୁ ପଛାଉନଥିବା ଦେଖିବାକୁ ମିଳିଛି। ପୂର୍ବରୁ ମଧ୍ୟ ଭରତପୁର ଥାନାରେ ଜଣେ ଡେଲିଭରୀ ବୟ ମଉକା ଦେଖି ଜଣେ ବାଇକ୍ ଚାଳକଙ୍କୁ ଅଟକାଇ ଲୁଟ୍‌ପାଟ କରିଥିଲେ। ସେହିପରି ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ଡେଲିଭରୀ ବଏ ରାତିରେ ଖାଦ୍ୟ ଦେବାକୁ ଯାଇ ଏକ ଆପାର୍ଟମେଣ୍ଟରେ ମହିଳାଙ୍କୁ ଏକାକୀ ଦେଖି ଅସଦାଚରଣ କରିଥିଲେ। ଆହୁରି ମଧ୍ୟ ଧଉଳି ଥାନା ଅଞ୍ଚଳରେ ଜଣେ ଡେଲିଭରୀ ବୟ ନିଜକୁ କିଡ୍‌ନାପିଙ୍ଗ୍ କରାଯାଇଥିବା ମିଛ ବାହାନା କରି ସ୍ତ୍ରୀକୁ ଛାଡ଼ି ପ୍ରେମିକାକୁ ନେଇ ଚମ୍ପଟ ମାରିଥିଲେ। ଏହିଭଳି ଏକାଧିକ ଘଟଣା ଡେଲିଭରୀ ବୟଙ୍କ ନାମରେ ଆସିଛି।

ରାଜଧାନୀରେ ଡେଲୀଭରୀ ବୟମାନେ ଏକାଧିକ ଦୁର୍ଘଟଣା ଘଟାଉଛନ୍ତି। ନିଜ ଜୀବନ ସେମାନେ ବାଜିରେ ଲଗାଉଥିବା ବେଳେ ଅନ୍ୟର ଜୀବନ ମଧ୍ୟ ମୃତ୍ୟୁ ମୁଖକୁ ଟାଣି ନେଉଛନ୍ତି। ଦୁର୍ଘଟଣାର କାରଣ ହେଲା ସେମାନେ ଗାଡି ଚାଳନା ସମୟରେ ମୋବାଇଲ୍ ବ୍ୟବହାର। ଗାଡି ହ୍ୟାଣ୍ଡେଲ ଆଗରେ ସେମାନେ ଷ୍ଟାଣ୍ଡ କରି ମୋବାଇଲ୍‌ରେ ଲୋକେସନ୍ ଅନ୍ ରଖୁଛନ୍ତି। ଡେଲିଭରୀ ଶୀଘ୍ର ପହଞ୍ଚାଇବା ଚକରରେ ସେମାନେ ଗାଡି ଦ୍ରୁତିଗତିରେ ଚାଳନା କରନ୍ତି। ଏଥିସହ ସେମାନେ ଗାଡି ଆଗରେ ଥିବା ମୋବାଇଲକୁ ନଜର କରି ଗାଡି ଚାଳନା କରୁଥିବାରୁ ଦୁର୍ଘଟଣା ଘଟୁଛି। ଯେଉଁଥି ପାଇଁ ପୂର୍ବରୁ ମଧ୍ୟ ଏକାଧିକ ଡେଲିଭରୀ ବୟଙ୍କ ଜୀବନ ଯାଉଛି।

● ନିଶାସକ୍ତ ଯୁବକର ଉନ୍ମତ୍ତ କାଣ୍ଡ

# ଖାଇବା ପାର୍ସଲ୍ ବିଳମ୍ବକୁ କେନ୍ଦ୍ରକରି କଟୁରି ଚୋଟ

ଭୁବନେଶ୍ୱର, ୭।୮ (ସମିସ): ସାରା ରାଜ୍ୟରେ ମହିଳା ଜନିତ ଅପରାଧ ବୃଦ୍ଧି ପାଇଥିବା ବେଳେ ରାଜଧାନୀରେ ଲୋମଟାଙ୍କୁରା ଘଟଣା ଘଟିଛି। ସାମାନ୍ୟ କଥାକୁ ନେଇ ମହିଳାଙ୍କୁ କଟୁରିରେ ମରଣାନ୍ତକ ଆକ୍ରମଣ କରିଛି ହୋଟେଲ ମାଲିକ। ଫୁଡ୍ ଡେଲିଭରିକୁ କେନ୍ଦ୍ରକରି ଏଭଳି ହୋଇଥିବା କୁହାଯାଉଥିବା ବେଳେ ଅଭିଯୁକ୍ତ ହୋଟେଲ ମାଲିକ ତପନ ଦାସକୁ ଅଟକ ରଖି ପଚରାଉଚରା କରୁଛି ପୁଲିସ। ଘଟଣା ଘଟିଛି ଭରତପୁର ଥାନା ଅଧୀନସ୍ଥ ଶ୍ୟାମପୁର ଅଞ୍ଚଳରେ।

**ମହିଳାଙ୍କ ମୁଣ୍ଡ, ବେକ ଓ ଗୋଡ଼ରେ ଗଭୀର ଆଘାତ**
**ହୋଟେଲ୍ ମାଲିକଙ୍କୁ ଅଟକ ରଖି ପଚରାଉଚରା**



ମିଳିଥିବା ସୂଚନା ଅନୁସାରେ, ଶ୍ୟାମପୁରର ତପନ ଏକ ଘରୋଇ କମ୍ପାନୀରେ ଗାଡ଼ି ଚଳାଇବା ସହ କଳିଙ୍ଗନଗର କେ-୮ ଅଞ୍ଚଳରେ ଏକ ଠେଲା ଗାଡ଼ିରେ ଖାଦ୍ୟ ବିକ୍ରି କରନ୍ତି। ତାଙ୍କ ଘର ଠାରୁ ୪/୫ଟି ଘର ଛାଡ଼ି ରହୁଥିବା ବିନୋଦିନୀ ଏକ ଘରୋଇ ଡାକ୍ତରଖାନାରେ ଚାକିରି କରନ୍ତି। ଆଜି ଦିନ ପ୍ରାୟ ୩ଟା ବେଳେ ବିନୋଦିନୀ ଖାଦ୍ୟ ଆଣିବାକୁ ତପନର ଦୋକାନକୁ ଯାଇଥିଲେ। ଖାଦ୍ୟ ପାର୍ସଲ ଦେବାରେ ବିଳମ୍ବ ହେଉଛି କହିବାରୁ ତପନ ଉତକ୍ଷିପ୍ତ ହୋଇ ଯାଇଥିଲା। ଏହାକୁ ନେଇ ତପନ ଓ ବିନୋଦିନୀଙ୍କ ମଧ୍ୟରେ ବଚସା ହେବା ସହ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଏହାପରେ ବିନୋଦିନୀ ଘରକୁ ପଳାଇଥିଲେ।

ଏହାର କିଛି ସମୟ ପରେ ତପନ ମଧ୍ୟ ଘରକୁ ଯାଇଥିଲା। ଘରୁ କଟୁରି ନେଇ ବିନୋଦିନୀଙ୍କ ଘର ସାମ୍ନାକୁ ଯାଇ ଗାଳିଗୁଲଜ କରିଥିଲା। ବିନୋଦିନୀ ବାହାରକୁ ଆସିବା କ୍ଷଣି ତପନ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲା। ପ୍ରଥମ ଚୋଟରେ ତାଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ଜୀବନ ବଞ୍ଚାଇବାକୁ ବିନୋଦିନୀ ନେହୁରା ହେଉଥିଲେ। ହେଲେ ତପନ କିଛି ଶୁଣିବା ପରିବର୍ତ୍ତେ ଗୋଡ଼ାଇ ଗୋଡ଼ାଇ ହାଣି ଚାଲିଥିଲା। ଲୋକମାନେ ରୁଣ୍ଡ ହୋଇଯିବାରୁ ତପନ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ପରିବାର ଲୋକେ ପଡ଼ୋଶୀଙ୍କ ସହାୟତାରେ ବିନୋଦିନୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଆକ୍ରମଣ ଫଳରେ ତାଙ୍କ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ମୁଣ୍ଡ ଓ ଗୋଡ଼ରେ ମଧ୍ୟ ଗଭୀର ଆଘାତ ଲାଗିଛି।

ଖବରପାଇ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଶ୍ୟାମପୁର ଅଞ୍ଚଳରୁ ତପନକୁ ଥାନାକୁ ଉଠାଇ ଆଣିଛି। ତେବେ ପାର୍ସଲ ଦେବା ବିବାଦରୁ ନାଁ ଅନ୍ୟ କେଉଁ କାରଣରୁ ସେ ଏଭଳି କାଣ୍ଡ ଭିଆଇଲା, ସେନେଇ ତା'କୁ ପଚରାଉଚୁରା ଚଳାଇଛି। ସେପଟେ ବିନୋଦିନୀ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଉଭୟଙ୍କ ମଧ୍ୟରେ ପୂର୍ବରୁ ମଧ୍ୟ ବିବାଦ ରହିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି।

## ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ; ପ୍ରେମିକ ଗିରଫ





ଭୁବନେଶ୍ୱର, ୭।୮ (ସମିସ): ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କନ୍ଦରପୁର ଥାନା ଅଞ୍ଚଳର ରାକେଶ ମିଶ୍ର (୩୦)।

ପୁଲିସ ସୂଚନା ଅନୁସାରେ, ଗତ ଜାନୁୟାରୀ ମାସରେ ଅଭିଯୋଗକାରିଣୀ ଇନଷ୍ଟାଗ୍ରାମ ମାଧ୍ୟମରେ ରାକେଶ ସହ ଯୋଗାଯୋଗରେ ଆସିଥିଲେ। ସେମାନଙ୍କ ପରିଚୟ ଘନିଷ୍ଠ ସମ୍ପର୍କରେ ପରିଣତ ହେବା ପରେ ରାକେଶ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେବା ସହ ପରିବାର ସହିତ ପରିଚୟ କରାଇଥିଲା। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବିଭିନ୍ନ ହୋଟେଲରେ ବାରମ୍ବାର ଦୁଷ୍କର୍ମ କରିଥିଲା। ଶେଷରେ ସ୍ୱାମୀ ସ୍ତ୍ରୀ ପରିଚୟ ଦେଇ ସନ୍ତୋଷୀ ବିହାରର ଭଡ଼ାରେ ରହିଥିଲା। ଏହାରି ଭିତରେ ଅଭିଯୋଗକାରିଣୀ ଗର୍ଭବତୀ ହୋଇ ଯାଇଥିଲେ। ସେ ଗର୍ଭପାତ କରିବାକୁ ମନା କରିବାରୁ ରାକେଶ ତାଙ୍କୁ ଆକ୍ରମଣ କରିଥିଲା। ରାକେଶ ତାଙ୍କୁ ବଳପୂର୍ବକ ବଟିକା ଦେଇ ଗର୍ଭପାତ କରିଥିଲା। ଏକତ୍ର ରହିବା ସମୟରେ ରାକେଶ ପ୍ରାୟ ୫ ଲକ୍ଷ ଟଙ୍କା ନେଇ ଯାଇଥିଲା। ଏନେଇ ପୀଡ଼ିତା ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ରକେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଜମିବିକ୍ରି ଆଳରେ ୧.୭ କୋଟି ଠକେଇ

ଭୁବନେଶ୍ୱର, ୭।୮ (ସମିସ): ଜମି ବିକ୍ରି କରିବାକୁ କହି ୧.୭ କୋଟି ଟଙ୍କା ଠକି ନେଇଥିବା ଧୂର୍ତ୍ତ ଦମ୍ପତିଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଶବର ସାହି ଲେନର ମହମ୍ମଦ ୱକିଲ୍ (୪୯) ଓ ତାଙ୍କ ପତ୍ନୀ ସହଦୁତୁନ୍ ନିଶା (୩୮)।

ପୁଲିସ ସୂଚନା ମୁତାବକ, ଗତବର୍ଷ ଜାନୁୟାରୀ ମାସରେ ୱକିଲ୍ ଓ ପତ୍ନୀ ସହଦୁତୁନ୍ ଆର୍ଥିକ ଅନଟନ ଦର୍ଶାଇ ରବୀନ୍ଦ୍ର କୁମାର ସାହୁଙ୍କ ପାଖକୁ ଆସିଥିଲେ ଓ ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ଏକ ଜମିକୁ ୨ କୋଟି ୧୫ ଲକ୍ଷ ଟଙ୍କାରେ ବିକ୍ରି କରିବାକୁ ପ୍ରସ୍ତାବ ଦେଇଥିଲେ। ରବୀନ୍ଦ୍ର ଜାନୁୟାରୀରୁ ଅଗଷ୍ଟ ମାସ ମଧ୍ୟରେ ଅଗ୍ରୀମ ବାବଦକୁ କୋଟିଏ ୬୭ ଲକ୍ଷ ଟଙ୍କା ଦେଇଥିଲେ। ଗତ ଏପ୍ରିଲ ମାସରେ ରବୀନ୍ଦ୍ରଙ୍କ ନାମରେ ଜମି ପଞ୍ଜୀକରଣ ପାଇଁ ଏକ ଚୁକ୍ତିନାମା ହୋଇଥିଲା। କିନ୍ତୁ ଦମ୍ପତି ଜମି ବିକ୍ରି ନ କରି ତାଙ୍କୁ ଠକି ଥିଲେ। ସେହି ଟଙ୍କାକୁ ବ୍ୟାଙ୍କ ଋଣ ପରିଶୋଧ ପାଇଁ ଟଙ୍କାକୁ ବ୍ୟବହାର କରିଥିଲେ। ଗତ ୧ ତାରିଖ ଦିନ ରବୀନ୍ଦ୍ର ଦେୱାନୀ ମାମଲା କରି ସମ୍ପତ୍ତିର ବିକ୍ରିକୁ ରୋକିବା ପାଇଁ ଏକ ନୋଟିସ୍ ଲଗାଇଥିଲେ। ହେଲେ ଦମ୍ପତି ନୋଟିସ୍ ଚିରି ଜମି ବିକ୍ରି ପାଇଁ ଅନ୍ୟ ଜଣେ କ୍ରେତାଙ୍କ ସହ ଆଲୋଚନା କରିଥିଲେ। ରବୀନ୍ଦ୍ର ପ୍ରତିବାଦ କରିବାରୁ ଉଭୟ ତାଙ୍କୁ ଏକ ଲୁହାଛଡ଼ରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ। ଏନେଇ ରବୀନ୍ଦ୍ର ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଦମ୍ପତିଙ୍କୁ ଗିରଫ କରିବା ସହ କାଗଜପତ୍ର ଓ ଲୁହା ଛଡ଼ ଜବତ କରିଥିଲା।



ଦମ୍ପତି ଗିରଫ

## ଶିଶୁ ନିଖୋଜ ଘଟଣାରେ ମିଳିଲା ସୁରାକ

ଭୁବନେଶ୍ୱର, ୭।୮ (ସମିସ): ଲକ୍ଷ୍ମୀସାଗର ଅଞ୍ଚଳରୁ ଏକ ୯ ବର୍ଷର ଶିଶୁ କନ୍ୟା ନିଖୋଜ ହେବା ନେଇ ଥାନରେ ଅଭିଯୋଗ ହେବା ପରେ ପୁଲିସ ସିସିଟିଭି ଫୁଟେଜ୍‌ରୁ ନିଖୋଜ ପିଲା ସମ୍ପର୍କରେ ସୂଚନା ପାଇଛି। ଶିଶୁଟି ଚାଲି ଚାଲି ଷ୍ଟେସନ ଯାଉଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ଆହୁରି ମଧ୍ୟ ଚାଲି ଚାଲି ଯାଉଥିବା ସ୍ଥାନୀୟ ଲୋକ ଦେଖିଛନ୍ତି। କିଛି ଲୋକ ତାଙ୍କୁ ପଚାରିଥିଲେ ମଧ୍ୟ ସେ ମା'କୁ ଖୋଜିବାକୁ ଯାଉଥିବା କହିଥିଲେ। ଏକାଧିକ ସିସିଟିଭି ଭେରିଫିକେସନ, ହ୍ୟୁମାନ ଇଣ୍ଟେଲିଜେନ୍ସ ସହାୟତାରେ ନିଖୋଜ ପିଲାଟିକୁ ଉଦ୍ଧାର ପାଇଁ ଛାନଭିନ ଆରମ୍ଭ କରିଛି ପୁଲିସ। ଖବର ନେବାରୁ ଜଣାପଡ଼ିଛି ଯେ, ବିହାରରୁ ଆସି ଝାରପଡ଼ା ଅଞ୍ଚଳରେ ରହି ଏକ ଅଟୋମୋବାଇଲ ସଂସ୍ଥାରେ କାମ କରୁଥିବା ଜାଭେଦ ଅହମ୍ମଦ ନିଜ ଝିଅାରୀ ନିଖୋଜ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଏଠାରେ ସୂଚାଇ ଦିଆଯାଇପାରେ ଯେ, ଗତ ଏପ୍ରିଲ ମାସ ୧୩ ତାରିଖ। ବିଳମ୍ବିତ ରାତିରେ ଖାରବେଳନଗର ଥାନା ଅନ୍ତର୍ଗତ ରାମମନ୍ଦିର ସମ୍ମୁଖରୁ ଦୃଷ୍ଟିବାଧିତ ମହିଳାଙ୍କ ଠାରୁ ପିଲାଚୋରି। ଏ ଘଟଣା ମନରୁ ନ ଲିଭୁଣୁ ଏୟାରଫିଲଡ଼ ଥାନା ଅନ୍ତର୍ଗତ ପାଞ୍ଚଗାଁରୁ ପୁଣି ଅପହୃତ ହୋଇଥିଲା ଚତୁର୍ଥ ଶ୍ରେଣୀର ପିଲା। ଗତ ୧୯ ତାରିଖରେ ପଳାଶୁଣି ଅଞ୍ଚଳରୁ ୧୧ ବର୍ଷୀୟ ନାବାଳକ ନିଖୋଜ ପରେ ପୁଣି ସମେଇଗାଡ଼ିଆ ଓ ପାହାଳ ଅଞ୍ଚଳରୁ ନିଖୋଜ ୨ ଶିଶୁଙ୍କୁ ଉଦ୍ଧାର କରିଥିଲା ପୁଲିସ।

- ଚାଲିଚାଲି ଯାଉଥିବା ବେଳର ଦୃଶ୍ୟ ସିସିଟିଭିରେ କଏଦ
- ପିଲାଚୋର ଚକୋଲେଟ୍ ଦେଇ ନେଇଥିବା ସନ୍ଦେହ

## ପତ୍ନୀଙ୍କୁ ହତ୍ୟା ଉଦ୍ୟମ; ସ୍ୱାମୀ ଗିରଫ

ଭୁବନେଶ୍ୱର, ୭।୮ (ସମିସ): ତକିଆରେ ଶ୍ୱାସରୁଦ୍ଧ କରି ପତ୍ନୀଙ୍କୁ ହତ୍ୟା ଉଦ୍ୟମ କରିଥିବା ସ୍ୱାମୀକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଫୁଲେଶ୍ୱରୀ ବସ୍ତିରେ ରହୁଥିବା ଇଟାମାଟି ଥାନା ବଡ଼ ପଣ୍ଡୁସର ଗାଁର ପ୍ରମୋଦ କୁମାର ହୋତା (୪୮)।



ପୁଲିସ ସୂଚନା ଅନୁସାରେ, ପ୍ରମୋଦ ବିବାହ ପରଠାରୁ ପତ୍ନୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲା। ଗତ ୫ ତାରିଖ ଦିନ ପତ୍ନୀଙ୍କୁ କାଠ ବାଡ଼ିରେ ଆକ୍ରମଣ କରିବାରୁ ସେ ମହିଳା ଥାନା ସହିତ ଯୋଗାଯୋଗ କରିଥିଲେ। ପ୍ରମୋଦ ହିଂସାର ପୁନରାବୃତ୍ତି କରିବନି ବୋଲି ପ୍ରତିଶ୍ରୁତି ଦେବା ପରେ ମାମଲାର ସମାଧାନ ହୋଇଥିଲା। ହେଲେ ଏହାର ପରଦିନ ଅର୍ଥାତ ୬ ତାରିଖ ରାତି ୧୧ଟା ସମୟରେ ପ୍ରମୋଦ ପୁଣି ବାଡ଼ିରେ ପତ୍ନୀଙ୍କୁ ଆକ୍ରମଣ କରିଥିଲେ। ତକିଆରେ ମୁହଁକୁ ଚାପି ଶ୍ୱାସରୁଦ୍ଧ କରି ହତ୍ୟା କରିବାକୁ ଉଦ୍ୟମ କରିଥିଲା। ତାଙ୍କ ଝିଅ ପିସିଆରକୁ ଫୋନ୍ କରିବାରୁ ପ୍ରମୋଦ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଆକ୍ରମଣ ଫଳରେ ପତ୍ନୀଙ୍କ ମୁହଁ ଓ ଶରୀରରେ ରକ୍ତାକ୍ତ ଆଘାତ ଲାଗିଥିଲା। ତାଙ୍କୁ ଚିକିତ୍ସା ପାଇଁ ଏମ୍ସ ହସ୍ପିଟାଲକୁ ନିଆଯାଇଥିଲା। ଏମିତିକି ପତ୍ନୀଙ୍କ କାର୍ଯ୍ୟସ୍ଥଳରେ ତାଙ୍କୁ ଅସଦାଚରଣ କରୁଥିଲେ। ପତ୍ନୀ ଏନେଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଫୁଲେଶ୍ୱରୀ ବସ୍ତିରୁ ପ୍ରମୋଦକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ନାବାଳିକାକୁ ହଇରାଣ କରି ବନ୍ଧାହେଲା ପ୍ରେମିକ

ଭୁବନେଶ୍ୱର, ୭।୮ (ସମିସ): ନାବାଳିକାକୁ ହଇରାଣ କରୁଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ଖାରବେଳ ନଗର ଥାନା ଅନ୍ତର୍ଗତ। ଗିରଫ ଅଭିଯୁକ୍ତ ହେଉଛି ପୁରୀ ଜିଲ୍ଲା ଗଡ଼ିଶାଗଦା ଥାନା ଅଞ୍ଚଳର ନିର୍ମଳ ଚନ୍ଦ୍ର ବଳିଆରସିଂହ (୩୩)।



ପୁଲିସ ସୂଚନା ଅନୁସାରେ, ସତ୍ୟନଗର ଅଞ୍ଚଳରେ ରହୁଥିବା ଜଣେ ନାବାଳିକା ଓ ନିର୍ମଳ ମଧ୍ୟରେ ୯ ମାସ ପୂର୍ବେ ସମ୍ପର୍କ ଗଢ଼ି ଉଠିଥିଲା। ନିର୍ମଳର ଅନ୍ୟ ମହିଳାମାନଙ୍କ ସହ ସମ୍ପର୍କ ଥିବାରୁ ନାବାଳିକା ତାଙ୍କ ଠାରୁ ଦୂରେଇ ଯାଇଥିଲେ। ହେଲେ ନିର୍ମଳ ଫୋନ୍ ମାଧ୍ୟମରେ ତାଙ୍କୁ ହଇରାଣ ଓ ଭୟଭୀତ କରି ଆସୁଥିଲା। ଏଥିସହିତ ତାଙ୍କ ଇଚ୍ଛା ବିରୁଦ୍ଧରେ ସମ୍ପର୍କ ଜାରି ରଖିବାକୁ ବାଧ କରୁଥିଲା। ନାବାଳିକାର ବ୍ୟକ୍ତିଗତ ଫଟୋ ଗୁଡ଼ିକୁ ଅପବ୍ୟବହାର କରିବ ବୋଲି ଧମକ ଦେଇ ଚାପ ସୃଷ୍ଟି କରୁଥିଲା। ଏନେଇ ନାବାଳିକା ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ନିର୍ମଳକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଗଣ୍ଡଗୋଳ ମାମଲାରେ ଜେଲଗଲେ ଯୁବକ

ବାଲିଅନ୍ତା, ୭।୮ (ସମିସ): ବାଲିଅନ୍ତା ଥାନା ପୁଲିସ ଟାଙ୍ଗିଆରେ ୨ ଯୁବକଙ୍କୁ ଆକ୍ରମଣ ମାମଲାରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଯଶୁଆପୁର ଭୋଇ ସାହିର ପର୍ଶୁରାମ ଭୋଇ (୨୭)। ପର୍ଶୁରାମ ବିରୋଧରେ ଓଉପଡ଼ା ଭୋଇ ସାହିର ଲୋକନାଥ ଭୋଇ ଏବଂ ରୟତଶ୍ରୀରାମପୁର ଗ୍ରାମର ସନାତନ ସ୍ୱାଇଁ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ଗତ ୫ ତାରିଖ ରାତି ୧୧ଟା ସମୟରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ପର୍ଶୁରାମ ଓଉପଡ଼ା ଭୋଇସାହିର ଲୋକନାଥଙ୍କୁ ଟାଙ୍ଗିଆରେ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ। ସନାତନଙ୍କ ପୁଅ ଜ୍ଞାନରଞ୍ଜନ ଲୋକନାଥଙ୍କୁ ରକ୍ଷା କରିବାକୁ ଚେଷ୍ଟା କରି ଆକ୍ରମଣର ଶିକାର ହୋଇଥିଲେ। ପର୍ଶୁରାମ ବିରୋଧରେ ବାଲିଅନ୍ତା ଥାନାରେ ପୂର୍ବରୁ ଅନ୍ୟ ୪ଟି ଗଣ୍ଡଗୋଳ ମାମଲା ରହିଥବା ଜଣାଯାଇଛି।

## ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୭।୮ (ସମିସ): ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ରେତଙ୍ଗ ମାଳିସାହିର ଅନିଲ ପ୍ରଧାନ (୩୦)।

ପୁଲିସ ସୂଚନା ଅନୁଯାୟୀ, ଗତ ସୋମବାର ମଧ୍ୟରାତ୍ରିରେ ଅନିଲ ପ୍ରଧାନ ରେତଙ୍ଗରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ପଛପଟ ତାଲା ଭାଙ୍ଗି ଭିତରେ ପଶିଥିଲା। ସେଠାରେ ଥିବା ତମାଣ୍ଡୋ ରାଜସ୍ୱ ନିରୀକ୍ଷକଙ୍କ ରେକର୍ଡ ରୁମରୁ ଗୋଟିଏ ଇନଭର୍ଟର ମେସିନ୍ ଓ ଇନଭର୍ଟର ବ୍ୟାଟେରୀ ଚୋରି କରି ନେଇଥିଲା। ଏନେଇ ରାଜସ୍ୱ ନିରୀକ୍ଷକ ରେଜିଆ ସୁଲତାନା ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି କାଶିପୁର ଛକରୁ ଅନିଲକୁ ଗିରଫ କରିବା ସହ ତା' ଠାରୁ ଚୋରି ହୋଇଥିବା ଇନଭର୍ଟର ମେସିନ୍ ଓ ବ୍ୟାଟେରି ଜବତ କରିଥିଲା।

ଡେଙ୍ଗୁ ଡରେଇଲା

# ଭୁବନେଶ୍ୱରରେ ୨୧୫ ରୋଗୀ ଚିହ୍ନଟ

ଭୁବନେଶ୍ୱର, ୭।୮ (ସମିସ): ବିଏମ୍‌ସି ପକ୍ଷରୁ ଏତେ ସଚେତନତା ସତ୍ତ୍ୱେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ଯାହା ଏବେ କେବଳ ବିଏମ୍‌ସି ନୁହେଁ ପୂରା ସ୍ୱାସ୍ଥ୍ୟ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି।

ମିଳିଥିବା ସୂଚନା ଅନୁଯାୟୀ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ବିଏମ୍‌ସି ଅଞ୍ଚଳରେ ୨୧୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ବିଭାଗୀୟ ସୂଚନା ଅନୁଯାୟୀ ମୋଟ ୧୪ ହଜାର ୫୨୮ ଟି ରକ୍ତ ନମୂନା ପରୀକ୍ଷା କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଡେଙ୍ଗୁ ଦମନ ଅଭିଯାନକୁ ଜୋରଦାର କରାଯାଇଛି। ୩୪, ୫୫୭ଟି ମଶା ଅଣ୍ଡା ଦେବା ସ୍ଥାନ ନଷ୍ଟ କରାଯାଇଛି। ସେହିପରି ୧ ଲକ୍ଷ, ୨୫ ହଜାର ୨୧୮ ଟି ଆଣ୍ଟି ଲାର୍ଭାସ୍ଥାନକୁ ଧ୍ୱଂସ କରାଯାଇଛି। ବିଭିନ୍ନ ସ୍ଥାନରେ ପଡ଼ିଥିବା ୧୨୩ ଟ୍ରିପ୍ ଟାୟାର ସ୍ଥାନାନ୍ତର କରାଯାଇଛି। ୧ ଲକ୍ଷ ୫୩ ହାଜର ୧୩୦ ଜଣଙ୍କ ଘର ବୁଲି ସେମାନଙ୍କୁ ସଚେତନ କରାଯାଇଛି। ୧୫୪ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରାଯାଇଛି।

ବିଏମ୍‌ସି ପକ୍ଷରୁ 'ଡ୍ରାଏ ଡେ' ପାଳନ ଓ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ବିଏମ୍‌ସି ପକ୍ଷରୁ ୩ଟି ଜୋନର ୬୭ୱାର୍ଡରେ 'ଡ୍ରାଏ ଡେ' ପାଳିତ ହୋଇଯାଇଛି। ବିଏମ୍‌ସି ସ୍ୱାସ୍ଥ୍ୟକର୍ମୀମାନେ ଲୋକମାନଙ୍କୁ ସଚେତନ କରାଇବା ସହ ଘରେ, ଛାତ ଉପରେ କିମ୍ବା ଆଖପାଖରେ ଜମି ରହୁଥିବା ପାଣି ନିଷ୍କାସନ କରିବା, ମଶା ବଂଶବୃଦ୍ଧି ଉତ୍ସଗୁଡିକୁ ଧ୍ୱଂସ କରିବା ଏବଂ ମଶାରୀ ଟାଣି ଶୋଇବାକୁ ପରାମର୍ଶ ଦେଇଛନ୍ତି। ବିଭିନ୍ନ ସ୍ଥାନରେ ମଶା ତେଲ ସିଚନ, ଘାସ କାଟିବା ଆଦି ଆଣ୍ଟି ଲାର୍ଭା କାର୍ଯ୍ୟ ମଧ୍ୟ କରାଯାଇଛି।



ଘାସ କାଟିବା, ମଶା ତେଲ ସିଚନ କରିବା ଆଦି କାର୍ଯ୍ୟରେ ୧୫୦ ଜଣ କର୍ମଚାରୀଙ୍କ ସହ ୭୦ଜଣ ଆଉଟ ସୋର୍ସିଂ କର୍ମୀଙ୍କୁ ସାମିଲ କରାଯାଇଛି। ୩୦ ଜଣ ଡେଙ୍ଗୁ ସ୍ୱେଚ୍ଛାସେବୀ ଘର ଘର ବୁଲି ଲୋକମାନଙ୍କୁ ସଚେତନ କରାଉଛନ୍ତି। ବିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ମଧ୍ୟ ଡେଙ୍ଗୁ ସଚେତନତା ସୃଷ୍ଟି କରାଯାଉଛି। ଏହା ବ୍ୟତୀତ ୩୦ ଜଣ ଡେଙ୍ଗୁ ସ୍ୱେଚ୍ଛାସେବୀ ଘରକୁ ଘର ବୁଲି ଲୋକମାନଙ୍କୁ ଡେଙ୍ଗୁରୋଗର ସମ୍ବେଦନଶୀଳତା ଏବଂ ମଶାବଂଶ ବୃଦ୍ଧି ସମ୍ପର୍କରେ ସଚେତନ କରାଉଛନ୍ତି। ଏଥିରେ ସମସ୍ତ କର୍ପୋରେଟର, ଆବାସିକ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ମାର୍କେଟ ଆସୋସିଏସନ, ହୋଟେଲ, ରେଷ୍ଟୋରାଁ, ବସ୍ତି ବାସିନ୍ଦା ସଂଘ, ଭେଣ୍ଡିଂ ଜୋନ୍ ଆସୋସିଏସନ ସାମିଲ ହୋଇଛନ୍ତି। ସମସ୍ତ ସରକାରୀ କାର୍ଯ୍ୟାଳୟ, ସରକାରୀ କ୍ୱାର୍ଟର, ବ୍ୟବସାୟୀକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ଓ ଶିଳ୍ପାଞ୍ଚଳ, ଇଡକୋ ଆଦି ଅଞ୍ଚଳରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଉଛି। ନିୟମିତ ଭାବେ ମଶା ତେଲ ସିଚନ କରିବା, ମଶା ଅଣ୍ଡା ଦେଉଥିବା ସ୍ଥାନ ବା ଉତ୍ସଗୁଡିକୁ ନଷ୍ଟ ଆଦି କାର୍ଯ୍ୟ ଜାରି ରହିଛି। ଯେଉଁ ଅଞ୍ଚଳରୁ ଡେଙ୍ଗୁରୋଗୀ ଚିହ୍ନଟ ହେଉଛନ୍ତି। ସେ ଅଞ୍ଚଳରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଗତ ବର୍ଷ ଅଗଷ୍ଟ ୭ ତାରିଖ ସୁଦ୍ଧା ୩ ଶହରୁ ଅଧିକ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିଲେ। ମାତ୍ର ଚଳିତ ବର୍ଷ ୨୧୮ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି ବୋଲି ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

# ଆସ୍ଥା ହରାଉଛି ପୁଲିସ ବ୍ୟବସ୍ଥା

## ନ୍ୟାୟ ନ ପାଇ ଜଣଙ୍କ ପରେ ଜଣେ ଛାତ୍ରୀଙ୍କ ଆତ୍ମାହୁତି

ଭୁବନେଶ୍ୱର,୭।୮(ସମିସ): ଲୋକଙ୍କୁ ନ୍ୟାୟ ଦେବାରେ ଓଡ଼ିଶା ପୁଲିସ ବିଫଳ ହୋଇଛି। ସାଧାରଣ ଲୋକଙ୍କ ଭରସା ପୁଲିସ ଉପରୁ ତୁଟି ଯାଉଛି । ରାଜ୍ୟରେ ଘଟୁଥିବା ଗୋଟିକ ପରେ ଗୋଟିଏ ଅଘଟଣରେ ପୁଲିସର ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବାଲେଶ୍ୱର, ବଳଙ୍ଗା ଏବଂ ପଟ୍ଟାମୁଣ୍ଡାଇ ଘଟଣାରେ ପୁଲିସର ଭୂମିକା ସାଧାରଣ ଲୋକଙ୍କ ପାଇଁ ଅବୁଝା ହୋଇରହିଛି। ଜଣକ ପରେ ଜଣେ ଛାତ୍ରୀ ନିଆଁରେ ଜଳିବା ଘଟଣା ପୁଲିସକୁ ସାଧାରଣରେ ନିନ୍ଦିତ କରିଛି। ଯୁବତୀ, ଛାତ୍ରୀ ବା ମହିଳା ନ୍ୟାୟ ପାଉ ନ ଥିବାବେଳେ ଅଭିଯୋଗ କରିବାକୁ ଯାଉଥିବା ଲୋକ ମଧ୍ୟ ଥାନାରେ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହୋଇଛି। ପୁଲିସ ନାମରେ ଅନେକ ଅଭିଯୋଗ ଆସୁଥିଲେ ହେଁ ବିଭାଗର ମାନବାଧିକାର ସୁରକ୍ଷାପ୍ରକୋଷ୍ଠ କୋମାରେ ।

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଠିଆପଡ଼ା ଗାଁରେ ଜଣେ ଯୁକ୍ତ ତିନି ଶେଷବର୍ଷର ଛାତ୍ରୀ ନିଜ ଘରେ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣାରେ ମୃତ ଛାତ୍ରୀଙ୍କ ପିତା ଘଟଣାକୁ ନେଇ ସିଧାସିଧା ପୁଲିସ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଛାତ୍ରୀଙ୍କ ପ୍ରେମିକ ତାଙ୍କୁ ଅଶ୍ଳୀଳ ଭିଡିଓ ଓ ଫଟୋ ରଖି ବ୍ଲାକମେଲ୍ କରୁଥିଲେ ଓ ସେ ନେଇ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ

■ ଅଭିଯୋଗ କରିବାକୁ ଯାଉଥିବା ବ୍ୟକ୍ତିଙ୍କୁ ମିଳୁଛି ନିର୍ଯାତନା
■ ପୁଲିସ ବିଭାଗର ମାନବାଧିକାର ସୁରକ୍ଷା ସେଲକୁ ଗହନ ନିଦ

ମଧ୍ୟ କରିଥିଲେ; କିନ୍ତୁ ୬ମାସ ଧରି ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା ଓଲଟା ଅଭିଯୁକ୍ତଙ୍କ ମୋବାଇଲ ନମ୍ବର ବ୍ଲକ କରି ଦେବାକୁ ପରାମର୍ଶ ଦେଇଥିଲା। ପୁଲିସ ସମ୍ପୃକ୍ତ ଯୁବକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ ହୁଏତ ତାଙ୍କ ଝିଅ ଆତ୍ମଦାହ କରି ନ ଥାନ୍ତା ବୋଲି ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ ରାଜ୍ୟରେ ମହିଳାଙ୍କ ସୁରକ୍ଷା ଓ ପୁଲିସର ଭୂମିକା ସଂକ୍ରାନ୍ତରେ ଏକ ଗମ୍ଭୀର ଛବି ଉପସ୍ଥାପନ କରିଛି।

ରାଜ୍ୟର ତିନି ଥାନାରୁ ଆସିଥିବା ତିନୋଟି ଦୃଶ୍ୟ ପୁଲିସର ଅମାନବିକତାକୁ ପଦାରେ ପକାଇଛି। ଯାଜପୁର ବାଲିଚନ୍ଦ୍ରପୁର ଥାନାରେ ରବୀନ୍ଦ୍ର ମଲ୍ଲିକ ନାମକ ଯୁବକଙ୍କୁ ଥାନା ଅଧିକାରୀ ନିସ୍ତୁକ ମାଡ଼ ମାରି ଆହତ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଯୁବକ ଜଣଙ୍କୁ କଟକ ବଡ଼ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଜଗତସିଂହପୁର ବିରିଡ଼ି ଥାନା ଅଧିକାରୀଙ୍କ ନାଁରେ ମଧ୍ୟ ସମାନ ଅଭିଯୋଗ ସାମ୍ନାକୁ ଆସିଛି। ଏକ ଗୋଷ୍ଠୀ କନ୍ଦଳ ମାମଲାରେ ପୁଲିସ ପାର୍ଥସାରଥୀ ଦାସ ନାମକ ଯୁବକଙ୍କୁ ଉଠାଇ ନେଇ ଥାନା ଭିତରେ ଅମାନୁଷିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି । ଜୁଲାଇ ୨୫ ତାରିଖର ଏହି ଘଟଣା ଏବେ ମାନବାଧିକାର କମିସନଙ୍କ ନିକଟରେ ପହଞ୍ଚିଛି ଓ ଥାନା ଅଧିକାରୀଙ୍କୁ ନୋଟିସ ଜାରି ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନାରେ ପୁଲିସ ତ ସୀମା ଟପିଛି। ଜଣଙ୍କ ନାଁରେ ୱାରେଣ୍ଟ ଥିବା ବେଳେ ତାଙ୍କ ବଦଳରେ ଜଣେ ପ୍ରଧାନ ଶିକ୍ଷକଙ୍କୁ ନେଇ ଅପରାଧୀ ଭଳି ବ୍ୟବହାର କରିଛି ପୁଲିସ। ଥାନାରେ ୩ ଘଣ୍ଟା ଅଟକ ରଖିବା ପରେ ଭୁଲ ଜାଣି ମାଗି ଛାଡିଛି।

ଲୋକଙ୍କୁ ସୁରକ୍ଷା ପ୍ରଦାନ ସହ ନ୍ୟାୟ ପ୍ରଦାନ ଦାୟିତ୍ୱ ପୁଲିସ ଉପରେ ନ୍ୟସ୍ତ। ମାତ୍ର ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ପରିବର୍ତ୍ତେ ଏଭଳି ବ୍ୟବହାର ପୁଲିସର ଛବିକୁ ଖରାପ କରୁଛି। ପୁଲିସର ଅପାରଗତା ଓ ଦାୟିତ୍ୱହୀନତା ଯୋଗୁ ସରକାରଙ୍କୁ ଅପବାଦ ମୁଣ୍ଡାଇବାକୁ ପଡ଼ିଥିଲେ ମଧ୍ୟ ବିଗତ ବର୍ଷକ ମଧ୍ୟରେ ଆଇନଶୃଙ୍ଖଳା ସହ ଜଡ଼ିତ କୌଣସି ବି ଘଟଣାରେ ପୁଲିସକୁ ଉତ୍ତରଦାୟୀ କରିବା ତ ଦୂରର କଥା ସାମାନ୍ୟ କାର୍ଯ୍ୟାନୁଷ୍ଠାନ ନେବାରେ ସକ୍ଷମ ହୋଇପାରିନାହାନ୍ତି।

**ଗୁଣି ସନ୍ଦେହରେ ମାରି ପୋତିଦେବା ଘଟଣା**

## ମାଟି ଖୋଳି ଶବ ଉଦ୍ଧାର; ୯ ଗିରଫ

ମୋହନା, ୭।୮ (ସମିସ): ଗୁଣି ସନ୍ଦେହରେ ଯୁବକଙ୍କୁ ହତ୍ୟା କରି ଜଙ୍ଗଲରେ ପୋତିଦେଲେ। ଗଜପତି ଜିଲ୍ଲା ମୋହନା ଥାନା କୁସୁମପୁର ଗାଁରୁ ଏଭଳି ଏକ ଅଭିଯୋଗ ଆସିଛି। ମୃତକ ହେଲେ, ଜିରାଙ୍ଗ ପଞ୍ଚାୟତ କମଳାପୁର ଗାଁର କରୁଣାକର ଦଳାଇ। ପୁଲିସ୍ ଆଜି ମାଟି ଖୋଳି ତାଙ୍କ ଶବ ଉଦ୍ଧାର କରିବା ସହ ଏହି ଘଟଣାରେ ୯ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, କୁସୁମପୁର ଗ୍ରାମର ଲକ୍ଷ୍ମଣ ମଳିକ, କିଶୋର ମଳିକ, ବନମାଳୀ ମଳିକ, ମୋହନ ମଳିକ, କାଳିଆ ମଳିକ, ସନ୍ତୋଷ ମଳିକ, ଚୈତନ୍ୟ ମଳିକ, ତୁମ୍ବନାଥ ମଳିକ ଏବଂ ଦାମୋଦର ମଳିକ। ଆସନ୍ତାକାଲି ସେମାନଙ୍କୁ କୋର୍ଟଚାଲାଣ କରାଯିବ। ଏହି ହତ୍ୟାକାଣ୍ଡରେ ଆଉ କିଛି ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି, ସେମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛନ୍ତି।

ସୂଚନାନୁଯାୟୀ, କରୁଣାକର ୮ମାସ ହେଲା କୁସୁମପୁର ଗାଁରେ ରହି ଲୋକଙ୍କୁ ଚେରମୂଳି ଔଷଧ ଦେଉଥିଲେ। କିଛିଦିନ ତଳେ ଗାଁର ନିରଞ୍ଜନ ମଳିକଙ୍କ ୧୧ ବର୍ଷର ନାବାଳକ ପୁଅକୁ କୁକୁର କାମୁଡ଼ିଥିଲା। କରୁଣାକର ନାବାଳକଜଣଙ୍କୁ ଚେରମୂଳି ଔଷଧ ଦେଇଥିଲେ। କିନ୍ତୁ ପରେ ନାବାଳକର ମୃତ୍ୟୁ ହୋଇଯାଇଥିଲା। ଏଥିପାଇଁ ଗାଁ ଲୋକେ କରୁଣାକରଙ୍କୁ ଦାୟୀ କରିବା ସହ ସେ ହିଁ ଗୁଣି କରି ନାବାଳକକୁ ମାରିଦେଇଥିବା ସନ୍ଦେହ କରିଥିଲେ। ତେଣୁ ସେମାନେ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ।

ଗତ ଜୁଲାଇ ୨୮ ତାରିଖରେ କିଛି ଗାଁ ଲୋକେ କରୁଣାକର ରହୁଥିବା ଗାଁ ପାଖ କୁଡ଼ିଆରୁ ତାଙ୍କୁ ଉଠାଇ ଆଣି ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ରରେ ୨ ଦିନ ରଖି ହାତଗୋଡ଼ ବାନ୍ଧି ମାଡ଼ ମାରିଥିଲେ। ପରେ ତାଙ୍କୁ ହତ୍ୟା କରି ଗାଁ ପାଖ ଜଙ୍ଗଲରେ ପୋତି ଦେଇଥିଲେ। କରୁଣାକରଙ୍କ ଭାଉଜ ସବିତା ମଳିକ ଏନେଇ ମୋହନା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ମାଜିଷ୍ଟ୍ରେଟ୍ ତଥା ମୋହନା ତହସିଲଦାର ଚକ୍ରଧର ପାତ୍ରୀଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କ ଦ୍ୱାରା ଚିହ୍ନଟ ମୃତଦେହ ପୋତା ଯାଇଥିବା ସ୍ଥାନରୁ ମାଟି ଖୋଳି ଉଦ୍ଧାର କରିଥିଲା। ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଯାଇଥିବା ବେଳେ ହତ୍ୟାରେ ବ୍ୟବହୃତ କାଠଫାଳିଆ ଏବଂ ମୃତଦେହ ପୋତିବାକୁ ବ୍ୟବହୃତ ଦୁଇଟି ଶାବଳ ଏବଂ କୋଡ଼ିକୁ ପୁଲିସ ଜବତ କରିଛି।

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା**

## ଦୁଇ ଜଣଙ୍କୁ ରିମାଣ୍ଡରେ ନେବ କ୍ରାଇମବ୍ରାଞ୍ଚ

କଟକ, ୭।୮ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେଉଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଗିରଫ ଦୁଇ ଅଭିଯୁକ୍ତ ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଓ ଶିକ୍ଷକ ନେତା ବିଜୟ କୁମାର ମିଶ୍ରଙ୍କୁ କ୍ରାଇମବ୍ରାଞ୍ଚ ଦୁଇ ଦିନିଆ ରିମାଣ୍ଡରେ ନେବ। ଏହି ଦୁଇଜଣଙ୍କୁ ୪ଦିନିଆ ରିମାଣ୍ଡରେ ନେବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ କଟକ ଜେଏମଏଫସି-୩ ଅଦାଲତରେ ଆବେଦନ କରାଯାଇଥିଲା। ତେବେ ଅଦାଲତ ଆସନ୍ତା ୧୧ ଓ ୧୨ ତାରିଖ ଦୁଇଦିନ ରିମାଣ୍ଡ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ରିମାଣ୍ଡ ବେଳେ କ୍ରାଇମବ୍ରାଞ୍ଚ ଉଭୟଙ୍କୁ ସାମ୍ନାସାମ୍ନି ଜେରା କରିବ ବୋଲି ସୂଚନା ମିଳିଛି। ଏଥିରୁ ଅଧିକ ତଥ୍ୟ ମିଳିପାରିବ ବୋଲି କୁହାଯାଉଛି। ଜିତନ ହିଁ ପ୍ରଥମ ବ୍ୟକ୍ତି, ଯିଏ ବୋର୍ଡ ଉପସଭାପତି ନୀହାର ମହାନ୍ତିଙ୍କ ଲାପଟପ୍‌ରୁ ପେନଡ୍ରାଇଭ୍ ଜରିଆରେ ପ୍ରଶ୍ନପତ୍ର ନେଇ ରାଜ୍ୟ କ୍ୟାଡର୍ ଶିକ୍ଷକ ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଜୟ ମିଶ୍ରଙ୍କୁ ଦେଇଥିଲେ। ସେହିପରି ଜିତନଙ୍କୁ ଫୋନ ପେ ଜରିଆରେ ୨ଲକ୍ଷ୫୦ହଜାର ଦେଇଥିଲେ ବିଜୟ। ଉଭୟଙ୍କ ଆର୍ଥିକ କାରବାରକୁ ତର୍ଜମା କରି ପ୍ରଥମେ ସେମାନଙ୍କୁ ରିମାଣ୍ଡରେ ନେବାକୁ କ୍ରାଇମବ୍ରାଞ୍ଚ ଆବେଦନ କରିଥିଲା। ତେବେ, ଉପସଭାପତି ନୀହାର ମହାନ୍ତିଙ୍କୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ନେବା ପାଇଁ ଆବେଦନ ନ କରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ସଦ୍ୟତମ ଉଦାହରଣ: ବିଜେଡି

ଭୁବନେଶ୍ୱର,୭।୮(ସମିସ): ବୁଧବାର ପଟ୍ଟାମୁଣ୍ଡାଇ ସଦର ଥାନା ଅନ୍ତର୍ଗତ ଜଣେ ଯୁକ୍ତ ୩ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ସଦ୍ୟତମ ଉଦାହରଣ। ରାଜ୍ୟରେ ନାରୀମାନଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମହିଳାଙ୍କ ସୁରକ୍ଷା ବର୍ତ୍ତମାନ ବିପନ୍ନ ହୋଇ ପଡ଼ିଥିବା ବେଳେ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଉଦ୍‌ବେଗଜନକ ହୋଇ ପଡିଛି ବୋଲି ବିଜେଡି କହିଛି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ତଥା ବିଧାୟକ ପ୍ରତାପ ଦେବ କହିଥିଲେ ଯେ ପୀଡ଼ିତା ଛାତ୍ରୀଜଣକ ଜଣେ ଯୁବକ ଦ୍ୱାରା ଲଗାତାର ଭାବେ ବ୍ଲାକ୍‌ମେଲିଂର ଶିକାର ହେଉଥିଲେ। ତାଙ୍କ ବାପାଙ୍କ କହିବା ଅନୁଯାୟୀ, ସ୍ଥାନୀୟ ପୁଲିସ ତାଙ୍କ ଅଭିଯୋଗ ଗ୍ରହଣ କରି ନ ଥିଲା, ଯେଉଁଥିପାଇଁ ସେ ବାଧ୍ୟହୋଇ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ। ପୁଲିସର ସ୍ଥାଣୁତା ପାଇଁ ଗୋଟିଏ ମୂଲ୍ୟବାନ ଜୀବନ ଚାଲିଗଲା। ପୀଡ଼ିତାଙ୍କ ବାପାଙ୍କ ମନ୍ତବ୍ୟ ଅନୁଯାୟୀ, ଗତକାଲି ଏହି ଘଟଣା ଘଟିବା ପରେ ସେ ସ୍ଥାନୀୟ ପୁଲିସ ଥାନାକୁ ସୂଚନା ଦେଇଥିଲେ। କିନ୍ତୁ ସେ ସୂଚନା ଦେବାର ଚାରି ଘଣ୍ଟା ପରେ ପୁଲିସ ତାଙ୍କ ଘରେ ପହଞ୍ଚି ଥିଲା। ଏଥିରୁ ସ୍ପଷ୍ଟ ଯେ କେନ୍ଦ୍ରାପଡା ଜିଲ୍ଲାରେ ଓ ସମଗ୍ର ଓଡ଼ିଶାରେ



ପୁଲିସ ପ୍ରଶାସନ ସ୍ଥାଣୁ ପାଲଟି ଯାଇଛି। ଯେଉଁଥିପାଇଁ ମହିଳାମାନଙ୍କ ବିରୋଧରେ ନିର୍ଯାତନା ଅହେତୁକ ବୃଦ୍ଧି ପାଇଛି ବୋଲି ଶ୍ରୀ ଦେବ ଅଭିଯୋଗ କରିଛନ୍ତି।

ସେ ଆହୁରି ମଧ୍ୟ କହିଥିଲେ ଯେ କେବଳ ଜଣେ ପୁଲିସ ଅଧିକାରୀକୁ ବଦଳି କରିଦେଲେ ବା ନିଲମ୍ବନ କରିଦେଲେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାଯାଇ ପାରିବ ନାହିଁ। ରାଜ୍ୟରେ ଗତ ତିନି ମାସର ଅପରାଧ ରେକର୍ଡ ଦେଖିଲେ ମହିଳାଙ୍କ ବିରୋଧରେ ଅପରାଧ ଓ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା

■ ପୁଲିସ ପ୍ରଶାସନ ସ୍ଥାଣୁ, ମହିଳା ନିର୍ଯାତନା ବୃଦ୍ଧି ପାଉଛି
■ ଘଟଣାର ତଦନ୍ତ ଭାର ତୁରନ୍ତ କ୍ରାଇମବ୍ରାଞ୍ଚକୁ ଦିଆଯାଉ

ସ୍ପଷ୍ଟ ହେଉଛି। ବିଜେଡି ପକ୍ଷରୁ ଏହା ବିରୋଧରେ ବାରମ୍ବାର ସ୍ୱର ଉତ୍ତୋଳନ କରାଯାଇ ଆସୁଥିଲେ ମଧ୍ୟ ସରକାର ଦୋଷୀମାନଙ୍କ ବିରୋଧରେ ସେପରି କୌଣସି ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି।

ବିଧାୟକ ଧ୍ରୁବ ଚରଣ ସାହୁ କହିଥିଲେ ଯେ ଘଟଣାଟି ତାଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କାଠିଆପଡା ଗ୍ରାମରେ ଘଟିଥିବାରୁ ସେ ଗତକାଲି ଘଟଣାସ୍ଥଳକୁ ଯାଇଥିଲେ। ପୀଡ଼ିତାଙ୍କ ବାପାଙ୍କ ଅନୁଯାୟୀ, ପ୍ରାୟ ଛଅ ମାସ ତଳେ ସେ ଝିଅକୁ ବ୍ଲାକ୍‌ମେଲ କରୁଥିବା ଯୁବକ ବିଷୟରେ ଅଭିଯୋଗ କରିବା ପାଇଁ ସ୍ଥାନୀୟ ଥାନାକୁ ଯାଇଥିଲେ। ପୁଲିସ ଅଧିକାରୀ ତାଙ୍କୁ ଯୁବକ ଜଣଙ୍କର ନମ୍ବରକୁ ବ୍ଲକ କରିବା ସହିତ ସେ ପଠାଇଥିବା ଅଶ୍ଳୀଳ ଫଟୋକୁ ଡିଲିଟ୍ କରିବାକୁ ଉପଦେଶ ଦେଇ ଥାନାରୁ ବିଦା କରିଦେଇଥିଲେ। ପରବର୍ତ୍ତୀ ସମୟରେ ସେହି ଯୁବକର ଦୌରାତ୍ମ୍ୟ ଆହୁରି ବୃଦ୍ଧି ପାଇଥିଲା, ଯାହା ଯୋଗୁଁ ଝିଅ ଏଭଳି ଚରମ ନିଷ୍ପତ୍ତି ନେଇଥିଲା। ଏଭଳି ସମ୍ବେଦନଶୀଳ ଘଟଣାରେ ପୁଲିସ କାର୍ଯ୍ୟାନୁଷ୍ଠାନ ନ ନେବା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତିକୁ ଦର୍ଶାଉଛି। ତେଣୁ ଏହି ଘଟଣାର ତଦନ୍ତ ଭାର ରାଜ୍ୟ ସରକାର ତୁରନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରନ୍ତୁ ବୋଲି ଶ୍ରୀ ସାହୁ କହିଥିଲେ।

**ଯନ୍ତରମନ୍ତରରେ ସର୍ବଭାରତୀୟ ଇପିଏସ୍-୯୫-ଏନ୍ଏସି କାର୍ଯ୍ୟକ୍ରମ**

## ଯୋଗଦେଲେ ଉତ୍କଳ ଇପିଏଫ୍ ପେନ୍ସନର୍ସ ଆସୋସିଏସନ୍‌ର କର୍ମକର୍ତ୍ତା



ଭୁବନେଶ୍ୱର,୭।୮(ସମିସ): ସାରା ଦେଶରେ ପ୍ରାୟ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଓ ଓଡ଼ିଶାରେ ପ୍ରାୟ ୩ଲକ୍ଷ ଇପିଏଫ୍ ପେନ୍ସନ୍‌ଭୋଗୀଙ୍କ ମଧ୍ୟରୁ ଅନ୍ୟୂନ ୩୦ ପ୍ରତିଶତ ଅତ୍ୟନ୍ତ କମ୍ ପେନ୍ସନ ପାଉଛନ୍ତି। ୨୦୧୪ ମସିହାରେ ସର୍ବନିମ୍ନ ପେନ୍ସନ୍ ୧୦୦୦ ଟଙ୍କାରୁ ଆଉ ବୃଦ୍ଧି କରାଯାଇ ନାହିଁ। ବିଭିନ୍ନ ସମୟରେ ଏହାକୁ ଅନ୍ୟୂନ ୯୦୦୦ ଟଙ୍କା ଓ ମହଙ୍ଗା ଭତ୍ତା ସହିତ ଯୋଡ଼ିବା ପାଇଁ ଦାବି କରାଯାଉଛି। ଏହି ଦାବିରେ ଗତ ୪ ଓ ୫ ତାରିଖ ଦୁଇ ଦିନ ବ୍ୟାପୀ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ସାରାଦେଶରୁ ହଜାର ହଜାର ସଂଖ୍ୟାରେ ପେନ୍ସନ୍‌ଭୋଗୀ ଯୋଗ ଦେଇଥିଲେ। ଆନ୍ଦୋଳନ କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ଇପିଏଫ୍ ପେନ୍ସନର୍ସ ଆସୋସିଏସନ୍‌ର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ସଭାରେ ପୌରୋହିତ୍ୟ କରି ଇପିଏସ୍-୯୫-ଏନ୍ଏସିର ସର୍ବଭାରତୀୟ ସଭାପତି କମାଣ୍ଡର ଅଶୋକ ରାଉତ, ଇପିଏଫ୍ ପେନ୍ସନ୍‌ଭୋଗୀଙ୍କ ନ୍ୟାଯ୍ୟ ଦାବିକୁ ଗ୍ରହଣ କରିବାକୁ ସରକାରଙ୍କଠାରେ ଦୃଢ଼ ଦାବି ଉପସ୍ଥାପନ ରଖିଥିଲେ। ବିଭିନ୍ନ ରାଜନୈତିକ ଦଳର ପ୍ରାୟ ୨୨ଜଣ ସାଂସଦ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ବକ୍ତବ୍ୟ ରଖିଥିଲେ। ସଭାରେ ସମସ୍ତ ରାଜ୍ୟର ସଭାପତିମାନେ ବକ୍ତବ୍ୟ ରଖି ଦାବି ପୂରଣ ପାଇଁ ଯୁକ୍ତି ରଖିଥିଲେ। ଓଡ଼ିଶାରୁ ସଭାପତି ସଞ୍ଜୟ ରଥ ନିଜର ମତ ଉପସ୍ଥାପନ କରି କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ମାୟାଧର ମଲ୍ଲିକ, ସାଂଗଠନିକ ସମ୍ପାଦକ କେ ସି ସୁବୁଦ୍ଧି, ଉପସଭାପତି ପ୍ରଶାନ୍ତ ଶତପଥୀ, ପ୍ରସନ୍ନ ସାମନ୍ତରାୟ, ଅଶ୍ୱିନୀ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ**

## ଦିନକରେ ୧୦ ଗାଡ଼ି ଜବତ, ୧୯୫ ଚାଲାଣ ଜାରି

କଟକ,୭।୮(ସମିସ): ମାଲବାହୀ ଗାଡ଼ିରେ ବେଆଇନ ଭାବରେ ଯାତ୍ରୀ ପରିବହନ ବିରୋଧରେ ରାଜ୍ୟ ପରିବହନ ପ୍ରାଧିକରଣ(ଏସଟିଏ) ପକ୍ଷରୁ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ପାଇଁ ସମସ୍ତ ଆରଟିଓ, ଅତିରିକ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ଏହି କ୍ରମରେ ଆରଟିଓ ମାନେ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ କଡ଼ାକଡ଼ି ଯାଞ୍ଚ କରିଛନ୍ତି । ପ୍ରଥମ ଦିନରେ ଅସୁରକ୍ଷିତ ଭାବରେ ଯାତ୍ରୀ ପରିବହନ କରୁଥିବା ୧୦ ମାଲବାହୀ ଗାଡ଼ିକୁ ଜବତ କରାଯାଇଛି ଓ ୧୯୫ ଚାଲାଣ କରି ହୋଇଥିବା ଏସଟିଏ ପକ୍ଷରୁ ସୂଚନା ଦିଆଯାଇଛି। ବାଲେଶ୍ୱର ଆରଟିଓଙ୍କ ଦ୍ୱାରା ସର୍ବାଧିକ ୨୪ ଚାଲାଣ ଜାରି ହୋଇଥିବା ବେଳେ ଚଣ୍ଡିଖୋଲ ଆରଟିଓଙ୍କ ଦ୍ୱାରା ୧୫, କଟକ ଆରଟିଓଙ୍କ ଦ୍ୱାରା ୧୪, ମୟୂରଭଞ୍ଜ ଆରଟିଓଙ୍କ ଦ୍ୱାରା ୧୩, ଗଞ୍ଜାମ ଆରଟିଓଙ୍କ ଦ୍ୱାରା ୧୨, ଢେଙ୍କାନାଳ ଆରଟିଓଙ୍କ ଦ୍ୱାରା ୧୧, ଖୋର୍ଦ୍ଧା ଏଆରଟିଓଙ୍କ ଦ୍ୱାରା ୧୦, ଭୁବନେଶ୍ୱର-୨ରେ ୮, ଭୁବନେଶ୍ୱର- ୧ ରେ ୫ଟି ଚାଲାଣ ଜାରି ହୋଇଛି। ସେହିଭଳି ଯାଜପୁର ଓ ଚଣ୍ଡିଖୋଲ ଆରଟିଓ, ଭଞ୍ଜନଗର ଏଆରଟିଓଙ୍କ ଦ୍ୱାରା ଦୁଇଟି ଲେଖାଏଁ ଗାଡ଼ି ଜବତ କରାଯାଇଛି। ଭୁବନେଶ୍ୱର-୨, ନବରଙ୍ଗପୁର, କଳାହାଣ୍ଡି ଓ ବଡ଼ବିଲ ଏଆରଟିଓଙ୍କ ଦ୍ୱାରା ଗୋଟିଏ ଲେଖାଏଁ ଗାଡ଼ି ଜବତ କରାଯାଇଛି।

ମୋଟର ଯାନ ଆଇନ ଅନୁଯାୟୀ ମାଲବାହୀ ଗାଡ଼ି ଯାତ୍ରୀ ପରିବହନ କରିବା ବେଆଇନ। ଅନେକ ସମୟରେ ଏଭଳି ବେଆଇନ ଏବଂ ବିପଦପୂର୍ଣ୍ଣ ଭାବରେ ଅନେକ ମାଲବାହୀ ଗାଡ଼ି ଅସୁରକ୍ଷିତ ଭାବରେ ଯାତ୍ରୀମାନଙ୍କୁ ନେଉଥିବାର ଅଭିଯୋଗ ଆସୁଛି। ଯାହା ଦୁର୍ଘଟଣାର କାରଣ ମଧ୍ୟ ହେଉଛି। ତେଣୁ ଏହା ବିରୋଧରେ କଡ଼ା ଏନଫୋର୍ସମେଣ୍ଟ କରିବା ପାଇଁ ସମସ୍ତ ଆରଟିଓ ଏବଂ ଏଆରଟିଓଙ୍କୁ ପରିବହନ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ କେବଳ ଏଥିରେ ସୀମିତ ରହିବ ନାହିଁ। ଆଗକୁ ସଡ଼କ ଦୁର୍ଘଟଣାର ଅନ୍ୟ ପ୍ରମୁଖ କାରଣ ଯେପରିକି ଦ୍ରୁତଗତି, ମଦ୍ୟପାନ କରି ଗାଡ଼ିଚାଳନା ବିରୋଧରେ ମଧ୍ୟ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ କରାଯିବ। ଯେଉଁ ଆରଟିଓ ଅଧିନରେ ଯେଉଁ କାରଣ ପାଇଁ ଅଧିକ ଦୁର୍ଘଟଣା ହେଉଥିବ ସେମାନେ ତାର ବିଶ୍ଳେଷଣ କରି ସେହି ଆଧାରରେ ଏନଫୋର୍ସମେଣ୍ଟକୁ କଡ଼ାକଡ଼ି କରିବେ।

**ସୌମ୍ୟାଶ୍ରୀ ଆତ୍ମଦାହ ଘଟଣା**

## ୩ ସୁରକ୍ଷା କର୍ମୀଙ୍କୁ ଜେରା

ବାଲେଶ୍ୱର, ୭।୮(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ କ୍ରାଇମବ୍ରାଞ୍ଚର ତଦନ୍ତ ଜାରି ରହିଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ଇମାମ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛନ୍ତି। କଲେଜର ଛାତ୍ରଛାତ୍ରୀ, କର୍ମଚାରୀ ଓ ଆଇସିସି ସଦସ୍ୟ ତଦନ୍ତ ପରିସରଭୁକ୍ତ ହୋଇଛନ୍ତି। ତଦନ୍ତ ପ୍ରକ୍ରିୟାର ଅଗ୍ରଗତି ନେଇ କ୍ରାଇମବ୍ରାଞ୍ଚ ଏସ୍‌ପି ଅନିରୁଦ୍ଧ ରାଉତରାୟ ବାଲେଶ୍ୱରରେ ଡେରା ପକାଇଛନ୍ତି। ଆଜି ସେ କଲେଜର ୩ଜଣ ସୁରକ୍ଷା କର୍ମୀଙ୍କୁ ଡକାଇ ପଚରାଉଚରା କରିଛନ୍ତି। କଲେଜର ପ୍ରଥମ ଗେଟ୍‌ରେ କାର୍ଯ୍ୟରତ ସୁରକ୍ଷା କର୍ମୀଙ୍କୁ ମାରାଥନ୍ ଜେରା କରାଯାଇଥିଲା। ଘଟଣା ଦିନ କେତେବେଳେ ସେ କାର୍ଯ୍ୟରେ ଯୋଗ ଦେଇଥିଲେ ଏବଂ ସୌମ୍ୟାଶ୍ରୀ କେଉଁ ସମୟରେ କଲେଜ କ୍ୟାମ୍ପସକୁ ପଶିଥିଲେ, ଛାତ୍ରୀଙ୍କ ସାଙ୍ଗରେ ଆଉ କିଏକିଏ ଥିଲେ, ଏପରିକି କେତେଜଣ ଅଣଛାତ୍ର ଥିଲେ ଏବଂ ସବୁ ଛାତ୍ରମାନେ ୟୁନିଫର୍ମରେ ନା ସାଦା ପୋଷାକରେ ରହିଥିଲେ; ଏହି ସବୁଦିଗକୁ ନେଇ ସୁରକ୍ଷା କର୍ମୀଙ୍କୁ ପଚରାଉଚରା କରାଯାଇଥିଲା। ଏଥିସହ ଅଧ୍ୟକ୍ଷଙ୍କ ଚାମ୍ବର୍ ଓ କ୍ୟାମ୍ପସରେ ଡ୍ୟୁଟି କରୁଥିବା ସୁରକ୍ଷା କର୍ମୀଙ୍କୁ ମଧ୍ୟ ଏସ୍‌ପି ଜେରା କରିଥିଲେ।

## ପରଲୋକରେ ଖଣ୍ଡପଡ଼ା ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ



ଖଣ୍ଡପଡ଼ା, ୭।୮ (ସମିସ): ପୂର୍ବତନ ଉପବାଚସ୍ପତି, ପୂର୍ବତନ ମନ୍ତ୍ରୀ ଏବଂ ଖଣ୍ଡପଡ଼ାର ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ (୭୦)ଙ୍କ ପରଲୋକ ଘଟିଛି। ଦୀର୍ଘ ଦିନ ଧରି ସେ ଅସୁସ୍ଥ ଥିଲେ। ବୁଧବାର ରାତି ପ୍ରାୟ ସାଢ଼େ ୧୨ଟାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ତଥା ରାଣୀ ଦେବକୀ ଦେବୀ କୁମାରୀ, ପୁଅ ଯୁବରାଜ ତଥା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଓ ପ୍ରଭାତୀ ପରିଡ଼ା, ବାଚସ୍ପତି ସୁରମା ପାଢ଼ୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସମେତ ବିଭିନ୍ନ ଦଳର ନେତା ଗଭୀର ଶୋକ ପ୍ରକାଶ କରିଛନ୍ତି।

**ଶୋକବ୍ୟକ୍ତ କଲେ ମୋହନ-ନବୀନ**

ଗୁରୁବାର ସକାଳେ ତାଙ୍କ ପାର୍ଥିବ ଶରୀରକୁ ବିଧାନସଭା ପରିସରକୁ ଅଣାଯାଇଥିବା ବେଳେ ସେଠାରେ ଗାର୍ଡ-ଅଫ୍-ଅନର୍ ଦିଆଯାଇଥିଲା। ପରେ ତାଙ୍କ ପାର୍ଥିବ ଶରୀରକୁ ଅନ୍ତିମ ସଂସ୍କାର ପାଇଁ ଖଣ୍ଡପଡ଼ାକୁ ଅଣାଯାଇଥିଲା। ଫତେଗଡ଼ଠାରୁ ଖଣ୍ଡପଡ଼ା ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମ, ବଜାର, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶୁଭେଚ୍ଛୁମାନେ ସ୍ୱର୍ଗତ ମର୍ଦ୍ଦରାଜଙ୍କ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ ସହ ଅନ୍ତିମ ଦର୍ଶନ କରିଥିଲେ।

୧୯୫୫ ଜାନୁଆରୀ ୪ରେ ଜନ୍ମିତ ସ୍ୱର୍ଗତ ମର୍ଦ୍ଦରାଜ ୧୯୮୦ରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଥମଥର ପାଇଁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ୧୯୮୫ ଏବଂ ୧୯୯୫ରେ କଂଗ୍ରେସ ପ୍ରାର୍ଥୀ ଭାବେ ପୁନଃ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୬ରେ ସେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ ଏବଂ ୪ବର୍ଷ ପାଇଁ ଏହି ପଦବୀରେ ରହିଥିଲେ।

■ **+୨ ସ୍ୱଟ୍ ନାମଲେଖା**

## ଚୟନ ହେଲେ ୨୫,୪୩୪ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୭।୮(ସମିସ): ଯୁକ୍ତ ଦୁଇ ସ୍ୱଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇଛି। ସମୁଦାୟ ୪୩,୪୧୧ ଜଣ ଛାତ୍ରଛାତ୍ରୀ ସ୍ୱଟ୍ ନାମଲେଖା ପାଇଁ ଆବେଦନ କରିଥିବାବେଳେ ୨୫,୪୩୪ ଜଣ ମେଧାବୀଙ୍କୁ ନାମଲେଖା ପାଇଁ ଚୟନ କରାଯାଇଛି। ତନ୍ମଧ୍ୟରୁ କଳାରେ ସର୍ବାଧିକ ୧୪,୮୨୪ ଜଣ ପିଲା ଥିବାବେଳେ ବିଜ୍ଞାନରେ ୬୯୩୮, ବାଣିଜ୍ୟରେ ୨୫୭୮, ସଂସ୍କୃତରେ ୩୧୦ ଓ ଧନ୍ଦାମୂଳକ ଶିକ୍ଷା ପାଇଁ ୭୮୪ ଜଣ ପିଲା ଚୟନ ହୋଇଛନ୍ତି। ସେହିପରି ସମୁଦାୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧୨,୪୫୪ ଜଣ ଛାତ୍ର ଥିବାବେଳେ ୧୨,୯୮୦ ଜଣ ଛାତ୍ରୀ ରହିଛନ୍ତି। ଚୟନ ହୋଇଥିବା ପିଲାମାନେ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଠାରୁ ୧୬ ତାରିଖ ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମଲେଖାଇ ପାରିବେ।

ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟ ଦୁଇଟି ରାଉଣ୍ଡ ପରେ ୩ଲକ୍ଷ ୭୧ହଜାର ୨୦୭ ଜଣ ପିଲା ନାମଲେଖାଇଛନ୍ତି। ମୋଟ୍ ୫ଲକ୍ଷ ୭୨ହଜାର ୭୧୫ଟି ସିଟ୍ ଥିବାବେଳେ ଆଉ ୨ଲକ୍ଷ ୧ହଜାର ୫୦୮ ସିଟ୍ ଫାଙ୍କା ରହିଛି। ସ୍ୱଟ୍ ନାମଲେଖା ପାଇଁ ଚୟନ ହୋଇଥିବା ସମସ୍ତ ପିଲା ନାମ ଲେଖାଇଲେ ମଧ୍ୟ ଦେଢ଼ ଲକ୍ଷରୁ ଅଧିକ ସିଟ୍ ଫାଙ୍କା ରହିବ।

## ରାଉରକେଲାରେ ଚୋରା ବନ୍ଧୁକ କାରବାର ରାକେଟ୍

ରାଉରକେଲା,୭।୮(ସମିସ): ରାଉରକେଲା ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଆଜି ଏକ ବନ୍ଧୁକ କାରବାର ରାକେଟ୍‌ର ପର୍ଦ୍ଦାଫାସ୍ କରିବା ସହ ମାଷ୍ଟରମାଇଣ୍ଡକୁ ଗିରଫ କରିଛି। ସେ ହେଲା, ରାଜେଶ ସାହୁ(୨୫)। ସ୍ଥାନୀୟ

■ ମାଷ୍ଟରମାଇଣ୍ଡ ଗିରଫ
■ ୧୦ ବନ୍ଧୁକ, ୭ ମାଗାଜିନ ଜବତ

ରେଲ୍‌ୱେ କଲୋନୀର ରିମଝିମ ବସ୍ତିରେ ରହୁଥିବା ବେଳେ ତା'ର ପ୍ରକୃତ ଘର ବିହାର ମୁଙ୍ଗେର ଜିଲ୍ଲାର ଆସରଗଂଜ ଥାନା ମାସୁମଗଂଜ ଗାଁରେ ବୋଲି ସୂଚନା ମିଳିଛି। ତା' ପାଖରୁ ପୁଲିସ୍ ୧୦ଟି ଦେଶୀ ବନ୍ଧୁକ ସହ ୫ଟି ୮ ଏମ୍.ଏମ୍ ଓ ଗୋଟିଏ ୭.୬୫ ଏମ୍.ଏମ୍ ଗୁଳି ଓ ୭ଟି ମାଗାଜିନ ଜବତ କରିଛି।

ରାଜେଶ ରାଉରକେଲା ଷ୍ଟେସନ୍ ନିକଟ ଗାନ୍ଧୀରୋଡ୍ ଅଞ୍ଚଳରେ ଏକ ବ୍ୟାଗ୍‌ରେ ମାରଣାସ୍ତ୍ର ଧରି ଗ୍ରାହକ ଅନ୍ୱେଷଣରେ ଥିଲା। ଖବର ପାଇ ଏସପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଜୋନାଲ୍ ଡିଏସ୍‌ପି ଅମରେନ୍ଦ୍ର ନାଥ ଷଣ୍ଢଙ୍କ



ତତ୍ତ୍ୱାବଧାନରେ ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ବୀଭତ୍ସ ପ୍ରଧାନ, ସବ୍‌ଇନ୍ସପେକ୍ଟର ସିଦ୍ଧାର୍ଥ ବେହେରା, ସବଇନ୍ସପେକ୍ଟର ସୁବ୍ରତ ପଣ୍ଡା, ଦୀପୁନ ଦଳେଇ ସଦଳବଳେ ଚଢ଼ଉ କରି ଅଭିଯୁକ୍ତକୁ କାବୁ କରିଥିଲେ। ତା' ନିକଟରୁ ଉପରୋକ୍ତ ମାରଣାସ୍ତ୍ର ଜବତ କରାଯାଇଥିବା ଗୁରୁବାର ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି। ରାଜେଶ ଜଣେ ପେସାଦାର ବନ୍ଧୁକ ଚାଲାଣକାରୀ। ସେ ବିହାର, ଝାଡ଼ଖଣ୍ଡ ସମେତ ଅନ୍ୟାନ୍ୟ ରାଜ୍ୟରୁ ଦେଶୀ ବନ୍ଧୁକ ଆଣି ରାଉରକେଲାର ବିଭିନ୍ନ ଅସାମାଜିକ ଯୁବକଙ୍କୁ ବିକ୍ରି କରୁଥିଲା। ଏହି ଦେଶୀ ବନ୍ଧୁକଗୁଡ଼ିକୁ ତାର କ୍ଷମତା ଅନୁସାରେ ୮ ହଜାରରୁ ୧୮ ହଜାର ଟଙ୍କାରେ ବିକ୍ରି କରୁଥିଲା ବୋଲି ଏସ୍‌ପି କହିଛନ୍ତି। ଗତ ୨୦୨୫ ଅକ୍ଟୋବରରୁ ଏହି ଗ୍ୟାଙ୍ଗ୍ ଉପରେ ପୁଲିସ ନଜର ରଖିବା ସହ ବେଆଇନ ଅସ୍ତ୍ରଶସ୍ତ୍ର ଉପରେ ଚଢ଼ଉ ଜାରି ରଖିଥିଲା। ଆଜି ୧୦ଟି ଚୋରା ପିସ୍ତଲ ଜବତ ହୋଇଥିବା ବେଳେ ଅକ୍ଟୋବରରୁ ଆଜି ପର୍ଯ୍ୟନ୍ତ ମୋଟ ୨୭ଟି ବେଆଇନ ବନ୍ଧୁକ ଜବତ କରାଯାଇଛି। ଏ ବାବଦରେ ୧୩ଟି ମାମଲା ରୁଜୁ ହୋଇଥିବା ବେଳେ ୫୨ ଜଣଙ୍କୁ ପୁଲିସ୍ ଗିରଫ କରିଛି ବୋଲି ଏସ୍‌ପି କହିଛନ୍ତି।


**TPWODL**

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**TN.TPWODL/TP/O/SITC/2500001039 Date. 07.08.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following package :

**2 Year RC for SITC of 2 KVA UPS Along with Other Accessories.**

Interested bidders are to submit Tender Participation Fee and Authorization Letter through email on or before **18th August 2025, 18:00Hrs,** after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head-Contracts & Procurement**

# ସମ୍ପାଦକୀୟ



ଆମେ ସଂଯୋଗର ସେତୁ ତୁଳନାରେ ଅଧିକ ବିଭାଜନର କାନ୍ଥ ନିର୍ମାଣ କରିଚାଲିଛୁ।
-ଆଇଜାକ୍ ନିଉଟନ୍

ସକାଳ
THE SAKALA

## ସଂସଦରେ 'ସାର୍'

ବିହାରରେ ଆସନ୍ନ ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭୋଟର ତାଲିକା ସଂଶୋଧନ ପାଇଁ ଜୁନ୍ ୨୫ ତାରିଖରୁ ଯେଉଁ ସ୍ୱତନ୍ତ୍ର ଅଭିଯାନ(ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍-ସାର) ଆରମ୍ଭ ହୋଇଥିଲା ତାହା ଗତ ଜୁଲାଇ ୨୫ ତାରିଖରେ ସମାପ୍ତ ହୋଇଛି। ସଂଶୋଧିତ ଭୋଟର ତାଲିକାରୁ ପ୍ରାୟ ୬୫ ଲକ୍ଷ ଭୋଟର ବାଦ୍ ପଡ଼ିଥିବା ଜଣାପଡ଼ିଛି। ସମସ୍ତ ନକଲି, ଦ୍ୱୈତ ଓ ଭୂତ ଭୋଟରମାନଙ୍କୁ ବାଦ୍ ଦିଆଯାଇଥିବା ନିର୍ବାଚନ ଆୟୋଗ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଛି। ଅପରପକ୍ଷରେ ଅନେକ ବୈଧ ଭୋଟର ନିର୍ବାଚନ ଆୟୋଗଙ୍କ ଦ୍ୱାରା ଲୋଡ଼ା ଯାଇଥିବା ପର୍ଯ୍ୟାପ୍ତ ପ୍ରମାଣପତ୍ର ସୀମିତ ସମୟ ଭିତରେ ଦାଖଲ କରିପାରିନଥିବାରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏ ସମ୍ପର୍କରେ ନିର୍ବାଚନ ଆୟୋଗଙ୍କୁ ରିପୋର୍ଟ ତଲବ କରିଛନ୍ତି। ପ୍ରସଙ୍ଗର ଜଟିଳତା ଦୃଷ୍ଟିରୁ ଆଗାମୀ ଦିନରେ ଏହା ଆହୁରି ସମସ୍ୟା ସୃଷ୍ଟି କରିପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

'ସାର'ର ପ୍ରଭାବ ସବୁଠାରୁ ଅଧିକ ଅନୁଭୂତ ହୋଇଛି ଦେଶର ସଂସଦ ଉପରେ। ମୌସୁମୀ ଅଧିବେଶନ ଆରମ୍ଭରୁ 'ସାର'କୁ ନେଇ ଉଭୟ ଗୃହରେ ହଟ୍ଟଗୋଳ ଲାଗି ରହିଥିବା ବେଳେ କେବଳ 'ଅପରେସନ୍ ସିନ୍ଦୂର' ବିତର୍କକୁ ବାଦ୍ ଦେଇ ଗୃହରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇପାରିନାହିଁ କି ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରୁନାହିଁ। ବିରୋଧୀ ଏହି ପ୍ରସଙ୍ଗରେ ଆଲୋଚନା ଦାବି କରୁଥିବା ବେଳେ ସରକାରୀ କଳ ମଧ୍ୟ ନିଜ ଜିଦ୍‌ରେ ଅଟଳ ରହିଛି। ଏଭଳି ଅସ୍ୱାଭାବିକ ସ୍ଥିତିରେ କିନ୍ତୁ କେତେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ବିନା ଆଲୋଚନା ଓ ବିତର୍କରେ ଉପସ୍ଥାପିତ ଓ ପାରିତ ହୋଇଯାଉଛି। ସଂସଦୀୟ ଗଣତନ୍ତ୍ରରେ ଏହା ଏକ ଅବାଞ୍ଛିତ ଅଧ୍ୟାୟ ସୃଷ୍ଟି କରିଛି।

ଆମେ ପୂର୍ବରୁ ମଧ୍ୟ ଏହି ସ୍ତମ୍ଭରେ ଉଲ୍ଲେଖ କରିଥିଲୁ ଯେ ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ କରିବା ପାଇଁ ଭୋଟର ତାଲିକା ତ୍ରୁଟିଶୂନ୍ୟ ହେବା ସ୍ୱାଗତଯୋଗ୍ୟ। କିନ୍ତୁ ଏହି ସ୍ୱତନ୍ତ୍ର ସଂଶୋଧନ ଅଭିଯାନ ପାଇଁ ଯେଉଁ ସମୟ ସୀମା ଧାର୍ଯ୍ୟ କରାଯାଇଥିଲା ତାହା ଯଥେଷ୍ଟ ନଥିଲା। ବିହାର ଭଳି ଏକ ଅବିକଶିତ ତଥା ଜନବହୁଳ ରାଜ୍ୟରେ ଦୁର୍ଗମ ଅଞ୍ଚଳର ଅପାଠୁଆ ଲୋକମାନେ 'ସାର'ରେ ଅଧିକ କ୍ଷତିଗ୍ରସ୍ତ ହେବେ ଏବଂ ବୈଧ ଭୋଟରମାନେ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ହରାଇପାରନ୍ତି ବୋଲି ଆମେ ଆଶଙ୍କା କରିଥିଲୁ। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ସେହି ଆଶଙ୍କା କେତେକାଂଶରେ ସତ ହୋଇଥିବା ଅଭିଯୋଗ ଆସୁଛି। ତେବେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୀଠରେ ଏହି ମାମଲା ବିଚାରାଧୀନ ଥିବାରୁ ଏବଂ ନିର୍ବାଚନ ଆୟୋଗ ଅଦାଲତରେ ଏ ସମ୍ପର୍କରେ ସ୍ପଷ୍ଟୀକରଣ ରଖିବାକୁ ଯାଉଥିବାରୁ ଆମେ ନିଜସ୍ୱ ମତ ଦେବା ଅନୁଚିତ ହେବ।

ସମ୍ପ୍ରତି 'ସାର'କୁ ନେଇ ସଂସଦରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଉପରେ କିଛିଟା ଆଲୋଚନା କରିବା। ସଂସଦ ସମ୍ପୂର୍ଣ୍ଣ ରୂପେ ନୀତି ନିର୍ଦ୍ଧାରକଙ୍କ ସ୍ୱାଧିକାର କ୍ଷେତ୍ର ହୋଇଥିବାରୁ ଆମେ ସେମାନଙ୍କୁ ଗୃହ ମଧ୍ୟସ୍ଥ କାର୍ଯ୍ୟଧାରା ଓ ଆଚରଣରେ ଉଚିତ/ଅନୁଚିତର ପାଠ ପଢ଼ାଇବା ଧୃଷ୍ଟତା ହେବ। କିନ୍ତୁ ସେମାନଙ୍କୁ ଯେଉଁ ଭୋଟରମାନେ ସେମାନଙ୍କ ପ୍ରତିନିଧି ଭାବେ ନୀତି ନିର୍ଦ୍ଧାରଣ ପାଇଁ ଭୋଟ ଦେଇ ସଂସଦକୁ ପଠାଇଛନ୍ତି ସେମାନଙ୍କ ପ୍ରତି ବା ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀ ପ୍ରତି ଯେ କେତେକ ଉତ୍ତରଦାୟିତ୍ୱ ରହିଛି, ତାହାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। ତେଣୁ ସଂସଦୀୟ କାର୍ଯ୍ୟକ୍ରମ ବ୍ୟାହତ ହେଲେ କିମ୍ବା ଦୀର୍ଘସମୟ ଧରି ଅଚଳ ହେଲେ କିମ୍ବା ବାରମ୍ବାର ହଟ୍ଟଗୋଳ ହେଲେ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ସଚେତନ ନାଗରିକଙ୍କ ମନରେ କେତେକ ବିରୋଧାଭାସ ସୃଷ୍ଟି ହେବା ସ୍ୱାଭାବିକ।

ଜନତାଜନାର୍ଦ୍ଦନଙ୍କ ଦୃଷ୍ଟିକୋଣରୁ ଯେତେଦୂର ମନେ ହୁଏ ବିରୋଧୀ ଦଳର ନ୍ୟାଯ୍ୟ ଦାବିକୁ ଶାସକ ଦଳ ଯଦି ଉଦ୍ଦେଶ୍ୟମୂଳକ ଭାବେ ଏଡ଼ାଇ ଚାଲନ୍ତି ତେବେ ଗୃହରେ ଅଚଳାବସ୍ଥା ସୃଷ୍ଟି ହେବ। ଅପରପକ୍ଷରେ ଯଦି କେବଳ ବିରୋଧ ଆଳରେ ହଟ୍ଟଗୋଳ ସୃଷ୍ଟି ଉଦ୍ୟମ ହୁଏ ତେବେ ସରକାରୀ ଦଳକୁ ଉତ୍ତରଦାୟୀ କରିବାର ସୁଯୋଗ ମଉଳି ଯିବ। ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ସରକାରୀ ଦଳରୁ ମିଳିପାରିବ ନାହିଁ। ଆଲୋଚନା ନ ହୋଇ ଅନେକ ଗୁରୁତ୍ୱପୂର୍ଣ୍ଣ ବିଧେୟକପାରିତ ହୋଇଯିବ। ସଂସଦ ଅଚଳ ହେଲେ ମଧ୍ୟ ଅମଲାତନ୍ତ୍ରକୁ ଆରାମ କରିବାର ସୁଯୋଗ ମିଳୁଛି ବୋଲି କେତେକ ନୀତିନିର୍ଦ୍ଧାରକଙ୍କ ମତ ମଧ୍ୟ ଗ୍ରହଣଯୋଗ୍ୟ। ଏହାଦ୍ୱାରା ରାଜକୋଷୀୟ ଅପଚୟ ମଧ୍ୟ ଚିନ୍ତାଜନକ।

ବିଧାନପାଳିକା ଅଚଳ ହେଲେ ଶାସକ ଓ ବିରୋଧୀ ତୁଳନାରେ ଗଣତନ୍ତ୍ର ହିଁ ଅଧିକ କ୍ଷତିଗ୍ରସ୍ତ ହୁଏ। ଜଣେ ଜଣେ ଜନପ୍ରତିନିଧି ଲକ୍ଷଲକ୍ଷ ଲୋକଙ୍କ ପ୍ରତିନିଧିତ୍ୱ କରନ୍ତି। ବିଧାନପାଳିକା ହେଉଛି ଗଣତନ୍ତ୍ରକୁ ସଚଳ ଓ କାର୍ଯ୍ୟକ୍ଷମ କରୁଥିବା ଏକ କ୍ଷେତ୍ର। ଯଦି ତାହା ଅଚଳ ହୋଇଯାଏ ତେବେ ଗଣତାନ୍ତ୍ରିକ ବ୍ୟବସ୍ଥା ହିଁ ଅଚଳ ହୋଇପଡ଼ିବ ବୋଲି ଧରାଯିବ। ବିଧାନପାଳିକାରେ କେହି ଶତ୍ରୁ କିମ୍ବା ମିତ୍ର ନୁହନ୍ତି। ସମସ୍ତେ ଜନାଦେଶ ବଳରେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ଅଞ୍ଚଳକୁ ଦେଶର ଗଣତନ୍ତ୍ର ପାଇଁ ପ୍ରତିନିଧିତ୍ୱ କରୁଛନ୍ତି। ଦଳଗତ ଓ ଆଦର୍ଶଗତ ଦୃଷ୍ଟିରୁ ବିରୋଧାଭାସ ଥାଇପାରେ। କିନ୍ତୁ ତାହା ଆକ୍ରୋଶର ରୂପ ନେବା ଗଣତନ୍ତ୍ର ପାଇଁ ହିତକର ନୁହେଁ।

ଏବେ ସଂସଦ ଭିତରେ ଯାହା ଘଟୁଛି ତାହା ସାରାବିଶ୍ୱର ଲୋକ ଦେଖୁଛନ୍ତି। ସାମ୍ବାଦିକମାନେ କିଛି ଗଠନମୂଳକ ଆଲୋଚନାକୁ ଲିପିବଦ୍ଧ କରିବାକୁ ସକାଳୁ ରାତି ଯାଏଁ ଚାହିଁବସୁଛନ୍ତି। ଦେଶର ଯୁବପିଢ଼ି ନୀତି ନିର୍ଦ୍ଧାରକମାନଙ୍କଠାରୁ ପ୍ରେରଣାଦାୟୀ ବକ୍ତୃତା, ତର୍କ, ବିତର୍କ ଶୁଣିବା ପାଇଁ ଆଗ୍ରହୀ ହୋଇ ଚାହୁଁଛନ୍ତି। ଏଠାରେ ସଂସଦୀୟ ମନ୍ତ୍ରୀ କିରଣ ରିଜୁଙ୍କ ଏକ ମନ୍ତବ୍ୟକୁ ଉଦ୍ଧାର କରାଯାଇପାରେ - 'ନକାରାତ୍ମକତା ପ୍ରଚାରସର୍ବସ୍ୱ ହୋଇପାରେ ଗଠନମୂଳକ କଦାପି ହୋଇପାରିବ ନାହିଁ।' ଏହା ସମସ୍ତ ନୀତି ନିର୍ଦ୍ଧାରକ ସ୍ମରଣକୁ ଆଣିବା ଉଚିତ।

ଆମେ ଏଠାରେ ଗଣତନ୍ତ୍ରର ଏକ ଦାୟିତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ଉଲ୍ଲେଖ କରିବା ଉଚିତ ମଣୁଛୁ ଯେ ଦେଶର ଯେକୌଣସି ଅଞ୍ଚଳର ଯେଉଁ ସମସ୍ୟା ହେଉ ତାହା ସଂସଦରେ ଗୁରୁତ୍ୱ ପାଇବା ଦରକାର। ଠିକ୍ ସେହି ସମୟରେ 'ସାର' ଭଳି ଏକ ପ୍ରସଙ୍ଗରେ ଅବଶିଷ୍ଟ ଭାରତର ସମସ୍ୟା ଓ ପ୍ରସଙ୍ଗ ଯେ ଉପେକ୍ଷିତ ହେବା କଥା ନୁହେଁ। ଏ ଦିଗରେ ଉଭୟ ପକ୍ଷ ଧ୍ୟାନ ଦେବାକୁ ଆମର ସଂଭ୍ରମ ଅନୁରୋଧ।

## ଅଦୃଶ୍ୟ ଲେଖକର କଥା ଓ ବ୍ୟଥା

**ରାକେଶ ପଣ୍ଡା**

ଜଣେ ଲେଖକଙ୍କର ବିଭିନ୍ନ ପ୍ରକାରର ଲେଖା ପଢ଼ି ପାଠକ ଆନନ୍ଦ ଲାଭ କରିଥାଏ। ତା'ର ମନ ଓ ହୃଦୟକୁ ସ୍ପର୍ଶ କରୁଥିବା ଲେଖାଟିକୁ ନିକଟରେ ପାଇ ସେ ସ୍ୱାଭାବିକ ଭାବରେ ଆତ୍ମବିଭୋର ହୋଇପଡ଼େ। ଏଥିସହ ଉକ୍ତ ଲେଖାର ସୃଷ୍ଟି କର୍ତ୍ତା ବା ଲେଖକଟିକୁ ମଧ୍ୟ ସେ ହୃଦୟରୁ ଭଲପାଇ ବସେ। ଅନେକ ଶୁଭେଚ୍ଛା, ଶୁଭକାମନା ଓ ଆଶୀର୍ବାଦ ଅଜାଡ଼ି ଦିଏ। କିନ୍ତୁ ପାଠକର ଅଜାଣତରେ ବେଳେବେଳେ ଏମିତି ଘଟିଥାଏ ଯେ ଉକ୍ତ ଲେଖାଟିର ଲେଖକ ବୋଲାଉ ଥିବା ଅବା ପରିଚୟ ପାଇଥିବା ବ୍ୟକ୍ତି ଜଣଙ୍କ ତା'ର ପ୍ରକୃତ ସ୍ରଷ୍ଟା ହୋଇ ନଥା'ନ୍ତି! ଏହାଛଡ଼ା ଅନେକ ସମୟରେ ବଡ଼ ବଡ଼ ମଞ୍ଚ ଉପରେ ଏବଂ ଜନବହୁଳ ସାଧାରଣସଭାରେ ମଞ୍ଚାସୀନ ପ୍ରତିଷ୍ଠିତ ଅତିଥିବୃନ୍ଦ ସେଠାରେ ଉପସ୍ଥିତ ଜନତାଙ୍କୁ ପ୍ରଦାନ କରୁଥିବା ଭାଷଣ ମଧ୍ୟ ତାଙ୍କର ନିଜର ଲେଖା ବା ସୃଜନ ହୋଇ ନ ଥାଏ। ଯାହାକି ଜଣେ ଅଦୃଶ୍ୟ ତଥା ଅଜ୍ଞାତ ଲେଖକଙ୍କ ଦ୍ୱାରା ରଚନା କରାଯାଇଥାଏ। ଉକ୍ତ ବିଷୟବସ୍ତୁଟି ସାମାନ୍ୟ ବିତର୍କମୂଳକ ହେଲେ ମଧ୍ୟ ଏହା ଏକ ସଂବେଦନଶୀଳ ବାସ୍ତବତାକୁ ବହନ କରିଥାଏ।

ପୂର୍ବକାଳରେ ବିଶିଷ୍ଟ କବି/ଲେଖକମାନେ ପୃଷ୍ଠପୋଷକତା ଓ ଅନୁଗ୍ରହ ପାଇବା ପାଇଁ ନିଜ ରଚନାକୁ ରାଜାମହାରାଜାଙ୍କ ନାମରେ ଭଣିତା କରୁଥିଲେ, ଯାହା ସେମାନଙ୍କ ଗ୍ରନ୍ଥାବଳୀ ବା ସୃଜନକୃତିରେ ଦେଖିବାକୁ ମିଳେ। ଯୋଗୀ ଅରବିନ୍ଦ ମଧ୍ୟ ଯୁବାବସ୍ଥାରେ ଜନୈକ ରାଜାଙ୍କ ପାଇଁ ପ୍ରଚ୍ଛଦପଟ୍ଟ ଭାବେ ଲେଖୁଥିବା କୁହାଯାଏ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ ଏହି ଧାରା ଏବେ ମଧ୍ୟ ଜାରି ରହିଛି। ଦାରିଦ୍ର୍ୟ, ଅଭାବ ଓ ଅନାହାରରେ ଜୀବନ ବିତାଉଥିବା ମା' ଟିଏ ଯେପରି ନିଜର ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ କିମ୍ବା ଚିକିତ୍ସା ପାଇଁ କେଇଟା ଟଙ୍କା ବିନିମୟରେ ନିଜ ଜନ୍ମିତ ସନ୍ତାନକୁ ଜଣେ ଧନୀଲୋକର ହାତକୁ ଟେକି ଦେଇଥାଏ; ଠିକ୍ ସେହିପରି ନିଜର ଲେଖନୀକୁ ନେଇ ଆର୍ଥିକ ଅନଟନ ମଧ୍ୟରେ ବଞ୍ଚୁଥିବା କେତେ ଜଣ ଅଭାବୀ ଲେଖକ ବେଳେବେଳେ ନିଜର ଲେଖକୀୟ କୃତି ତଥା ମାନସ ସନ୍ତାନକୁ କିଛି ଟଙ୍କା ପାଇଁ ସମାଜର ପ୍ରତିଷ୍ଠିତ ଲୋକଙ୍କ ନାମରେ ଉତ୍ସର୍ଗ କରିଦିଅନ୍ତି। ପରବର୍ତ୍ତୀ ସମୟରେ ସେହି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନାଁରେ ଉକ୍ତ ଲେଖାଟି ପ୍ରକାଶିତ ହୋଇ ସମାଜରେ ପାଠକୀୟ ଆଦୃତି ସହିତ ଏକ ନୂତନ ପରିଚୟ ଲାଭ କରିଥାଏ। ଲେଖାର ସୃଜନରେ ପରିଶ୍ରମ ଓ ସୃଜନଶୀଳତା ଜଣେ ବ୍ୟକ୍ତିଙ୍କର ଥାଏ, କିନ୍ତୁ ପରିଚୟ ଅନ୍ୟ ଜଣେ ମଣିଷର ହୋଇଥାଏ। ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ଆମେରିକୀୟ ଲେଖକ କେଭିନ୍ ଟ୍ରୁଡୋଙ୍କ ଦ୍ୱାରା ରଚିତ ଏକ କାର୍ଯ୍ୟକ୍ରମ 'ୟୋର ୱିସ ଇଜ ୟୋର କମାଣ୍ଡ'ରେ ସେ ପ୍ରକାଶ କରିଛନ୍ତି ଯେ 'ଅତି ଧନୀ ଲୋକ କିମ୍ବା ଲେଖକମାନେ ବହି ଲେଖନ୍ତି ନାହିଁ। ସେମାନେ ଜାଣନ୍ତି ନାହିଁ ଯେ ସେମାନଙ୍କ ନାମରେ ପ୍ରକାଶ ହୋଇଥିବା ପୁସ୍ତକଗୁଡ଼ିକରେ କ'ଣ ଲେଖା ଅଛି। କାରଣ ସେମାନେ ଅଦୃଶ୍ୟ ଲେଖକ(ଘୋଷ୍ଟ ରାଇଟର)ଙ୍କ ଉପରେ ନିର୍ଭର କରନ୍ତି।

କିଛିଦିନ ତଳେ ଗୋଟିଏ ଅଜଣା ଫୋନ ନମ୍ବରରୁ ଜଣେ ଅଚିହ୍ନା ବ୍ୟକ୍ତି ମୋତେ କଲ୍ କରିଥିଲେ ଏବଂ ନିଜର ପରିଚୟ ଜଣେ ନାମୀ ଲୋକ ଭାବରେ ପ୍ରଦାନ କରି କହିଲେ ଯେ, 'ଆପଣଙ୍କ ଲେଖା ଅତି ଉଚ୍ଚକୋଟୀର। ମୋତେ ପଢ଼ିବାକୁ ଭଲ ଲାଗେ। ଆପଣ ୧୦୦୦ ଶବ୍ଦର ଗୋଟିଏ ନିବନ୍ଧ ମୋ ପାଇଁ ଲେଖିବେ କି? ଲେଖାଟି ମୋ ନାମରେ ରହିବ, ଯେଉଁଥିପାଇଁ ମୁଁ ଆପଣଙ୍କୁ ୨୦୦୦ ଟଙ୍କା ଦେବି। ତା'ସହ ଯଦି କେବେ କୌଣସି ବ୍ୟକ୍ତିଗତ କ୍ଷେତ୍ରରେ କିଛି ସହଯୋଗ ଦରକାର ହୁଏ ତେବେ ତାହା ମଧ୍ୟ ମୁଁ କରିବି। ପ୍ରତିଉତ୍ତରରେ ଧନ୍ୟବାଦ ଜ୍ଞାପନ ସହ ମୁଁ ଉକ୍ତ ବ୍ୟକ୍ତି ଜଣଙ୍କୁ କହିଲି, 'ଲେଖିବା ମୋର ପେସା ନୁହେଁ, ନିଶା। ଜୀବନ ବଞ୍ଚିବାର ଭିନ୍ନ କାରଣ ମଧ୍ୟ। ପ୍ରତିଟି ଲେଖାକୁ ମୁଁ ଅନ୍ତରଆତ୍ମାରୁ ଜନ୍ମ ଦିଏ, ଯାହା କି ମୋର ଗୋଟିଏ ସନ୍ତାନ ସଦୃଶ। ଜଣେ ଜନ୍ମଦାତା କିଛି ଟଙ୍କା ଓ ବ୍ୟକ୍ତିଗତ ସ୍ୱାର୍ଥ ତଥା ଲାଭ ପାଇଁ କ'ଣ କେବେ ନିଜର ସନ୍ତାନକୁ ବିକ୍ରି କରିପାରେ କି? ଯେଉଁ ଭାବନା ଆପଣଙ୍କ ମନକୁ ଆଜି ଗ୍ରାସ କରିଛି ତାହା ଗୋଟିଏ ଲେଖକ ପାଇଁ ବଡ଼ ଅପମାନ ଓ ସମାଜ ପାଇଁ ଅପରାଧ। ଯଦି ଲେଖକୀୟ ଦକ୍ଷତା ଓ ସୃଜନଶୀଳତା ଆପଣଙ୍କ ନାହିଁ, ତେବେ ଲେଖକ ହେବା ନିମନ୍ତେ ଆପଣ କିପରି ଚିନ୍ତା କରୁଛନ୍ତି ଏବଂ କିପରି ଏହାର ବ୍ୟବସାୟୀକରଣ କରୁଛନ୍ତି?' ଏହାପରେ ଉକ୍ତ ବିଷୟକୁ ନେଇ ମୁଁ କିଛି ପ୍ରତିଷ୍ଠିତ ସମୀକ୍ଷକ ଓ ଲେଖକଙ୍କଠାରୁ ଘଟଣା ସମ୍ବନ୍ଧରେ ଆହୁରି ଅଧିକ ଜାଣିବା ନିମନ୍ତେ ପ୍ରୟାସ କଲି। ମୁଁ ଜାଣିପାରିଲି ଯେ ବାସ୍ତବରେ ଜଣେ ଲେଖକର ସୃଜନଶୀଳତା ଓ ଲେଖକୀୟ ସୃଷ୍ଟିର କିଣା-ବିକା ହେଉଛି। ଯେଉଁଥିପାଇଁ, ସମାଜରେ ଏକ ଅଦୃଶ୍ୟ ବଜାର ମଧ୍ୟ କାର୍ଯ୍ୟ କରୁଛି। କିଛିତଥ୍ୟ ଅନୁସାରେ, ଏହି ଧାରା ପ୍ରାୟତଃ ୧୮୦୦ ଦଶକର ଶେଷ ଭାଗରୁ ଚାଲିଆସୁଛି। ଆଜିକାଲି ଏହି ଲେଖକମାନଙ୍କୁ ସାଧାରଣତଃ ଆଜିର ସମାଜର କ୍ଷମତାଧାରୀ ଓ ପ୍ରତିଷ୍ଠିତ ବ୍ୟକ୍ତିମାନେ ନିଯୁକ୍ତି ଦିଅନ୍ତି, ଯେଉଁମାନଙ୍କ ପାଖରେ ନିଜର ପୁସ୍ତକ, ପ୍ରବନ୍ଧ କିମ୍ବା ଭାଷଣ ପ୍ରସ୍ତୁତ କରିବା ପାଇଁ ସମୟ କିମ୍ବା ଦକ୍ଷତାର ଅଭାବ ରହିଥାଏ। ତେବେ ନିଜର ଭାବନାକୁ ଶବ୍ଦରେ ରୂପାନ୍ତରିତ କରିବାର ଯନ୍ତ୍ରଣା, ଉଦ୍ୟମ ଓ ପରିଶ୍ରମକୁ ଜଣେ ଲେଖକ ହିସାବରେ ମୁଁ ଅତି ଗଭୀରତାର ସହ ବୁଝିଥାଏ। ଯେଉଁ ଲେଖକଟି କିଛି ଟଙ୍କା ପାଇଁ ନିଜର ଲେଖାକୁ ବିକ୍ରି କରିଦିଏ, ତା'ର ଅନ୍ତରରେ ସୃଷ୍ଟି ହେଉଥିବା ଉକ୍ତ ବେଦନା ଓ ପରିସ୍ଥିତି କଥା ଚିନ୍ତା କରି ମୋ ଆଖିରୁ ଦୁଇ ଧାର ଲୁହ ଖସି ଆସିଲା। ତେବେ ନୈତିକତା ଆଧାରରେ ଏହି ବିଷୟବସ୍ତୁ ତଥା କାର୍ଯ୍ୟକଳାପ କେତେ ଯଥାର୍ଥ, ତାହା ମୋ ମନର ପ୍ରଶ୍ନଘେର ମଧ୍ୟରେ ଆଲୋଡ଼ନ ସୃଷ୍ଟି କରୁଛି।

ଏହି ପରିପ୍ରେକ୍ଷୀରେ, ଆଜିର ସମୟରେ ଲେଖନୀକୁ ପେସା ଭାବରେ ଗ୍ରହଣ କରିଥିବା ଲେଖକମାନଙ୍କୁ ଯଦି ତାଙ୍କର ସଠିକ ପାରିଶ୍ରମିକ ମିଳିବାର କିଛି ସରକାରୀ ଓ ବେସରକାରୀ ବନ୍ଦୋବସ୍ତ କରାଯା'ନ୍ତା, ତେବେ ଉକ୍ତ ଅଜ୍ଞାତ ଓ ଅଦୃଶ୍ୟ ଲେଖକଟି ପରଦା ପଛର ନାୟକ ଭାବରେ ରହିଯାଇ ନିଜର ପରିଚୟକୁ ସୁପ୍ତ ରଖନ୍ତା ନାହିଁ। ଏକ ସାମାଜିକ ପରିଚୟ ସହ ପାଠକମାନଙ୍କର ଭଲପାଇବାକୁ ସେ ସିଧାସଳଖ ଭାବରେ ଲାଭ କରିପାରନ୍ତା। ଏତଦ୍‌ବ୍ୟତୀତ, ଆଜିର କ୍ଷମତାଧାରୀ ଓ ପ୍ରତିଷ୍ଠିତ ବ୍ୟକ୍ତି, ଯେଉଁମାନେ କି ଅନ୍ୟର ଲେଖାକୁ ଅର୍ଥ ଓ କ୍ଷମତାରେ କ୍ରୟ କରି ନିଜର ନାମ ସହ ପ୍ରକାଶିତ କରିବାକୁ ରୁଚି ରଖନ୍ତି, ସେମାନେ ନିଜ ମନ, ହୃଦୟ ଓ ଚିନ୍ତାଧାରାକୁ ସାମାନ୍ୟ ବଡ଼ କରି ନିଃସ୍ୱାର୍ଥପର ଭାବରେ ଅଭାବୀ ଲେଖକଟିଏକୁ କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ଜରୁରୀ। ଲେଖକଟିର କଲମ ଚାଳନାକୁ ସହଯୋଗ ଓ ତ୍ୱରାନ୍ୱିତ କରିବା ପୂର୍ବକ ତା'ର ହାତଲେଖାଗୁଡ଼ିକୁ ପୁସ୍ତକ ଆକାରରେ ପ୍ରକାଶିତ କରି ଲୋକଲୋଚନକୁ ଆଣିବା ନିମନ୍ତେ ପ୍ରୟାସ କରିବା ଉଚିତ। ଏହା ଏକ ଶିକ୍ଷିତ, ସମନ୍ୱିତ ଓ ସୁସ୍ଥ ସମାଜ ଗଠନ ଦିଗରେ ବଡ଼ କାରକ ସାଜିବ ବୋଲି ଅନୁମାନ କରାଯାଏ।

ବନ୍ଦାଲୋ(କଟକ), ମୋ: ୯୩୩୭୮୯୭୬୫୦

## ବ୍ୟବସ୍ଥା ଓ ବିଶ୍ୱାସ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଗତିଶୀଳ ଜୀବନର ଭିଡ଼ ଭିତରେ ଅନେକ ଅପ୍ରତ୍ୟାଶିତ ଘଟଣା ସାଧାରଣ ହେବାରେ ଲାଗିଛି। ଧାର୍ମିକ ସମାବେଶରେ, ଟ୍ରେନ୍ ଚଢ଼ିବା ସମୟରେ, ଆଉ କେତେବେଳେ ଦେବାଳୟରେ। ଏହା ପରିତାପର ବିଷୟ ଯେ ଏହି ଘଟଣାଗୁଡ଼ିକରୁ କୌଣସି ଶିକ୍ଷା ନିଆଯାଉନାହିଁ। ପ୍ରତ୍ୟେକ ଥର ପୁଙ୍ଖାନୁପୁଙ୍ଖ ତଦନ୍ତ, କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଭବିଷ୍ୟତରେ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ଦାବି କରାଯାଏ। କିନ୍ତୁ ଫଳାଫଳ ଶୁନ୍। ହରିଦ୍ୱାରର ପ୍ରସିଦ୍ଧ ମନସା ଦେବୀ ମନ୍ଦିରରେ ୨୭ ଜୁଲାଇର ଘଟଣା ଦୁଃଖଦ। ଘଟଣାସ୍ଥଳରେ ୮ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ପ୍ରାୟ ୩୦ ଜଣ ଆହତ ହୋଇଥିଲେ। ତା' ପରଦିନ ଉତ୍ତରପ୍ରଦେଶର ବାରବାଙ୍କି ଜିଲ୍ଲାର ଆବାଶନେଶ୍ୱର ମନ୍ଦିରରେ ସମାନ ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଲା। ମନେହୁଏ ଦଳାଚକଟାର ଏକ କ୍ରମ ଆରମ୍ଭ ହୋଇଛି ଏବଂ ବ୍ୟବସ୍ଥାଗତ ତ୍ରୁଟି ସଜାଡ଼ି ହୋଇପାରୁନାହିଁ।

ହରିଦ୍ୱାରର ଘଟଣା ପ୍ରଥମ ନଥିଲା। ପୂର୍ବରୁ ୧୯୮୬ କୁମ୍ଭମେଳାରେ ଦଳାଚକଟାରେ ପ୍ରାୟ ୨୦୦ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୧ ମସିହାରେ ହର କି ପେଢ଼ିରେ ୨୦ ଜଣ, ଶାନ୍ତିକୁଞ୍ଜର ଏକ କାର୍ଯ୍ୟକ୍ରମରେ ୨୦ ଜଣଙ୍କ ମୃତ୍ୟୁ ଘଟିବା ସହିତ ୫୦ ଜଣ ଆହତ ହୋଇଥିଲେ। ଏହି ଦୁର୍ଘଟଣାଗୁଡ଼ିକର କାରଣ ପ୍ରାୟ ସମାନ। ମହାକୁମ୍ଭ ପ୍ରୟାଗରାଜର ମୌନୀ ଅମାବାସ୍ୟା ଅବସରରେ ଭକ୍ତଙ୍କ ପ୍ରବଳ ଭିଡ଼ ମଧ୍ୟରେ ଘଟିଥିବା ଦୁର୍ଘଟଣା ଏବଂ ତା'ପରେ ଟ୍ରେନ ବିଳମ୍ବ, ପ୍ଲାଟଫର୍ମରେ ସଂଖ୍ୟାଧିକ ଲୋକଙ୍କ ଯୋଗୁଁ ଦିଲ୍ଲୀ ରେଳ ଷ୍ଟେସନର ଅପ୍ରୀତିକର ଘଟଣା କୁପରିଚାଳନା ଓ ବିଶୃଙ୍ଖଳାକୁ ଇଙ୍ଗିତ କରେ। ଏହା ପରେ ପରେ ବାଙ୍ଗାଲୋର ଆଇପିଏଲ୍ ବିଜୟ ପାଳନ ପାଇଁ ଆୟୋଜିତ କାର୍ଯ୍ୟକ୍ରମର ଦୁର୍ଘଟଣାରେ ସମସ୍ତେ ସ୍ତବ୍ଧ ହେଲେ। ପୂର୍ବରୁ ୨୦୨୪ ମସିହାରେ ଉତ୍ତର ପ୍ରଦେଶର ହାଥରସରେ ଜଣେ ଆତ୍ମ ଘୋଷିତ ବାବାଙ୍କ ସତସଙ୍ଗରେ ଦଳାଚକଟା ଘଟି ୧୨୧ ରୁ ଅଧିକଙ୍କର ମୃତ୍ୟୁ ହୋଇଥିଲା। ୨୦୨୨ ମସିହାରେ ବୈଷ୍ଣୋ ଦେବୀ ମନ୍ଦିରରେ ନୂତନ ବର୍ଷ ଅବସରରେ ୧୨ ଜଣ ଭକ୍ତ ପ୍ରାଣ ହରାଇଥିଲେ। ୨୦୦୮ ମସିହାରେ ହିମାଚଳ ପ୍ରଦେଶର ନୈନା ଦେବୀ ମନ୍ଦିରରେ ପଥର ଧସିବା ଗୁଜବ ଯୋଗୁଁ ଦଳାଚକଟା ହୋଇଥିଲା, ଯେଉଁଥିରେ ୧୬୨ ଜଣଙ୍କର ମୃତ୍ୟୁ ହୋଇଥିଲା। ଚଳିତ ବର୍ଷ ପୁରୀ ରଥଯାତ୍ରା ଭିଡରେ ୩ଜଣ ଶ୍ରଦ୍ଧାଳୁ ଜୀବନ ହାରିଲେ। ସେହିପରି ଜାନୁଆରୀ ୨୦୨୫ ରେ ତିରୁପତି ମନ୍ଦିରର ଟୋକନ୍ ବଣ୍ଟନ କେନ୍ଦ୍ରରେ ହଠାତ୍ ଭିଡ଼ ଜମିଗଲା ଏବଂ ପୁଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ବିଫଳ ହୁଅନ୍ତେ ୬ ଜଣ ପ୍ରାଣ ହରାଇଲେ। ପ୍ରଶ୍ନ ଉଠେ ଟୋକନ୍ ବଣ୍ଟନ ଭଳି ଡିଜିଟାଲ୍ ନିୟନ୍ତ୍ରିତ କାର୍ଯ୍ୟରେ ମଧ୍ୟ ଏତେ ବିଶାଳ ଭିଡ଼ କିପରି ହେଲା?

ଏହି ଘଟଣାଗୁଡ଼ିକ କେବଳ ସଂଖ୍ୟା ନୁହେଁ. ବରଂ ବ୍ୟବସ୍ଥାଗତ ବିଫଳତାର ପ୍ରମାଣ। ପ୍ରଶ୍ନ ହେଉଛି ଏପରି କେତେ ଘଟଣା ପରେ ସଚେତନ ହେବା? ମନସା ଦେବୀ ମନ୍ଦିରରେ ଦଳାଚକଟାର କାରଣ ବିଦ୍ୟୁତ୍ କରେଣ୍ଟ ବ୍ୟାପିବା ଗୁଜବ ବୋଲି କୁହାଯାଉଛି। ପ୍ରଶାସନିକ କର୍ମଚାରୀମାନେ ଏପରି ଆଶଙ୍କାକୁ ପୂର୍ବାନୁମାନ କରିବାରେ ଏତେ ଅସମର୍ଥ କାହିଁକି? ଏପରି ଘଟଣା ଦେଶବ୍ୟାପୀ ଧାର୍ମିକ ସ୍ଥଳ ଏବଂ ସାର୍ବଜନୀନ ସମାବେଶରେ ହୋଇଥିବା ମାରାତ୍ମକ ଦଳାଚକଟାର ଆଉ ଏକ ସଂଖ୍ୟା। ମନ୍ଦିର, ରେଳ ଷ୍ଟେସନ ଓ ମହାକୁମ୍ଭ ଭଳି ସ୍ଥାନରେ ଚଳିତ ବର୍ଷ ଏପର୍ଯ୍ୟନ୍ତ ୮୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି। ଉଲ୍ଲେଖନୀୟ ଯେ ମନସା ଦେବୀ ମନ୍ଦିରର ଅଘଟଣ ଗୁଜବରୁ ସୃଷ୍ଟି ହୋଇନଥିଲା ବରଂ ବର୍ଷ ବର୍ଷର ଅସାବଧାନତା ପରିଣାମ।

ଏହାର ଗୋଟିଏ କାରଣ ସରକାର ଓ ଧାର୍ମିକ ସଂଗଠନଗୁଡ଼ିକ ଯେତେ ଅଧିକ ଭିଡ଼ ଏକାଠି କରିପାରିବେ ସେତେ ବଡ଼ ସଫଳତା ସାଉଁଟିବେ। ଭକ୍ତଙ୍କ ସଂଖ୍ୟା ଲକ୍ଷ ଓ କୋଟିରେ ଗଣନା କରାଯାଏ ଏବଂ ଏହା ଅନୁମାନ କରାଯାଏ ଯେ ବିଶ୍ୱାସ ଯେତେ ବ୍ୟାପକ ହେବ ସେତେ ଅଧିକ ମାନ୍ୟତା ମିଳିବ। ପ୍ରଶାସନ ପ୍ରାୟତଃ ଦାବି କରେ ପର୍ଯ୍ୟାପ୍ତ ବ୍ୟବସ୍ଥା ହୋଇଛି, ସିସି ଟିଭି କ୍ୟାମେରା ଲଗାଛି, ପୁଲିସ ଫୋର୍ସ ନିୟୋଜିତ ହୋଇଛନ୍ତି, ରୁଟ୍ ପ୍ଲାନ୍ ପ୍ରସ୍ତୁତ। ତେବେ ଏତେ ସବୁ ପରେ ଦୁର୍ଘଟଣା ଘଟି ଅନେକ ମୃତାହତ ହୁଅନ୍ତି କାହିଁକି? ବାସ୍ତବତା ହେଉଛି ଅଧିକାଂଶ ଧାର୍ମିକ କାର୍ଯ୍ୟକ୍ରମରେ ଭିଡ଼ର ସଠିକ୍ ପୂର୍ବାନୁମାନ କରାଯାଏ ନାହିଁ। ଆୟୋଜକମାନେ ଭିଡ଼ ବିଷୟରେ କୌଣସି ବୈଜ୍ଞାନିକ ଆକଳନ କରନ୍ତି ନାହିଁ। କୁମ୍ଭ ମେଳା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ।

ଧାର୍ମିକ କାର୍ଯ୍ୟକ୍ରମ, ବିଶେଷ ଅବସରରେ ଲକ୍ଷ ଲକ୍ଷ ଭକ୍ତ ଏକତ୍ରିତ ହୁଅନ୍ତି। ଭିଡ଼ର ଏକାଗ୍ରତା ପ୍ରଶାସନ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରେ। ଯୋଜନାର ଅଭାବ ଯୋଗୁଁ ଏସବୁ ପ୍ରାୟତଃ ଅନିଶ୍ଚିତ ହୋଇଯାଏ। ଏପରିସ୍ଥିତିରେ ଗୁଜବ କିମ୍ବା ଅପ୍ରତ୍ୟାଶିତ ପରିସ୍ଥିତି ଦଳାଚକଟା ଭଳି ଦୁଃଖଦ ଘଟଣା ଘଟାଇଥାଏ। ଗତ ଗୋଟିଏ ବର୍ଷ ମଧ୍ୟରେ ଅନେକ ଦୁର୍ଘଟଣା ପ୍ରମାଣ କରିଛି ଯେ ଆମର ପ୍ରଶାସନିକ ପ୍ରସ୍ତୁତି, ବୈଷୟିକ ବ୍ୟବସ୍ଥା ଅପର୍ଯ୍ୟାପ୍ତ। ପ୍ରକୃତରେ ଅନେକ ଧାର୍ମିକ ସ୍ଥାନରେ ପଥଗୁଡ଼ିକ ବହୁତ ସଂକୀର୍ଣ୍ଣ ଏବଂ ପ୍ରସ୍ଥାନ-ପ୍ରବେଶ ସମାନ ପଥରେ ହୋଇଥାଏ। ଏହା ଅବ୍ୟବସ୍ଥିତ ଭିଡ଼ ସୃଷ୍ଟି କରେ। ପ୍ରଶାସନିକ ସ୍ତରରେ କରାଯାଇଥିବା ଅସମ୍ପୂର୍ଣ୍ଣ ଓ ଯାନ୍ତ୍ରିକ ପ୍ରସ୍ତୁତି ପ୍ରାୟତଃ କାଗଜପତ୍ରରେ ସୀମିତ ରହିଯାଏ।

ଏସବୁ ଏଡ଼ାଇବା ପାଇଁ ଭିଡ଼ ସ୍ଥାନରେ ଏକ ବ୍ୟବହାରିକ ନିୟନ୍ତ୍ରଣ ନୀତି କାର୍ଯ୍ୟକାରୀ କରିବା ଜରୁରୀ। ବାସ୍ତବ-ସମୟ ମନିଟରିଂ ଏବଂ ବୈଷୟିକ ନିରୀକ୍ଷଣ ହେବା ଉଚିତ। ଯେପରି ବିମାନବନ୍ଦର କିମ୍ବା ବଡ଼ ଷ୍ଟାଡିୟମରେ କ୍ୟାମେରା, ସେନ୍ସର ଓ ଏଆଇ ଆଧାରିତ ମନିଟରିଂ ଥାଏ, ଧାର୍ମିକ ସ୍ଥଳରେ ମଧ୍ୟ ସମାନ ବ୍ୟବସ୍ଥା କରାଯିବା ଉଚିତ। ଲୋକଙ୍କ ସଂଖ୍ୟାର ଲାଇଭ୍ ଟ୍ରାକିଂ, ସିସିଟିଭି ବିଶ୍ଳେଷଣ ଏବଂ ଭିଡ଼ର ଗତିବିଧି ଉପରେ ନଜର ରଖି ପରିସ୍ଥିତିକୁ ସମୟ ମଧ୍ୟରେ ନିୟନ୍ତ୍ରଣ କରାଯାଇପାରିବ। ପ୍ରମୁଖ ଧାର୍ମିକ ସ୍ଥଳ ଏବଂ କାର୍ଯ୍ୟକ୍ରମ ପାଇଁ ସର୍ବନିମ୍ନ ମାନଦଣ୍ଡ ସ୍ଥିର କରାଯିବା ଉଚିତ। ଯେପରିକି ପ୍ରବେଶ ଏବଂ ପ୍ରସ୍ଥାନ ପଥ ସଂଖ୍ୟା, ଯୋଗାଯୋଗ ବ୍ୟବସ୍ଥା, ଅଡିଓ-ଭିଡିଓ ସୂଚନା ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଇତ୍ୟାଦି। ଭକ୍ତମାନେ ଭିଡ଼ରେ କିପରି ଚାଲିବେ, କ'ଣ କରିବେ ନାହିଁ, ଗୁଜବ ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କରିବେ ନାହିଁ, କେଉଁ ସଙ୍କେତଗୁଡ଼ିକ ପ୍ରତି ଧ୍ୟାନ ଦେବେ ସେ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉଚିତ। ଛୋଟ ଭିଡିଓ, ରେଡିଓ ବାର୍ତ୍ତା, ମନ୍ଦିରରେ ପୋଷ୍ଟର, ସ୍ଥାନୀୟ ଟିଭିରେ ବିଜ୍ଞାପନ, ଏସବୁ ସହାୟକ ହୋଇପାରେ। ଏହାବ୍ୟତୀତ ଆଇନ ପ୍ରଣୟନ ଏବଂ ଦାୟିତ୍ୱର ସୁଚାରୁ ବଣ୍ଟନ ହେବା ଆବଶ୍ୟକ। ସାମଗ୍ରିକ ଭାବରେ ପ୍ରତିଥର ଦୁର୍ଘଟଣା ପରେ ବୟାନ ଆସେ, କ୍ଷତିପୂରଣ ଘୋଷଣା କରାଯାଏ, ତଦନ୍ତ ଆୟୋଗ ଗଠନ ହୁଏ। କିନ୍ତୁ ପୁଣି ସେହି ଅବହେଳାର ପୁନରାବୃତ୍ତି।

ବର୍ତ୍ତମାନ ଏକ ସକ୍ରିୟ ନୀତି ଗ୍ରହଣ କରିବା ସମୟର ଆବଶ୍ୟକତା। ପ୍ରତ୍ୟେକ ଘଟଣାକୁ ଏକ ପ୍ରକଳ୍ପ ଭାବରେ ଦେଖାଯିବା ଉଚିତ। ଯାହାର ଲକ୍ଷ୍ୟ କେବଳ ଧାର୍ମିକ ରୀତି ପାଳନ ନୁହେଁ, ବରଂ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ସୁରକ୍ଷା ନିଶ୍ଚିତ ହୋଇପାରୁଥିବ। ବିଶ୍ୱାସ ଓ ସୁରକ୍ଷାର ସନ୍ତୁଳନ ସେତେବେଳେ ହାସଲ ହେବ, ଯେତେବେଳେ ନୀତି, ପ୍ରଯୁକ୍ତିବିଦ୍ୟା, ପ୍ରଶାସନ ଏବଂ ଜନସାଧାରଣ ସମନ୍ୱିତ ଭାବରେ ଏକାଠି କାମ କରିବେ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ବିଭୀଷଣ ମନ୍ଦିର

### ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

ରାମାୟଣର କଥାବସ୍ତୁ ଆଧାରରେ ରାବଣଙ୍କ ଭ୍ରାତା ବିଭୀଷଣ ମହାନ ରାମଭକ୍ତ ହେଲେ ମଧ୍ୟ ସଦାସର୍ବଦା ତାଙ୍କର ଚରିତ୍ର ପ୍ରତାରଣାର କଳଙ୍କ ବହନ କରିଆସିଛି। କାରଣ ବିଭୀଷଣଙ୍କ ପାଇଁ ହିଁ ଅସୁରରାଜ ରାବଣ ନିହତ ହୋଇଥିଲେ। ତେଣୁ ଆଜି ମଧ୍ୟ ପାରିବାରିକ ବିବାଦ ମଧ୍ୟରେ ବିଭୀଷଣଙ୍କ ଉଦାହରଣ ଦେଇ 'ଘର ଡିଙ୍କି କୁମ୍ଭୀର', 'ଭାଇ ଭଗାରୀ' ଭଳି ଆପ୍ତବାକ୍ୟ ବ୍ୟବହାର କରାଯାଉଛି। ଏସବୁ ସତ୍ତ୍ୱେ ଭାରତର ଗୋଟିଏ ସ୍ଥାନରେ ବିଭୀଷଣଙ୍କ ମନ୍ଦିର ଅଛି। ଶ୍ରଦ୍ଧାଳୁମାନେ ବିଭୀଷଣଙ୍କୁ ପରମ ରାମଭକ୍ତ ଭାବେ ବିଧିପୂର୍ବକ ପୂଜାର୍ଚ୍ଚନା କରି ଆଶିଷ ପ୍ରାର୍ଥନା କରୁଛନ୍ତି।

ବିଭୀଷଣଙ୍କ ଏହି ମନ୍ଦିର ରାଜସ୍ଥାନର କୋଟା ଜିଲ୍ଲା ଅନ୍ତର୍ଗତ କେଥୁନ୍‌ଠାରେ ରହିଛି। କୋଟା ରେଳୱେ ଷ୍ଟେସନ୍‌ରୁ ଏହାର ଦୂରତା ପ୍ରାୟ ୨୦ କିଲୋମିଟର। ଏହି ମନ୍ଦିର ପ୍ରାୟ ୫୦୦୦ବର୍ଷ ପୂର୍ବେ ନିର୍ମିତ ବୋଲି ଗବେଷକମାନେ ମତ ଦିଅନ୍ତି। ଏଠାରେ ବିଭୀଷଣଙ୍କର ମସ୍ତକର ଏକ ବିଶାଳ ପ୍ରତିମା ପୂଜିତ ହେଉଛି ଏବଂ ସମ୍ପୂର୍ଣ୍ଣ ଶରୀର ଭୂମି ଭିତରେ ଅଛି ବୋଲି କୁହାଯାଉଛି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ମସ୍ତକ ପ୍ରତିମା ବର୍ଷକୁ ବର୍ଷ ଚାଉଳ ଦାନା ପ୍ରାୟ ଭୂମିରେ ନିମ୍ନଗାମୀ ହେଉଛି ବୋଲି ମନ୍ଦିରର ପୂଜାରୀ ଓ ପ୍ରତକ୍ଷଦର୍ଶୀମାନେ କହନ୍ତି। ମନ୍ଦିରର ଜିର୍ଣ୍ଣୋଦ୍ଧାର ମହାରାଜା ଦୁର୍ଜନ ସିଂହଙ୍କ ଶାସନ ସମୟରେ ଗୌତମ ପରିବାର ଦ୍ୱାରା ନିର୍ମାଣ କରାଯାଇଥିଲା। ତେଣୁ ଆଜି ମଧ୍ୟ ଉକ୍ତ ପରିବାରର ବଂଶଜ ନବରାତ୍ର ସମୟରେ ଏହି ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା କରିଆସୁଛନ୍ତି। କେବଳ ରାଜସ୍ଥାନରେ ହିଁ ବିଭୀଷଣଙ୍କ ଏହି ମନ୍ଦିର କାହିଁକି ଓ କିପରି ନିର୍ମାଣ ହେଲା, ସେ ସମ୍ପର୍କରେ ଗୋଟିଏ ସୁନ୍ଦର ଲୋକକଥା ରହିଛି।

ରଘୁକୁଳ ନନ୍ଦନ ଶ୍ରୀରାମ ବନବାସରୁ ଫେରିବା ପରେ ରାଜ୍ୟାଭିଷେକ ସମୟରେ ତିନିଲୋକର ଦେବଦେବୀଙ୍କ ସହିତ ସମସ୍ତ ପ୍ରାଣୀ ଧରାପୃଷ୍ଠରେ ଅବତରଣ କରିଥିଲେ। ଏହି ସମୟରେ ଦେବ ଦେବ ମହାଦେବ ହନୁମାନଙ୍କୁ କହିଲେ ଯେ, ସେ ସମ୍ପୂର୍ଣ୍ଣ ମୃତ୍ୟୁଲୋକ ଭ୍ରମଣ କରିବାକୁ ଚାହାନ୍ତି। ଏହାକୁ ବିଭୀଷଣ ଶୁଣୁଥିଲେ ଏବଂ ସେ ଗୋଟିଏ ଭାର ପ୍ରସ୍ତୁତ କରି ମହାଦେବ ଓ ହନୁମାନଙ୍କୁ ଦୁଇପଟେ ବସାଇ ଭାରତ ଭ୍ରମଣ କରାଇବା ପାଇଁ ମହାଦେବଙ୍କୁ ଅନୁମତି ଭିକ୍ଷା କଲେ। ବିଭୀଷଣଙ୍କ ଏତାଦୃଶ ଆଗ୍ରହରେ ମହାଦେବ ସ୍ୱୀକୃତି ପ୍ରଦାନ କରିବା ସହିତ ଗୋଟିଏ ସର୍ତ୍ତ ରଖିଲେ। ସର୍ତ୍ତ ଅନୁଯାୟୀ ଯେଉଁଠାରେ ଭାର ଭୂମି ସ୍ପର୍ଶ କରିବ, ସେଠାରେ ଯାତ୍ରା ସମାପ୍ତ ହେବ ଏବଂ ମହାଦେବ ଓ ହନୁମାନ ସେଠାରେ ହିଁ ବିରାଜମାନ ହେବେ। ଏହି ସର୍ତ୍ତରେ ରାଜି ହୋଇ ବିଭୀଷଣ ଗୋଟିଏ ବିଶାଳ ଭାର ପ୍ରସ୍ତୁତ କଲେ, ଯାହାର ଲମ୍ବା ୮ କୋଶ(ପ୍ରାୟ ୩୨ କିଲୋମିଟର) ଥିଲା। ମହାଦେବ ଓ ହନୁମାନଙ୍କୁ ଭାରର ଦୁଇପଟେ ବସାଇ ବିଭୀଷଣ ଯାତ୍ରା ଆରମ୍ଭ କଲେ। ଏକଦା ବିଭୀଷଣ ରାଜସ୍ଥାନର କେଥୁନ୍ (ପ୍ରାଚୀନ ନଗର କେଥୁନପୁର) ମଧ୍ୟ ଦେଇ ଯାତ୍ରା କରୁଥିବା ସମୟରେ ମହାଦେବ ବସିଥିବା ଭାର ଭୂମିକୁ ସ୍ପର୍ଶ କଲା। ଏହି ସ୍ଥାନ କେଥୁନ୍‌ଠାରୁ ୪ କୋଶ ଅର୍ଥାତ୍ ୧୬ କିଲୋମିଟର ଦୂର ସ୍ଥିତ ଚାର୍ ଚୋମାରେ ଅବସ୍ଥିତ। ମହାଦେବ ସର୍ତ୍ତ ଅନୁଯାୟୀ ସେଠାରେ ହିଁ ବିରାଜମାନ ହେଲେ ଏବଂ ହୋଇ ସ୍ଥାନର ନାମାନୁସାରେ ଚୋମେଶ୍ୱର ମହାଦେବ ଭାବେ ପୂଜା ପାଇଲେ। ଏଠାରେ ପୂଜା ପାଉଥିବା ଶିବଲିଙ୍ଗ ପଞ୍ଚମୁଖୀ ହୋଇଥିବାରୁ ଶିବଙ୍କ ପାଞ୍ଚଟି ସ୍ୱରୂପ ଏବଂ ପଞ୍ଚଭୂତର ପ୍ରତୀକ ବୋଲି ବିଶ୍ୱାସ ରହିଛି। ଭାରର ଅନ୍ୟ ପଟେ ବସିଥିବା ହନୁମାନଙ୍କ ଭ୍ରମଣ ଯାତ୍ରା କୋଟାର ରଙ୍ଗବାଡ଼ି ନାମକ ସ୍ଥାନରେ ଅଟକି ଯାଇଥିଲା। ତେଣୁ ଏଠାରେ ରାମଭକ୍ତ ହନୁମାନଙ୍କ ଏକ ଭବ୍ୟ ମନ୍ଦିର ଅଛି। ଯେଉଁଠି ବିଭୀଷଣ ଠିଆ ହୋଇଥିଲେ ଉକ୍ତ ସ୍ଥାନରେ ବିଭୀଷଣଙ୍କ ମନ୍ଦିର ନିର୍ମାଣ ହେଲା।

ପ୍ରତିବର୍ଷ ହୋଲି ସମୟରେ କେଥୁନ୍‌ରେ ୭ଦିନ ଧରି ବିଭୀଷଣ ମେଳାର ଆୟୋଜନ ହୋଇଥାଏ। ସାରା ଭାରତରେ କେବଳ ହୋଲିକା ଦହନ ଆୟୋଜନ କରାଯାଉଥିବାବେଳେ କେଥୁନ୍‌ରେ ହିରଣ୍ୟକଶିପୁ ଦହନ ମଧ୍ୟ କରାଯାଏ। ହୋଲିକା ଦହନ ପରଦିନ ହିରଣ୍ୟକଶିପୁର ପୁତ୍ତଳିକାକୁ ଦହନ କରାଯାଏ। ରାମଭକ୍ତ ବିଭୀଷଣଙ୍କ କୃପା ପ୍ରାପ୍ତ କରିବା ପାଇଁ ବହୁ ଦୂରଦୂରାନ୍ତରୁ ଭକ୍ତଙ୍କ ସୁଅ ଛୁଟିଥାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମହଙ୍ଗା ପଡ଼ିଲା ଅଦାଲତଙ୍କ ଆଦେଶ ଅବମାନନା

# ଡିଇଓଙ୍କୁ ହାଇକୋର୍ଟରେ ହାଜର କରାଇବେ ଆଇଆଇସି

କଟକ,୭।୮ (ସମିସ): ଅଦାଲତଙ୍କ ଆଦେଶ ଅବମାନନା କରିବା କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ହାଇକୋର୍ଟଙ୍କ ଆଦେଶ ପାଳନ ପୂର୍ବକ ଡିଇଓଙ୍କ ତରଫରୁ ସତ୍ୟପାଠ ଦିଆଯାଇନଥିଲା କି ଶୁଣାଣି ସମୟରେ ଡିଇଓ ହାଜର ହୋଇନଥିଲେ । ହାଇକୋର୍ଟ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଆସନ୍ତା ଅଗଷ୍ଟ ୧୩ରେ କଳାହାଣ୍ଡି ଡିଇଓଙ୍କୁ ହାଜର କରାଇବା ପାଇଁ ଭବାନୀପାଟଣା ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ.କେ. ବେହେରାଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କୁ ବିଳମ୍ବରେ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥିବା ପାଇଁ ଆବେଦନକାରୀଙ୍କୁ ତିନି ମାସ ମଧ୍ୟରେ ଏହି ଅର୍ଥ ଉପରେ ୬ ପ୍ରତିଶତ ସୁଧ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୨୦୨୩, ସେପ୍ଟେମ୍ବର ୨୯ ରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନଥିଲା। ଏହାପରେ ଆବେଦନକାରୀ କଳାହାଣ୍ଡି ଡିଇଓଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ୨୦୨୪, ମେ ୨୦ରେ ହାଇକୋର୍ଟ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଡିଇଓଙ୍କୁ ନୋଟିସ୍ ଜାରି କରିଥିଲେ। ଗତ ଅଗଷ୍ଟ ୬ ସୁଦ୍ଧା ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହୁଏ ତେବେ ପ୍ରତିପକ୍ଷ ଡିଇଓ ପରବର୍ତ୍ତୀ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବେ ବୋଲି ହାଇକୋର୍ଟ ଜୁଲାଇ ୧୦ରେ କହିଥିଲେ। ଏଥିପାଇଁ ପୁଣି ଅଧିକ ସମୟ ଲୋଡ଼ି ଲେଖାଯାଇଥିବା ଅଗଷ୍ଟ ୫ର ଏକ ଚିଠି ପ୍ରତିପକ୍ଷଙ୍କ ତରଫରୁ ଉପସ୍ଥାପନ କରାଯାଇଥିଲା। ଏଣୁ ଆସନ୍ତା ଅଗଷ୍ଟ ୧୩ରେ ପ୍ରତିପକ୍ଷ ସମ୍ପୃକ୍ତ ଡିଇଓଙ୍କୁ ହାଜର କରାଇବା ପାଇଁ ଭବାନୀପାଟଣା ଥାନା ଆଇଆଇସିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟରେ କାଁ ଭାଁ ବର୍ଷା ସମ୍ଭାବନା

ଭୁବନେଶ୍ୱର,୭।୮ (ସମିସ): ବଙ୍ଗଳାଦେଶ ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କୋହଲା ପାଗ ସାଙ୍ଗକୁ କିଛି କିଛି ସ୍ଥାନରେ ବର୍ଷା ଅନୁଭୂତ ହୋଇଛି। ଧୀରେ ଧୀରେ ପ୍ରଭାବ କମିବା ସହ ଓଡ଼ିଶାରେ ମଧ୍ୟ ପୁଣି ପାଗ ସ୍ୱାଭାବିକ ହେବା ନେଇ ଆକଳନ କରାଯାଉଛି। ଅନ୍ୟପଟେ ଗୁରୁବାର ରାଜ୍ୟର ଅନେକ ସ୍ଥାନରେ ଟାଣ ଖରା ସାଙ୍ଗକୁ ଭୀଷଣ ଗୁଳୁଗୁଳି ହୋଇଛି। ପାରଳାଖେମୁଣ୍ଡିରେ ଦିନର ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ଛୁଇଁଥିବା ବେଳେ ଟିଟଲାଗଡ଼ ଓ ବୌଦ୍ଧ ଆଦିରେ ତାମପାତ୍ରା ୩୬ ଡିଗ୍ରୀ ଉପରେ ରହିଛି। ତାତି ଓ ଗୁଳୁଗୁଳି ସାଙ୍ଗକୁ କିଛି ସ୍ଥାନରେ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ଅନୁଭୂତ ହୋଇଛି। ଅନୁଗୁଳରେ ୨୯ ମିମି, ଛତ୍ରପୁରରେ ୨୮ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବଲାଙ୍ଗିରରେ ୨୧ ମିମି ବର୍ଷା ରେକର୍ଡ ହୋଇଛି। ଶୁକ୍ରବାର ମୟୂରଭଞ୍ଜ ଓ କେନ୍ଦୁଝରର କିଛି ଅଞ୍ଚଳରେ ବର୍ଷା ଆଶଙ୍କା ରହିଥିବା ବେଳେ ରାଜ୍ୟର ଅନ୍ୟ କେତେକ ଅଞ୍ଚଳରି ବୁଜିଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଅନ୍ୟପଟେ ଆସନ୍ତା ୧୩ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ସହ ଏହା ପରେ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବା ନେଇ ଆକଳନ କରାଯାଉଛି।

## ■ ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ

# ଥାନାଧିକାରୀଙ୍କ ସମେତ ୭ ଜଣଙ୍କ ବିରୋଧରେ ଏତଲା

ଯାଜପୁର/କୁଦଳ,୭।୮ (ସମିସ): ବାଲିଚନ୍ଦ୍ରପୁର ଥାନାରେ ଜଣେ ଯୁବକଙ୍କୁ ବେଆଇନ ଅଟକ ରଖି ନିର୍ଯାତନା ଦେବା ଘଟଣାରେ ୩ ପୁଲିସଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଘଟଣାରେ ଥାନା ଅଧିକାରୀଙ୍କ ସମେତ ୭ଜଣ ପୁଲିସଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି ଯୁବକଙ୍କ ପତ୍ନୀ। ସୂଚନାନୁଯାୟୀ, ଗଣ୍ଡଗୋଳ ଘଟଣାରେ ଅଣକା ପଞ୍ଚାୟତ ମହିପୁର ଗ୍ରାମର ରବୀନ୍ଦ୍ର ମଲ୍ଲିକଙ୍କୁ ଥାନାରେ ଅଟକ ରଖି ପୁଲିସ ନିସ୍ତୁକ ମାଡ଼ ମାରିଥିଲା। ପୁଲିସର ନିର୍ଯାତନା ସହି ନ ପାରି ରବୀନ୍ଦ୍ର ଥାନାରେ ବିଷ ପିଇ ଗୁରୁତର ହେବା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଗୁରୁବାର ତାଙ୍କ ପତ୍ନୀ ଭାନୁ ମଲ୍ଲିକ ବାଲିଚନ୍ଦ୍ରପୁର ଥାନାକୁ ଆସି ଥାନାଧିକାରୀ ସମରଜିତ୍ ନାୟକ ଓ ଏସଆଇ ହରୀଶ ସିଂହଙ୍କ ସମେତ ୭ଜଣ ଏହି ଘଟଣାରେ ସମ୍ପୃକ୍ତ ଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ ଯାଜପୁର ଏସ୍‌ପି, ଡିଜି, ଆଇଜି ଓ ମାନବ ଅଧିକାର କମିଶନଙ୍କୁ ଅବଗତ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ବିଭିନ୍ନ ଦଳିତ ସଂଗଠନ ପକ୍ଷରୁ ଆସନ୍ତା ଆସନ୍ତା ସୋମବାର ଥାନା ଘେରଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।


**AFFIDAVIT**

By virtue of an affidavit sworn before The Executive Magistrate, Nandapur, Dist.-Koraput vide no.61 dated 06.08.2025 I, Kameswar Das, S/o- Sreenibasa Das resident of Vill.- Hataguda, Po.- Panthulunga, Ps.- Padwa, Dist.- koraput, Odisha, Pin- 764038 declare that I have changed my name from **Kameswar Hantala** to **Kameswar das**. Henceforth, I shall be known as **Kameswar Das** for all purposes.

Sd/- **Kameswar Das**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନେଉଛି ଅଧିକ...

ଚାଷୀଙ୍କ ପ୍ରିମିୟମ ଟଙ୍କାରୁ ୬୫ କୋଟି ଟଙ୍କା ଫାଇଦା ଉଠାଇଛନ୍ତି ବୋଲି ଅଭିଯୋଗ ହୋଇଛି। ଭାତହାଣ୍ଡିରୁ ଗୋଟିଏ ଚାଉଳ ଚିପିବା ଭଳି ସାରା ରାଜ୍ୟରେ ଏହି ସ୍ଥିତି ସୃଷ୍ଟି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି ପ୍ରଧାନମନ୍ତ୍ରୀ ଫସଲବୀମା ଚାଷୀ ପାଇଁ ରକ୍ଷା କବଚ ବୋଲି କହି ଏହି ଯୋଜନାଟି ୨୦୧୬ ଖରିଫଠାରୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଥିଲେ। ଦେଶର କୋଟି କୋଟି ଚାଷୀ ଏହି ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଓ ତାଙ୍କ ସରକାର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ବାସ୍ତବ ଠାରୁ ଏହା ସମ୍ପୂର୍ଣ ଭିନ୍ନ। ଏହି ଯୋଜନାରେ ଚାଷୀ ଲାଭବାନ ହେବା ପରିବର୍ତ୍ତେ ଘରୋଇ ବୀମା କମ୍ପାନୀ ଓ ସରକାର ଦୀର୍ଘ ୯ ବର୍ଷ ହେଲା ଫାଇଦା ଉଠାଇ ଚାଲିଛନ୍ତି।

ଓଡ଼ିଶାରେ ଗତ ୯ ବର୍ଷ ମଧ୍ୟରେ ୫୩ ଲକ୍ଷ ଚାଷୀଙ୍କ ମଧ୍ୟରୁ ପ୍ରାୟ ୨୨ ଲକ୍ଷ ଋଣୀ ଓ ଅଣଋଣୀ ଚାଷୀଙ୍କ ପ୍ରାୟ ୧୨ ହଜାର ୧୦୦ କୋଟି ଟଙ୍କା ପ୍ରିମିୟମର ୫ ହଜାର କୋଟି ଟଙ୍କା କମ୍ପାନୀ ଓ ସରକାରର ଫାଇଦା ଉଠାଯାଇଛି। ପୂର୍ବରୁ ସରକାରଙ୍କ କର୍ତ୍ତୃତ୍ୱାଧୀନ ବୀମା କମ୍ପାନୀ ଚାଷୀଙ୍କୁ ପ୍ରକୃତ କ୍ଷତିପୂରଣ ଦେଉଥିଲେ; କିନ୍ତୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ ହେବାଠାରୁ ଚାଷୀ ଲାଭବାନ ହେବା ପରିବର୍ତ୍ତେ ସରକାର ଓ ଘରୋଇ କମ୍ପାନୀମାନେ ଲାଭଖୋର ପାଲଟିଛନ୍ତି ବୋଲି ଅଭିଯୋଗ ହୋଇଛି। କାରଣ ବର୍ତ୍ତମାନ ଚାଷୀମାନେ ନିଜ ଚାଷର ୩୩ ପ୍ରତିଶତ କ୍ଷତି ହେବା ପରେ କ୍ଷତିପୂରଣ ପାଇଁ ଆବେଦନ କରି ପାରୁଛନ୍ତି। ଏହାସହିତ ପଞ୍ଜିକରଣ ପାଇଁ ୩ ଦିନ ସମୟ ମିଳୁଥିବା ବେଳେ ଏଥିରେ ଅନେକ ଜଟିଳ ପ୍ରକ୍ରିୟା ଛନ୍ଦି ଦିଆଯାଉଛି। ଯେଉଁଥିପାଇଁ ଅନେକ ଯୋଗ୍ୟ ଚାଷୀ ବୀମା କରି ମଧ୍ୟ ସଠିକ୍ ପରିମାଣରେ କ୍ଷତିପୂରଣ ପାଇବାରୁ ବଞ୍ଚିତ ରହୁଛନ୍ତି।

### ମୋଦୀ ବାଛିବେ ...

୨୨ ତାରିଖରେ ପ୍ରାର୍ଥିପତ୍ରର ଯାଞ୍ଚ କରାଯିବ । ୨୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯାଇପାରିବ । ଆବଶ୍ୟକ ପଡ଼ିଲେ ସେପଟେମ୍ବର ୯ ତାରିଖରେ ମତଦାନ ହେବ ।

ଲୋକସଭା ଏବଂ ରାଜ୍ୟସଭାର ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗ ନେବେ । ଲୋକସଭା ଏବଂ ରାଜ୍ୟସଭାର ମୋଟ୍ ସଭ୍ୟସଂଖ୍ୟା ୭୮୬ ଥିବା ବେଳେ ନିର୍ବାଚନ ଜିତିବା ଲାଗି ୩୯୪ ଭୋଟ୍ ଦରକାର । ବିଜେପି ଏହାର ସହଯୋଗୀଙ୍କୁ ନେଇ ଗଠିତ ଏନ୍‌ଡିଏ ପାଖରେ ୪୨୨ ଜଣ ସଭ୍ୟଙ୍କ ସମର୍ଥନ ଥିବାରୁ ଏହାର ପ୍ରାର୍ଥୀ ବିଜୟୀ ହେବା ପ୍ରାୟ ନିଶ୍ଚିତ । ତେବେ ବିରୋଧୀ ଦଳ ମଧ୍ୟ ନିଜ ଆଡୁ ପ୍ରାର୍ଥୀ ଦେବାକୁ ଘୋଷଣା କରିଛନ୍ତି ।

### ଆଉ କେତେ...

ରାଜ୍ୟ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇ ପଡ଼ିଛନ୍ତି ବୋଲି ନବୀନ କହିଛନ୍ତି। ନିଜ ଏକ୍ସ ଏକାଉଣ୍ଟରେ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ପଟ୍ଟାମୁଣ୍ଡାଇର ଆଉ ଜଣେ ଝିଅ ନ୍ୟାୟ ପାଇଁ ନିବେଦନ କରିବା ପରେ ହତାଶାରେ ନିଜକୁ ନିଆଁ ଲଗାଇ ଦେଇଥିବା ଜାଣି ମୁଁ ଗଭୀର ଦୁଃଖିତ ଏବଂ ମର୍ମାହତ। ଦୁଃଖର ଏହି ମୁହୂର୍ତ୍ତରେ ଯୁବତୀଙ୍କ ପ୍ରତି ମୋର ସମବେଦନା ଏବଂ ପରିବାର ସଦସ୍ୟଙ୍କୁ ସହାନଭୂତି ଜଣାଉଛି। ଏହି ଅପୂରଣୀୟ କ୍ଷତି ସହିବା ପାଇଁ ଭଗବାନ ତାଙ୍କ ପରିବାର ସଦସ୍ୟଙ୍କୁ ଶକ୍ତି ଦିଅନ୍ତୁ। ମାତ୍ର ଗୋଟିଏ ମାସ ମଧ୍ୟରେ ସମାନ ପରିସ୍ଥିତିରେ ରାଜ୍ୟର ତିନି ଜଣ ଝିଅ ଜୀବନ ହରାଇଛନ୍ତି। ପ୍ରତ୍ୟେକଟି ନିରୀହ ଜୀବନ ଅଦିନରେ ଝଡ଼ିଯିବା ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଦର୍ଶାଉଛି। ଏହା ରାଜ୍ୟ ବିଜେପି ସରକାରଙ୍କ ଏକ ଭୟଙ୍କର ଅବହେଳା ବୋଲି ନିଜ କ୍ଷୋଭୋକ୍ତିରେ ନବୀନ କହିଛନ୍ତି।

ନବୀନ ଆହୁରି ମଧ୍ୟ କହିଛନ୍ତି ଯେ ଆମ ମାଟିର ତିନି ଜଣ ଝିଅ ସ୍ପଷ୍ଟ ଦିବାଲୋକରେ ମୃତ୍ୟୁବରଣ କରିବାର କାରଣ ହେଉଛି ଯେ ପ୍ରଶାସନ ପ୍ରତ୍ୟେକ ସମୟରେ ସେମାନଙ୍କ ଚିତ୍କାର, ନିବେଦନ ଶୁଣିବାରେ ବିଫଳ ହୋଇଛି। ପ୍ରାୟ ପ୍ରତିଦିନ ରାଜ୍ୟ ସାରା ମହିଳାମାନଙ୍କ ବିରୁଦ୍ଧରେ ଏପରି ଅନେକ ଜଘନ୍ୟ ଅପରାଧ ସାମ୍ନାକୁ ଆସୁଛି। ରାଜ୍ୟ ବିଜେପି ସରକାର ଜାଗ୍ରତ ହେବା ପୂର୍ବରୁ ଆଉ କେତେଜଣଙ୍କ ଚିତା ଜଳିବାକୁ ପଡିବ। ବିଜେପି ସରକାର କାର୍ଯ୍ୟାନୁଷ୍ଠାନ ନେବା ଆଗରୁ ଆଉ କେତେ ମାଆଙ୍କୁ ସେମାନଙ୍କ ଝିଅଙ୍କ ଚିତାଭସ୍ମ ଧରିବାକୁ ପଡ଼ିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି।

### ୩୭ ପ୍ରତିଶତ...

ଦେଇଥିବା ତଥ୍ୟ ମୁତାବକ, ରାଜ୍ୟର ମୋଟ ମଞ୍ଜୁରୀପ୍ରାପ୍ତ ଡାକ୍ତରଙ୍କ ସଂଖ୍ୟା ୧୫,୭୭୪ ଥିବାବେଳେ ସେଥିମଧ୍ୟରୁ ୫୮୩୪ ଡାକ୍ତର ପଦବୀ ଖାଲିପଡ଼ିଛି। ଅର୍ଥାତ୍ ପାଖାପାଖି ୩୭ ପ୍ରତିଶତ ଡାକ୍ତର ପଦବୀ ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ଖାଲି ପଡ଼ିଛି। ରାଜ୍ୟର ୩୦ଟି ଜିଲ୍ଲାରେ ଥିବା ସରକାରୀ ଡାକ୍ତରଖାନାଗୁଡ଼ିକ ପାଇଁ ୨୮୨୩ଟି ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ଡାକ୍ତର ପଦବୀ ଥିବାବେଳେ ସେଥିମଧ୍ୟରୁ ୧୫୪୦ ପଦବୀରେ ଡାକ୍ତର ନାହାନ୍ତି। ଅର୍ଥାତ୍ ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ପାଖାପାଖି ୫୫ ପ୍ରତିଶତ ବିଶେଷଜ୍ଞ ଡାକ୍ତର ନାହାନ୍ତି। ସୁନ୍ଦରଗଡ଼, ରାୟଗଡ଼ା, ନୂଆପଡ଼ା, ନବରଙ୍ଗପୁର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, କେନ୍ଦୁଝର, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ, ଗଜପତି, ଢେଙ୍କାନାଳ, ଦେବଗଡ଼, ବୌଦ୍ଧ, ବଲାଙ୍ଗିର, ବରଗଡ଼ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ଅଧାରୁ ଅଧିକ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ସେହିପରି ରାଜ୍ୟରେ ୩୨୦ଟି ଭେଷଜ ବିଶେଷଜ୍ଞ ପଦବୀ ଖାଲି ପଡ଼ିଥିବାବେଳେ ୨୩୫ଟି ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପଦବୀରେ ଡାକ୍ତର ନାହାନ୍ତି। ଶିଶୁମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସରକାର ଚିନ୍ତିତ ଥିବାବେଳେ ଗତ ମାର୍ଚ୍ଚ ପହିଲା ସୁଦ୍ଧା ଓଡ଼ିଶାରେ ୫୯୧ଟି ମଞ୍ଜୁରୀପ୍ରାପ୍ତ ଶିଶୁ ରୋଗ ବିଶେଷଜ୍ଞ ପଦବୀ ମଧ୍ୟରୁ ୩୬୯ଟି ଖାଲି ପଡ଼ିଥିଲା। ବିଭିନ୍ନ କାରଣରୁ ଅସ୍ତ୍ରୋପଚାର ଚିକିତ୍ସା ଉପରେ ଚାପ ବଢୁଥିବାବେଳେ ରାଜ୍ୟରେ ୫୦୦ ମଞ୍ଜୁରୀପ୍ରାପ୍ତ ଶଲ୍ୟ ବିଶେଷଜ୍ଞ ପଦବୀ ମଧ୍ୟରୁ ୩୪୨ଟି ଖାଲି ପଡିଥିଲା। ଅଧାରୁ ଅଧିକ ନିଶ୍ଚେତକ ବିଶେଷଜ୍ଞ ପଦବୀ ଆମ ରାଜ୍ୟରେ ଖାଲି ପଡ଼ିଥିବାବେଳେ ନିଦାନ, ହୃଦରୋଗ, ଟିବି ଆଦି ବିଶେଷଜ୍ଞ ପଦବୀ ମଧ୍ୟ ଅଧାରୁ ଅଧିକ ଖାଲି ପଡିଛି।

ସରକାରୀ ମେଡିକାଲ୍ କଲେଜଗୁଡ଼ିକରେ ବି ସ୍ଥିତି ସେତେଟା ଭଲ ନାହିଁ। ୧୫ଟି ସରକାରୀ ମେଡିକାଲ କଲେଜରେ ପ୍ରାୟ ୧୦୦ ପ୍ରଫେସର ପଦବୀ, ପାଖାପାଖି ୨୦୦ ସହଯୋଗୀ ପ୍ରଫେସର ପଦବୀ ଓ ୯୦ରୁ ଅଧିକ ସହକାରୀ ପ୍ରଫେସର ପଦବୀ ମଧ୍ୟ ଖାଲି ଥିବା ଜଣାପଡ଼ିଛି। ମୋଟାମୋଟି ଭାବେ ସରକାରୀ ମେଡିକାଲ୍ କଲେଜଗୁଡ଼ିକରେ ବିଭିନ୍ନ ପାହ୍ୟାର ପାଖାପାଖି ୧୦୦୦ ଡାକ୍ତର ଓ ଡାକ୍ତରୀ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ, ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡସ୍ତରୀୟ ଓ ଜିଲ୍ଲାସ୍ତରୀୟ ଡାକ୍ତରଖାନାଗୁଡ଼ିକରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହେଉଥିବାରୁ ବହୁ କ୍ଷେତ୍ରରେ ରୋଗୀମାନଙ୍କୁ ସରକାରୀ ମେଡିକାଲ୍ କଲେଜ ଓ ଅନ୍ୟ ଡାକ୍ତରଖାନାଗୁଡ଼ିକୁ ପଠାଇବାକୁ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରମାନେ ବାଧ ହେଉଛନ୍ତି। ସରକାରୀ ଡାକ୍ତରଖାନା ଓ ସରକାରୀ ମେଡିକାଲ କଲେଜଗୁଡ଼ିକ ଉପରେ ସଂଖ୍ୟାଧିକ ରୋଗୀ ଭରସା କରୁଥିବା ବେଳେ ପର୍ଯ୍ୟାପ୍ତ ସଂଖ୍ୟକ ଡାକ୍ତର, ବିଶେଷଜ୍ଞ ଓ ଡାକ୍ତରୀ ଶିକ୍ଷକ ନ ଥିବାରୁ ବାଧ ହୋଇ ଅନେକ କ୍ଷେତ୍ରରେ ରୋଗୀମାନଙ୍କୁ ବ୍ୟୟବହୁଳ କର୍ପୋରେଟ୍ ହସ୍ପିଟାଲମାନଙ୍କୁ ଯାଇ ଲୋକେ ତଳିତଳାନ୍ତ ହେଉଛନ୍ତି।

### ହସ୍ପିଟାଲ ମ୍ୟାନେଜର୍...

ପ୍ରଦର୍ଶନ କରି ଆସୁଥିଲେ। ହସ୍ପିଟାଲରେ ଡ୍ୟୁଟି ସମୟରେ ସୁଯୋଗ ପାଇ ମହିଳା ଡାକ୍ତର ଏବଂ ଫାର୍ମାସିଷ୍ଟଙ୍କ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରୁଥିଲେ। ଏପରିକି, ଆଇସିସି କମିଟିରେ ଏହି ପ୍ରସଙ୍ଗ ଉତ୍ଥାପନ ହୋଇଥିବା ବେଳେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ମ୍ୟାନେଜର୍ ନିଶିଥ ପାଲଟା ଅଭିଯୋଗକାରୀଙ୍କ ବିରୋଧରେ କହିଥିଲେ। ମହିଳା ଡାକ୍ତର ଏବଂ ଫାର୍ମାସିଷ୍ଟଙ୍କୁ ଭୁଲ୍ ମାଗିବାକୁ ବାଧ କରାଇଥିଲେ। ନିଶିଥଙ୍କ ଏସବୁ ଆଚରଣରେ ଅତିଷ୍ଠ ହେବା ପରେ ଉଭୟ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଆଜି ନିଶିଥଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ରାଜ୍ୟରେ ମହିଳାଙ୍କ ପ୍ରତି ନିର୍ଯାତନା ବଢ଼ିଚାଲିଛି। ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ହସ୍ପିଟାଲରେ ମଧ୍ୟ ମହିଳାମାନେ ଅସୁରକ୍ଷିତ ମଣୁଛନ୍ତି। ଏପରିସ୍ଥଳେ କଟକ ସହର ଉପକଣ୍ଠରେ ଏଭଳି ଘଟଣା ସାମ୍ନାକୁ ଆସିଛି। କଟକ ସଦର ଥାନା ଅନ୍ତର୍ଗତ ୫୯ନଂ ୱାର୍ଡ ବମ୍ଫକୁଦସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ମ୍ୟାନେଜର ନିଶିଥ ସେଠାରେ କାର୍ଯ୍ୟରତ ମହିଳା ଫାର୍ମାସିଷ୍ଟ ଓ ମହିଳା ଡାକ୍ତରଙ୍କୁ ଅସଦାଚରଣ କରି ଆସୁଥିଲେ। ବିଭିନ୍ନ ସମୟରେ ଆଳ କରି ମହିଳାଙ୍କର ନିକଟତର ହୋଇ ବିଭିନ୍ନ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରିବା ସହିତ ସର୍ବସାଧାରଣରେ ଅଶ୍ଳୀଳ ଇଙ୍ଗିତ କରୁଥିଲେ। ନିର୍ଯାତନାର ଶିକାର ହେଉଥିବା ଦୁଇ ମହିଳା ନିଶିଥଙ୍କୁ ବାରଣ କରୁଥିଲେ ସୁଦ୍ଧା ସେ ଏହାକୁ ଭ୍ରୁକ୍ଷେପ କରୁନଥିଲେ। ଅଭିଯୋଗକାରିଣୀଦ୍ୱୟ ଏ ବିଷୟରେ ପୂର୍ବରୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରିଥିଲେ। ମାତ୍ର ତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ବିଭାଗୀୟ ଅଧିକାରୀ ଅଭିଯୁକ୍ତକୁ ଘଣ୍ଟ ଘୋଡ଼ାଉଥିଲେ। ଏପରିକି, ଉଭୟ ମାନସିକ ସ୍ତରରେ ଭାଙ୍ଗିପଡ଼ି ପୂର୍ବରୁ ଆତ୍ମହତ୍ୟା କରିବା ପାଇଁ ମଧ୍ୟ ମନସ୍ଥ କରିଥିଲେ ବୋଲି ପୁଲିସ ନିକଟରେ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ପତ୍ନୀ ହସ୍ପିଟାଲ ଆସି ସେମାନଙ୍କୁ ଧମକ ଦେଇଥିବା କଥା ମଧ୍ୟ ଅଭିଯୋଗକାରିଣୀ ପ୍ରକାଶ କରିଛନ୍ତି।


**NOTICE**

M/s. JYOTI ENTERPRISERS a partnership firm address at Plot No. 1353, H/O- DIPTI KUMARI SAMANTRAY, CMC HOLDING NO. 995B/4, WARD NO. 24(27), SANKARPUR, P.O- ARUNDOYA MARKET, P.S- BADAMBDI, CUTTACK, PIN-753012, DIST-CUTTACK, STATE-ODISHA registered as FIRM as NO. 7201900168 of 2019 Dt. 07.02.2019 before the Registrar of Firm, ODISHA. By a public Notice it is hereby informed that M/s. JYOTI ENTERPRISERS is a partnership firm which is re-constituted on dt. 01.04.2024 due to retirement of a 2nd partner named SRI MRUTYUNJAYA DASH, by virtue of a Retirement Notice to present Partner SRI JAYADEBA MOHANTY, Managing Partner and also a declaration of No Objection Certificate of retirement executed before the Notary Public, Cuttack on dt. 01.04.2024 and stated as retiring partner (SRI MRUTYUNJAYA DASH) unanimously agreed to leave the above FIRM and confirm that all financial dues, liabilities, or obligations owed to me by the partnership firm up to the date of my retirement have been settled to my satisfaction. I have no objection if the remaining partner, namely SRI JAYADEBA MOHANTY, Managing Partner, continue to operate the partnership firm under the same name and structure and also a new partner may admit as Incoming Partner named SMT. SUJATA MOHANTY. By this notice it informs to the public in general that, one partner of M/s JYOTI ENTERPRISERS is retiring named SRI MRUTYUNJAYA DASH and SMT. SUJATA MOHANTY admit as incoming Partner.



B-376

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ-୪, ଭୁବନେଶ୍ୱର
Office of the Superintending Engineer, Bhubaneswar ( R&B ) Division No. IV, Nirman Soudha, Unit-V, Bhubaneswar

E-mail ID- eernb4bbsr@gmail.com
Tel - (0674)-2390245

**INVITATIONS FOR BIDS THROUGH e-Procurement**
No. 6581/ Date 04.08.2025
Bid Identification No.- C.C. (R&B)- 04
e-Procurement Notice No. 12 of 2025-26

| | | |
|---|---|---|
| 1 | Name of the Work | 1 No. Building Work |
| 2 | Total No of works | 1 No. Building Work |
| 3 | Estimated Cost | Rs.71,06,500.00 |
| 4 | Class of Contractor | Authorised Manufacturer or Supplier |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.13.8.2025 to Dt.25.8.2025 up to 17.30 Hours. |
| 8 | Last Date & Time for Receipt of bids in the Portal | Dt.25.8.2025 at 17.30 Hours. |
| 9 | Opening of Bid through online | Dt.26.8.2025 at 11.30 Hours |
| 10 | Name & Address of the Officer inviting Bid | Er.Sundara Madhaba Padhi, Additional Chief Engineer, Bhubaneswar (R&B) Division No IV, Bhubaneswar |

Further details can be seen from the e-procurement portal https://tendersorissa.gov.in

The Tender Inviting Authority reserves the right to reject / cancel / modify the tender at any time without assigning any reason thereof.

*N.B: Subsequent corrigendum / addendum if required shall be available in the website as indicated above*

Additional Chief Engineer,
BBSR (R&B) Division No. IV, BBSR

OIPR-34090/11/0016/2526



O-556

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
E-Mail:- eerw_anandapur@yahoo.co.in

**NOTICE INVITING TENDER**
**NATIONAL COMPETITIVE BIDDING THROUGH e-PROCUREMENT NOTICE**
**On line-02 /EE/RW/AND/2025-26**
**Construction of Sub-Centre Building**

No. 4939 Date: 06.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Building work through** e-Procurement as per annexure in **Double Cover system.** The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of the works for drawal of agreement in percentage P1 contract forms of Government of Odisha. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in: O/o the S. E., R.W. Division, Anandapur | |
|---|---|---|---|---|---|---|
| | | From | To | | Technical Bid | Finalcial Bid |
| | | | | | Double Cover | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Anandapur | NCB-On line 02/ EE/ RW / AND/ 2025-26 | Dt.13.08.25 at 10.00 A.M. | Dt.22.08.25 upto 5.30 P.M. | Dt.21.08.25 up to 5.30 P.M. | Dt.25.08.25 at 11.30 A.M. | |

Executive Engineer
R.W. Division, Anandapur

OIPR-25055/14/0020/2526



ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର
ସା: କୁଳଡେରା, ପୋ.: ମାଣ୍ଡୁଆ, ଜିଲ୍ଲା: କେନ୍ଦୁଝର-୭୫୮୦୧୪

**ସର୍ବସାଧାରଣ ବିଜ୍ଞପ୍ତି**

**ମୋଟର ଗାଡିର FRESH REGISTRATION CERTIFICATE ନିର୍ଗମନ ପାଇଁ ପଞ୍ଜୀକୃତ ଗାଡିମାଲିକ ମାନଙ୍କୁ FORM-37 ନୋଟିସ୍ ଜାରି**

ଏତଦ୍ୱାରା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝର ନିମ୍ନୋକ୍ତ ପଞ୍ଜୀକୃତ ଗାଡିଗୁଡିକର ମାଲିକ ମାନଙ୍କୁ ଅବଗତ କରାଉଛନ୍ତି କି ସେମାନେ ଅର୍ଥ ଲଗାଣକାରି ସଂସ୍ଥା ମାନଙ୍କର ସହାୟତାରେ କିଣି ଥିବା ଉକ୍ତ ଗାଡିଗୁଡିକର ଋଣ କିସ୍ତି ପ୍ରଦାନରେ ଖିଲାପ କାରଣରୁ ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା ଗାଡିଗୁଡିକୁ ଜବତ କରିବା ପୂର୍ବକ ଗାଡିଗୁଡିକର ତୁମ୍ଭ / ତୁମ୍ଭ ସଂସ୍ଥା ନାମରେ ଥିବା ରେଜିଷ୍ଟ୍ରେଶନ ସାର୍ଟିଫିକେଟ ରଦ୍ଦ କରିବା ସହିତ ଉକ୍ତ ଅର୍ଥ ଲଗାଣକାରୀ ସଂସ୍ଥା ନାମରେ **FRESH REGISTRATION CERTIFICATE** ଜାରି କରିବା ପାଇଁ ଗାଡି ପଞ୍ଜୀକରଣ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝର ନିକଟରେ **FORM-36** ରେ ଦରଖାସ୍ତ କରିଅଛନ୍ତି। ନିୟମ ଅନୁଯାୟୀ **FRESH REGISTRATION CERTIFICATE** ଜାରି କରିବା ନିମନ୍ତେ ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା କରିଥିବା ଦରଖାସ୍ତ ବାବଦରେ ତୁମ୍ଭର ମତାମତ ଉତ୍ତର ଆଞ୍ଚଳିକ ପରିବହନ ଅଧିକାରୀ, କେନ୍ଦୁଝରଙ୍କ ଠାରେ ଉପସ୍ଥାପନ ନିମନ୍ତେ ତୁମ୍ଭ ନିକଟକୁ **FORM-37** ରେ ନୋଟିସ୍‌ଗୁଡିକ ଗାଡିର ପ୍ରଦତ୍ତ ଠିକଣାରେ ପୋଷ୍ଟାଲ ରେଜିଷ୍ଟ୍ରି ଡାକ ଜରିଆରେ ପ୍ରେରଣ କରଯାଇଥିଲା। କିନ୍ତୁ ଆପଣ ଉକ୍ତ ଠିକଣାରେ ନ ଥିବା ଟିପ୍ପଣୀ ସହିତ ପୋଷ୍ଟାଲ ସଂସ୍ଥା **FORM-37** ରେ ପଠାଯାଇଥିବା ନୋଟିସଗୁଡିକୁ ଉକ୍ତ କାର୍ଯ୍ୟାଳୟକୁ ଫେରସ୍ତ କରିଅଛନ୍ତି।

| କ୍ର. ସଂ. | ଗାଡିଗୁଡିକର ପଞ୍ଜୀକୃତ ନମ୍ବର | ପଞ୍ଜୀକୃତ ଗାଡି ମାଲିକମାନଙ୍କର ନାମ ଏବଂ ଠିକଣା | ପ୍ରେରଣ କରାଯାଇଥିବା FORM-37 ନୋଟିସର ପତ୍ର ସଂଖ୍ୟା ଓ ତାରିଖ | ସମ୍ପୃକ୍ତ ଗାଡିର ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କର ନାମ |
|---|---|---|---|---|
| 1. | OD09P3246 | Sanjay Singh, S/o: Bansraj Singh, D B Singh, Hudisahi, Joda, Dist.: Keonjhar, Odisha-758034 | No. 87 /Dt.03.06.2025. AND No.1025 / Dt.19.06.2025 | BANK OF INDIA, JODA BRANCH, JODA, KEONJHAR |

ଅତଏବ, ଖବର କାଗଜ ବିଜ୍ଞାପନ ମାଧ୍ୟମରେ ଉପରୋକ୍ତ ଗାଡିଗୁଡିକର ମାଲିକ ମାନଙ୍କୁ ଅବଗତ କରାଯାଉଅଛି କି ଉକ୍ତ ବିଜ୍ଞାପନ ପ୍ରକାଶ ହେବାର ୧୫ ଦିନ ମଧ୍ୟରେ **FORM-37** ର ନୋଟିସ୍ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝରଙ୍କ କାର୍ଯ୍ୟାଳୟରୁ ବ୍ୟକ୍ତିଗତ ଗ୍ରହଣ କରିବା ସହିତ ନୋଟିସର ଉତ୍ତର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ବଡ଼ବିଲ, ଜିଲ୍ଲା: କେନ୍ଦୁଝରଙ୍କୁ ସେହି ୧୫ ଦିନ ମଧ୍ୟରେ ପ୍ରଦାନ କରିବା ହେବେ। ଯଦି **FORM-37** ନୋଟିସର ଉତ୍ତର ଆପଣଙ୍କ ଠାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରାପ୍ତ ନହୁଏ ତେବେ ଗ୍ରହଣ କରାଯିବକି ଉକ୍ତ ନୋଟିସ୍ ବିରୁଦ୍ଧରେ ତୁମ୍ଭର କିଛି କହିବାର ନାହିଁ। ନିୟମ ଅନୁସାରେ ତୁମ୍ଭ / ତୁମ୍ଭ ସଂସ୍ଥା ନାମରେ ଥିବା ଉକ୍ତ ଗାଡିଗୁଡିକର ରେଜିଷ୍ଟ୍ରେସନ ସାର୍ଟିଫିକେଟ ରଦ୍ଦ କରିବା ସହିତ ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥା ନାମରେ **FRESH REGISTRATION CERTIFICATE** ଜାରି କରାଯିବ।

ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ
ବଡ଼ବିଲ, ଜିଲ୍ଲା: କେନ୍ଦୁଝର



**AFFIDAVIT**

By virtue of an affidavit sworn before The Executive Magistrate, Umerkote, Nabarangpur vide no.5225 dated 05.08.2025 I, Jaimani Jal, W/o- Late Ramachandra Jal resident of Vill.- D.N.k. Umerkote, Po./Ps.- Umerkote, Nabarangpur, Odisha declare that I have changed my name from **Jayamani Jal** to **Jaimani Jal**. Henceforth, I shall be known as **Jaimani Jal** for all purposes.

Sd/- **Jaimani Jal**

**AFFIDAVIT**

By virtue of an affidavit sworn before The Executive Magistrate, Nandapur, Dist.- Koraput vide no.62 dated 07.08.2025 I, Madhaba Muduli, S/o- Sida Muduli resident of Vill.- Burudiput, Po.- Semala, Ps.- Nandapur, Dist.- koraput, Odisha, Pin- 764037 declare that I have changed my name from **Madhaba Khora** to **Madhaba Muduli**. Henceforth, I shall be known as **Madhaba Muduli** for all purposes.

Sd/- **Madhaba Muduli**

**AFFIDAVIT**

I Sharmistha Jena, W/o-Ashish Kumar Patra resident of Plot No-1297/2739, Sarada Niwas, Kapilaprasad, Bhubaneswar, P.S.- Airfield, Dist.- Khordha, Odisha, declare by this affidavit No-311243 dtd.31/07/2025 that, I want to change my son's name from **Adeytya Patra** to **Adeitya Patra**. Henceforth he will be known as **Adeitya Patra** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 04.08.2025, I **Venkata Ramana Patnala**, Address: Flat No.: 305, Block-B, Sai Samarpan Enclave, Gadakana, Chandrasekharpur, Bhubaneswar, Dist.: Khordha, PIN-751016, Odisha, declare that I have changed my name from P. Venkata Ramana to **Venkata Ramana Patnala.** Henceforth, I shall be known as **Venkata Ramana Patnala** for all purposes.

Venkata Ramana Patnala

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I HARSH KUMAR PAREKH, S/o- GAUTAM CHAND PAREKH, resident of Main Road, Po/PS- KOTPAD, Dt-Koraput, Odisha -764058, Odisha declare by this Affidavit No.757, Dated - 05/08/2025, that now onwards I shall be known as **HARSH PAREKH** for all future purpose.

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I CHINARI RAJENDRA PRASAD SUBUDHI, S/o- CHINARI KRUSHNA MURTY SUBUDHI, resident of KUMBHA BAZAR, Po/PS- DARINGBADI, Dt-KANDHAMAL, Odisha -762 014, Odisha declare by this Affidavit No.787, Dated - 06/08/2025,that now onwards I shall be known as **CH RAJENDRA PRASAD SUBUDHI** for all future purpose.

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I CHINARI RUKMUNI SUBUDHI, W/o- CH RAJENDRA PRASAD SUBUDHI , resident of KUMBHA BAZAR, Po/PS- DARINGBADI, Dt-KANDHAMAL, Odisha -762 014, Odisha declare by this Affidavit No.755, Dated - 05/08/2025,that now onwards I shall be known as **CH ROJARANI SUBUDHI** for all future purpose.

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, dated 06-08-2025 I, Mamata Naik, At-Bijaykrushnachandrapur, PO-Deuli, PS-Chandua, Dist-Mayurbhanj, Pin- 757021 declare that I have changed the name of my son from ATUTOSH BEHERA to ASUTOSH BEHERA. Henceforth, he shall be known as **ASUTOSH BEHERA** for all purposes.

Mamata Naik

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, dated 03-06-2025 I, Sukulal Tudu, Address AT- Bhola, PO-Saluadahr, PS-Suliapada, Dist-Mayurbhanj, Pin- 757022 declare that I have changed the name of my son from Phranchis Tudu to Franchish Tudu. Henceforth, he shall be known as **Franchish Tudu** for all purposes.

Sukulal Tudu

**AFFIDAVIT**

By virtue of an affidavit before the Notary Public, Jeypore, Dist.- Koraput, I GOUTAM CHANDJI PARAKH, S/o KHOOBCHAND PAREKH, resident of Main Road, Po/PS-KOTPAD, Dt-Koraput, odisha - 764 058, Odisha declare by this Affidavit No.786, Dated - 06/08/2025, that now onwards I shall be known as **GAUTAM CHAND PAREKH** for all future purpose.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 04.08.2025 I **Jyotchna Patnala**, Address Flat No.: 305, Block-B, Sai Samarpan Enclave, Gadakana, Chandrasekharpur, Bhubaneswar, Dist.: Khordha, PIN-751016, Odisha, declare that I have changed my name from P. Jyotchna to **Jyotchna Patnala.** Henceforth, I shall be known as **Jyotchna Patnala** for all purposes.

Jyotchna Patnala

**AFFIDAVIT**

By virtue of an affidavit (CF No. 01, date- 07/08/2025) sworn before The Executive Magistrate, Padampur. I, **Lilima Mahananda** (new name), resident of At-Dangarmunda, PS- Gaisilat, Dist- Bargarh, Odisha declare that I have changed my name from **Nili Mahananda** (old name) to **Lilima Mahananda** (new name). Henceforth, I shall be known as **Lilima Mahananda** (new name), D/o Gobinda Mahananda for all future purposes.

**Lilima Mahananda**

**AFFIDAVIT**

By virtue of an affidavit sworn before Executive Magistrate, Banpur, vide no- 2866, dated 21/07/2025 I, **Rajani Nayak**, W/o- Ranjita Nayak of Address At- Bhapur, Po-Badasireipur, Ps- Banpur, Dist- Khordha declare that I have changed my name from **Kahari Dei** to **Rajani Nayak.** Henceforth, I shall be known as **Rajani Nayak** for all purposes.

**Rajani Nayak**

**AFFIDAVIT**

I, Rahul Kumar Jain, aged about 31 years, S/o- Binod Kumar Jain, resident of Tushura, Po-Tusra, Ps- Tushura, Dist-Bolangir, Odisha, Pin-767030 declare by this affidavit No. 1576, dtd. 07/08/2025, that now onwards I shall be known as **RAHUL JAIN** for all future purposes.

**AFFIDAVIT**

I, **Sofia Bibi**, D/o: Sheik Mobarak W/o Sk Zabir, resident of At: Nandol, Po: Bhatapada, Ps: Salipur, Tehsil: Salipur Dist: Cuttack Odisha declare by this affidavit No.3103 dtd: 05/08/2025 that my name is mentioned as Sufiya Khatoon D/o: Shaikh Mobarak in Transfer Certificate. I declare that **Sufiya Khatoon** and **Sofia Bibi** is one and same person.

**Sd/- Sofia Bibi**

**AFFIDAVIT**

I, **SK. ZABIR,** S/o SK. Razak resident of At: Nandol, Po: Bhatapada, Ps: Salipur, Tehsil: Salipur Dist: Cuttack Odisha declare by this affidavit No. 3104 dtd: 05/08/2025 that my name is mentioned as Shaik Zabir S/o: Shaik Razaque in Transfer Certificate. I declare that **SK. Zabir** and **Shaik Zabir** is one and same person.

**Sd/- SK Zabir**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated- 06.08.2025, I **Deepanjali Nayak,** W/o-Ashok Nayak, resident of At-Patanebalipatana, Po.- Kunjuri, PS- Khordha Sadar, Dist.- Khordha, Odisha-752056 declare that I have changed my name from **Deepanjali Nayak** to **Deepanjali Nayak.** Henceforth I shall be known as **DEEPANJALI NAYAK** for all purposes.

**Deepanjali Nayak**



# ଭୁବନେଶ୍ୱର ସିଟି

## ‘ନିତି’ ଆୟୋଗର ଇଲେକ୍ଟ୍ରିକ ମୋବିଲିଟି ସୂଚକାଙ୍କ
# ୭ମ ସ୍ଥାନରେ ଓଡ଼ିଶା

■ ସମଗ୍ର ପରିବହନ ବିଦ୍ୟୁତ୍‌କରଣ ପ୍ରଗତି କ୍ଷେତ୍ରରେ ଭଲ ପ୍ରଦର୍ଶନ
■ ରାଜ୍ୟରେ ଇଭି ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା ବୃଦ୍ଧି କରିବାକୁ ପରାମର୍ଶ

ଭୁବନେଶ୍ୱର,୭।୮(ସମିସ): ‘ନିତି’ ଆୟୋଗ ପକ୍ଷରୁ ଦେଶରେ ପ୍ରଥମଥର ଇଲେକ୍ଟ୍ରିକ ମୋବିଲିଟି ଇଣ୍ଡେକ୍ସ-୨୦୨୪(ସୂଚକାଙ୍କ) ପ୍ରକାଶପାଇଛି।ଦେଶରମୋଟ୩୬ରାଜ୍ୟତଥାକେନ୍ଦ୍ରଶାସିତଅଞ୍ଚଳ ମଧ୍ୟରେ ଓଡ଼ିଶା ସପ୍ତମ ସ୍ଥାନ ଅଧିକାର କରିଛି। ଇଭି କ୍ଷେତ୍ରରେ ଭିତ୍ତିଭୂମି ତଥା ନବସୃଜନର ବ୍ୟାପକ ଆହ୍ୱାନ ସତ୍ତ୍ୱେ ଓଡ଼ିଶା ଏହି ଆଖିଦୃଶିଆ ସଫଳତା ପାଇଛି। ଇଭି ଆପଣେଇବାରେ ରାଜ୍ୟର ଆଗ୍ରହ, ପରିବହନ ବିଦ୍ୟୁତକରଣ ପ୍ରଗତି କ୍ଷେତ୍ରରେ ଏକ ଉତ୍କୃଷ୍ଟ ପ୍ରଦର୍ଶନକାରୀ ରାଜ୍ୟ ତଥା ଚାର୍ଜିଂ ଷ୍ଟେସନ ନିର୍ମାଣ କ୍ଷେତ୍ରରେ ଅଗ୍ରଗତି ପାଇଁ ଓଡ଼ିଶାକୁ ସପ୍ତମ ସ୍ଥାନ ମିଳିଛି।

ସୂଚନା ଅନୁଯାୟୀ, ଡବ୍ଲ୍ୟୁଆର୍‌ଆଇ ଇଣ୍ଡିଆର ସହଯୋଗରେ ରାଷ୍ଟ୍ରୀୟ ଥିଙ୍କ୍ ଟ୍ୟାଙ୍କ୍ ଦ୍ୱାରା ପ୍ରସ୍ତୁତ ଏହି ସୂଚକାଙ୍କରେ ମୋଟ ୧୦୦ରୁ ଓଡ଼ିଶାକୁ ୪୯ ନମ୍ବର ମିଳିଛି। ସୂଚକାଙ୍କ ଅନୁଯାୟୀ, ଓଡ଼ିଶା ପରିବହନ ବିଦ୍ୟୁତ୍‌କରଣ ପ୍ରଗତି କ୍ଷେତ୍ରରେ ୫୬ ନମ୍ବର, ଚାର୍ଜିଙ୍ଗ ଭିତ୍ତିଭୂମି କ୍ଷେତ୍ରରେ ୪୩ ଏବଂ ଇଭି ଅନୁସନ୍ଧାନ ଏବଂ ନବସୃଜନ କ୍ଷେତ୍ରରେ ୪୧ ନମ୍ବର ମିଳିଛି। ସମଗ୍ର ପରିବହନ ବିଦ୍ୟୁତକରଣ ପ୍ରଗତି କ୍ଷେତ୍ରରେ ଓଡ଼ିଶା ଭଲ ପ୍ରଦର୍ଶନ କରିଥିଲେ ହେଁ ବାଣିଜ୍ୟିକ ଇଭି ଆପଣେଇବା, ଚାର୍ଜିଂ ଷ୍ଟେସନ ନିର୍ମାଣ, ଇଭି ଷ୍ଟାର୍ଟଅପ୍ କ୍ଷେତ୍ରରେ ମହତ୍ତ୍ୱାକାଂକ୍ଷୀ ରାଜ୍ୟ ବର୍ଗରେ ସ୍ଥାନ ଦିଆଯାଇଛି। ତେବେ ଏବେବି ରାଜ୍ୟକୁ ସାର୍ବଜନୀନ ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠାର ଘନତ୍ୱ ଏବଂ ନିଜର ଚାର୍ଜିଂ ଇକୋସିଷ୍ଟମରେ ଅକ୍ଷୟ ଉର୍ଜାର ବ୍ୟବହାର କ୍ଷେତ୍ରରେ ପଛରେ ରହିଥିବା ରର୍ପୋର୍ଟରେ କୁହାଯାଇଛି। ଏହି ସୂଚକାଙ୍କରେ ସହରୀ ଏବଂ ଅର୍ଦ୍ଧ-ସହରୀ କ୍ଷେତ୍ରରେ ତ୍ୱରିତ୍ ଭାବରେ ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା କରିବାକୁ ପରାମର୍ଶ ଦିଆଯାଇଛି।

● ସୁଦୃଢ଼ ହେବ ରାଜ୍ୟର ଜୈବ ଅର୍ଥନୀତି
# ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଆଇଆଇଏମ୍ ମଧ୍ୟରେ ବୁଝାମଣା

ଭୁବନେଶ୍ୱର, ୭।୮(ସମିସ): ରାଜ୍ୟରେ ବହୁଳ ପରିମାଣରେ ଜୈବ ସମ୍ବଳ ରହିଛି। ସେ ସବୁକୁ ଚିହ୍ନଟ କରିବା ସହ ରାଜ୍ୟର ଜୈବ ଅର୍ଥନୀତିକୁ ସୁଦୃଢ଼ କରାଯିବ। ଏଥିପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ସମ୍ବଲପୁରସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ(ଆଇଆଇଏମ୍) ମଧ୍ୟରେ ଏକ ବୁଝାମଣାପତ୍ର ଗୁରୁବାର ସ୍ୱାକ୍ଷରିତ ହୋଇଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ବିଭାଗୀୟ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ଉପସ୍ଥିତିରେ ବିଭାଗୀୟ ଅତିରିକ୍ତ ସଚିବ ପୂଜା ମିଶ୍ର ଏବଂ ସମ୍ବଲପୁର ଆଇଆଇଏମ୍‌ର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି।

ବୁଝାମଣା ଅନୁଯାୟୀ, ରାଜ୍ୟରେ ଜୈବ ଅର୍ଥନୀତି ସମ୍ଭାବନା ଥିବା କ୍ଷେତ୍ର ସମ୍ପର୍କରେ ଆଇଆଇଏମ୍ ସମ୍ବଲପୁର ଅନୁଧ୍ୟାନ କରିବ। ସେଗୁଡ଼ିକର ବିକାଶ ସୁଯୋଗର ମୂଲ୍ୟାୟନ କରି ତଥ୍ୟଭିତ୍ତିକ ରିପୋର୍ଟ ପ୍ରସ୍ତୁତ କରିବ। ବିକାଶ ସମ୍ଭାବନା ଥିବା କ୍ଷେତ୍ରକୁ ବିକଶିତ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବ। ରିପୋର୍ଟ ଅନୁଯାୟୀ



ଭବିଷ୍ୟତର ଜୈବ ଉଦ୍ୟୋଗ, ବିଶେଷ କରି ଜୈବ-ଅର୍ଥନୀତି ଏବଂ ସାଧାରଣ ଭାବେ ଆର୍ଥିକ ଅଭିବୃଦ୍ଧି ଦିଗରେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାରେ ଏକ ମାନଦଣ୍ଡ ହେବ ବୋଲି ଉଭୟ ପକ୍ଷ ଆଶା ରଖିଛନ୍ତି। ଏହି ଅବସରରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ବିଭ ପରାମର୍ଶଦାତା ବିଦ୍ୟୁତ୍‌ପ୍ରଭା ରାଉତ, ଉର୍ମିପ୍ରଭା ମହାରଣା, ଆଇଆଇଏମ୍‌ର ଅଧ୍ୟାପକ ଆର୍.କେ. ପାଢ଼ୀ ଏବଂ ସନ୍ଦୀପ ମୁଖୋପାଧ୍ୟାୟଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ମ୍ୟାଲେରିଆ ଓ ଡେଙ୍ଗୁସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୮(ସମିସ): ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, କମିଶନର, ସିଡିଏମ୍‌ଓଙ୍କ ସହ ମ୍ୟାଲେରିଆ, ଡେଙ୍ଗୁ ରୋଗର ନିରାକରଣ ବାବଦରେ ସମୀକ୍ଷା କରିଥିଲେ। ଭେକ୍ଟରବାହିତ ରୋଗ ଦୂର କରିବାରେ ସମସ୍ତ ଅଧିକାରୀଙ୍କ ମିଳିତ ପ୍ରଚେଷ୍ଟାରେ ଏହାକୁ ଅଧିକ କ୍ରିୟାଶୀଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମ୍ୟାଲେରିଆ ଏବଂ ଡେଙ୍ଗୁ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ତରଫରୁ ହେଉଥିବା ଔଷଧଯୁକ୍ତ ମଶାରି ବଣ୍ଟନ, କୀଟନାଶକ ସ୍ପ୍ରେ ବ୍ୟବସ୍ଥା ବାବଦରେ ପଚାରି ବୁଝିଥିଲେ। ଅଧିକ ରୋଗୀ ଥିବା ମ୍ୟାଲେରିଆପ୍ରବଣ ଅଞ୍ଚଳ ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କହିଥିଲେ। ପ୍ରାକ୍ ବର୍ଷା ଋତୁ ପାଇଁ ପ୍ରସ୍ତୁତି ଏବଂ ବର୍ଷା ସମୟରେ ପଦକ୍ଷେପଗୁଡ଼ିକ ସୂଚାରୁରୂପେ ସମ୍ପାଦନ ନିମନ୍ତେ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ମ୍ୟାଲେରିଆ ପାଇଁ ସକ୍ରିୟ ରୂପେ ସ୍କ୍ରିନିଂ ବ୍ୟବସ୍ଥାକୁ ଆବାସିକ ସ୍କୁଲ, ମ୍ୟାଲେରିଆପ୍ରବଣ ଅଞ୍ଚଳ, ପ୍ରବାସୀ ଶ୍ରମିକଙ୍କୁ ଅନ୍ତର୍ଭୁକ୍ତ କରିବା ସହ ଟେଷ୍ଟ ବଢ଼ାଇବାକୁ କହିଥିଲେ। ଆଗାମୀ କିଛି ଦିନ ମଧ୍ୟରେ କେନ୍ଦ୍ର ସରକାର ୧.୫୭ କୋଟି ଔଷଧଯୁକ୍ତ ମଶାରି ଯୋଗାଇବାକୁ ଯାଉଛନ୍ତି। ଏହାକୁ ତୃଣମୂଳସ୍ତରରେ ଅଧିକାରୀମାନେ ତଦାରଖ କରି କିପରି ସୁବ୍ୟବହାର ହେବ, ସେଥିପ୍ରତି ଧ୍ୟାନ ଦେବାକୁ କହିଛନ୍ତି। ଡେଙ୍ଗୁ ରୋଗ ପ୍ଲାଟଲେଟ୍ ମହଜୁଦ ରଖିବାକୁ ସୁନିଶ୍ଚିତ କରିବା ସହ ମ୍ୟାଲେରିଆ ଏବଂ ଡେଙ୍ଗୁ ନିରାକରଣ ଟିମ୍‌ଗୁଡିକ ସଠିକ୍ ଭାବେ କାମ କରିବାକୁ ଉପଦେଶ ଦେଇଥିଲେ। ବୈଠକରେ ଅନୁଗୁଳ, ଭଦ୍ରକ, ବାଲେଶ୍ୱର, ବୌଦ୍ଧ, କଟକ, ଗଞ୍ଜାମ , ଗଜପତି, ଜଗତସିଂପୁର, ଖୋର୍ଦ୍ଧା, ନୟାଗଡ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ରାୟଗଡା, ମୟୂରଭଞ୍ଜ, ସୁନ୍ଦରଗଡ଼ ଜିଲ୍ଲାର ଅଧିକାରୀମାନେ ଆଭାସୀ ମଧ୍ୟମରେ ଯୋଡ଼ି ହୋଇଥିଲେ।

# ‘ଆଦି କର୍ମଯୋଗୀ ଅଭିଯାନ’ ଆରମ୍ଭ
## ତୃଣମୂଳସ୍ତରରେ ଜନଜାତି କଲ୍ୟାଣ ଯୋଜନା ପହଞ୍ଚାଇବା ଲକ୍ଷ୍ୟ

ଭୁବନେଶ୍ୱର,୭।୮ (ସମିସ): ଭାରତ ତଥା ରାଜ୍ୟ ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ମିଶନ୍ ମୋଡ୍‌ରେ ଆରମ୍ଭ ହୋଇଛି ‘ଆଦି କର୍ମଯୋଗୀ ଅଭିଯାନ’। ଏହିକ୍ରମରେ ତୃଣମୂଳ ସ୍ତରରେ ଶାସନକୁ ସୁଦୃଢ଼ କରିବା ଦିଗରେ ଭୁବନେଶ୍ୱରଠାରେ ଆଦି କର୍ମଯୋଗୀ ରିଜିଓନାଲ୍ ପ୍ରୋସେସ୍ ଲ୍ୟାବ୍ (ଆରପିଏଲ୍)



କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସପ୍ତାହବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ, ବିହାର ଏବଂ ଓଡ଼ିଶାରୁ ୨୪ ଜଣ ଅଂଶଗ୍ରହଣକାରୀ ଭାଗ ନେଇଥିବା ବେଳେ ଭାରତ ଗ୍ରାମୀଣ ଜୀବିକା ଫାଉଣ୍ଡେସନ୍ (ବିଆରଏଲଏଫ୍)ର ସହାୟତାରେ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

ତୃଣମୂଳସ୍ତରର କର୍ମକର୍ତ୍ତାଙ୍କୁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ନାଗରିକଙ୍କ ନିକଟରେ ସିଧାସଳଖ ସରକାରୀ ଯୋଜନାର ଲାଭ ପହଞ୍ଚିପାରିବ। ‘ଆଦି କର୍ମଯୋଗୀ ଅଭିଯାନ’ ଦେଶର ୩୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୧ ଲକ୍ଷ ଆଦିବାସୀ ଗ୍ରାମ, ୩୦୦୦ ବ୍ଲକ, ୫୫୦ ରୁ ଅଧିକ ଜିଲ୍ଲାରେ ପହଞ୍ଚିବାର ଲକ୍ଷ୍ୟ ରହିଥିବା ବେଳେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ୨୨ଟି ଜିଲ୍ଲା, ୨୧୩ ବ୍ଲକ ଏବଂ ୭୬୨୩ ଗ୍ରାମରେ ଏହା ପହଞ୍ଚିବ। ତେବେ ଏହି ଦିନିଆ କର୍ମଶାଳାରେ ଝାଡ଼ଖଣ୍ଡ, ବିହାର ଏବଂ ଓଡ଼ିଶାରୁ ପ୍ରତ୍ୟେକ ୮ ଜଣ ଷ୍ଟେଟ୍ ମାଷ୍ଟର ଟ୍ରେନର୍ ଯୋଗ ଦେଇଥିବା ବେଳେ ପରେ ଜିଲ୍ଲା ମାଷ୍ଟର ଟ୍ରେନର୍‌ମାନଙ୍କୁ ନେଇ ମଧ୍ୟ କର୍ମଶାଳା ଆୟୋଜନ କରାଯିବ। ଜିଲ୍ଲା ମାଷ୍ଟର ଟ୍ରେନର୍ ବ୍ଲକ ସ୍ତରରେ ଟ୍ରେନିଂ ଦେବା ସହ ଏକ ସଶକ୍ତ କ୍ୟାଡର୍ ଗଠନ କରିବେ। ଏହି କ୍ୟାଡର୍‌କୁ ତିନି ଭାଗରେ ବର୍ଗୀକୃତ କରାଯାଇଛି। ସରକାରୀ କର୍ମଚାରୀଙ୍କୁ ନେଇ “ଆଦି କର୍ମଯୋଗୀ’, ଯୁବନେତା, ଶିକ୍ଷକ, ଡାକ୍ତର ଓ ସାମାଜିକ କର୍ମୀଙ୍କୁ ନେଇ “ଆଦି ସହଯୋଗୀ’ ଏବଂ ଜନଜାତି ନେତା, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ୱେଚ୍ଛାସେବୀଙ୍କୁ ନେଇ “ଆଦି ସାଥୀ’ରେ ବିଭକ୍ତ କରାଯାଇଛି।

# ଅଙ୍କିତ ଆଚାର୍ଯ୍ୟଙ୍କ ଷ୍ଟାର୍ଟଅପ କସିଓକୁ ସିଡ୍ ଫଣ୍ଡିଙ୍ଗ

ଭୁବନେଶ୍ୱର, ୮।୭(ସମିସ)

ଏଆଇ-ପରିଚାଳିତ ଭିଡିଓ ଟେଲିମାଟିକ୍ସ ଷ୍ଟାର୍ଟଅପ କସିଓକୁ ସିଡ୍ ଫଣ୍ଡିଙ୍ଗରେ ୧.୮ ମିଲିୟନ ଡଲାରର ଅତିରିକ୍ତ ପାଣ୍ଠି ହାସଲ କରିଛି। ଏହି ରାଉଣ୍ଡରେ ଅମାଲ ପାରିଖ୍ ନେତୃତ୍ୱ ନେଇଥିବାବେଳେ ଏଥିରେ ୮ଆଇ ଭେଞ୍ଚର୍ସ, ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ, ବିଭା ଚେତନ (ପାର୍ଟନର- ଚେରାଭି ଭେଂଚର୍ସ), ଭେଞ୍ଚର କାଟାଲିଷ୍ଟ ଆଦି ଅଂଶଗ୍ରହଣ କରିଥିଲେ। ଏହି ରାଉଣ୍ଡକୁ ରବିନ ଶାସ୍ତ୍ରୀ (ଫଣ୍ଡି ପାର୍ଟନର- ମଲ୍ଟିପ୍ଲାଏ ଭେଞ୍ଚର୍ସ), ବିବେକାନନ୍ଦ ହାଲେକେରେ (ସହ-ପ୍ରତିଷ୍ଠାତା- ବାଉନ୍ସ), ନିଶ୍ଚୟ ଏଜି (ସହପ୍ରତିଷ୍ଠାତା- ଜାର)ଙ୍କ ସମର୍ଥନ ମିଳିଥିଲା। ଏହା କସିଓର ମୋଟ ସିଡ୍ ଫଣ୍ଡିଂକୁ ୩ ମିଲିୟନ ଡଲାରରେ ପହଞ୍ଚାଇଛି। ଚଳିତ ବର୍ଷ ଏପ୍ରିଲରେ କମ୍ପାନୀ ଏହାର ବିଦ୍ୟମାନ ରାଉଣ୍ଡର ଅଂଶ ଭାବେ ୧.୨ ମିଲିୟନ ଡଲାରର ପାଣ୍ଠି ହାସଲ କରିଥିବା ଘୋଷଣା କରିଥିଲା। ଏହି ପାଣ୍ଠିକୁ କସିଓର ଗବେଷଣା ଓ ବିକାଶର ବିସ୍ତାର, ଏହାର ଏଆଇ କ୍ଷମତାଗୁଡିକୁ ଉନ୍ନତ କରିବା ଏବଂ ଭାରତର ଫ୍ଲିଟ ଅପରେଟର, ଇଂଟରସିଟି ଓ ଇନ୍ଟ୍ରାସିଟି ବସ୍ ଅପରେଟର ଏବଂ ସ୍କୁଲ ଟ୍ରାନ୍ସପୋର୍ଟ ନେଟ୍‌ୱର୍କଗୁଡିରେ ଏହାର ଉପସ୍ଥିତିକୁ ବୃଦ୍ଧି କରିବା ପାଇଁ ବ୍ୟବହାର କରାଯିବ। କମ୍ପାନୀ ଏହାର ଅନ୍-ଗ୍ରାଉଣ୍ଡ ଇନ୍‌ଷ୍ଟଲେଶନ ଓ ସର୍ଭିସିଙ୍ଗ କ୍ଷମତାକୁ ମଜବୁତ କରିବା ପାଇଁ ମଧ୍ୟ ଯୋଜନା ରଖିଛି ଯାହା ଫ୍ଲିଟଗୁଡିକ ପାଇଁ ସୁଗମ ଗ୍ରହଣକୁ ନିଶ୍ଚିତ କରିବ।

ପ୍ରତ୍ୟେକ ଯାତ୍ରାକୁ ସୁରକ୍ଷିତ ରଖିବାର ଲକ୍ଷ୍ୟ ସହିତ ସ୍ଥାପିତ କସିଓ ଫ୍ଲିଟ ଅପରେଟରଙ୍କୁ ବାସ୍ତବ ସମୟରେ ବିପଦକୁ ଚିହ୍ନଟ ଓ ପ୍ରତିରୋଧ କରିବାରେ ସାହାଯ୍ୟ କରିବା ପାଇଁ ଏକ ଏଆଇ-ଚାଳିତ ସେଫ୍ଟି ପ୍ଲାଟଫର୍ମ ସହ ପେୟାର ହୋଇଥିବା ଆଡ୍‌ଭାନ୍ସଡ ଡ୍ୟାଶ କ୍ୟାମେରା ପ୍ରଦାନ କରୁଛି। କେବଳ ରେକର୍ଡ କରିବା ପରିବର୍ତ୍ତେ ଦୁର୍ଘଟଣାକୁ ଆକଳନ ଓ ପ୍ରତିରୋଧ କରିପାରୁଥିବା ଟେକ୍ନୋଲୋଜି ଉପରେ ଗୁରୁତ୍ୱ ଦେଇ କସିଓ ଭାରତର ସାର୍ବଜନିନ ପରିବହନ, ସ୍କୁଲ ପରିବହନ ଓ ବାଣିଜ୍ୟିକ ପରିବହନ କ୍ଷେତ୍ରରେ ସୁରକ୍ଷିତ ସଡକଗୁଡିକ ପାଇଁ ଜରୁରୀ ଆବଶ୍ୟକତାକୁ ପୂରଣ କରୁଛି। କସିଓର ସହପ୍ରତିଷ୍ଠାତା ଓ ସିଇଓ ଅଙ୍କିତ ଆଚାର୍ଯ୍ୟ କହିଛନ୍ତି, ଏଥିରେ ଆମେ ଏଭଳି ଟେକ୍ନୋଲୋଜି ନିର୍ମାଣ କରୁଛୁ, ଯାହା ସୁରକ୍ଷାକୁ ଦୃଶ୍ୟମାନ ଓ କାର୍ଯ୍ୟକ୍ଷମ କରିଥାଏ। ସହପ୍ରତିଷ୍ଠାତା ଓ ସିଟିଓ ପ୍ରାଞ୍ଜଲ କହିଛନ୍ତି, ଏହି ନୂଆ ନିବେଶ ଆମକୁ ଆମର ଟେକ୍ନୋଲୋଜିକୁ ସୁଦୃଢ କରିବା, ଆମର ଟିମକୁ ବୃଦ୍ଧି କରିବା ଏବଂ ଆମର ଉପସ୍ଥିତି ବିସ୍ତାର କରିବାକୁ ଆମକୁ ଅନୁମତି ଦେଉଛି।

# ପୂରଣ ହେଲା ୬୨୬ ହୋମଗାର୍ଡ ପଦବୀ

ଭୁବନେଶ୍ୱର, ୭।୮(ସମିସ): ଭୁବନେଶ୍ୱରରେ ଖାଲି ପଡ଼ିଥିବା ୬୨୬ ହୋମଗାର୍ଡ ପଦବୀ ପୂରଣ ହେଲା। ଆଜି ଉଭୟ ମହିଳା ଏବଂ ପୁରୁଷ କ୍ୟାଣ୍ଡିଡେଟ୍ ପାଇଲେ ଜଏନିଂ ଲେଟର। ପୁଲିସ ରିଜର୍ଭ ପଡ଼ିଆରେ ସମସ୍ତ ଚୟନ ପକ୍ରିୟା କରାଯାଇଥିଲା। ସର୍ବନିମ୍ନ ଯୋଗ୍ୟତା ୫ମ ପାସ୍ ଥିବା ବେଳେ ବି-ଟେକ୍ ଏମ୍-ଟେକ୍ ପିଲା ମଧ୍ୟ କରିଥିଲେ ଆବେଦନ। ଆବେଦନକାରୀମାନେ ରିଜର୍ଭ ପଡ଼ିଆରେ ଚୟନ ପକ୍ରିୟାରେ ସାମିଲ ହୋଇଥିଲେ। କିଏ କ୍ୟାମ୍ପ ତଳେ ବସିଛନ୍ତି ତ ଆଉ କିଏ ଡକ୍ୟୁମେଣ୍ଟ ଭେରିଫିକେଶନ ପାଇଁ ଧାଡ଼ିରେ ଠିଆ ହୋଇଥିଲେ। ଗତ ମାର୍ଚ୍ଚ ମାସରେ ୬୨୬ଟି ହୋମଗାର୍ଡ ପଦବୀ ପାଇଁ ଆରମ୍ଭ ହୋଇଥିବା ପ୍ରକ୍ରିୟା ଆଜି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୬ମାସ ମଧ୍ୟରେ ରିଟିଂ, ରନିଂ, ଭାଇବା ସହ ପଦବୀ ପାଇଁ ଆବଶ୍ୟକ ବିଭିନ୍ନ ଇଭେଣ୍ଟ ଦ୍ୱାରା ହୋଇଥିଲା ଚୟନ ପ୍ରକ୍ରିୟା। ହୋମଗାର୍ଡ ପଦବୀ ପାଇଁ ୨୮ ୬୫ଜଣ ଆବେଦନ କରିଥିବା ବେଳେ ମାର୍କ ଆଧାରରେ ସର୍ଟଲିଷ୍ଟ ଓ କୃତକାର୍ଯ୍ୟ ହୋଇଥିବା ୬୨୬ଜଣଙ୍କୁ ଜଏନିଂ ଲେଟର ଦିଆ ଯାଇଛି। ୬୨୬ଜଣଙ୍କୁ ଗୋଟିଏ ମାସର ଟ୍ରେନିଂ ପରେ ବିଭିନ୍ନ ଥାନାରେ ପୋଷ୍ଟିଂ ଦିଆଯିବ। ଏମାନେ ପୁଲିସକୁ ‘ଲ ଆଣ୍ଡ ଅର୍ଡର ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ପୁଲିସକୁ ସହଯୋଗ କରିବେ ଯାହା ଦ୍ୱାରା ପୁଲିସ ବିଭାଗର ଚାପ କମିବ ବୋଲି କହିଛନ୍ତି ଅଧିକାରୀ। ପୁଲିସ ରିଜର୍ଭ ପଡ଼ିଆରେ ହୋମଗାର୍ଡ ଜଏନିଂ ଲେଟର ଦିଆ ଯାଉଥିବା ବେଳେ ଅଜବ ଦୃଶ୍ୟ ଦେଖିବାକୁ ମିଳିଥିଲା। ହୋମଗାର୍ଡ ଚାକିରୀ ପାଇଁ ସର୍ବନିମ୍ନ ଯୋଗ୍ୟତା ପଞ୍ଚମ ପାସ୍‌ରୁ ଉପରକୁ ଥିବା ବେଳେ ଆବେଦନ କରିଥିଲେ ମାଟ୍ରିକ ପାସ୍ ଆଉଟ୍ ଠାରୁ ଆରମ୍ଭ କରି ବହୁ ଉଚ୍ଚ ଶିକ୍ଷିତ ଛାତ୍ରଛାତ୍ରୀ। ଗ୍ରାଜୁଏସନ୍, ବି-ଟେକ୍, ଏମ୍-ଟେକ୍ ଏବଂ ହୋଟେଲ୍ ମ୍ୟାନେମେଣ୍ଟ କରିଥିବା ଛାତ୍ରଛାତ୍ରୀ ଏମିତିକି ଏସବୁ ଡିଗ୍ରୀ ପରେ ମଧ୍ୟ ଜାତୀୟ ସ୍ତରର ଖେଳାଳି ମାନେ ଆବେଦନ କରିଥିଲେ। ଚାକିରି ନ ଥିବାରୁ ସେମାନେ ଏହି ପୋଷ୍ଟ ପାଇଁ ଆବେଦନ କରିଛନ୍ତି ଏବଂ ଆଗକୁ ଏହି ଚାକିରୀ କରି ମଧ୍ୟ କମ୍ପିଟେଟିଭ୍ ପାଇଁ ପ୍ରସ୍ତୁତ୍ କରିବେ। ଖାଲି ସେତିକି ନୁହେଁ ସହରାଞ୍ଚଳରେ ଥିବା ବସ୍ତିରୁ କିଛି ପିଲା ଓ ରାଜଧାନୀରେ ଥିବା କିଛି ଗୃହିଣୀ ମାନେ ମଧ୍ୟ କରିଥିଲେ ଆବେଦନ।

# ରମାଦେବୀ କ୍ୟାମ୍ପସ୍‌ରେ ପୁଲିସ୍ ଆଉଟ୍‌ପୋଷ୍ଟ ପ୍ରତିଷ୍ଠା ଦାବି

ଭୁବନେଶ୍ୱର, ୭।୮(ସମିସ): ରମାଦେବୀ ବିଶ୍ୱବିଦ୍ୟାଳୟରେ ଛାତ୍ରୀ ଅସୁରକ୍ଷିତ। ନିୟମିତ ଭାବେ କିଛି ବାଇକ୍ ଆରୋହୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଷ୍ଟଣ୍ଟ କରୁଛନ୍ତି। ଛାତ୍ରୀଙ୍କୁ କମେଣ୍ଟ ମାରୁଛନ୍ତି। ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏଣୁ ଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଏକ ପୁଲିସ୍ ଆଉଟ୍‌ପୋଷ୍ଟ ପ୍ରତିଷ୍ଠା କରିବାକୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଭୁବନେଶ୍ୱର ଡିସିପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟର ଏହି ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟରେ ବହୁ ମହିଳା ଅଧ୍ୟାପକଙ୍କ ସମେତ ପ୍ରାୟ ୬ ହଜାରରୁ ଅଧିକ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଅର୍ଦ୍ଧାଧିକ ଛାତ୍ରୀ କ୍ୟାମ୍ପସରେ ମଧ୍ୟ ରହୁଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ ଓ ତାକୁ ଅପରାଧିମାନେ ଭ୍ରୁକ୍ଷେପ କରୁନାହାନ୍ତି। ତେଣୁ ପୁଲିସ୍ ଆଉଟ-ପୋଷ୍ଟ କରିବା ଅତ୍ୟାବଶ୍ୟକ ବୋଲି ଦର୍ଶାଇବା ସହ ତୁରନ୍ତ ପଦକ୍ଷେପ ନେବାକୁ ଆଲୋଚନା କରିଛନ୍ତି।



କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇର କାଠିଆପଡ଼ା ଗ୍ରାମରେ ଛାତ୍ରୀ ପୋଡ଼ି ମୃତ୍ୟୁ ପରେ ଘଟଣାସ୍ଥଳରେ ପହଞ୍ଚିଛନ୍ତି ବିଜେଡ଼ି ପ୍ରତିନିଧି ଦଳ।

# ଶିବାନନ୍ଦ ଆବାସିକ ବିଦ୍ୟାଳୟରେ ବୃକ୍ଷରୋପଣ



ଭୁବନେଶ୍ୱର, ୭।୮(ସମିସ): ଲାୟନ୍ସ କ୍ଲବ ଅଫ ଭୁବନେଶ୍ୱର ବ୍ୟାଙ୍କର୍ସ ତରଫରୁ ଖଣ୍ଡଗିରିସ୍ଥିତ ସ୍ୱାମୀ ଶିବାନନ୍ଦ ଶତ ବାର୍ଷିକୀ ଆବାସିକ ବାଳକ ଉଚ୍ଚ ବିଦ୍ୟାଳୟର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିବାନନ୍ଦ ଆଶ୍ରମ ଦିବ୍ୟଜୀବନ ସଂଘର ଅଖିଳ ଭାରତୀୟ ଉପ ସଭାପତି ସ୍ୱାମୀ ନିର୍ଲିପ୍ତାନନ୍ଦ ଯୋଗଦାନ କରି ଚାରା ରୋପଣ ଅବସରରେ ଏହା ଏକ ପୁଣ୍ୟକାମ ବୋଲି ଅଭିହିତ କରିଥିଲେ। ଲାୟନ୍ସ କ୍ଲବ ଏଭଳି ଏକ ମହତ କାମ ହାତକୁ ନେଇଥିବାରୁ ସ୍ୱାମୀଜୀ ଏହାର ଭୁୟସୀ ପ୍ରଶଂସା କରିଥିଲେ। କ୍ଲବର ସଭାପତି ଲାୟନ ଅଭୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସମ୍ପାଦକ ଲାୟନ ବିଚିତ୍ର କୁମାର ମିଶ୍ର, ଉପସଭାପତି ରଘୁନାଥ ପୃଷ୍ଟି, ଡ଼ଃ ମନୋରଞ୍ଜନ ଭୂୟାଁ, ମୁକ୍ତିକାନ୍ତ ଶତପଥୀ, ଲାୟନ ମନୋରଞ୍ଜନ ଦାସ, ଅନିତା ମହାନ୍ତି, ଡାଇରେକ୍ଟର, ଲାୟନ ଗାୟତ୍ରୀ ମିଶ୍ର, ସଞ୍ଜୟ ମହାନ୍ତି, ବୃନ୍ଦାବନ ନାୟକ, ପ୍ରତାପ ଚନ୍ଦ୍ର ମଙ୍ଗରାଜ ଓ ଉଷାରାଣୀ ମଙ୍ଗରାଜ ପ୍ରମୁଖ ଯୋଗ ସାମିଲ ହୋଇ ଗୁଆ, ପଣସ, ପିଜୁଳି ଓ ସପେଟା ଇତ୍ୟାଦି ଫଳଚାରା ରୋପଣ କରିଥିଲେ। ସ୍ୱାମୀ ଶିବାନନ୍ଦ ଆଶ୍ରମ ତରଫରୁ ସଂଯୋଜକ ନିର୍ମଳ ଦାସ ଓ ଯୁଗ୍ମ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ଓ ଅନ୍ୟ ଅନ୍ତେବାସୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

# କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ନିର୍ଯାତନା ସଂକ୍ରାନ୍ତ କର୍ମଶାଳା

ଭୁବନେଶ୍ୱର, ୭।୮(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଯୁବ ଏବଂ ସାମାଜିକ ବିକାଶ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ କାର୍ଯ୍ୟସ୍ଥଳରେ ମହିଳାମାନଙ୍କୁ ଯୌନ ନିର୍ଯାତନା (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩ ସଂକ୍ରାନ୍ତ ଏକ ସମ୍ବେଦନଶୀଳ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇସିସିର ଅଧ୍ୟକ୍ଷା ପ୍ରଫେସର ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଓପିଟିସିଏଲର ମାନବ ସମ୍ବଳ ବିକାଶର ମହାପ୍ରବନ୍ଧକ ଡ. ଇତିଶ୍ରୀ ସାହୁ, ମୁଖ୍ୟ ଅତିଥି ଭାବେ ଯୁବ ଏବଂ ସାମାଜିକ ବିକାଶ କେନ୍ଦ୍ରର ପ୍ରତିଷ୍ଠାତା ଜଗଦାନନ୍ଦ, ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ପୋଷ ଆଇନ ବିଷୟରେ ସମୀକ୍ଷା କରିଥିଲେ।

# ସ୍ୱନକ୍ଷତ୍ର ଉତ୍ସବରେ ‘ଦୂରଦର୍ଶୀ ସମ୍ମାନ’ ପ୍ରଦାନ

ଭୁବନେଶ୍ୱର, ୭।୮(ସମିସ): ମାସିକ ପତ୍ରିକା ‘ଦୂରଦର୍ଶୀ’ ୧୭ତମ ସ୍ୱନକ୍ଷତ୍ର ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦୁର୍ଗା ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ, ଗୌରହରି ଦାସ, ପ୍ରଫେସର ମୃଣାଳ କୁମାର ଚାର୍ଟାଜୀ, ସ୍ତମ୍ଭକାର ପ୍ରହ୍ଲାଦ ସିଂହ, ଡ. ପ୍ରବୋଧ ମହାନ୍ତି, ପୂର୍ବତନ ସିଆରପିଏଫ୍ ଆଇଜି ସୁବ୍ରତ କୁମାର ମିଶ୍ର ଯୋଗଦେଇ ଥିଲେ। ଏହି ଅବସରରେ ଦୂରଦର୍ଶୀର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ, ମାନବାଧିକାରବିତ୍ ମନୋଜ ଜେନା, ଆଇଏମ୍‌ଏସ୍ ନର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢ଼ୀ, ସାମାଜିକ କର୍ମୀ ପ୍ରଦୀପ କୁମାର ଦେହୁରୀ, ଡାକ୍ତର ଦେବାଶିଷ ସାହୁ, ସାମ୍ବାଦିକ ହର ପ୍ରସାଦ ଦାସ, ମଞ୍ଚକଳାକାର ବିଶ୍ୱଭୂଷଣ ମହାନ୍ତି, ସାହିତ୍ୟିକ ଗିରିଶ ରଞ୍ଜନ ସାହୁ, ସାମାଜିକ କର୍ମୀ ରାଜୀବ ଲୋଚନ ପ୍ରଧାନ, ଶିକ୍ଷାବିତ୍



ଗିରିଶ ପ୍ରସାଦ ସ୍ୱାଇଁ, ମହେଶ ପାତ୍ରଙ୍କୁ ‘ଦୂରଦର୍ଶୀ ସମ୍ମାନ’ ପ୍ରଦାନ କରାଯାଇଥିଲା। ଦୂରଦର୍ଶୀ ବ୍ୟୁରୋଚିଫ୍ ପ୍ରସନ୍ନ ବିଶୋଇ ସ୍ୱାଗତ ଭାଷଣ ଦେଇଥିବାବେଳେ ଜଗନ୍ନାଥ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଜ୍ୟୋତିର୍ବିତ୍ ଡ.ମନୋଜ ଲେଙ୍କାଙ୍କୁ ଅନ୍ତର୍ଜାତୀୟ ସମ୍ମାନ



ଭୁବନେଶ୍ୱର, ୭।୮(ସମିସ): ମ୍ୟାଲେସିଆର ରାଜଧାନୀ କୁଆଲାଲମ୍ପୁର ଠାରେ ଚାଲିଥିବା ଆଲୋଚନାଚକ୍ରରେ ଜ୍ୟୋତିର୍ବିତ ଡ. ମନୋଜ ଲେଙ୍କାଙ୍କୁ ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ଗତ ସୋମବାରଠାରୁ ଶନିବାର ପର୍ଯ୍ୟନ୍ତ ଏହି ସେମିନାର ଅନୁଷ୍ଠିତ ହୋଇଥିଲା। ଏଥିରେ ମ୍ୟାଲେସିଆର ଗଭର୍ଣ୍ଣର ଡ. ଯୋଶେଫ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ। ବିଶ୍ୱର ପ୍ରମୁଖ ଭାରତ, ନେପାଳ, ଭୁଟାନ, ମ୍ୟାମର, ଆଇଲାଣ୍ଡ, ଭିଏତନାମ, ମ୍ୟାଲେସିଆ, ଫିଲିପାଇନ୍ସ, ବାଂଲାଦେଶ, ସିଂଗାପୁର, ଇଣ୍ଡୋନେସିଆ ପରି ୨୦ଟି ଦେଶରୁ ଜ୍ୟୋତିର୍ବିଜ୍ଞାନୀ, ଭୂ-ବିଜ୍ଞାନୀ ଓ ମହାକାଶ ବିଜ୍ଞାନୀମାନେ ଯୋଗ ଦେଇଥିଲେ। ଭାରତରୁ ଡ. ମନୋଜ ଲେଙ୍କା ପ୍ରତିନିଧିତ୍ୱ କରିଥିଲେ। ଡ. ମନୋଜ ଲେଙ୍କା ବର୍ତ୍ତମାନ ହାପି ଲିଭିଙ୍ଗ ଜ୍ୟୋତିଷ ଗଣନା କେନ୍ଦ୍ରର ଅଧ୍ୟକ୍ଷ ଥିଲାବେଳେ ରାଜ୍ୟ ଜ୍ୟୋତିଷ ମହାସଂଘର ସଭାପତି ରହିଛନ୍ତି।

# ଆକାଶବାଣୀ କଟକ କେନ୍ଦ୍ରରେ ହସ୍ତତନ୍ତ ଦିବସ



କଟକ,୭।୮(ସମିସ): ଆକାଶବାଣୀ କଟକ କେନ୍ଦ୍ର ପରିସରରେ ଆଜି ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଛି। ଏହି ଅବସରରେ କେନ୍ଦ୍ରର ମହିଳା କର୍ମଚାରୀମାନେ ହସ୍ତତନ୍ତ ବସ୍ତ୍ର ପରିଧାନ କରିଥିଲେ। ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସପ୍ତାହରେ ଅନ୍ୟୂନ ଗୋଟିଏ ଦିନ ହସ୍ତତନ୍ତ ବସ୍ତ୍ର ପରିଧାନ କରିବାକୁ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ୨୦ରୁ ଅଧିକ ମହିଳା କର୍ମଚାରୀ ଯୋଗ ଦେଇଥିଲେ।



## ହୁ ହୁ ହୋଇ ବଢ଼ୁଛି ପରିବା ଦର

# ଷାଠିଏରୁ ଖସୁନି; ଟମାଟୋ ଛୁଇଁଲା ଅଶି

### ସରକାରଙ୍କ ଉପରେ ବର୍ଷିଲା ବ୍ୟବସାୟୀ ସଂଘ

ଭୁବନେଶ୍ୱର, ୭।୮ (ସମିସ)



ରାଜ୍ୟରେ ବନ୍ୟା ପରିପ୍ରେକ୍ଷୀରେ ରାଜଧାନୀରେ ପରିବା ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ମୋଟାମୋଟି ଦେଖିଲେ ଅଧିକାଂଶ ପରିବା ୮୦ଟଙ୍କା ଟପିଥିବା ବେଳେ ଖୁଚୁରା ବ୍ୟବସାୟୀମାନେ ୧୦୦ଟଙ୍କାରେ ବିକ୍ରି ହେଉଛି। ଖୁଚୁରା ଦୋକାନରେ କାଙ୍କଡ଼ କିଲୋ ୨୦୦ ଟଙ୍କା ଛୁଇଁଛି। ସେହିପରି ସପ୍ତାହକ ପୂର୍ବରୁ ଟମାଟୋ କିଲୋ ୪୦ଟଙ୍କା ରହିଥିବା ବେଳେ ବର୍ତ୍ତମାନ ତାହା ୮୦ ଛୁଇଁଛି। ପ୍ରତ୍ୟେକ ପରିବା କିଲୋ ପିଛା ଦୁଇ ଦିନ ମଧ୍ୟରେ ୧୦ରୁ ୧୫ ଟଙ୍କା ଲେଖାଏଁ ବୃଦ୍ଧି ପାଇଛି। ଫଳରେ ୫୦ଟଙ୍କାରେ ବି ବ୍ୟାଗ୍ ଭର୍ତ୍ତି ହେଉନାହିଁ।

ଚଳିତବର୍ଷ ବନ୍ୟା ଯୋଗୁଁ ସପ୍ତାହେ ପୂର୍ବରୁ ଯେଉଁ ପରିବା ଦର କିଲୋ ପିଛା ୫୦ରୁ ୬୦ଟଙ୍କା ମଧ୍ୟରେ ସୀମିତ ରହିଥିଲା ଏବେ ତାହା ୮୦ ଛୁଇଁଛି। ଆଉ କେତେକ ପରିବା ୧୦୦ଟଙ୍କାରେ ପହଞ୍ଚିଛି। ଟମାଟୋ କିଲୋ ୪୦ରୁ ୮୦, ପୋଟଳ ୮୦, ଭେଣ୍ଡି ୮୦, କଖାରୁ ୬୦, କ୍ୟାପସିକମ୍ ୧୫୦, ବିନସ୍ ୧୬୦, କାକୁଡ଼ି ୮୦, ଜହ୍ନି ୮୦, କାଙ୍କଡ଼ ୨୦୦, ଫୁଲକୋବି ଗୋଟାକୁ ୭୦ରୁ ୮୦, ବାଇଗଣ ୮୦ ଟଙ୍କାରେ ପହଞ୍ଚିଛି। ସେହିପରି କୋଶିଳା, କଳମ, ଖଡ଼ା, ଲେଉଟିଆ ଆଦି ଶାଗର ଦର ମଧ୍ୟ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ବର୍ଷା ପାଇଁ ଶାଗ ନଷ୍ଟ ହୋଇଥିବା ସହ ପରିବା ଆମଦାନୀ ହୋଇପାରୁ ନ ଥିବାରୁ ଦର ବୃଦ୍ଧି ପାଉଥିବା ବ୍ୟବସାୟୀମାନେ କହିଛନ୍ତି। ତେବେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଠାରୁ ଆରମ୍ଭ କରି ପନିପରିବା ସବୁଥିରେ ଏବେ ଏଭଳି ଅବସ୍ଥା। ଯାହାକୁ ନେଇ ସରକାରଙ୍କ ଉପରେ ବର୍ଷିଛି ବ୍ୟବସାୟୀ ମହାସଂଘ। ସରକାରଙ୍କ ଆନ୍ତରିକତା ନ ରହିଲେ ଏମିତି ହିଁ ହେବ ବୋଲି କହିଛି ମହାସଂଘ। ଏପରିକି ସରକାରଙ୍କୁ ୧୩ ମାସରୁ ଅଧିକ ବିତିଯାଇଥିଲେ ମଧ୍ୟ ନା ଉତ୍ପାଦନ ବଢ଼ିଲା ନା ଚାଷୀ ସାମଗ୍ରୀ ରଖିବାକୁ ଶିତଳଭଣ୍ଡାରଟିଏ ହେଲା। ଦର ବୃଦ୍ଧି ଓ ଦରରେ ଅଙ୍କୁଶ ଟାଣିବାକୁ ନେଇ ସରକାରଙ୍କୁ ସମ୍ପୂର୍ଣ୍ଣ ଦୋଷ ଦେଇଛି ଓଡ଼ିଶା ବ୍ୟବସାୟୀ ମହାସଂଘ। କଖାରୁ, କଦଳୀ, ଟମାଟୋରୁ ଆରମ୍ଭ କରି ଏକାଧିକ ସାମଗ୍ରୀ ପାଇଁ ବାହାର ରାଜ୍ୟ ଉପରେ ଓଡ଼ିଶା ନିର୍ଭରଶୀଳ। ରାଜ୍ୟ ସରକାରଙ୍କ ଉପରେ ଯେଉଁ ଆଶା ଥିଲା ତାହା ହେଲାନି। ଏସବୁ ପ୍ରସଙ୍ଗକୁ ନେଇ ଦିଲ୍ଲୀ ଗସ୍ତ କରି ବ୍ୟବସାୟୀ ମହାସଂଘ ଲୋକସଭା ବାଚସ୍ପତି ଓ ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋୟଲଙ୍କ ସହିତ ଆଲୋଚନା କରିଛନ୍ତି। ଏବେ ଟମାଟୋ ଦର ଆକାଶଛୁଆଁ। କେଉଁଠି ଦର କିଲୋ ପିଛା ୮୦ ତ ଆଉ କେଉଁଠି ୧୦୦ ରେ ବିକ୍ରି ହେଉଛି। ବିଶେଷକରି ଖୁଚୁରା ବଜାରରେ ମନଇଚ୍ଛା ଦର ନିଆଯାଉଛି। ଓଡ଼ିଶାରେ ସାମଗ୍ରୀ ସଂରକ୍ଷଣ ପାଇଁ ବ୍ୟବସ୍ଥା ନଥିବାରୁ ବାହାରୁ ଆସୁଥିବା ସାମଗ୍ରୀକୁ ଯିଏ ଯାହା ସୁବିଧା ଦରରେ ବିକୁଛନ୍ତି। ସରକାର ଚାଷୀଙ୍କ ଉପରେ ଫୋକସ କରୁ ନଥିବା ଅଭିଯୋଗ ହୋଇଛି। ଏନେଇ ବ୍ୟବସାୟୀ ସଂଘର ସଭାପତି ସୁଧାକର ପଣ୍ଡା କହିଛନ୍ତି ଯେ, ପୂର୍ବରୁ ଓଡ଼ିଶାରେ ଯେଉଁ ପରିମାଣରେ ଚାଷ ହେଉଥିଲା ତାହା ଏବେ ହେଉ ନାହିଁ। ତେଣୁ ବର୍ଷ ସାରା ୮୦ ପ୍ରତିଶତ ପରିବା ପାଇଁ ବାହାର ରାଜ୍ୟକୁ ଆମେ ଭରସା କରୁଛୁ। ବର୍ତ୍ତମାନ ମହାରାଷ୍ଟ୍ର, କର୍ଣ୍ଣାଟକ, ରାଞ୍ଚି, ବିହାର, ଅନ୍ଧ୍ରପ୍ରଦେଶ, ତାମିଲନାଡ଼ୁ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ପରିବା ଆମଦାନୀ ହେଉଥିବାରୁ ସେଠାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ପରିବା ଦର ବୃଦ୍ଧି ପାଇବା ସ୍ୱାଭାବିକ।

## ଓଏସ୍‌ଇଏଫ୍‌ଡି ନୟାଗଡ଼ ଜିଲ୍ଲା ଶାଖା ପକ୍ଷରୁ ବାଚସ୍ପତିଙ୍କୁ ସାକ୍ଷାତ



ଭୁବନେଶ୍ୱର, ୭।୮ (ସମିସ): ଓଏସଇଏଫ୍‌ଡି ନୟାଗଡ଼ ଜିଲ୍ଲା ଶାଖାର ସଦସ୍ୟମାନେ ବାଚସ୍ପତି ସୁରମା ପାଢ଼ୀଙ୍କୁ ସାକ୍ଷାତ କରିଛନ୍ତି। ବାଚସ୍ପତିଙ୍କ ବାସଭବନରେ ସଭାପତି ତୃପ୍ତିମୟୀ ପ୍ରଧାନ, ସମ୍ପାଦିକା ଶୁଭସ୍ମିତା ମିଶ୍ର, ରାଜ୍ୟ କୋଷାଧ୍ୟକ୍ଷ ଅଭିଷେକ ଆଚାର୍ଯ୍ୟ, କାର୍ଯ୍ୟକାରିଣୀ ସଦସ୍ୟ ହିତେଶ କୁମାର ମହନ୍ତ ପ୍ରମୁଖ ସାକ୍ଷାତ କରି ଓଡ଼ିଶାର ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ସହ ଅଧିକ ପୋଷ୍ଟ ଓ ସ୍ଥାୟୀ ନିଯୁକ୍ତି ନିମନ୍ତେ ଆଲୋଚନା କରିଥିଲେ। ସୂଚନା ଅନୁସାରେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏକ ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ, ପ୍ରତ୍ୟେକ କ୍ଲଷ୍ଟରରେ ଜଣେ ଜଣେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ହେବେ, ୨୦୨୫-୨୦୨୭ ଶିକ୍ଷାବର୍ଷ ମଧ୍ୟରେ ୪୧୬୦ ପୋଷ୍ଟ ନିଯୁକ୍ତି ଦିଆଯିବ। କିନ୍ତୁ ସୁପ୍ରିମକୋର୍ଟଙ୍କ ସାରଣୀ ଅନୁସାରେ ଓଡ଼ିଶାକୁ ପ୍ରାରମ୍ଭିକ ସ୍ତରରେ ୧୨୨୬୮ ସ୍ଥାୟୀ ପଦବୀର ଆବଶ୍ୟକତା ରହିଛି। ତେଣୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଏକାକାଳୀନ ସମସ୍ତ ପଦ ପୂରଣ କରାଗଲେ ନୟାଗଡ଼ ଜିଲ୍ଲା ତଥା ଓଡ଼ିଶାର ସମସ୍ତ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଉତ୍ତମ ଶିକ୍ଷା ପାଇପାରିବେ। ବୋଲି ସଂଘ ପକ୍ଷରୁ ଦାବୀ କରାଯାଇଛି। ଏନେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

## ଆମିଷ ବଜାର ପରିଦର୍ଶନ କଲେ ମେୟର

ଭୁବନେଶ୍ୱର, ୭।୮ (ସମିସ): ମେୟର ସୁଲୋଚନା ଦାସ ଏବଂ ସ୍ଥାନୀୟ କର୍ପୋରେଟର ଅଲିଅଲି ମଲିକ ୟୁନିଟ୍-୪ର ସ୍ଥାନୀୟ ଆମିଷ ବଜାର ପରିଦର୍ଶନ କରିଛନ୍ତି। ପରିମଳ ଏବଂ ଶୃଙ୍ଖଳିତ ବଜାର ଆଚରଣକୁ ଭିତ୍ତିକରି ମେୟରଙ୍କ ୟୁନିଟ୍-୪ ଆମିଷ ବଜାର ପରିଦର୍ଶନରେ ସାଧାରଣ ଜବରଦଖଲ, ପରିଚ୍ଛନ୍ନତା ଅଭ୍ୟାସ, ବଜାର ନକ୍ସା ଓ ନାଗରିକଙ୍କ ସୁବିଧା ଇତ୍ୟାଦି କିପରି ସରଳ ହୋଇପାରିବ ତାହା ବୁଲି ଦେଖିଛନ୍ତି। ଡେପୁଟି କମିଶନର ରୁବୀ ବେହେରା ହାଟର ବିଭିନ୍ନ ଅଞ୍ଚଳ ବୁଲାଇ ଦେଖାଇଥିଲେ। ଚିହ୍ନଟ ସ୍ଥାନରେ କିପରି ଶୌଚାଳୟ ଇତ୍ୟାଦି ହୋଇପାରିବ ସେ ବାବଦରେ ଆଲୋଚନା କରିଥିଲେ।

## ଜାତୀୟସ୍ତରରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସମ୍ମାନିତ



ଭୁବନେଶ୍ୱର, ୭।୮ (ସମିସ): ଶିକ୍ଷା ସଚେତନତା ଓ ଶିକ୍ଷାର ଅଭିବୃଦ୍ଧିକୁ ଆଧାର କରି ପ୍ରତ୍ୟେକ ବର୍ଷ ଜାତୀୟ ସ୍ତରରେ ହେଉଥିବା ଅଡ଼ିଓ, ଭିଡ଼ିଓ, ପ୍ରାମାଣିକ ଚିତ୍ର ପ୍ରତିଯୋଗିତାରେ ଚଳିତବର୍ଷ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ରାଜ୍ୟପାଇଁ ଗୌରବ ଆଣିଛି। ସମୁଦାୟ ୭୬୮ ଟି ଅଂଶଗ୍ରହଣକାରୀ ପ୍ରାମାଣିକ ଅଡ଼ିଓ, ଭିଡ଼ିଓ ମଧ୍ୟରୁ ପ୍ରତିଷ୍ଠାନର ତଥ୍ୟ ଓ ଗବେଷଣା ଭିତ୍ତିକ 'ଆମ ସଂସ୍କୃତି, ଆମ ପରମ୍ପରା' ଶ୍ରେଷ୍ଠ ପ୍ରାମାଣିକ ଚିତ୍ର ପୁରସ୍କାର ପାଇଛି। ସେହିଭଳି ବ୍ୟାସକବି ଫକୀରମୋହନ ସେନାପତିଙ୍କ ଗଳ୍ପ ଆଧାରିତ 'ରେବତୀ' କୁ ଜୁରୀ ଆୱାର୍ଡ ମିଳିବାସହ ଏଥିରେ ଜେଜେମା'ର ସ୍ୱର ଦେଇଥିବା ଧରିତ୍ରୀ ଖଣ୍ଡୁଆଳଙ୍କୁ ' ଶ୍ରେଷ୍ଠ ମହିଳା ସ୍ୱର' ସମ୍ମାନ ମିଳିଛି। ଏହିପରି ଗବେଷଣା ଆଧାରରେ ନିର୍ମିତ 'ନୀଳମାଧବ'ରେ ପୁରୁଷ ସ୍ୱର ଦେଇଥିବା ଅଭିନେତା ବିନାୟକ ମିଶ୍ରଙ୍କୁ ଶ୍ରେଷ୍ଠ ପୁରୁଷ ସ୍ୱରର ସମ୍ମାନ ମିଳିଛି। ପ୍ରତିଷ୍ଠାନର ଆଇସିଟି ଷ୍ଟୁଡ଼ିଓର ନୋଡାଲ ଅଫିସର ପ୍ରଫେସର ରମାକାନ୍ତ ମାହାଳିକଙ୍କ ନିର୍ଦ୍ଦେଶନାରେ ଲେଖକ ସଂଳାପକାର ପ୍ରସନ୍ନ କୁମାର ନାୟକ, ଅଡ଼ିଓ ଇଞ୍ଜିନିୟର ଜୟଦୀପ୍ତ ପଣ୍ଡା, କ୍ୟାମେରା ସହଯୋଗୀ ପ୍ରିୟରଞ୍ଜନ ବେହେରା, ବାସୁଦେବ ରାମ ଓ ଅଭିଜିତ ସାହୁଙ୍କୁ ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ସମ୍ବର୍ଦ୍ଧିତ କରିବା ସହ ଭାଷା, ସଂସ୍କୃତି ଓ ଐତିହ୍ୟ ସହ ଶିକ୍ଷାକୁ ସଂଯୋଜିତ କରି ପ୍ରତିଷ୍ଠାନ ପକ୍ଷରୁ ପ୍ରସ୍ତୁତ ହେଉଥିବା ଏଭଳି ଶିକ୍ଷଣୀୟ ପ୍ରସ୍ତୁତିକୁ ସର୍ବଭାରତୀୟ ସ୍ତରରେ ସମ୍ମାନ ମିଳିବା ଗୌରବର କଥା ବୋଲି କହିଥିଲେ। ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ପ୍ରଫେସର ରୀତାଞ୍ଜଳି ଦାଶ, ପ୍ରଶାସନିକ ଅଧିକାରୀ ଫୁଲ ଚାନ୍ଦ ମିନା, ଡ କଳିଙ୍ଗ କେତକୀ, ଡ଼ ଅରୂପ କୁମାର ସାହା ଓ ଡ଼ ଦେବାଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଇସିଟି ଷଟିଡ଼ିଓର ସହଯୋଗୀ ଓ କଳାକାରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଗଙ୍ଗାଧର ଥିଲେ ଅମୃତ ସନ୍ଧାନୀ କବି

ଭୁବନେଶ୍ୱର, ୭।୮ (ସମିସ): ଗଙ୍ଗାଧର ମେହେରଙ୍କ କବି ଆତ୍ମା ଅମୃତ ବିନ୍ଦୁଟିଏ ହେଇ ପରମାତ୍ମାଙ୍କ ଅନ୍ୱେଷଣ କରିଛି। ତାଙ୍କ ଅମୃତ ସନ୍ଧାନୀ କବିଦୃଷ୍ଟି ଆନନ୍ଦ ଓ ଉତ୍ତରଣର କଥା କହିଛି ବୋଲି କହିଛନ୍ତି ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ। ଗଙ୍ଗାଧର ମେହେର ସାହିତ୍ୟ ଓ ସଙ୍ଗୀତ ସମାରୋହ ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଶ୍ରୀ ସ୍ୱାଇଁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଗଙ୍ଗାଧରଙ୍କ ପ୍ରପୌତ୍ର ପ୍ରଫେସର ମଣୀନ୍ଦ୍ର କୁମାର ମେହେର ଯୋଗ ଦେଇଥିଲେ। କୁଳସଚିବ ଅନାମିକା ଅଧିକାରୀ ଓଡ଼ିଶାର ଭାଷା ଓ ସାହିତ୍ୟ ପ୍ରତି କବିଙ୍କ ଅବଦାନକୁ ସ୍ମରଣ କରିଥିଲେ। ପ୍ରଫେସର ମଣୀନ୍ଦ୍ର ମେହେରଙ୍କ ଇଂରାଜୀ ପୁସ୍ତକ 'ନେଚର ପୋଏଟ : ଗଙ୍ଗାଧର ମେହେର' ଉନ୍ମୋଚିତ ହୋଇଥିଲା। ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗର ମୁଖ୍ୟ ଗୁରୁ ଡ. ଧୀରଜ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଗଙ୍ଗାଧରଙ୍କ କାଳଜୟୀ କବିତା ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗ ଦ୍ୱାରା ସଙ୍ଗୀତରେ ପରିବେଷଣ କରାଯାଇଥିଲା। ସ୍ନାତକୋତ୍ତର ପରିଷଦ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଏବଂ ସହକାରୀ ପ୍ରଫେସର ଆଶିଷ ମହାପାତ୍ର ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ନାବାର୍ଡ ପକ୍ଷରୁ ହସ୍ତତନ୍ତ ପ୍ରଦର୍ଶନୀ




ଭୁବନେଶ୍ୱର, ୭।୮ (ସମିସ): ନାବାର୍ଡ ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟରେ ସ୍ୱଦେଶୀ ଆନ୍ଦୋଳନକୁ ମନେ ପକାଇବା ପାଇଁ ନାବାର୍ଡ଼ କାର୍ଯ୍ୟାଳୟ ପରିସରରେ ଗୁରୁବାର ଠାରୁ ଶନିବାର ପର୍ଯ୍ୟନ୍ତ ହସ୍ତତନ୍ତ ପ୍ରଦର୍ଶନୀ ଆୟୋଜନ କରି ଜାତୀୟ ହସ୍ତତନ୍ତ ଦିବସ ୨୦୨୫ ପାଳନ କରୁଅଛି। ଏହି କାର୍ଯ୍ୟକ୍ରମକୁ ନାବାର୍ଡର ମୁଖ୍ୟ ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ତାଲୁକଦାର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଏହି ପ୍ରଦର୍ଶନୀରେ ସମଗ୍ର ଓଡ଼ିଶାରୁ ନାବାର୍ଡ ସମର୍ଥିତ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରାଯାଇଛି। ଏହି ହସ୍ତତନ୍ତ ପ୍ରଦର୍ଶନୀରେ ଶାଢ଼ି, ଷ୍ଟୋଲ୍ସ, ସାର୍ଟ, କୁର୍ତ୍ତା ଏବଂ ଟସର ସିଲ୍କ, ନୂଆପାଟଣା ସିଲ୍କ, ବୋମକାଇ, ସମ୍ବଲପୁରୀ ଇକ୍କତ ଏବଂ ଖଣ୍ଡୁଆ ଭଳି ପାରମ୍ପରିକ ବସ୍ତ୍ରକୁ ସୁଲଭ ମୂଲ୍ୟରେ କିଣିପାରିବେ। ସ୍ଥାନୀୟ ହସ୍ତତନ୍ତ ବୁଣାକାରମାନଙ୍କୁ ଏକ ବିପଣନ ପ୍ଲାଟଫର୍ମ ପ୍ରଦାନ କରି ସଶକ୍ତ କରିବା ସହ ଜନସାଧାରଣଙ୍କ ମଧ୍ୟରେ ପାରମ୍ପରିକ ହସ୍ତତନ୍ତ ଉତ୍ପାଦକୁ ପ୍ରୋତ୍ସାହିତ କରିବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ।

## ଓସେଡୋ ପକ୍ଷରୁ ଚାରାରୋପଣ




ଭୁବନେଶ୍ୱର, ୭।୮ (ସମିସ): ରାଜ୍ୟର ଅଗ୍ରଣୀ ସାମାଜିକ ଓ ପରିବେଶ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନ ଓସେଡୋ (ଅର୍ଗାନାଇଜେସନ ଫର ସୋସିଓ ଇକଲୋଜିକାଲ ଡେଭଲପମେଣ୍ଟ ଅଫ୍ ଓଡ଼ିଶା) ତରଫରୁ ପରିବେଶ ସନ୍ତୁଳନ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଛି। ପ୍ରଥମେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ୧୨୦ ବାଟାଲିୟନ ପରିସରରେ ସାଇନି ଇଣ୍ଡିଆ ଏଜୁକେସନ ଫାଉଣ୍ଡେସନ ଟ୍ରଷ୍ଟ ସହ ମିଳିତ ଭାବେ ପ୍ରାୟ ୨୦୦ ଫଳ ଚାରା ରୋପଣ କରାଯାଇଥିଲା। ପରେ ପୁରୀ ଜିଲ୍ଲା ପିପିଲି ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତସ୍ଥିତ ବିଲିପଡ଼ା ଗ୍ରାମର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ସାଧନ କେନ୍ଦ୍ର ପରିସର ସମେତ ବିଭିନ୍ନ ସ୍ଥାନର ରାସ୍ତା କଡ଼ରେ ବ୍ୟାପକ ବୃକ୍ଷରୋପଣ କରାଯାଇଛି। ଓସେଡୋର ନିର୍ଦ୍ଦେଶିକା ରିଭା ମହାନ୍ତିଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଅମଳକୃଷ୍ଣ ମହାନ୍ତି, ସମ୍ପାଦିକା ଛନ୍ଦା ମହାନ୍ତି, ଅଧ୍ୟକ୍ଷା ଅଞ୍ଜଳି ପ୍ରଧାନ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ବୃକ୍ଷପ୍ରେମୀ ମନୋରଞ୍ଜନ ମହାନ୍ତି ସଂଯୋଜନା କରିଥିଲେ।

## ସର୍ବନିମ୍ନ ଇପିଏଫ୍ ପେନ୍‌ସନ୍ ୯ ହଜାର ଟଙ୍କା ଦାବି

### ଦିଲ୍ଲୀ ଆନ୍ଦୋଳନରେ ସାମିଲ ହେଲା ଓଡ଼ିଶା ସଂଘ

ଭୁବନେଶ୍ୱର, ୭।୮ (ସମିସ): ସର୍ବନିମ୍ନ ଇପିଏଫ୍ ପେନ୍‌ସନ ୯ ହଜାର ଟଙ୍କା କରିବା ଦାବିରେ ଇପିଏସ୍-୯୫ ଏନ୍‌ଏସି ଆନୁକୂଲ୍ୟରେ ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନରେ ସାମିଲ ହୋଇଛି



ନିଖିଳ ଉତ୍କଳ ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ। ସାରା ଦେଶରେ ଥିବା ମୋଟ ୮୦ ଲକ୍ଷ ଓ ଓଡ଼ିଶାର ପ୍ରାୟ ୩ ଲକ୍ଷ ଇପିଏଫ୍ ପେନ୍‌ସନର୍ସ ମଧ୍ୟରୁ ୬୦ ପ୍ରତିଶତ ଅତି କମ୍ ପରିମାଣର ପେନ୍‌ସନ ପାଉଛନ୍ତି। ୨୦୧୪ ମସିହାରେ ପେନ୍‌ସନ ମାତ୍ର ୧ ହଜାର ଟଙ୍କା ବୃଦ୍ଧି ପାଇଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ବୃଦ୍ଧି ପାଇପାରି ନାହିଁ। ତେଣୁ ଇପିଏଫ୍ ପେନ୍‌ସନ ସର୍ବନିମ୍ନ ୯ ହଜାର ଟଙ୍କା କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଗତ ୪ ଓ ୫ ତାରିଖ ଦୁଇଦିନ ଧରି ଜନ୍ତରମନ୍ତରଠାରେ ଚାଲିଥିବା ଅନ୍ଦୋଳନରେ ଇପିଏସ୍-୯୬ ଏନଏସିର ସର୍ବଭାରତୀୟ ସଭାପତି କମାଣ୍ଡର ଅଶୋକ କୁମାର ରାଉତ ପୌରୋହିତ୍ୟ କରି ସଂଘର ଦାବିକୁ ଯଥାର୍ଥ ବୋଲି ଉପସ୍ଥାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘର ସଭାପତି ସଞ୍ଜୟ ରଥ, ସାଧାରଣ ସମ୍ପାଦକ ମାୟାଧର ମଲ୍ଲିକ, ସାଧାରଣ ସମ୍ପାଦକ କସ୍ତୁରି ଚରଣ ସୁବୁଦ୍ଧି, ଉପସଭାପତି ପ୍ରଶାନ୍ତ କୁମାର ଶତପଥି, ପ୍ରସନ୍ନ ସାମନ୍ତରାୟ, ରାଜକିଶୋର ସ୍ୱାଇଁ, ଜଗଦିଶ ଟୁଲୁ, ବିଦ୍ୟାଧର ସାହୁ, ଅଶ୍ୱିନୀ ରାଉତ ଓ କେଶମ ଉଦ୍‌ଗିକା ପ୍ରମୁଖ ଯୋଗ ଦେଇଥିଲେ। ପରେ ଇପିଏଫ୍ ପେନ୍‌ସନର୍ସ ସଂଘର ଏକ ପ୍ରତିନିଧି ଦଳ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଭେଟି ସଂଘର ଦାବି ବିଷୟରେ ଅବଗତ କରିଥିଲେ।

● ମଣ୍ଡଳ କମିସନର ୩୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଓବିସି ଫୋରମର ଦାବି

## ଓଡ଼ିଶାରେ ଶିକ୍ଷା ଓ ନିଯୁକ୍ତିରେ ଓବିସିଙ୍କୁ ୨୭% ସଂରକ୍ଷଣ ଦାବି


ଭୁବନେଶ୍ୱର, ୭।୮ (ସମିସ): ମଣ୍ଡଳ କମିସନ ରିପୋର୍ଟ ଅନୁଯାୟୀ ଦେଶର ପଛୁଆବର୍ଗଙ୍କୁ ନିଯୁକ୍ତି କ୍ଷେତ୍ରରେ ୨୭ଭାଗ ସଂରକ୍ଷଣ ଦିଆଗଲା। ୨୦୦୬ରେ ଦେଶର ଆଇଆଇଟି ଓ ଆଇଆଇଏମ୍ ସମେତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ଓବିସି ଛାତ୍ରଛାତ୍ରୀଙ୍କୁ ନାମଲେଖାରେ ୨୭ପ୍ରତିଶତ ସଂରକ୍ଷଣ ଦିଆଗଲା। ୩୫ ବର୍ଷ ବିତିଯାଇଥିଲେ ମଧ୍ୟ ଓଡ଼ିଶାର ଓବିସି ବର୍ଗ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୨୭ ଭାଗ ସଂରକ୍ଷଣରୁ ବଞ୍ଚିତ ହେଉଛନ୍ତି। ଏଭଳିକି ମଇ ୧୪ ତାରିଖ ଦିନ ବର୍ତ୍ତମାନର ସରକାର ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ଓବିସି ସଂରକ୍ଷଣ ଲାଗୁ କରିଥିଲେ ସୁଦ୍ଧା ମେଡିକାଲ୍ ଓ ଇଂଜିନିୟରିଂ ଶିକ୍ଷା କ୍ଷେତ୍ରରେ ତାହା ଏପର୍ଯ୍ୟନ୍ତ ଲାଗୁ କରାଯାଇନାହିଁ। ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ମଧ୍ୟ ସରକାରୀ ସ୍ତରରେ ମେଡିକାଲ୍ ଓ ଇଂଜିନିୟରିଂରେ ନାମଲେଖାରେ ଓବିସି ସଂରକ୍ଷଣ ପ୍ରଦାନ ପାଇଁ ସରକାରୀ ବିଜ୍ଞପ୍ତି ଏପର୍ଯ୍ୟନ୍ତ ପ୍ରକାଶ ପାଇଲା ନାହିଁ। ଚଳିତ ଶିକ୍ଷାବର୍ଷ ପାଇଁ ଅଗଷ୍ଟ ୧୫ ତାରିଖ ସୁଦ୍ଧା ଛାତ୍ରଛାତ୍ରୀମାନଙ୍କୁ ମେଡିକାଲ୍ ଓ ଡେଣ୍ଟାଲ୍ ଆଡ୍‌ମିସନ୍ ପାଇଁ ଚଏସ୍ ଲକିଂ କରିବାକୁ ପଡ଼ିବ। ଯଦି ତୁରନ୍ତ ସରକାରୀ ବିଜ୍ଞପ୍ତି ପ୍ରକାଶ ନ ପାଏ ତାହେଲେ ଚଳିତ ଶିକ୍ଷାବର୍ଷରେ ପାଖାପାଖି ୧୮୬୩ ମେଡିକାଲ୍ ସିଟ୍‌ରେ ଓବିସି ବର୍ଗ ଛାତ୍ରଛାତ୍ରୀମାନେ ସଂରକ୍ଷଣ ସୁବିଧାରୁ ବଞ୍ଚିତ ହେବେ। ତେଣୁ ଓବିସି ବର୍ଗର ସ୍ୱାର୍ଥକୁ ଆଖି ଆଗରେ ରଖି ତୁରନ୍ତ ସରକାରୀ ବିଜ୍ଞପ୍ତି ପ୍ରକାଶ କରିବାକୁ ଓବିସି ଫୋରମ୍‌ର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରିଛନ୍ତି। ଲୋକଙ୍କ ସରକାର ବୋଲି ଦାବି କରୁଥିବା ମୋହନ ମାଝୀଙ୍କ ସରକାର ଓବିସି ବର୍ଗଙ୍କୁ ୨୭ପ୍ରତିଶତ ସ୍ଥାନ ସଂରକ୍ଷଣ ଦେବାକୁ ଶ୍ରୀ ବେହେରା ଦାବି କରିଛନ୍ତି।

# ଓଡ଼ିଶା ବାହାରର ସଂସ୍ଥା କବ୍‌ଜାରେ ଔଷଧ ନିଗମ

ଭୁବନେଶ୍ୱର, ୭।୮ (ସମିସ)

■ ଭିଜିଲାନ୍ସ ତଦନ୍ତ ଦାବିକଲା ଓଡ଼ିଶା ନାଗରିକ ସଂଗଠନ

■ କିଛି ସଂସ୍ଥା ଦ୍ୱାରା ଅନୁଗ୍ରହିତ ହୋଇ କରାଯାଉଛି ଟେଣ୍ଡର



ରାଜ୍ୟର ସମସ୍ତ ମେଡ଼ିକଲ କଲେଜ, ହସ୍ପିଟାଲ ଏବଂ ଜିଲ୍ଲା ମୁଖ୍ୟ ଚିକିସାଳୟକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କର ରକ୍ତ ପରୀକ୍ଷା ନିମନ୍ତେ ଆବଶ୍ୟକ ମେଡ଼ିକାଲ ଯନ୍ତ୍ରପାତି କ୍ରୟପାଇଁ ଓଡ଼ିଶା ଔଷଧ ନିଗମ ଦ୍ୱାରା ହେଉଥିବା ଟେଣ୍ଡର ନିୟମରେ ବ୍ୟାପକ ଅନିୟମିତତା ଓ ବେଆଇନ କାର୍ଯ୍ୟ ହେଉଛି ବୋଲି ଓଡ଼ିଶା ନାଗରିକ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ତେଣୁ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଓଡ଼ିଶା ନାଗରିକ ସଂଗଠନ ତରଫରୁ ଦାବି କରାଯାଇଛି।

୨୦୨୧-୨୨ ମସିହାରେ ରାଜ୍ୟର ୬ଟି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ରୋଗୀ ଚିକିତ୍ସା ପାଇଁ ରକ୍ତ ପରୀକ୍ଷା ନିମନ୍ତେ ଆବଶ୍ୟକ ବ୍ଲଡ଼୍ କଲ୍‌ଚର ମେସିନ୍ କିଣିବା ପାଇଁ ରାଜ୍ୟ ଔଷଧ ନିଗମ ଏକ ଟେଣ୍ଡର ଆହ୍ୱାନ କରିଥିଲେ। ଏହି ଟେଣ୍ଡର ଖୋଲିବା ପରେ ସିଙ୍ଗିଲ ବିଡ୍ ହେବା ଯୋଗୁଁ ଔଷଧ ନିଗମ ଟେଣ୍ଡର ବାତିଲ୍ କରିଥିଲା। ଏହାପରେ ପୁନର୍ବାର ୨୦୨୨ ମସିହାରେ ଔଷଧ ନିଗମ ୮ଟି ମେଡ଼ିକାଲ କଲେଜ ଓ ହସ୍ପିଟାଲ ପାଇଁ ଏହି ରକ୍ତ ପରୀକ୍ଷା ମେସିନ୍ ବା ବ୍ଲଡ଼୍ କଲ୍‌ଚର ମେସିନି କିଣିବା ପାଇଁ ପୁଣି ଟେଣ୍ଡର କରିଥିଲେ। ମାତ୍ର ଏହାକୁ ମଧ୍ୟ ସିଙ୍ଗିଲ ବିଡ୍ ଦର୍ଶାଇ ବାତିଲ୍ କରାଗଲା। ପରବର୍ତ୍ତୀ ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ମେସିନ୍ କିଣିବାକୁ ହୋଇଥିବା ଟେଣ୍ଡରରେ ରାଜ୍ୟ ଔଷଧ ନିଗମ ଅଧିକାରୀମାନେ ଉଦ୍ଦେଶ୍ୟମୂଳକ ଭାବେ ଡ୍ରାଫ୍ଟ ଟେଣ୍ଡର ନୋଟିସ୍ ଜାଲି କରି ପ୍ରି-ବିଡ୍ ମିଟିଂ ପରେ ବ୍ଲଡ଼୍ କଲଚର ମେସିନର ଟେକ୍ନିକାଲ ସ୍ପେସିଫିକେସନରେ ଏକ ନୂଆ ପଏଣ୍ଟ ସଂଯୁକ୍ତ କରିଥିବା ଅଭିଯୋଗ ହୋଇଛି। ଯାହାଦ୍ୱାରା ଏକ ନିର୍ଦ୍ଦିଷ୍ଟ କମ୍ପାନୀକୁ ଛାଡି ଦେଲେ ପୂର୍ବରୁ ଏହି ଆଲଟମ ପାଇଁ ହୋଇଥିବା ଟେଣ୍ଡରରେ ଭାଗ ନେଇଥିବା ସଂସ୍ଥାମାନେ ଭାଗନେବା ବାଟ ବନ୍ଦ ହୋଇଗଲା।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରତ୍ୟେକ ଟେଣ୍ଡର ପ୍ରି-ବିଡ୍ ଟେଣ୍ଟର ଡାକିବାର ମୂଳ ଉଦ୍ଦେଶ୍ୟ ହେଉଛି ଯଦି ଟେଣ୍ଟରର କୌଣସି କ୍ଲଜ ପାଇଁ କୌଣସି ସଂସ୍ଥା ଟେଣ୍ଡରରେ ଭାଗ ନେବାରେ ବାଧା ସୃଷ୍ଟି କରୁଛି ତେବେ ସେ କ୍ଲଜକୁ ବାଦ ଦେବାକୁ ଆଲୋଚନା ହୋଇଥାଏ। ତେବେ ମିଟିଂରେ ପୂର୍ବ ଟେଣ୍ଡରରେ ଭାଗ ନେଇଥିବା ସଂସ୍ଥା ଏହି ନୂତନ ପଏଣ୍ଟକୁ ବାଦ ଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ଔଷଧ ନିଗମ ଏଥିପ୍ରତି କର୍ଣ୍ଣପାତ ନ କରି ଏକ ନିର୍ଦ୍ଦିଷ୍ଟ ସଂସ୍ଥାଠାରୁ ମେସିନ୍ କିଣିବାକୁ ମସୁଧା କରି ଟେଣ୍ଡର ଡାକିଲେ। ତେବେ ଔଷଧ ନିଗମର ମନଇଚ୍ଛା ନୂଆ ପଏଣ୍ଟ ସଂଯୋଗ ଫଳରେ ନିର୍ଦ୍ଦିଷ୍ଟ ଗୋଟିଏ ସଂସ୍ଥାକୁ ବାଦ ଦେଲେ ଅନ୍ୟ କୌଣସି କମ୍ପାନୀ ଟେଣ୍ଟରରେ ଭାଗ ନେଇପାରିଲେ ନାହିଁ ଯାହା ଆଇନ ବହିର୍ଭୂତ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଫଳରେ ଟେଣ୍ଡରଟି ପୁନର୍ବାର ସିଙ୍ଗିଲ ବିଡ୍ ହୋଇଥିଲା। ତେଣୁ ନିୟମ ଅନୁସାରେ ଏହାକୁ ବାତିଲ କରିବା କଥା। ଏପରିକି ପୂର୍ବ ଦୁଇବର୍ଷ ଟେଣ୍ଟରକୁ ବି ଏହି ସମାନ ନିୟମ ଆଧାରରେ ବାତିଲ କରାଯାଇଥିଲା। ମାତ୍ର ଔଷଧ ନିଗମ ଟେଣ୍ଡର ବାତିଲ୍ କରିବା ପରିବର୍ତ୍ତେ ଜରୁରିକାଳୀନ ଭାବେ ବା ଜରୁରୀ ଆବଶ୍ୟକତା ଦର୍ଶାଇ ଓଡ଼ିଶା ଜେନେରାଲ ଫାଇନାନ୍ସିଆଲ ରୁଲ୍‌ର ଏକ ନିର୍ଦ୍ଦିଷ୍ଟ ଧାରାକୁ ଆଧାର କରି ଟେଣ୍ଡର ଚୟନ କରି ମେସିନ୍ କିଣିବା ପାଇଁ ନିଷ୍ପତ୍ତି ନେଇଥିଲେ। ତେବେ ଔଷଧ ନିଗମର ଏହି ମନୋମୁଖୀ ଓ ବେଆଇନ କାର୍ଯ୍ୟକୁ ବିରୋଧ କରି ପୂର୍ବ ଟେଣ୍ଡରରେ ସବୁ ଯୋଗ୍ୟତା ଥାଇ ମଧ୍ୟ ସିଙ୍ଗିଲ ବିଡ଼ ପାଇଁ ଟେଣ୍ଡରରେ ଚୟନ ହୋଇ ନ ଥିବା ସଂସ୍ଥା ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ କୋର୍ଟ ମଧ୍ୟ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି ରାଜ୍ୟ ଔଷଧ ନିଗମକୁ ନୋଟିସ୍ ଜାରି କରିଛନ୍ତି। ଏହା ସତ୍ତ୍ୱେ ନିଗମ କର୍ତ୍ତୃପକ୍ଷ କୋର୍ଟ ନୋଟିସ୍‌ର ଜବାବ ନ ଦେଇ ତାଙ୍କ ପସନ୍ଦର ସଂସ୍ଥା ଠାରୁ ମେସିନ୍ କିଣିବା ପାଇଁ ପରଚେଜ୍ ଅର୍ଡ଼ର ଦେଇଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଔଷଧ ନିଗମ ଅଧିକାରୀମାନେ ମନୋମୁଖୀ ଏବଂ ଅନିୟମିତତା କରି ବେଆଇନ ଭାବେ କିଛି ସଂସ୍ଥା ଦ୍ୱାରା ଅନୁଗ୍ରହିତ ହୋଇ ଟେଣ୍ଡର କରୁଛନ୍ତି ବୋଲି ନାଗରିକ ସଙ୍ଗଠନର ସଭାପତି ସଚ୍ଚିକାନ୍ତ ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୨୫ ● ପାଉଣ୍ଡ ୧୧୭.୯୬
- ୟୁରୋ ୧୦୨.୭୬ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୪,୦୦୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୨୨୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୬୨୩.୦୦
- ନିଫ୍ଟି ୨୪,୫୯୬.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

ଲାଗୁ ହେଲା ଟ୍ରମ୍ପ ଶୁଳ୍କ

# ଆଜିଠୁ ୨୫%, ଅବଶିଷ୍ଟ ୨୫% ୨୭ରୁ

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲାଗୁ ହୋଇଥିବା ୨୫% ଆମଦାନୀ ଶୁଳ୍କ ଆଜିଠାରୁ କାର୍ଯ୍ୟକାରୀ ହେବ। ଏହି ଶୁଳ୍କ ଲାଗୁ ହେବାର ଗୋଟିଏ ଦିନ ପୂର୍ବରୁ, ଟ୍ରମ୍ପ ରୁଷ ସହିତ ବାଣିଜ୍ୟ କାରବାରକୁ ନେଇ ଭାରତ ଉପରେ ଜୋରିମାନା ସ୍ୱରୂପ ଅତିରିକ୍ତ ୨୫% ଶୁଳ୍କ ଘୋଷଣା କରିଥିଲେ। ବର୍ଦ୍ଧିତ ଶୁଳ୍କ ଅଗଷ୍ଟ ୨୭ରୁ ଲାଗୁ ହେବ। ଅର୍ଥାତ୍,ଚଳିତ ମାସ ଶେଷ ସୁଦ୍ଧା ଭାରତରୁ ଆମେରିକା ଯାଉଥିବା ଉତ୍ପାଦ ଉପରେ ମୋଟ ଶୁଳ୍କ ୫୦% ପହଞ୍ଚିବ।



ଟ୍ରମ୍ପ ରାଷ୍ଟ୍ରପତି ପଦ ଗ୍ରହଣ କରିବାର ପ୍ରାୟ ଏକ ମାସ ପରେ, ଫେବୃଆରୀରେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା ଆରମ୍ଭ ହୋଇଥିଲା। ଅର୍ଥାତ୍, ଭାରତ ପ୍ରଥମ କିଛି ଦେଶ ମଧ୍ୟରେ ଥିଲା ଯେଉଁମାନେ ଯଥାଶୀଘ୍ର ଆମେରିକା ସହିତ ବାଣିଜ୍ୟ ଚୁକ୍ତିକୁ ପ୍ରାଥମିକତା ଦେଇଥିଲେ। ଉଭୟ ଦେଶ ବାଣିଜ୍ୟ ଆଲୋଚନା ପାଇଁ ସେମାନଙ୍କର ପ୍ରତିନିଧିମଣ୍ଡଳୀ ମଧ୍ୟ ଘୋଷଣା କରିଥିଲେ। ତଥାପି, ଗତ ୫ ମାସ ମଧ୍ୟରେ ୫ଟି ବୈଠକ ସତ୍ତ୍ୱେ ଭାରତ-ଆମେରିକା ଏକ ଚୁକ୍ତିରେ ପହଞ୍ଚି ପାରି ନାହାନ୍ତି। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଚଳିତ ବର୍ଷ ଏପ୍ରିଲରେ ଭାରତ ଗସ୍ତ କରିଥିଲେ। ତାଙ୍କ ସହିତ ଆସିଥିବା ପ୍ରତିନିଧି ଦଳ ମଧ୍ୟ ଭାରତ ସହିତ ଆଲୋଚନାର ଡ୍ରାଫ୍ଟକୁ ଚୂଡ଼ାନ୍ତ କରିଥିଲେ। ଏହି ବୈଠକ ପରେ ଭାରତକୁ ଅନେକ କ୍ଷେତ୍ରରେ ରିଆତି ମିଳିଥିଲା ବୋଲି କୁହାଯାଉଥିଲା। ସେତେବେଳେ ଭାରତ ଆମେରିକାକୁ ଏହାର ଶିଳ୍ପ ଉତ୍ପାଦର ରପ୍ତାନି ଉପରେ କୌଣସି ଶୁଳ୍କ ଲାଗୁ ନ କରିବାକୁ ପ୍ରସ୍ତାବ ଦେଇଥିଲା। ଆମେରିକାରୁ ଭାରତକୁ ହେଉଥିବା ମୋଟ ରପ୍ତାନିର ୪୦% ହେଉଛି ଶିଳ୍ପ ଉତ୍ପାଦ। ଭାରତ ମଦ ସହିତ ଆମେରିକୀୟ କାର ଉପରେ ଶୁଳ୍କ ହାର ହ୍ରାସ କରିବାକୁ ରାଜି ହୋଇଥିଲା। ଏହାସହିତ, ଆମେରିକାର ଦ୍ୱିପାକ୍ଷିକ ବାଣିଜ୍ୟ ନିଅଣ୍ଟ ୪୫ ବିଲିୟନ ଡଲାର ହ୍ରାସ କରିବା ପାଇଁ ଏହାର ଶକ୍ତି ଏବଂ ଅସ୍ତ୍ରଶସ୍ତ୍ର କ୍ରୟକୁ ୨୫ ବିଲିୟନ ଡଲାର ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଥିଲା। କୁହାଯାଏ ଯେ ୫ମ ପର୍ଯ୍ୟାୟ ବୈଠକ ଆସିବା ପର୍ଯ୍ୟନ୍ତ, ଉଭୟ ଦେଶ ସେମାନଙ୍କର ମତଭେଦ ଦୂର କରିଥିଲେ। ଟ୍ରମ୍ପ ଏ ସମ୍ପର୍କରେ ଶୀଘ୍ର ଏକ 'ବଡ଼ ଚୁକ୍ତି' କରିବାକୁ ମଧ୍ୟ ଘୋଷଣା କରିଥିଲେ। ତଥାପି, ଏହା ସତ୍ତ୍ୱେ ଟ୍ରମ୍ପ ପ୍ରଶାସନ ଭାରତରୁ ଶୁଳ୍କ ହ୍ରାସରେ ଖୁସି ନ ଥିଲା। ଅନ୍ୟପକ୍ଷରେ, ଭାରତୀୟ ଅଧିକାରୀମାନେ ଆଶା କରୁଥିଲେ ଯେ ସେମାନେ କେବଳ ଶୁଳ୍କ ରିଆତି ଦେଇ ସେମାନଙ୍କର କୃଷି ଏବଂ ଦୁଗ୍ଧ କ୍ଷେତ୍ରକୁ ରକ୍ଷା କରିପାରିବେ। ଅନ୍ୟପକ୍ଷରେ, ଭାରତୀୟ ଅଧିକାରୀମାନେ ଭାରତ ପାଇଁ କିଛି କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ବୋଲି କହି ଆମେରିକୀୟ ଦାବି ଆଗରେ ମୁଣ୍ଡ ନୁଆଁଇ ନ ଥିଲେ।

## ୩୧,୫୦୦ କୋଟି ଟଙ୍କାର ବୋଇଂ ଚୁକ୍ତି ରଦ୍ଦ

ଶୁଳ୍କ କ୍ଷେତ୍ରରେ ଟ୍ରମ୍ପ ପ୍ରଶାସନକୁ ଭାରତ ବଡ଼ ଝଟକା ଦେଇଛି। ଆମେରିକା ସହ ଭାରତ ୩୧,୫୦୦ କୋଟି ଟଙ୍କାର ବୋଇଂ ଚୁକ୍ତିକୁ ରଦ୍ଦ କରିଦେଇଛି। ଭାରତ ଏହି ନିଷ୍ପତ୍ତି ସେତେବେଳେ ନେଇଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଘୋଷଣା କରିଛନ୍ତି। ରିପୋର୍ଟ ଅନୁସାର ଭାରତୀୟ ନୌସେନା ପି-୮ ସାମୁଦ୍ରିକ ବିମାନ କ୍ରୟ ନିମନ୍ତେ ଚୁକ୍ତି କରିଥିଲା। ଏବେ କୁହାଯାଉଛି ଏହି ଚୁକ୍ତି ବାତିଲ କରିଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ଭାରତ ଉପରେ ଆମେରିକା ୫୦% ଟାରିଫ ଲାଗୁ କରିଛି। ରିପୋର୍ଟ ଅନୁସାରେ ଆମେରିକାଠାରୁ ଭାରତ ଏଫ-୩୫ ଯୁଦ୍ଧ ବିମାନ ମଧ୍ୟ କିଣିବ ନାହିଁ। ସୂଚନାନୁସାରେ ଜୁଲାଇ ୨୦୨୫ରେ ଭାରତ ଆମେରିକୀୟ କମ୍ପାନୀ ବୋଇଂ ସହିତ ୩୧,୫୦୦ କୋଟି ଟଙ୍କାର ଚୁକ୍ତି କରିଥିଲା।

## ଶୁଳ୍କ ଲାଗୁ ପରେ ସେୟାର ବଜାରରେ ୟୁ-ଟର୍ଣ୍ଣ

ମୁମ୍ବଇ,୭।୮ (ଏଜେନ୍ସି): ଟ୍ରମ୍ପଙ୍କ ୫୦ ପ୍ରତିଶତ ଶୁଳ୍କ ଯୋଗୁଁ ଗୁରୁବାର ଷ୍ଟକ୍ ବଜାର ବହୁତ ଭୟଭୀତ ହୋଇଥିଲା, ଗୋଟିଏ ସମୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ପ୍ରମୁଖ ସୂଚକାଙ୍କ ସେନସେକ୍ସ ୭୦୦ ପଏଣ୍ଟରୁ ଅଧିକ ହ୍ରାସ ସହିତ କାରବାର କରୁଥିଲା। ଏହାପରେ ଷ୍ଟକ୍ ବଜାରରେ ଏକ ୟୁ-ଟର୍ଣ୍ଣ ଦେଖାଯାଇଥିଲା। ଅପରାହ୍ନ ୧ଟା ୩୦ ପରେ ଷ୍ଟକ୍ ବଜାରରେ ପୁନରୁଦ୍ଧାର ଦେଖାଯାଇଥିଲା। ବଜାର ବନ୍ଦ ହେବାର କିଛି ମିନିଟ୍ ପୂର୍ବରୁ ସେନସେକ୍ସ ୧୨୦ ପଏଣ୍ଟରୁ ଅଧିକ ବୃଦ୍ଧି ସହିତ କାରବାର କରୁଥିବା ଦେଖାଯାଇଥିଲା। ଯେତେବେଳେ ଷ୍ଟକ୍ ବଜାର ବନ୍ଦ ହୋଇଥିଲା, ସେତେବେଳେ ଏହା ଉପରମୁହାଁ ହୋଇଥିଲା।

**ସେନ୍‌ସେକ୍ସରେ ୮୦ ପଏଣ୍ଟ ବୃଦ୍ଧି**

### ଆମେରିକା ଟାରିଫ୍‌କୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ଘେରିଲେ ରାହୁଲ

## ଭାରତକୁ ଆର୍ଥିକ ବ୍ଲାକମେଲ୍ କରୁଛି ଆମେରିକା

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଟ୍ରମ୍ପ ଭାରତ ଉପରେ ୫୦% ଶୁଳ୍କ ଘୋଷଣା କରିବା ପରେ ରାଜନୀତି ତେଜିଛି। କଂଗ୍ରେସ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛି। ବୁଧବାର କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏକ ପୋଷ୍ଟ କରି କହିଛନ୍ତି '୫୦%ଶୁଳ୍କ ଲାଗୁ କରି ଆମେରିକା ଭାରତକୁ ଆର୍ଥିକ ଭାବରେ ବ୍ଲାକମେଲ୍ କରୁଛି। ଏପରି କରି ଅନୁଚିତ ବାଣିଜ୍ୟ ଚୁକ୍ତି ପାଇଁ ଧମକାଉଛି ଆମେରିକା। ଆଉ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିରବତା ଜନସାଧାରଣଙ୍କ ଉପରେ ଚାପ ନ ପକାଉ। ଏହା ପୂର୍ବରୁ ମଧ୍ୟ ରାହୁଲ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ଉପରେ ନୀରବତା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମାଲୋଚନା କରିଥିଲେ। ରାହୁଲ କହିଥିଲେ "ଆଦାନୀ ଉପରେ ଆମେରିକାର ତଦନ୍ତ" ଯୋଗୁ ବାରମ୍ବାର ଶୁଳ୍କ ଧମକ ଦେବା ସତ୍ତ୍ୱେ ଟ୍ରମ୍ପଙ୍କ ବିରୁଦ୍ଧରେ ପ୍ରଧାନମନ୍ତ୍ରୀ ମୋଦୀ କହିପାରିବେ ନାହିଁ।

## ଟ୍ରମ୍ପ୍‌ଙ୍କ ରାଗ ପଛରେ ଅସ୍ତ୍ରବିରତି

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦% ଶୁଳ୍କ ଲଗାଇବା ପାଇଁ ଯେଉଁ କାରଣ ଦେଇଛନ୍ତି ତାହା ହେଉଛି ରୁଷରୁ ତେଲ କିଣିବା, କିନ୍ତୁ ଟ୍ରମ୍ପ ଯାହା କହୁଛନ୍ତି ତାହା କ'ଣ ଏକମାତ୍ର ସତ୍ୟ। ଯଦି ଏହା କେବଳ ରୁଷ ତେଲ ବିଷୟରେ ହୋଇଥାନ୍ତା, ତେବେ ଚୀନ ଉପରେ ମଧ୍ୟ ଶୁଳ୍କ ଲଗାଯାଇଥାନ୍ତା, ଯଦି ଏହା କେବଳ ତେଲ ବିଷୟରେ ହୋଇଥାନ୍ତା, ତେବେ ୟୁରୋପୀୟ ସଂଘ(ଇୟୁ) ଉପରେ ମଧ୍ୟ ଶୁଳ୍କ ଲଗାଯାଇଥାନ୍ତା। ଭାରତ ଉପରେ କେବଳ ଶୁଳ୍କ ଲଗାଯାଇନାହିଁ, ବରଂ ଏକ ଜୋରିମାନା ମଧ୍ୟ ଲଗାଯାଇଛି। ଏହି ଦଣ୍ଡ ଏହି କଥାର ପ୍ରମାଣ ଯେ ଟ୍ରମ୍ପଙ୍କ ଶୁଳ୍କ ଲଗାଯିବା ପଛରେ ରୁଷ ତେଲ ନୁହେଁ ବରଂ ଅନ୍ୟ କିଛି ଖେଳ ଅଛି। ପ୍ରଥମ ଘଟଣା ହେଉଛି, ଯେତେବେଳେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୁର ଆରମ୍ଭ କରି ପାକିସ୍ତାନର ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଦେଲା ଏବଂ ପାକିସ୍ତାନରେ ବିନାଶ କରିବା ପରେ ପାକିସ୍ତାନର ଅନୁରୋଧରେ ଅପରେସନ ସିନ୍ଦୁର ବନ୍ଦ କରିଦେଲା। ଟ୍ରମ୍ପ ଏହାକୁ ଯୁଦ୍ଧବିରତି ବୋଲି କହି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ କରିବାର ଶ୍ରେୟ ନେବାକୁ ଚେଷ୍ଟା କଲେ। ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ ଯେ ବିଶ୍ୱର କୌଣସି ଦେଶ ତାଙ୍କୁ ଏହି ଯୁଦ୍ଧ ବନ୍ଦ କରିବାକୁ କହିନାହାଁନ୍ତି। ଏହାଛଡା ବିଶ୍ୱର ବିଭିନ୍ନ ଦେଶରେ ଯୁଦ୍ଧ ବନ୍ଦ କରି ଶାନ୍ତି ପ୍ରୟାସ କରୁଥିବାରୁ ନୋବେଲ ପୁରସ୍କାର ପାଇଁ ଟ୍ରମ୍ପଙ୍କୁ ଭାରତ ସମର୍ଥନ କରୁ ନ ଥିବା ପ୍ରସଙ୍ଗକୁ ଆମେରିକା ରାଷ୍ଟ୍ରପତି ସହଜରେ ହଜମ କରୁପାରୁ ନ ଥିଲେ।

ଏହି ଶୁଳ୍କର ଆଉ ଏକ ବଡ଼ କାରଣ ହେଉଛି, ଟ୍ରମ୍ପଙ୍କ ବ୍ୟକ୍ତିଗତ ଅହଂକାର। ତାହା ହେଉଛି ବ୍ୟବସାୟ ଯାହା ବିଷୟରେ ଟ୍ରମ୍ପ ବାରମ୍ବାର ସମଗ୍ର ବିଶ୍ୱକୁ ଧମକ ଦେଉଛନ୍ତି। ଯେତେବେଳେ ଟ୍ରମ୍ପ ଭାରତ ସହିତ ବ୍ୟବସାୟର ଗଣିତ ଦେଖିଲେ ଯେ, ଆମେରିକା ଭାରତକୁ କମ୍ ବିକ୍ରି କରେ ଏବଂ ଅଧିକ କିଣେ। ତେଣୁ ଟ୍ରମ୍ପ ଏହି ବାଣିଜ୍ୟ ନିଅଣ୍ଟ ହ୍ରାସ କରିବା ପାଇଁ ଭାରତ ଉପରେ ଚାପ ପକାଇଲେ, କିନ୍ତୁ ଭୁଲ ସ୍ଥାନରେ। ଟ୍ରମ୍ପ ଚାହୁଁଥିଲେ ଯେ ଭାରତ ଆମେରିକା ପାଇଁ କୃଷି ଏବଂ କ୍ଷୀର ଉତ୍ପାଦ ପାଇଁ ବଜାର ଖୋଲି ଦେଉ। ଯାହା ଦ୍ୱାରା ଆମେରିକା ଭାରତକୁ ତା'ର ସାମଗ୍ରୀ ବିକ୍ରି କରିପାରିବ।

## ରାଜଧାନୀରେ ସ୍କୋଡାର ନୂଆ ଶୋ' ରୁମ୍ 'ଏମ୍ପୋରିଓ ସ୍କୋଡା'




ଭୁବନେଶ୍ୱର, ୭।୮ (ସମିସ): ନେଟୱାର୍କ ସମ୍ପ୍ରସାରଣର ଅଂଶସ୍ୱରୂପ ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରର ରଘୁନାଥପୁରଠାରେ ନୂଆ ଶୋ' ରୁମ୍ 'ଏମ୍ପୋରିଓ ସ୍କୋଡା' ଖୋଲିଛି। ଏହା ସହ ଦୁଇଟି ନୂଆ ଟଚ୍ ପଏଣ୍ଟ ମଧ୍ୟ ଖୋଲାଯାଇଛି। ନୂଆ ଶୋ ' ରୁମ୍‌କୁ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଅଶିଷ ଗୁପ୍ତା ଉଦ୍‌ଘାଟନ କରି ଭୁବନେଶ୍ୱର ଓ ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଏହି ନୂତନ ଟଚ୍ ପଏଣ୍ଟ ସେଣ୍ଟର ଆମ ଦେଶବ୍ୟାପୀ ନେଟୱାର୍କ ବିକାଶର ଏକ ପ୍ରମାଣ। ଏହା ଗ୍ରାହକଙ୍କୁ ଉତ୍କୃଷ୍ଟ ସେଲ୍ସ ଓ ଆଫ୍ଟରସେଲ୍ସ ଅନୁଭବ ଦେବା ଆମର ପ୍ରତିବଦ୍ଧତାକୁ ପ୍ରମାଣିତ କରିବ। ଏହି ଅବସରରେ ଏମ୍ପୋରିଓ ଆଲ୍ଲିଡ଼ ପ୍ରାଇଭେଟ ଲିମିଟେଡ଼ର ଡିଲର୍ ପ୍ରିନ୍ସିପାଲ୍ ଅବିନାଶ ସାମଲ କହିଥିଲେ ଯେ ସ୍କୋଡା ଗୁଣବତ୍ତା, ଗ୍ରାହକ ସେବା ପାଇଁ ପରିଚିତ। ଭୁବନେଶ୍ୱରରେ ଏହି ନୂଆ ସୁବିଧା ସହ ଆମେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ପାଇଁ ଗର୍ବିତ । ଆଗାମୀ ଦିନରେ ଆଉ ଅଧିକ ଓ ଉନ୍ନତ ଗ୍ରାହକ ସେବା ଦେବା ପାଇଁ ଆମେ ସର୍ବଦା ପ୍ରତିବଦ୍ଧ। ସ୍କୋଡା ଅଟୋ ଇଣ୍ଡିଆର କୁସାକ, ସ୍ଲାଭିଆ, କୋଡିଅକ ଓ ଇନିଆକ ପରି ଲୋକପ୍ରିୟ ଗାଡି ଏଠାରେ ଉପଲବ୍ଧ । ଗ୍ରାହକମାନେ ଅନେକ ଆଫ୍ଟରସେଲ୍ସ ପ୍ରୋଗ୍ରାମ୍ – ସୁପର କେୟାର , ଏକ୍ସଟେଣ୍ଡେଡ୍ ୱାରାଣ୍ଟି, ଭାଲ୍ୟୁ ସର୍ଭିସ୍ ପ୍ଲାନ୍ ପରି ସୁବିଧା ଉପଭୋଗ କରିପାରିବେ। ଏବେ ସ୍କୋଡା ଅଟୋ ଇଣ୍ଡିଆର ୩୦୦ରୁ ଅଧିକ ଟଚ୍‌ପଏଣ୍ଟ ୧୭୬ଟି ସହରରେ ବ୍ୟାପିଛି, ଯାହା ଦେଶରେ ଗ୍ରାହକ ସମ୍ପର୍କ ବୃଦ୍ଧିରେ ମୂଳ ଭୂମିକା ଗ୍ରହଣ କରିଛି। ଏହି ଅବସରରେ ବର୍ଷା ପ୍ରିୟଦର୍ଶିନୀ ସ୍ୱାଇଁ, ଅଧ୍ୟକ୍ଷ ଗଙ୍ଗାଧର ସାମଲଙ୍କ ସହ ସ୍କୋଡା ସ୍କୋଡା ଅଟୋ ଇଣ୍ଡିଆର ଅନୀଲା, ପ୍ରଦୀପ କେମ୍ପାନ୍ନା, ବିଜୁ, ସୁଦୀପ ପୁରୀ ଓ ମିଥୁନ ପ୍ରମୁଖ ପ୍ରତିନିଧି ରୂପେ ଯୋଗଦେଇଥିଲେ।

**ଦୁଇଟି ନୂଆ ଟଚ୍ ପଏଣ୍ଟ ଉଦ୍‌ଘାଟିତ**

'ଦ୍ୱି ଓମେନ୍ ୱାଣ୍ଟ କନ୍‌କ୍ଲେଭ ୨୦୨୫'

## ଶୈଫାଳିକା ପଣ୍ଡାଙ୍କୁ ଶକ୍ତି ପୁରସ୍କାର



ଭୁବନେଶ୍ୱର,୭।୮ (ସମିସ: ଇମ୍ଫାର କର୍ପୋରେଟ ସାମାଜିକ କଲ୍ୟାଣ ଶାଖା ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ସିଇଓ ଶୈଫାଳିକା ପଣ୍ଡା ନୂଆଦିଲ୍ଲୀଠାରେ ' ଦ୍ୱି ଓମେନ୍ ୱାଣ୍ଟ କନକ୍ଲେଭ ଆଣ୍ଡ ଶକ୍ତି ଆୱାର୍ଡ଼ ୨୦୨୫' ରେ ପ୍ରତିଷ୍ଠିତ ଶକ୍ତି ପୁରସ୍କାର ସହ ସମ୍ମାନିତ ହୋଇଛନ୍ତି। ଏହାବ୍ୟତୀତ, ଆଜିର ବିଶ୍ୱରେ ଆତ୍ମବିଶ୍ୱାସୀ ଝିଅମାନଙ୍କୁ ବୃଦ୍ଧି କରିବା ଉପରେ ଧ୍ୟାନ କେନ୍ଦ୍ରିତ ଏକ ପ୍ୟାନେଲରେ ଶ୍ରୀମତୀ ପଣ୍ଡା ଆଲୋକପାତ କରିଥିଲେ ଯେ ଝିଅମାନଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବା ପରିବର୍ତ୍ତନର ନେତୃତ୍ୱ ନେଉଥିବା ଆତ୍ମବିଶ୍ୱାସୀ ମହିଳାମାନଙ୍କୁ ଗଢ଼ି ତୋଳିବାରେ ବହୁତ ସାହାଯ୍ୟ କରେ। ଏହି ବର୍ଷର 'ଦ୍ୱି ଓମେନ୍ ୱାଣ୍ଟ କନକ୍ଲେଭ ଆଣ୍ଡ ଶକ୍ତି ଆୱାର୍ଡ଼ ୨୦୨୫' ସଂସ୍କରଣରେ ଡ. ଶଶି ଥରୁର ଏବଂ କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍‌ଙ୍କ ମୁଖ୍ୟ ଭାଷଣ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ନେତୃତ୍ୱ, ଗଣମାଧ୍ୟମରେ ପ୍ରତିନିଧିତ୍ୱ, ସୁରକ୍ଷା ଏବଂ ନ୍ୟାୟ ଏବଂ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଭାରତୀୟ ମହିଳାଙ୍କ ଦୈନନ୍ଦିନ ବାସ୍ତବତା ଭଳି ବିଷୟବସ୍ତୁ ଉପରେ ଚିନ୍ତାପ୍ରବଣ ପ୍ୟାନେଲ ଆଲୋଚନା ଅନ୍ତର୍ଭୁକ୍ତ ହୋଇଥିଲା। ଏକତା କପୁର, ଦିୟା ମିର୍ଜା, ଶବାନା ଆଜମୀ, ନିମ୍ରତ୍ କୌର୍ ଏବଂ ଡିଜାଇନର ରିତୁ ବେରୀ ଙ୍କ ପରି ସାଂସ୍କୃତିକ ବ୍ୟକ୍ତିତ୍ୱ ସେମାନଙ୍କ ଯାତ୍ରାର ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ, ଯେତେବେଳେ ପ୍ରିୟଙ୍କା ଚତୁର୍ବେଦୀ,ହର୍ ସିମ୍ରତ କୌର ବାଦଲ ଏବଂ ଲେଫ୍ଟନାଣ୍ଟ ଜେନେରାଲ ସାଧନା ସକ୍ସେନା ନାୟାର (ଅବସରପ୍ରାପ୍ତ) ପରି ରାଜନୈତିକ ସ୍ୱର ପ୍ରଶାସନ ଏବଂ ସାର୍ବଜନୀନ ସେବାର ଦୃଷ୍ଟିକୋଣ ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ଡ୍ରୋନ୍ ଦିଦି ଏବଂ ଲକ୍ଷପତି ଦିଦିମାନଙ୍କ ସମେତ ତୃଣମୂଳ ସ୍ତରରେ ପରିବର୍ତ୍ତନକାରୀ ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

## ହାତୀ ମାଧୁରୀ ନନ୍ଦିନୀ ମଠକୁ ଫେରିବାରେ ସୁପ୍ରିମକୋର୍ଟରେ ସାଥ ଦେବ ବନତାରା

ମୁମ୍ବଇ,୭।୮ (ଏଜେନ୍ସି): ହାତୀ 'ମାଧୁରୀ'କୁ ନେଇ ବନତାରା ପକ୍ଷରୁ ପ୍ରେସ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଯେଉଁଥିରେ କୁହାଯାଇଛି ଯେ, ଜୈନ ମଠ ଓ କୋହ୍ଲାପୁର ଲୋକଙ୍କ ପାଇଁ ମାଧୁରୀକୁ ନେଇ ଥିବା ଗଭୀର ଧାର୍ମିକ ଓ ସାଂସ୍କୃତିକ ଗୁରୁତ୍ୱକୁ ସ୍ୱୀକାର କରୁଛି। ୩ ବର୍ଷ ବୟସରୁ ସେ ଲୋକଙ୍କ ଗହଣରେ ରହିଆସୁଥିଲା। ଲୋକଙ୍କ ଭାବାବେଗ ସହ ଜଡ଼ିତ ଥିଲା। ଆଧ୍ୟାତ୍ମିକ ଓ ସମୁଦାୟ ଜୀବନର ଅଙ୍ଗ ରୂପେ ଅବିଚ୍ଛିନ୍ନ ଅଂଶ ରହିଥିଲା 'ମାଧୁରୀ'। ଆମେ ସେହି ଭକ୍ତ, ଜୈନ ମଠର ନେତୃତ୍ୱ , ବ୍ୟାପକ ସମୁଦାୟଙ୍କ ଭାବନା, ଚିନ୍ତାକୁ ସ୍ୱୀକାର ଓ ସମ୍ମାନ କରୁଛୁ। ଯେଉଁମାନେ କୋହ୍ଲାପୁରରେ ମାଧୁରୀଙ୍କ ଉପସ୍ଥିତି ପ୍ରତି ନିଜ ଆସକ୍ତି ପ୍ରକାଶ କରିଛନ୍ତି। ଆହୁରି ମଧ୍ୟ କୁହାଯାଇଛି ଯେ, ଏହି ମାମଲାରେ ବନତାରା ଭୂମିକା କେବଳ ସର୍ବୋଚ୍ଚ ନ୍ୟାୟାଳୟ ଓ ବମ୍ବେ ହାଇକୋର୍ଟ ଦ୍ୱାରା ଜାରି କରାଯାଇଥିବା ବାଧ୍ୟକର ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ କରିବା ପର୍ଯ୍ୟନ୍ତ ସୀମିତ ଥିଲା। ମାଧୁରୀଙ୍କୁ ସ୍ଥାନାନ୍ତର କରିବା ନିଷ୍ପତ୍ତି ନ୍ୟାୟିକ ଅଧିକାର ଅଧୀନରେ ନିଆଯାଇଥିଲା। ବନତାରାର ଭୂମିକା ଉତ୍ପୀଡ଼ନର ଶିକାର ଏବଂ ଭୟରେ ଥିବା ପଶୁମାନଙ୍କୁ ଉଦ୍ଧାର, ଚିକିତ୍ସା, ଯତ୍ନ ଓ ଥଇଥାନ ବ୍ୟବସ୍ଥା କରାଇଥାଏ। ବନତାରା ନା ସ୍ଥାନାନ୍ତର କରିବା ଆରମ୍ଭ କରିଛି ନା ସୁପାରିସ କରିଛି। ଧାର୍ମିକ ପ୍ରଥା ବା ଭାବନାକୁ ଆଘାତ ଦେବା ଭଳି କୌଣସି କାମ କରାଯାଇ ନାହିଁ ଓ ଏହାର ଆମର ଉଦ୍ଦେଶ୍ୟ ନୁହେଁ ବୋଲି ବନତାରା ପକ୍ଷରୁ କୁହାଯାଇଛି। ଆଇନଗତ ଆଚରଣ, ଦାୟିତ୍ୱପୂର୍ଣ୍ଣ ପଶୁ ଯତ୍ନ ଓ ସମୁଦାୟ ସହଯୋଗ ପ୍ରତି ଆମର ଅନୁଗତି ଅନୁଯାୟୀ, ବନତାରା ଜୈନ ମଠ ଓ ମହାରାଷ୍ଟ୍ର ସରକାର ଦ୍ୱାରା ନ୍ୟାୟାଳୟଙ୍କ ହସ୍ତକ୍ଷେପରେ ମାଧୁରୀଙ୍କୁ ପୁଣିଥରେ କୋହ୍ଲାପୁରକୁ ଆଣିବା ପାଇଁ ଦାଖଲ ହେବାକୁ ଯାଉଥିବା ସମସ୍ତ ଆବେଦନକୁ ପୂର୍ଣ୍ଣ ସମର୍ଥନ ଦେବ। ନ୍ୟାୟାଳୟ ଅନୁମତି ଅଧୀନରେ ବନତାରା ମାଧୁରୀକୁ ସୁରକ୍ଷିତ ଓ ସମ୍ମାନଜନକ ଭାବେ ଫେରାଇବା ପାଇଁ ପୂର୍ଣ୍ଣ ପ୍ରଯୁକ୍ତି ଓ ପଶୁ ଚିକିତ୍ସା ସାହାଯ୍ୟ ପ୍ରଦାନ କରିବ।

**ମାଧୁରୀ'ଙ୍କୁ ନେଇ ବନତାରା ପକ୍ଷରୁ ସ୍ପଷ୍ଟୋକ୍ତି**

## କିଆ କାରେନ୍ସ କ୍ଲାଭିସ୍ ଇଭିର ବଜାର ପ୍ରବେଶ




କଟକ,୭।୮ (ସମିସ): କିଆ ଇଣ୍ଡିଆ ଲିମିଟେଡ ଇଭି୬ କାର ପୂର୍ବରୁ ବଜାରକୁ ଛାଡିଥିବାବେଳେ ଆଜି କାରେନ୍ସ କ୍ଲାଭିସ ଇଭିର ବଜାର ପ୍ରବେଶ କରାଇଛି। ଭୁବନେଶ୍ୱର ପାହାଲସ୍ଥିତ ସୋ'ରୁମ୍‌ରେ ସେଣ୍ଟ୍ରାଲ କିଆର ଏମ୍‌ଡି ବିଶାଳ ଧୱନ୍, ଡାଇରେକ୍ଟର ଆଦର୍ଶ ଧୱନ୍ ଓ ସେଲ୍ସ (ଜିଏମ୍) ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତରେ ଏହାକୁ ମୁଖ୍ୟ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କର ଉପମହାପ୍ରବନ୍ଧକ ନିଶାନ୍ତ ବଜାର ପ୍ରବେଶ କରାଇଥିଲେ। ଆଡଭାନ୍ସ ଟେକ୍ନୋଲୋଜିରେ ନିର୍ମିତ ଏହି ଗାଡ଼ି ୭ ସିଟ୍ ବିଶିଷ୍ଟ କାର୍ ହୋଇଥିଲାବେଳେ ଏଥିରେ ଡବଲ ବ୍ୟାଟେରୀର ସୁବିଧା ରହିଛି। ୪୨ କିଲୋୱାଟ ଆୱାର କ୍ଷମତା ରଖିଥିବା ବ୍ୟାଟେରୀ ଥରେ ଚାର୍ଜ ହେଲେ ୪୦୪ କିମିର ଓ ୫୧.୪ କିଲୋୱାଟ ଆୱାର କ୍ଷମତା ରଖିଥିବା ବ୍ୟାଟେରୀ ଥରେ ଚାର୍ଜ ହେଲେ ୪୯୦ କିମି ଯାଇପାରିବ ବୋଲି ଶ୍ରୀ ଧାୱନ୍ କହିଛନ୍ତି। ଗାଡ଼ିର ଏକ୍ସ ଶୋ' ରୁମ ମୂଲ୍ୟ ସର୍ବନିମ୍ନ ୧୭.୯୯ ଲକ୍ଷ ଟଙ୍କାରୁ ସର୍ବାଧିକ ୨୪. ୫୦ ଲକ୍ଷ ଟଙ୍କା ରହିଛି। ଆଇଭରୀ ସିଲିଭର, ଇମ୍ପେରିଆଲ ବ୍ଲୁ, ବ୍ଲାକ, ହ୍ୱାଇଟ,ପିଟର ଅଲିଭ ,ଗ୍ରେ ଭଳି ୬ ଟି ରଙ୍ଗରେ ଉପଲବ୍ଧ ଏହି କାର ପାଇଁ ବିଭିନ୍ନ ପେଟ୍ରୋଲ ଟାଙ୍କିରେ ଚାର୍ଜିଙ୍ଗ ପଏଣ୍ଟ ମାନ ମଧ୍ୟ ରହିଛି। ଏହାର ବାହାର ଓ ଭିତର ଡିଜାଇନ୍ ଉଚ୍ଚକୋଟୀର ହେବା ବ୍ୟତୀତ ୨୦ ଟି ଅଟନୋମସ ଆଡାସ ଲେଭଲ ୨.୦ଯାହାକି ବ୍ୟବହାର କରୁଥିବା ବ୍ୟକ୍ତିର ସୁବିଧା ଓ ସୁରକ୍ଷା ସୁଦୃଢ଼ କରେ ବୋଲି ଜିଏମ୍ ଶ୍ରୀ ବେହେରା କହିଛନ୍ତି। ବଜାର ପ୍ରବେଶ ଅବସରରେ ସେଣ୍ଟ୍ରାଲ କିଆର ଏଜିଏମ୍ ଆଲାଏଡ ଅରବିନ୍ଦ ସିହ୍ନା, ଏଜି ଏମ୍ ସେଲ୍ସ ସରୋଜ କୁଅଁର ,ସିନିୟର୍ ସେଲସ ମ୍ୟାନେଜର ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନାଲ୍‌କୋର ପ୍ରଥମ ତ୍ରୈମାସିକ ଫଳାଫଳରେ ୭୭% ଅଭିବୃଦ୍ଧି

ଭୁବନେଶ୍ୱର, ୭।୮ (ସମିସ): ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ଼ (ନାଲକୋ) ପକ୍ଷରୁ ଆର୍ଥିକ ବର୍ଷ ୨୦୨୫-୨୬ ର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷିତ ହୋଇଛି। ପ୍ରଥମ ତ୍ରୈମାସିକରେ କମ୍ପାନୀ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲାବେଳେ ଆର୍ଥିକ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ହାସଲ କରିଛି। ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀର ବୈଠକରେ ରେକର୍ଡରେ କରାଯାଇଥିବା ଫଳାଫଳ ଅନୁଯାୟୀ, ନାଲକୋ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଜୁନ୍ ୩୦ ତାରିଖରେ ଶେଷ ହୋଇଥିବା ପ୍ରଥମ ତ୍ରୈମାସିକରେ ୭୭% ଅଭିବୃଦ୍ଧି ସହ ୧୦୬୪ କୋଟି ଟଙ୍କାର ନିଟ୍ ଲାଭ ଅର୍ଜନ କରିଛି, ଯାହା ପୂର୍ବ ବର୍ଷର ସମାନ ତ୍ରୈମାସିକରେ ୬୦୧ କୋଟି ଟଙ୍କା ଥିଲା। ଚଳିତ ତ୍ରୈମାସିକରେ କମ୍ପାନୀ ମଧ୍ୟ ୩୮୦୭ କୋଟି ଟଙ୍କାର ବ୍ୟବସାୟ କରିଛି। ନାଲକୋ ବୋର୍ଡ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରତି ଇକ୍ୱିଟି ସେୟାର ପିଛା ଟ ୨.୫୦ଙ୍କା ହିସାବରେ ୪୫୯.୧୬ କୋଟି ଟଙ୍କା ଚୂଡ଼ାନ୍ତ ଲାଭାଂଶ ସୁପାରିଶ କରିଛି, ଯାହା ଆଗାମୀ ୪୪ତମ ବାର୍ଷିକ ସାଧାରଣ ବୈଠକରେ ସେୟାରଧାରକମାନଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନା କରାଯିବ। ଏଥିସହ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ ଲାଭାଂଶ ପ୍ରଦାନ ପରିମାଣ ୧୯୨୮.୪୬ କୋଟି ଟଙ୍କା ହେବ।ନାଲକୋ ବୋର୍ଡର ସକ୍ଷମ ମାର୍ଗଦର୍ଶନ ତଥା କର୍ମଚାରୀ, ସହଯୋଗୀ ଏବଂ ଅଂଶୀଦାରମାନଙ୍କ ପ୍ରତିବଦ୍ଧତା ଫଳରେ କମ୍ପାନୀ ପ୍ରଥମ ତ୍ରୈମାସିକର ଉଲ୍ଲେଖନୀୟ ପ୍ରଦର୍ଶନ ହାସଲ କରିଛି ବୋଲି ସିଏମଡି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଅତିଥି ସତ୍କାର କରିପାରନ୍ତି।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। କାମରୁ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ। କାମ କରିବାରେ ସକ୍ଷମ ହେବେ ନାହିଁ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ନକାରାତ୍ମକ ଚିନ୍ତାଧାର ଦୂର ହେବ। ଅଫିସ ସହକର୍ମୀଙ୍କ ସହଯୋଗରେ କାମ ପୂରା କରିବେ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ବିଚଳିତ ହେବା ବ୍ୟର୍ଥ। ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିପାରେ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ। ବିବାହ ବିଳମ୍ବ ହେବ।

**ମୀନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

## ଆଜିର ଇତିହାସ

- ୧୫୪୯- ଫ୍ରାନ୍ସ, ଇଂଲଣ୍ଡ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୮୬୪- ଜେନେଭାରେ ରେଡକ୍ରସ୍‌ର ସ୍ଥାପନା ହେଲା।
- ୧୮୯୯- ଏ.ଟି. ମାର୍ଶଲ ରେଫ୍ରିଜେଟରକୁ ପେଟେଣ୍ଟ କରାଇଲେ।
- ୧୯୪୫- ସୋଭିଏତ୍ ସଂଘ ଜାପାନ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୯୦- ଇରାକ୍ କୁଏତ୍‌କୁ ଔପଚାରିକ ଭାବେ ଏକୀକରଣ କଥା ଘୋଷଣା କଲେ।
- ୨୦୧୩- ପାକିସ୍ତାନର କ୍ୱେଟାରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ୨୮ ଲୋକଙ୍କ ପ୍ରାଣହାନି।



### କୀଟପତଙ୍ଗଙ୍କୁ ଅସ୍ତ୍ର କରିବ ଚୀନ୍

# ମହୁମାଛି ପିନ୍ଧିବ ବିପଜ୍ଜନକ ଡିଭାଇସ୍

ମୁଖ୍ୟତଃ ବର୍ଷା ଏବଂ ଶୀତଦିନରେ ଘରେ ତଥା ଘର ବାହାରେ ମଶା, ମାଛି ଆଦି ଦେଖାଯାନ୍ତି। ମଶା, ଡାଆଁଶ, ମାଛି, ମହୁମାଛି କବଳରୁ ରକ୍ଷା କରିବାକୁ ଲୋକେ ଘରଦ୍ୱାର ପରିଷ୍କାର କରନ୍ତି। ହେଲେ ଏହି କୀଟପତଙ୍ଗଗୁଡ଼ିକ ମଣିଷ ଇଚ୍ଛା ମୁତାବିକ ଏବେ କାମ କରିବେ। ଚୀନ୍‌ରେ ଏପରି ଏକ ମହୁମାଛି ପ୍ରସ୍ତୁତ କରାଯାଉଛି, ଯାହା ମଣିଷର ଇଶାରାରେ ଚାଲିବ। ପ୍ରଥମ ଥର ପାଇଁ ବେଜିଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ବିଆଇଟି)ର ପ୍ରଫେସର ଝାଓ ଜେଲିଆଙ୍ଗ ଏବଂ ତାଙ୍କର ଟିମ୍ କୀଟର ମସ୍ତିଷ୍କ ନିୟନ୍ତ୍ରଣ ପାଇଁ ଏହି ବିକଳ୍ପ ଖୋଜିଛନ୍ତି। ଏଥିପାଇଁ ସେମାନେ ଏକ ସୂକ୍ଷ୍ମ ଯନ୍ତ୍ରକୁ ମହୁମାଛିର ପିଠିରେ ବାନ୍ଧିବେ। ଏହି ଉପକରଣର ଓଜନ ମହୁମାଛିର ମହୁ ଥଳି ସହିତ ସମାନ। ଏହା ପାଖାପାଖି ୭୪ ମିଲିଗ୍ରାମ୍ ହେବ। ଏହି ଉପକରଣଟି ମହୁମାଛିର ପିଠିରେ ବନ୍ଧା ଯିବା ସହ ତିନିଟି ପତଳା ଛୁଞ୍ଚି ମାଧ୍ୟମରେ ତା'ର ମସ୍ତିଷ୍କ ସହିତ ସଂଯୁକ୍ତ ହେବ। ବୈଦ୍ୟୁତିକ ସଙ୍କେତ ସାହାଯ୍ୟରେ ଏଥିରେ ମହୁମାଛିକୁ ନିର୍ଦ୍ଦେଶ ପଠାଯିବ। ଏହି ଗବେଷଣା 'ଚାଇନିଜ ଜର୍ଣ୍ଣାଲ ଅଫ୍ ମେକାନିକାଲ ଇଞ୍ଜିନିୟରିଂ'ରେ ପ୍ରକାଶ କରାଯାଇଛି। ଯେତେବେଳେ ଏହାକୁ ପରୀକ୍ଷା କରାଯାଇଥିଲା, ସେତେବେଳେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ମହୁମାଛି ୧୦ ଥରରୁ ୯ଥର ସଠିକ୍ ଦିଗରେ ଉଡ଼ିଥିଲା। ତେଣୁ ଏହି ପରୀକ୍ଷଣର ସଫଳତାକୁ ଦୃଷ୍ଟିରେ ରଖି କୁହାଯାଉଛି ଯେ, ମହୁମାଛି ଭବିଷ୍ୟତରେ ସେନା ପାଇଁ ଗୁପ୍ତଚର ଭାବେ କାମ କରିପାରିବ। ଏହାବାଦ୍ ଭୂମିକମ୍ପ ପରି ଘଟଣା ପରେ ଭଗ୍ନାବଶେଷରେ ଫସି ରହିଥିବା ଲୋକଙ୍କୁ ମଧ୍ୟ ଖୋଜିବାରେ ମଧ୍ୟ ସଫଳ ହେବ। ତେବେ ଏହା ପୂର୍ବରୁ ସିଙ୍ଗାପୁରରେ ମଧ୍ୟ ଏହିପ୍ରକାର ଏକ ଉପକରଣ ବିକଶିତ କରାଯାଇଥିଲା। ଅବଶ୍ୟ ସେହି ଉପକରଣଟି ଚୀନ୍‌ର ଉପକରଣଠାରୁ ତିନି ଗୁଣ ଭାରି ଥିଲା। ଯାହାଫଳରେ ଉପକରଣଟି କେବଳ ଧୀର ଗତିରେ ଗତି କରୁଥିବା ପୋକ ଯେପରିକି ଗୋବର ପୋକ ଏବଂ ଅସରପା ଉପରେ ହିଁ କାମ କରିପାରୁଥିଲା।

# ଛଅ ବର୍ଷ ପରେ ବଲିଉଡ୍‌କୁ ଫେରିବେ ପ୍ରିୟଙ୍କା



ବଲିଉଡ୍‌ଠାରୁ ଆରମ୍ଭ କରି ହଲିଉଡ୍‌ରେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା। ଶେଷ ଥର ପାଇଁ ପ୍ରିୟଙ୍କା ବଲିଉଡ୍ ଫିଲ୍ମ 'ଦ ସ୍କାଏ ଇଜ୍ ପିଙ୍କ୍'ରେ ନଜର ଆସିଥିଲେ। ଏବେ ସେ ଦୀର୍ଘ ଛଅ ବର୍ଷ ପରେ ବଲିଉଡ୍‌କୁ ଫେରୁଛନ୍ତି। ପ୍ରିୟଙ୍କା ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀଙ୍କ ଫିଲ୍ମ ମାଧ୍ୟମରେ ପରଦାକୁ ଫେରିବେ ବୋଲି ଚର୍ଚ୍ଚା ହେଉଛି। ସଞ୍ଜୟଙ୍କ ଫିଲ୍ମ 'ଲଭ୍ ଆଣ୍ଡ ୱାର୍'ରେ ସେ ନଜର ଆସିବେ। କିନ୍ତୁ ଏଯାବତ୍ ଏନେଇ ପ୍ରିୟଙ୍କା କି ସଞ୍ଜୟ ବିଧିବଦ୍ଧ ଭାବେ କିଛି କହି ନାହାନ୍ତି। ଏଥିରେ ପ୍ରିୟଙ୍କାଙ୍କର ଏକ ଡ୍ୟାନ୍ସ ନମ୍ବର ରହିବ ବୋଲି କୁହାଯାଉଛି। ଏହା ପୂର୍ବରୁ ପ୍ରିୟଙ୍କା ସଞ୍ଜୟଙ୍କ ଫିଲ୍ମ 'ରାମ ଲୀଳା'ର 'ରାମ ଚାହେ ଲୀଳା' ଗୀତରେ ଜବରଦସ୍ତ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଗୀତଟି ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା। 'ଲଭ୍ ଆଣ୍ଡ ୱାର୍' ଫିଲ୍ମରେ ଲିଡ୍ ରୋଲରେ ରଣବୀର କପୁର, ଆଲିଆ ଭଟ୍ଟ ଓ ଭିକି କୌଶଲ ନଜର ଆସିବେ। ଏଠାରେ ପ୍ରକାଶ ଥାଉ କି, ୨୦୧୫ ମସିହାରେ ପ୍ରିୟଙ୍କା ଆମେରିକା ଚାଲି ଯାଇଥିଲେ। ଏହାପରେ ସେ ମାତ୍ର ଦୁଇଟି ବଲିଉଡ୍ ଫିଲ୍ମରେ କାମ କରିଛନ୍ତି। ସେ ଶେଷ ଥର ପାଇଁ 'ଦ ସ୍କାଏ ଇଜ୍ ପିଙ୍କ୍' ଫିଲ୍ମରେ ନଜର ଆସିଥିଲେ। ଏହା ୨୦୧୯ରେ ମୁକ୍ତିଲାଭ କରିଥିଲା।

# ସବୁବେଳେ ଜୋତା ପିନ୍ଧିବା ଭଲ ନୁହେଁ



ସାଧାରଣତଃ ସ୍କୁଲ, କଲେଜ ତଥା ଅଫିସ୍ ଯାଉଥିବା ଲୋକେ ଦୀର୍ଘ ସମୟ ପର୍ଯ୍ୟନ୍ତ ଜୋତା ପିନ୍ଧିଥାନ୍ତି। କାରଣ ଜୋତା ପାଦ ପାଇଁ ଆରାମଦାୟକ ହୋଇଥାଏ। ହେଲେ ଏବେ ପ୍ରଶ୍ନ ଉଠୁଛି ଦିନସାରା ଜୋତା ପିନ୍ଧି ରହିବା ପାଦ ପାଇଁ କେତେ ଭଲ? ଏ ନେଇ ମୁମ୍ବାଇର କୋକିଳାବେନ୍ ହସପିଟାଲର ଅର୍ଥୋପେଡିକ୍ ସର୍ଜନ ଡା. ବିକାଶ ବାସା ଲୋକଙ୍କୁ ସଚେତନ କରାଇଛନ୍ତି। ସେ କହିଛନ୍ତି, ଦୀର୍ଘ ସମୟ ପର୍ଯ୍ୟନ୍ତ ଜୋତା ପିନ୍ଧିବା ଦ୍ୱାରା ପାଦ ଏକ ବିଶେଷ ଭଙ୍ଗୀରେ ଲକ୍ ବା ଛନ୍ଦି ହୋଇଯାଏ। ଏହାଦ୍ୱାରା ପାଦର ମାଂସପେଶୀ ଅପେକ୍ଷାକୃତ ଅଧିକ ଶକ୍ତ ହେବା ସହ ଭିତରୁ ଦୁର୍ବଳ ହେବାକୁ ଲାଗେ। ଲଗାତାର ଏଭଳି ହେବା ଦ୍ୱାରା ପାଦର ସ୍ୱାଭାବିକ ଚଳନକ୍ରିୟା ହ୍ରାସ ପାଏ। ଫଳରେ ଦୀର୍ଘ ଦିନ ଧରି ପାଦ ସମସ୍ୟା ଲାଗି ରହେ। ମୁଖ୍ୟତଃ ଏହା ପାଦରେ ଟାଇଟ୍ ହୋଇ ରହୁଥିବା ଜୋତା ଯୋଗୁ ହୋଇଥାଏ। ତେବେ ପାଦକୁ ଗୋଟିଏ ପୋଜିସନରେ ଦୀର୍ଘ ସମୟ ଧରି ରଖିବା ଦ୍ୱାରା ମାଂସପେଶୀଗୁଡ଼ିକ ମଧ୍ୟ ଦୁର୍ବଳ ହୋଇଯାଏ। ଏଥିଯୋଗୁ ପାଦରେ ଯନ୍ତ୍ରଣା ହେବା ସହ ପ୍ଲାଣ୍ଟର ଫାସାଇଟିସ୍ ଭଳି ଅନ୍ୟ ସମସ୍ୟା ମଧ୍ୟ ଦେଖାଯାଇପାରେ। ସେହିପରି ଯେଉଁ ଜୋତା ପାଦକୁ ଆଦୌ ହଲିବାକୁ ଦିଏ ନାହିଁ ଏବଂ ପାଦରେ ଠିକ୍ ଭାବେ ଫିଟିଂ ହୋଇ ନ ଥାଏ, ଏଭଳି ଜୋତା ଯୋଗୁଁ ପାଦରେ ସଂକ୍ରମଣ ତଥା ଚମ ଉତୁରିବା ଭଳି ସମସ୍ୟା ସୃଷ୍ଟି ହୁଏ। ଅନ୍ୟପଟେ ଭୁଲ ସାଇଜ୍‌ର ଓ ଅଧିକ ଫିଟିଂ ଜୋତା ପିନ୍ଧିବା ଦ୍ୱାରା ପାଦ ଓ ଅଣ୍ଟାରେ ଯନ୍ତ୍ରଣା ହୋଇଥାଏ। ସେହିପରି ଦିନ ତମାମ ଜୋତା ପିନ୍ଧିବା ଦ୍ୱାରା ପାଦରୁ ଅଧିକ ଝାଳ ବହେ ଏବଂ ଖରାଦିନେ ଏହା ବେଶି ବଢ଼ିଯାଏ। ଯଦ୍ଦ୍ୱାରା ପାଦରେ କବକ ଏବଂ ଜୀବାଣୁଜନିତ ସଂକ୍ରମଣ ହୋଇଥାଏ। ତେଣୁ କିଛି ସମୟ ବ୍ୟବଧାନରେ ପାଦରୁ ଜୋତା ବାହାର କରିବା ପାଇଁ ସେ ଲୋକଙ୍କୁ ପରାମର୍ଶ ଦେଇଛନ୍ତି।






### ଚୁଟ୍‌କିରେ ଦୂର ହେବ

# ଗ୍ୟାସ୍-ପେଟଫମ୍ପା ସମସ୍ୟା

**ବର୍ତ୍ତମାନ ସମୟରେ ଖାଦ୍ୟପେୟ ଶୈଳୀ, ଶାରୀରିକ ସକ୍ରିୟତାର ଅଭାବ, ଅତ୍ୟଧିକ ତେଲ ମସଲା ଓ ରାଗଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ, ଅତିଗରିଷ୍ଠ ଭୋଜନ ଆଦି ଦ୍ୱାରା ଗ୍ୟାସ୍, ପେଟ ଫାମ୍ପିବା, ଅମ୍ଳ ଏବଂ କୋଷ୍ଠକାଠିନ୍ୟ ଆଦି ସାଧାରଣ ସମସ୍ୟା ଭାବେ ଉଭା ହୋଇଛି। ଏହାଦ୍ୱାରା ଅଣନିଃଶ୍ୱାସୀ ଲାଗିବା, ଭୋକ ନ ଲାଗିବା, ମୁଣ୍ଡ ବିନ୍ଧିବା, ତଣ୍ଟି ଓ ଛାତି ଜଳାପୋଡ଼ା, ବାନ୍ତି ହେବା ଆଦି ଲକ୍ଷଣ ଦେଖାଯାଇଥାଏ। ଏସବୁ ସମସ୍ୟାକୁ ନିୟନ୍ତ୍ରଣ କରିବାକୁ ଅଧିକାଂଶ ଡାକ୍ତରଙ୍କ ବିନା ପରାମର୍ଶରେ ବି ଔଷଧ ସେବନ କରିଥାନ୍ତି। ଯଦିଓ ଔଷଧ ସେବନରୁ ଆରାମ ମିଳିଥାଏ ହେଲେ ଏହାର ବିଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇପାରେ। ତେଣୁ ଏକ୍ଷେତ୍ରରେ ଘରୋଇ ଚିକିତ୍ସା ଉପାୟ ଆପଣାଇ ପାରିବେ।**

ପାନ ମଧୁରୀ, ଜିରା ଏବଂ ଜୁଆଣିକୁ ଅନୁମୋଦିତ ହାରରେ ମିଶାଇ ଏହାକୁ ଅଳ୍ପ ଆଞ୍ଚରେ ହାଲୁକା ଭାଜି ଦିଅନ୍ତୁ। ଏହି ମିଶ୍ରଣକୁ ଗୁଣ୍ଡ କରି ନିର୍ଦ୍ଦିଷ୍ଟ ପରିମାଣରେ ସେବନ କଲେ, ଗ୍ୟାସ୍, ଅମ୍ଳ, ପେଟଫାମ୍ପିବା ସମସ୍ୟାରୁ ଉପଶମ ମିଳିଥାଏ। ଏହା ପାଚନତନ୍ତ୍ରକୁ ସକ୍ରିୟ କରି ଚୟାପଚୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ଯାହାଦ୍ୱାରା ଓଜନ ନିୟନ୍ତ୍ରଣ ହୋଇପାରେ। ଆୟୁର୍ବେଦ ଚିକିତ୍ସକଙ୍କ ମତଅନୁଯାୟୀ ପାନ ମଧୁରୀ, ଜିରା ଏବଂ ଜୁଆଣି ତିନିଟିରେ ଭରପୁର ଆଣ୍ଟିଅକ୍ସିଡାଣ୍ଟ ଓ ଔଷଧୀୟ ତତ୍ତ୍ୱ ରହିଛି। ଏହାକୁ ମିଶାଇ ଖାଇବା ଦ୍ୱାରା ଏହା ପାଚନଶକ୍ତିକୁ ମଜଭୁତ କରିଥାଏ।

ଶରୀରରେ ଜମା ହୋଇଥିବା ଦୂଷିତ ପଦାର୍ଥକୁ ବାହାର କରିବାରେ ସହାୟକ ହୋଇଥାଏ। ପେଟକୁ ସଫା କରିବା ସହ ଗ୍ୟାସ୍ ଓ ଅପଚ କମ୍ କରିଥାଏ। ତେଣୁ ଏହି ଗୁଣ୍ଡରେ ଅଳ୍ପ ହେଙ୍ଗୁ କିମ୍ବା କଳା ଲୁଣ ମିଶାଇ ମଧ୍ୟାହ୍ନ ଭୋଜନ ଏବଂ ରାତ୍ର ଭୋଜନ ପରେ ଅଧା ଚାମଚ ଉଷୁମ ପାଣି ସହିତ ମିଶାଇ ପିଇପାରିବେ।

ସେହିପରି ସାଧାରଣଭାବେ ଜିରା, ପାନ ମଧୁରୀ, ଜୁଆଣି ଭଜା ହୋଇ ନ ଥିଲେ, ଏହାକୁ ପାଣିରେ ଫୁଟାଇ ସକାଳୁ ପିଇ ହେବ। ଖାଲି ପାଣିରେ ମଧ୍ୟ ରାତିସାରା ଏହାକୁ ବତୁରାଇ ସକାଳୁ ଏହାକୁ ଛାଣି ସେହି ପାଣି ପିଇବା ଦ୍ୱାରା ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, କୋଷ୍ଠକାଠିନ୍ୟ ଉପଶମ କରିବାରେ ସହାୟକ ହୋଇଥାଏ। ସେହିପରି ଖାଦ୍ୟ ଖାଇବାର ଘଣ୍ଟାଏ ପରେ ପାଣି ପିଇବା ଦରକାର। ରାତ୍ରି ଭୋଜନରେ ଅଳ୍ପ ଖାଦ୍ୟ ଖାଇବା ଆବଶ୍ୟକ। ପଞ୍ଚଗବ୍ୟ ଔଷଧଆକାରରେ ଗୋମୂତ୍ର ଅର୍କ, ଜୀବନଧାରା, ଗାୟତ୍ରୀ ଚୂର୍ଣ୍ଣ, ହରିଦ୍ରା ଚୂର୍ଣ୍ଣ ଆଦି ସେବନ କଲେ, ଗ୍ୟାସ୍ ସମସ୍ୟାରୁ ମୁକ୍ତି ମିଳିଥାଏ।

### ମେରୁଦଣ୍ଡ ଯନ୍ତ୍ରଣାକୁ କମ୍ କରିପାରେ


# ବୈଦ୍ୟୁତିକ ଅନ୍ତର୍ସ୍ଥାପନ ଉପକରଣ

ମେରୁଦଣ୍ଡ ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଭୁଲ୍ ଶୈଳୀରେ ଦୀର୍ଘ ସମୟ ବସିବା, ବୟସ ବୃଦ୍ଧି, ମୋଟାପଣ, ଜୀବନଶୈଳୀ ଆଦି ଯୋଗୁଁ ମେରୁଦଣ୍ଡ ଯନ୍ତ୍ରଣା ହୋଇଥାଏ। ମେରୁଦଣ୍ଡରେ ଆଘାତ ଲାଗିଲେ, ଅସହ୍ୟ ଯନ୍ତ୍ରଣା ଜୀବନକୁ ପ୍ରଭାବିତ କରିଥାଏ। ତେବେ ଏହି ସମସ୍ୟାରୁ ଉପଶମ ପାଇଁ ମୁଖ୍ୟତଃ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ, ଫିଜିଓଥେରାପି କିମ୍ବା ଆବଶ୍ୟକସ୍ଥଳେ ସର୍ଜରୀ କରାଯାଇଥାଏ। ହେଲେ ନ୍ୟୁଜିଲ୍ୟାଣ୍ଡ, ଅକ୍‌ଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ଏକ ଟିମ୍ ଏକ ବୈଦ୍ୟୁତିକ ଅନ୍ତର୍ସ୍ଥାପନଯୁକ୍ତ ଉପକରଣ ବିକଶିତ କରିଛନ୍ତି। ଯାହାକି ମେରୁଦଣ୍ଡରେ ଆଘାତ ଲାଗିଲା ପରେ ବି ଏହାର ବ୍ୟବହାର ଚଲାବୁଲା କରିବା କ୍ଷମତାକୁ ପୁନଃସ୍ଥାପିତ କରିପାରିବ। ଉକ୍ତ ବୈଦ୍ୟୁତିକ ଉପକରଣଟି ପିନ୍ଧିବା ଯୋଗ୍ୟ। ଅକଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ୱାଇପାପା ତୌମାତା ରାଓ ଫାର୍ମାସୀ ସ୍କୁଲର ଜଣେ ବରିଷ୍ଠ ଗବେଷଣା ଫେଲୋ, ମୁଖ୍ୟ ଗବେଷକ ଡା. ବ୍ରୁସ୍ ହାରଲାଣ୍ଡ ଏବଂ ତାଙ୍କର ଟିମ୍ ବିକଶିତ କରିଥିବା ଏହି ଉପକରଣଟି ବହୁତ ପତଳା, ହାଲୁକା ଭାବେ ଡିଜାଇନ୍ କରାଯାଇଛି। ଡ. ହାରଲାଣ୍ଡ କୁହନ୍ତି, ମେରୁଦଣ୍ଡ ଅସହ୍ୟ ଯନ୍ତ୍ରଣାରୁ ଆଶ୍ୱସ୍ତି ପାଇବାକୁ ଏହି ଉପକରଣକୁ ମେରୁଦଣ୍ଡରେ ଲଗାଯାଇଥାଏ। ବିଶେଷକରି ଯେଉଁସ୍ଥାନରେ ଆଘାତ ଲାଗିଥାଏ, ଉପକରଣଟି ସେଠାରେ ଆଲୋକ ଏବଂ ନିୟନ୍ତ୍ରିତ ବିଦ୍ୟୁତ୍ ପ୍ରବାହ ପଠାଇଥାଏ। ଫଳରେ ଏହା କ୍ଷତ ସ୍ଥାନକୁ ଭରିବାରେ ସାହାଯ୍ୟ କରିଥାଏ। ଏହା ସ୍ନାୟୁଆରୋଗ୍ୟକୁ ଉତ୍ତେଜିତ କରିବାକୁ ପ୍ରାକୃତିକ ବିକାଶ ମୂଳକ ସଙ୍କେତକୁ ଅନୁକରଣ କରିଥାଏ। ଫଳରେ ମେରୁଦଣ୍ଡ ପୁଣି କାର୍ଯ୍ୟକ୍ଷମ ହୋଇପାରେ। ବୈଜ୍ଞାନିକମାନେ ପ୍ରାଥମିକ ପର୍ଯ୍ୟାୟରେ ମୂଷା ଉପରେ ପରୀକ୍ଷା କରିଥିଲେ। ଏଥିରୁ ପ୍ରାକୃତିକ ରୂପେ ସୁସ୍ଥ ହେବା ତୁଳନାରେ ବୈଦ୍ୟୁତିକ ଉତ୍ତେଜନା ଜରିଆରେ କ'ଣ ପାର୍ଥକ୍ୟ ରହୁଛି ତାହା ଦେଖିବାକୁ ମିଳିଥିଲା। ଚାରି ସପ୍ତାହ ଧରି ଯେଉଁ ମୂଷାଙ୍କୁ ବୈଦ୍ୟୁତିକ ଉତ୍ତେଜନା ଚିକିତ୍ସା ଦିଆଯାଉଥିଲା। ଆଦୌ ଏହି ଚିକିତ୍ସା ଦିଆଯାଉନଥିବା ମୂଷାଙ୍କ ତୁଳନାରେ ସେମାନଙ୍କର ଚାଲିବା କ୍ଷମତା ଅପେକ୍ଷାକୃତ ଭଲ ଥିଲା। ୧୨ ସପ୍ତାହ ଧରି ଅଧ୍ୟୟନ କରାଯାଇଥିବାବେଳେ ଉକ୍ତ ମୂଷାମାନେ ହାଲୁକା ସ୍ପର୍ଶରେ ଶୀଘ୍ର ପ୍ରତିକ୍ରିୟା ଦେବା ଆରମ୍ଭ କରିଥିବା ଦେଖାଯାଇଥିଲା। ତେଣୁ ବୈଜ୍ଞାନିକମାନେ ଏହି ଗବେଷଣାରେ ସମ୍ପୂର୍ଣ୍ଣ ଭାବେ ସଫଳତା ପାଇବା ପରେ ଏହା ଆଗାମୀ ଦିନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ପରିବର୍ତ୍ତନ ଆଣିପାରିବ।



# ପୁଣି ଡରାଉଛି ଚିକନଗୁନିଆ

**ବର୍ଷାଦିନେ ବାୟୁମଣ୍ଡଳ ଆର୍ଦ୍ରତା ବୃଦ୍ଧି ଓ ସନ୍ତସନ୍ତିଆ ପରିବେଶ ଯୋଗୁଁ ଜୀବାଣୁ, ଭୂତାଣୁ ଓ କବକ ସହଜରେ ବୃଦ୍ଧି ପାଆନ୍ତି। ଏହି ଦିନେ ଭୂତାଣୁ ଓ ଜୀବାଣୁ ଜନିତ ଜ୍ୱର ସାଧାରଣ କଥା। ତେବେ ବିଭିନ୍ନ ସ୍ଥାନରେ ପାଣି ଜମିଯାଉଥିବାରୁ ମଶା, ମାଛି ବଂଶବିସ୍ତାର କରିଥାନ୍ତି। ସଂକ୍ରମଣ, ଫ୍ଲୁ ତଥା ମଶାମାଛିଙ୍କଠାରୁ ବିଭିନ୍ନ ରୋଗ ସୃଷ୍ଟି ହୁଏ। ଏହି କ୍ରମରେ ଏବେ ଚିକନଗୁନିଆ ଚିନ୍ତାର କାରଣ ସାଜିଛି। ୨୦ ବର୍ଷ ପୂର୍ବରୁ ଏହି ଭୂତାଣୁ ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଥିଲା। ଆଉ ଏବେ ଏହା ଲୋକଙ୍କ ମଧ୍ୟରେ ପୁଣି ଆତଙ୍କ ସୃଷ୍ଟି କରିଛି। ମାୟୋଟେ, ମରିସସ ଆଦି ଦ୍ୱୀପ ସମତେ ଆଫ୍ରିକୀୟ ଦେଶ ପରେ ଚୀନ୍‌ରେ ଚିକନଗୁନିଆ ପୁଣି ବ୍ୟାପିବାରେ ଲାଗିଛି। ଏନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ମଧ୍ୟ ସତର୍କତା ଜାରି କରିଛି। ତେବେ ଏହି ଜ୍ୱରର କାରଣ, ଲକ୍ଷଣ ଓ ଚିକିତ୍ସା ବିଷୟରେ ଜାଣିବା...**



ଚିକନଗୁନିଆ ଏକ ଭୂତାଣୁ ଜନିତ ରୋଗ। ମଶା କାମୁଡିବା ଦ୍ୱାରା ଏହା ବ୍ୟାପିଥାଏ। ଏହାକୁ ଚିକନଗୁନିଆ ଜ୍ୱର ବୋଲି କୁହାଯାଏ। ମୁଖ୍ୟତଃ ବର୍ଷାଦିନେ ଏହା ଲୋକଙ୍କୁ ଅଧିକ ପ୍ରଭାବିତ କରିଥାଏ। ଚିକନଗୁନିଆ ଏଡିସ୍ ଏଜିପ୍ଟ ଏବଂ ଏଡିସ୍ ଆଲବୋପିକ୍ଟସ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ। ଏହି ମଶା ସାଧାରଣତଃ ଦିନରେ ଅଧିକ ସକ୍ରିୟ ରହିଥାନ୍ତି। ତେଣୁ ଏହି ସଂକ୍ରମିତ ମଶା ଜଣଙ୍କୁ କାମୁଡ଼ିଲେ, ଭୂତାଣୁ ଉକ୍ତ ବ୍ୟକ୍ତିଙ୍କ ରକ୍ତରେ ପ୍ରବେଶ କରି ଶରୀରରେ ଦ୍ରୁତ ଗତିରେ ବ୍ୟାପିପାରେ। ଏହା ଶରୀରର ମାଂସପେଶୀ ଏବଂ ସ୍ନାୟୁକୁ ଅଧିକ ପ୍ରଭାବିତ କରେ।

**ଲକ୍ଷଣ:** ଭୂତାଣୁ ସଂକ୍ରମଣ ହେବାର କିଛି ଦିନ ପରେ ଚିକନଗୁନିଆର ଲକ୍ଷଣଗୁଡ଼ିକ ଦେଖାଯାଏ। ରୋଗୀଙ୍କୁ ପ୍ରବଳ ଯନ୍ତ୍ରଣା ଏବଂ ଦୁର୍ବଳତାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ପୀଡ଼ିତ ବ୍ୟକ୍ତିଙ୍କୁ ଅତ୍ୟଧିକ ଜ୍ୱର, ପ୍ରବଳ ଗଣ୍ଠି ଯନ୍ତ୍ରଣା, ମାଂସପେଶୀ ବିନ୍ଧିବା ଭଳି ଲକ୍ଷଣ ଦେଖାଯାଏ। ଗଣ୍ଠି ଯନ୍ତ୍ରଣା ସପ୍ତାହରୁ ପ୍ରାୟ ମାସେ ପର୍ଯ୍ୟନ୍ତ ରହିପାରେ। ଏହାସହ ମୁଣ୍ଡବିନ୍ଧା, ଥକ୍କାପଣ, ଥଣ୍ଡା ଲାଗିବା, ବାନ୍ତି, ଆଖି ଯନ୍ତ୍ରଣା, ଶରୀରରେ ଲାଲ୍ ଫୋଟକା ଭଳି ଦେଖାଦେଇପାରେ। ପ୍ରାୟତଃ ଲକ୍ଷଣଗୁଡିକ ଡେଙ୍ଗୁ ପରି ହୋଇଥିବାରୁ ଏହି ରୋଗକୁ ସଠିକ୍ ଭାବେ ଚିହ୍ନଟ କରିବାରେ ବିଳମ୍ବ ହୋଇପାରେ। ଏହି ସଂକ୍ରମଣ, ବୟସ୍କ, ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତିଙ୍କଠାରେ ଗମ୍ଭୀର ରୂପ ନେଇପାରେ।

**ଜ୍ୱର ନିୟନ୍ତ୍ରଣ ପାଇଁ ଉପାୟ:** ଉପରୋକ୍ତ ଲକ୍ଷଣ ଶରୀରରେ ପ୍ରକାଶ ପାଇଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା କରିବା ଜରୁରି। ଚିକନଗୁନିଆର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଜ୍ୱରର ତୀବ୍ରତାକୁ ନିୟନ୍ତ୍ରଣ କରିବାକୁ ସହାୟକ ଚିକିତ୍ସା ଦିଆଯାଏ। ରୋଗୀଙ୍କୁ ତରଳପେୟ ଓ ହାଲୁକା ଭୋଜନ କରିବା ସହ ଆରାମ କରିବାକୁ ଡାକ୍ତର ପରାମର୍ଶ ଦିଅନ୍ତି। ସେହିପରି ମଶା ନ ହେବାକୁ ଘର ଚତୁଃପାର୍ଶ୍ୱରେ ପାଣି ଜମା ହେବାକୁ ଦିଅନ୍ତୁନି। ଶରୀରକୁ ଘୋଡ଼ାଇ ରଖୁଥିବା ପୋଷାକ ପିନ୍ଧନ୍ତୁ। ମଶା ନିୟନ୍ତ୍ରଣ ପାଇଁ ମଶାରୀ ଟାଙ୍ଗି ଶୋଇବା ସହିତ କଏଲ, ଲିକ୍ୟୁଡି ଆଦି ବ୍ୟବହାର କରିପାରିବେ। ଯେଉଁ ସ୍ଥାନରେ ଭୂତାଣୁ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପୁଛି ସେଠାକୁ ଯାଆନ୍ତୁନି। ଦୈନିକ ଶାରୀରିକ କାର୍ଯ୍ୟ କରିବା ଆବଶ୍ୟକ।

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

# ସାଇ ସ୍ୱରୂପଙ୍କୁ କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ

## ଜାତୀୟ ଜୁନିଅର ଜଳକ୍ରୀଡ଼ା



ଭୁବନେଶ୍ୱର, ୭ ।୮ (ସମିସ): ଓଡ଼ିଶାର ଯୁବ ଓ ଉଦୀୟମାନ ସନ୍ତରଣକାରୀ ସାଇ ସ୍ୱରୂପ ସ୍ୱାଇଁଙ୍କ ଦମ୍‌ଦାର ପ୍ରଦର୍ଶନ ଚଳିତ ୫୧ତମ ଜାତୀୟ ଜୁନିଅର ଜଳକ୍ରୀଡ଼ା ପ୍ରତିଯୋଗିତାରେ ଜାରି ରହିଛି । ଅହମ୍ମଦାବାଦରେ ଚାଲିଥିବା ଏହି ଜଳକ୍ରୀଡ଼ା ପ୍ରତିଯୋଗିତାରେ ସାଇ ସ୍ୱରୂପ କ୍ରମାଗତ ୨ୟ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଐତିହାସିକ ସଫଳତା ଆଣିଛନ୍ତି । ଗୁରୁବାର ସେ ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏହି ଦୂରତାକୁ ସାଇ ସ୍ୱରୂପ ଏକ ମିନିଟ୍ ୧୦.୬୧ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ । ଏଥିପୂର୍ବରୁ ସେ ବୁଧବାର ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ମଧ୍ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । ରାଜ୍ୟର ପ୍ରଥମ ପୁରୁଷ ସନ୍ତରଣକାରୀ ଭାବେ ସାଇ ସ୍ୱରୂପ କୌଣସି ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ । ଏବେ ସେ ଏହି ଐତିହାସିକ ସଫଳତାରେ ଆଉ ଏକ ସ୍ୱର୍ଣ୍ଣ ପଦକ ଯୋଡ଼ିଛନ୍ତି । ଚଳିତ ଜାତୀୟ ପ୍ରତିଯୋଗିତାରେ ସାଇ ସ୍ୱରୂପଙ୍କ ଏହା ୩ୟ ପଦକ ଥିଲା । ସେ ମଧ୍ୟ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ କାଂସ୍ୟ ପଦକ ହାସଲ କରିଥିଲେ ।

ସାଇଙ୍କ ଏହି କ୍ରମାଗତ ସଫଳତା ଲାଗି ତାଙ୍କ ନିକଟକୁ ଓଡ଼ିଶା କ୍ରୀଡ଼ା ଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି । ସାଇଙ୍କ ଘର କଟକ ବାରଙ୍ଗରେ ହୋଇଥିବାବେଳେ ତାଙ୍କ ବାପା ସୁବାସ ଚନ୍ଦ୍ର ସ୍ୱାଇଁ ଓ ମାତା ରୁନୁ ସ୍ୱାଇଁ ଉଭୟ ରାଜ୍ୟ ପୁଲିସ ବିଭାଗରେ କାର୍ଯ୍ୟରତ ରହିଛନ୍ତି । ବର୍ତ୍ତମାନ ସେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ-୧ରେ ଅଧ୍ୟୟନରତ । ଗତ ରାଜ୍ୟ ର୍‍ୟାଙ୍କିଙ୍ଗ ସନ୍ତରଣରେ ସାଇ ସ୍ୱରୂପ ୮ଟି ସ୍ୱର୍ଣ୍ଣ ପଦକ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ ହାଇପରଫର୍ମାନ୍ସ ସେଣ୍ଟରରେ ସେ ବର୍ତ୍ତମାନ ପ୍ରଶିକ୍ଷଣ ନେଉଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ସାଇ ସ୍ୱରୂପଙ୍କ ପୂର୍ବରୁ ରାଜ୍ୟର ଏକମାତ୍ର ପୁରୁଷ ସନ୍ତରଣକାରୀ ଭାବେ ରଙ୍କନିଧି ସେଠ୍ ୧୯୯୧ରେ କୋଲକାତାରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିଅର ସନ୍ତରଣରେ କାଂସ୍ୟ ପଦକ ଜିତିଥିଲେ । ଓଡ଼ିଶାର ପୁରୁଷ ସନ୍ତରଣକାରୀ ଭାବେ ରଙ୍କନିଧି ଗତ ୩୪ ବର୍ଷ ଧରି ଏକମାତ୍ର ଜାତୀୟ ପଦକ ବିଜେତା ରହିଥିଲେ ।

■ ୪ ବର୍ଷର ବାସନ୍ଦ ଶେଷ ପରେ

## ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଲେ ଟେଲର୍

ହରାରେ, ୭।୮ (ଏଜେନ୍ସି): ଦୀର୍ଘ ୪ ବର୍ଷର ବାସନ୍ଦ ପରେ ଜିମ୍ବାୱେର ଷ୍ଟାର କ୍ରିକେଟର ବ୍ରେଣ୍ଡାନ ଟେଲର ପୁଣିଥରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଛନ୍ତି । ଆଜି ଏଠାରେ ନ୍ୟୁଜିଲାଣ୍ଡ ସହ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ସେ ଜିମ୍ବାୱେ ପକ୍ଷରୁ ଖେଳିଥିଲେ । ଜିମ୍ବାୱେ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୧୨୫ରେ ଅଲଆଉଟ ହୋଇଥିଲାବେଳେ ଇନିଂସ ଓପନ କରିଥିବା ଟେଲର ସର୍ବାଧିକ



୪୪ ରନ୍ କରିଥିଲେ । ୱିକେଟରକ୍ଷକ ତାଫଜ୍‌ୱା ସିଗା ୩୩ ରନ୍ କରିଥିଲେ । ପତିପକ୍ଷ ଦଳର ମ୍ୟାଟ୍ ହେନରୀ ୫ଟି ଓ ୨୩ ବର୍ଷୀୟ ଡେବ୍ୟୁଟାଣ୍ଟ ଅଲରାଉଣ୍ଡର ଜାକାରୀ ଫୋକ୍ସ ୪ଟି ୱିକେଟ ପାଇଥିଲେ । ଜବାବରେ ପ୍ରଥମ ଦିନ ଷ୍ଟମ୍ପ୍‌ସ ସୁଦ୍ଧା ନ୍ୟୁଜିଲାଣ୍ଡ ୧ ୱିକେଟ୍ ବିନିମୟରେ ୧୭୪ ରନ୍ କରିନେଇଛି । ଏହି ସମୟରେ ଡେଭନ କନୱେ ୭୯ ଓ ଜ୍ୟାକବ୍ ଡଫି ୮ ରନ୍‌ରେ ବ୍ୟାଟିଂ କରୁଥିଲେ । ୱିଲ ୟଙ୍ଗ୍ ୭୪ ରନ୍ କରି ଆଉଟ୍ ହୋଇଛନ୍ତି । ସୂଚନାଯୋଗ୍ୟ ୪ ବର୍ଷ ପୂର୍ବେ ଭାରତ ଗସ୍ତରେ ଆସିଥିବା ଜିମ୍ବାୱେର ଟେଲର ଜଣେ ଭାରତୀୟ ବୁକିଙ୍କଠାରୁ ୧୫,୦୦୦ ଡଲାର ଲାଞ୍ଚ ନେଇ ଧରାପଡ଼ିଥିଲେ । ଫଳରେ ତାଙ୍କୁ ସମସ୍ତ ପ୍ରକାର କ୍ରିକେଟରୁ ୪ ବର୍ଷ ଲାଗି ଆଇସିସି ବାସନ୍ଦ କରିଥିଲା ।

## ଫିଫା ର୍‍ୟାଙ୍କିଙ୍ଗ୍‌ରେ ଭାରତର ଉନ୍ନତି

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ଭାରତୀୟ ମହିଳା ଫୁଟବଲ ଦଳର ର୍‍ୟାଙ୍କିଙ୍ଗ ଶ୍ରେଷ୍ଠ ହୋଇଛି । ସର୍ବଶେଷ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ଭାରତର ସ୍ଥାନ ୬୩ରେ ପହଞ୍ଚିଛି । ପୂର୍ବରୁ ୨୦୨୩ ଅଗଷ୍ଟ ୨୧ରେ ଭାରତ ଫିଫା ର୍‍ୟାଙ୍କିଙ୍ଗ୍‌ରେ ୬୧ତମ ସ୍ଥାନରେ ଥିଲା । ନିକଟରେ ନିଜଠାରୁ ଉନ୍ନତ ର୍‍ୟାଙ୍କିଙ୍ଗ୍ ଦଳ ଥାଇଲାଣ୍ଡକୁ ପରାସ୍ତ କରି ଏଏଫ୍‌ସି ମହିଳା ଏସିଆ କପ୍‌କୁ ଯୋଗ୍ୟତା ଅର୍ଜନ କରିବା ପରେ ଭାରତର ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ହୋଇଛି ।

## ପ୍ରଥମ ଟି-୨୦ରେ ହାରିଲେ ଭାରତୀୟ ମହିଳା

ମ୍ୟାକୟ, ୭।୮ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଆସିଥିବା ଭାରତୀୟ ମହିଳା-ଏ' କ୍ରିକେଟ ଦଳ ସେମାନଙ୍କ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି । ଏଠାରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲି-ଏ' ୧୩ ରନ୍‌ରେ ଭାରତ-ଏ'କୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୩୭ ରନ୍ କରିଥିଲା । ଏହା କମ୍ ସ୍କୋର ହୋଇଥିଲେ ମଧ୍ୟ ଭାରତ-ଏ' ସମାନ ସଂଖ୍ୟକ ଓଭର ଖେଳି ୫ ୱିକେଟରେ ୧୨୪ ରନ୍ କରିଥିଲା । ଦଳ ପକ୍ଷରୁ ପ୍ରେମା ରାୱତ ୩ଟି ୱିକେଟ ନେଇଥିଲାବେଳେ ଉମା ଛେତ୍ରୀ ୩୧ ଓ ରାଘବୀ ବିସ୍ତ ୩୩ ରନ୍ କରିଥିଲେ । ଶେଫାଳି ବର୍ମା ୩ ରନ୍‌ରେ ଆଉଟ ହୋଇଥିଲେ । ଏହି ଗସ୍ତରେ ଭାରତ-ଏ' ୩ଟି ଟି-୨୦, ୩ଟି ୫୦ ଓଭର ବିଶିଷ୍ଟ ମ୍ୟାଚ୍ ଓ ଗୋଟିଏ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି ।

## 'ବାଲନ୍ ଡି ଓର୍' ପୁରସ୍କାର ଦୌଡ଼ରେ ସ୍ଥାନ ପାଇଲେନି ମେସି, ରୋନାଲ୍ଡୋ

ପ୍ୟାରିସ, ୭।୮ (ଏଜେନ୍ସି): ବିଶ୍ୱର ସର୍ବଶ୍ରେଷ୍ଠ ଫୁଟ୍‌ବଲ ପୁରସ୍କାର 'ବାଲନ୍ ଡି ଓର୍' ଲାଗି ଗୁରୁବାର ଆୟୋଜକଙ୍କ ପକ୍ଷରୁ ମନୋନୀତ ୩୦ ଜଣିଆ ସଂକ୍ଷିପ୍ତ ତାଲିକା ପ୍ରକାଶ ପାଇଛି । ଯେଉଁଥିରେ ଦୁଇ କିମ୍ବଦନ୍ତୀ ଖେଳାଳି ଆର୍ଜେଣ୍ଟିନାର ଲିଓନେଲ୍ ମେସି ଓ ପର୍ତ୍ତୁଗାଲର କ୍ରିଷ୍ଟିଆନ ରୋନାଲ୍ଡୋଙ୍କ ନାମ ପାଇନାହିଁ । ଫ୍ରାନ୍ସ ତାରକା କିଲିଆନ୍ ଏମ୍‌ବାପ୍ପେ ଓ ଓଉସମାନେ ଡେମ୍ବେଲଙ୍କ ସମେତ ଇଜିପ୍ଟର ମହମ୍ମଦ ସାଲାହ ପ୍ରମୁଖ ଏହି ତାଲିକାରେ ରହିଛନ୍ତି । ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି)ର ଫରୱାର୍ଡ ଡେମ୍ବେଲ ଏଥର 'ବାଲନ୍ ଡି ଓର୍' ପୁରସ୍କାର ଜିତିବା ଲାଗି ପ୍ରମୁଖ ଦାବିଦାର୍ ରହିଛନ୍ତି । ସେ ଉଭୟ ଦେଶ ଓ କ୍ଲବ ପାଇଁ ୩୬ ଗୋଲ୍ ଦେଇଥିବାବେଳେ ୧୩ରେ ସହାୟତା କରିଥିଲେ । ପ୍ରକାଶଯୋଗ୍ୟ, ମେସି ଓ ରୋନାଲ୍ଡୋ ମିଳିତ ଭାବେ ୧୩ଥର ଏହି ପୁରସ୍କାର ଜିତିଛନ୍ତି । ଯେଉଁଥିରେ ମେସି ରେକର୍ଡ ୮ ଥର ଓ ରୋନାଲ୍ଡୋ ୫ଥର ବାଲନ୍ ଡି ଓର୍ ଟ୍ରଫି ହାସଲ କରିଛନ୍ତି ।

# ଆଶଙ୍କାରେ ଆଇଏସ୍ଏଲ୍; ସେପ୍ଟେମ୍ବରରେ ସୁପର କପ୍

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଭାରତର ଶ୍ରେଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ଆୟୋଜନ ଆଶଙ୍କାରେ । ଏ ସମ୍ପର୍କରେ ଆଇଏସ୍ଏଲ୍‌ରେ ସାମିଲ ଥିବା ୧୩ଟି ଯାକ ଫ୍ରାଞ୍ଚାଇଜ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍ଏଫ୍) ସଭାପତି କଲ୍ୟାଣ ଚୌବେଙ୍କ ସହ ଆଜି ଅନୁଷ୍ଠିତ ବୈଠକରେ ଏହି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ କିଛି ନିଷ୍ପତ୍ତି ହୋଇ ପାରିଲାନି । ବର୍ତ୍ତ ସିଜନ ଶେଷରେ ଆୟୋଜିତ ହେଉଥିବା ସୁପର କପ୍ ଫୁଟବଲ ସେପ୍ଟେମ୍ବର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଆୟୋଜିତ ହେବ ବୋଲି ଏଆଇଏଫ୍ଏଫ୍ ସଭାପତି ଚୌବେ କହିବା ପରେ ଆଇଏସ୍ଏଲ୍ ଚଳିତବର୍ଷ ଆଉ ହେବ ନାହିଁ ବୋଲି ସିଇଓ ମାନେ ବିଶ୍ୱାସ କରୁଛନ୍ତି । ଏହି ବୈଠକରେ ସମସ୍ତ ୧୩ଟି ଯାକ କ୍ଲବ୍ ଅଂଶଗ୍ରହଣ କରିଥିଲେ । ଚୌବେଙ୍କ ମତରେ ଆସନ୍ତା ସପ୍ତାହକ ମଧ୍ୟରେ ଏହି ବୈଠକ ଦ୍ୱିତୀୟଥର ଆୟୋଜିତ ହେବ । ଏହା ପରେ କିଛି ଗୋଟାଏ ସମାଧାନର ରାସ୍ତା ବାହାରିବ । ଆଇଏସ୍ଏଲ୍ ବାତିଲ କିମ୍ବା ସ୍ଥଗିତ ହେବ ନାହିଁ । ଏହା ବିଳମ୍ବରେ ହେବ ଓ ଫର୍ମାଟ ବଦଳିବ ବୋଲି ସେ କହିଛନ୍ତି । ଏହାର ଅର୍ଥ ଯଦି ବି ଏହି ମାର୍କମରା ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୁଏ, ସେଥିଲାଗି ଅନେକ କସରତ କରିବାକୁ ପଡ଼ିବ । ଏଥିଲାଗି ସିଜନ ଶେଷରେ ଆୟୋଜିତ ହେଉଥିବା ସୁପର କପ୍‌କୁ ସିଜନ ଆରମ୍ଭରେ ଆୟୋଜନ କରିବାକୁ ଏଆଇଏଫ୍ଏଫ୍ ଆୟୋଜନ କରୁଛି । ସୁପର କପ୍ ଶେଷ ହେଲା ବେଳକୁ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ ।

ଏହା ମଧ୍ୟରେ ଆଇଏସ୍ଏଲ୍‌ର ଆୟୋଜକ ନୀତା ଅମ୍ବାନୀଙ୍କ ଫୁଟବଲ ସ୍ପୋର୍ଟ୍ସ ଡେଭଲପ୍‌ମେଣ୍ଟ ଲିଃ (ଏଫ୍ଏସ୍‌ଡିଏଲ୍) ଓ ଏଆଇଏଫ୍ଏଫ୍ ଏଫ୍ଏସ୍‌ଡିଏଲ୍ ସହ ଥିବା କମ୍ପାନୀଗୁଡିକ ଆଉ ନବୀକରଣ କରିବାକୁ ଚାହିଁନାହାନ୍ତି । ସେମାନେ ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯେତିକି ଅର୍ଥ ଦେଉଛନ୍ତି ତାହା ଫେରୁ ନାହିଁ । ଭାରତରେ ଆଇଏସ୍ଏଲ୍‌ର ଲୋକପ୍ରିୟତା ହେଲା ନାହିଁ କିମ୍ବା ଦର୍ଶକ ଏହାକୁ ବିଶେଷ ଦେଖୁନାହାନ୍ତି । ଏଣୁ ବିଜ୍ଞାପନଦାତା ମାନେ ବିଫଳ ହୋଇଛନ୍ତି । ଏଣୁ ଏହାର ଆୟୋଜନ ହେବା ସମ୍ଭବ ନୁହେଁ ବୋଲି ଟିମ୍ ଗୁଡିକର ସିଇଓଙ୍କର ଉପଲବ୍ଧ ହୋଇଛି ।



ଏହା ମଧ୍ୟରେ ଓଡ଼ିଶା ଏଫ୍‌ସି, ବେଙ୍ଗାଲୁରୁ ଏଫ୍‌ସି ଓ ଚେନ୍ନାଇନ୍ ଏଫ୍‌ସି ତାହାର ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ଚୁକ୍ତିନାମାକୁ ଚଳିତବର୍ଷ ବାତିଲ କରିଛନ୍ତି । ସେମାନେ ଚାହିଁଲେ ଚଳିତବର୍ଷ ଅନ୍ୟ କୌଣସି ଟୁର୍ଣ୍ଣାମେଣ୍ଟ କିମ୍ବା କ୍ଲବ୍ ପକ୍ଷରୁ ଖେଳିପାରିବେ । ଏହାର ଅର୍ଥ ଏହି ୩ଟି ଆଇଏସ୍ଏଲ କ୍ଲବ୍ ଯେତେବେଳେ ପ୍ରସ୍ତୁତି ଜୋରଦାର କରିବା କଥା, ସେତେବେଳେ କ୍ଲବ୍‌କୁ ଭାଙ୍ଗିଦେଇଛନ୍ତି । ଏହା ଫଳରେ ଟୁର୍ଣ୍ଣାମେଣ୍ଟ କିପରି ଆୟୋଜିତ ହେବ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ୍ । କ୍ଲବ୍ ଗୁଡିକୁ ଆଶ୍ୱାସନା ଦେବା ଓ ଭାରତୀୟ ଖେଳାଳିମାନଙ୍କୁ ସିଙ୍ଗାପୁର ବିପକ୍ଷ ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାଇଂ ମୁକାବିଲା ଲାଗି ଫିଟ ରଖିବା ସକାଶେ ସୁପର କପ୍ ଆଗୁଆ କରିବାକୁ ଏଆଇଏଫ୍ଏଫ୍ ଯୋଜନା କରୁଛି । ଯାହା ଫଳରେ ଭାରତୀୟ ଖେଳାଳି, କ୍ଲବ୍ ଫିଟ୍ ରହି ପାରିବେ । ଅକ୍ଟୋବର ୯ ଓ ୧୦ରେ ଭାରତର ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାଇଂ ମୁକାବିଲା ସିଙ୍ଗାପୁର ସହ ଅକ୍ଟୋବର ୯ ଓ ୧୪ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଏଥିଲାଗି ଏଆଇଏଫ୍ଏଫ୍ ସୁପର କପ୍ ଆଗୁଆ ମଧ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଯେଉଁ ମାଷ୍ଟର ରାଇଟସ ରାଜିନାମା ହୋଇଥିଲା ତାହାର ଅବଧି ଡିସେମ୍ବର ୮ରେ ଶେଷ ହେବ । କିନ୍ତୁ ଟୁର୍ଣ୍ଣାମେଣ୍ଟ ଆୟୋଜନ ରାଜିନାମାର ନବୀକରଣ ଲାଗି ନୀତାଙ୍କ କମ୍ପାନୀ ପକ୍ଷରୁ କୌଣସି ଆଗ୍ରହ ପ୍ରକାଶ ପାଉନାହିଁ । ବିଶେଷ କରି ମଧ୍ୟ ଏଥିପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି । ଏଭଳି ସ୍ଥିତିରେ ଏଆଇଏଫ୍ଏଫ୍ ଏତେ ବଡ଼ ବଜେଟର ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବା ସମ୍ଭବ ନୁହେଁ । ସଭାପତି ଚୌବେ ବାରମ୍ବାର ଏ ସମ୍ପର୍କରେ ଆୟୋଜକଙ୍କ ସହ ଆଲୋଚନା କରି ବିଫଳ ହୋଇସାରିଲେଣି । ସେ ବିକଳ୍ପ ଆୟୋଜନ ସନ୍ଧାନରେ ଥାଇ ଯୋଜନା କରାଯାଇଛି । କିନ୍ତୁ ଆଇଏସ୍ଏଲ୍ ଆୟୋଜନ ସମ୍ପର୍କରେ କିଛି ନିଷ୍ପତ୍ତି ହୋଇପାରିନାହିଁ ।

# ଗିଲ୍‌ଙ୍କୁ ଉତ୍ତରାଞ୍ଚଳ, ଜୁରେଲଙ୍କୁ କେନ୍ଦ୍ରାଞ୍ଚଳର ନେତୃତ୍ୱ



ଦୁଲୀପ୍ ଟ୍ରଫି

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିବା ପରେ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଆଉ ଏକ ବଡ଼ ଦାୟିତ୍ୱ ମିଳିଛି । ଚଳିତ ମାସ ୨୮ରୁ ଆରମ୍ଭ ହେବାକୁ ଥିବା ଦୁଲୀପ୍ ଟ୍ରଫି ଲାଗି ଗିଲ୍‌ଙ୍କୁ ଉତ୍ତରାଞ୍ଚଳ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି । ଗିଲ୍‌ଙ୍କ ବ୍ୟତୀତ ଉତ୍ତରାଞ୍ଚଳ ଦଳରେ ଅନେକ ତାରକା ଖେଳାଳି ରହିଛନ୍ତି । ସେମାନଙ୍କ ମଧ୍ୟରେ ଅର୍ଶଦୀପ୍ ସିଂହ, ହର୍ଷିତ ରାଣା, ଅଂଶୁଲ କାମ୍ବୋଜ, ଆୟୁଷ ବଦୋନୀ ପ୍ରମୁଖ ରହିଛନ୍ତି । କ୍ୱାର୍ଟର ଫାଇନାଲରେ ଉତ୍ତରାଞ୍ଚଳର ମୁକାବିଲା ଇଶାନ କିଶାନଙ୍କ ପୂର୍ବାଞ୍ଚଳ ଦଳ ସହ ହେବ । ସେହିଭଳି ଗୁରୁବାର କେନ୍ଦ୍ରାଞ୍ଚଳ ଦଳ ମଧ୍ୟ ଘୋଷଣା କରାଯାଇଛି । ୱିକେଟ୍‌କିପର ଧ୍ରୁବ ଜୁରେଲଙ୍କୁ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି । ଦଳରେ ଆଇପିଏଲ୍ ଟ୍ରଫି ବିଜୟୀ ଅଧିନାୟକ ରଜତ ପଟିଦାର, କୁଲଦୀପ୍ ଯାଦବ, ଆଦିତ୍ୟ ଥାକରେ, ଦୀପକ ଚହର, ଖଲିଲ ଅହମ୍ମଦଙ୍କ ଭଳି ତାରକା ଖେଳାଳି ରହିଛନ୍ତି ।

ଉଲ୍ଲେଖଯୋଗ୍ୟ, ଦୁଲୀପ୍ ଟ୍ରଫି ସହ ବିସିସିଆଇର ୨୦୨୫-୨୬ ଘରୋଇ କ୍ରିକେଟ୍ ସିଜନ ଆରମ୍ଭ ହେବ । ଏଥର ୬ ଦଳୀୟ ଜୋନାଲ୍ ଫର୍ମାଟ୍‌ରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ । ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ସିଧାସଳଖ ସେମିଫାଇନାଲ ଖେଳିବାର ସୁଯୋଗ ପାଇଛନ୍ତି । ସେହିଭଳି କେନ୍ଦ୍ରାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳ ମଧ୍ୟରେ ଅନ୍ୟ ଏକ କ୍ୱାର୍ଟର ଫାଇନାଲ ଅଗଷ୍ଟ ୨୮ରୁ ଆରମ୍ଭ ହେବ । ଦୁଇ କ୍ୱାର୍ଟର ଫାଇନାଲର ବିଜେତା ସେମିଫାଇନାଲରେ ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳକୁ ଭେଟିବେ ।

# ବିଏଫ୍ଆଇ ବିରୋଧରେ ଗୁରୁତର ଅଭିଯୋଗ ଆଣିଲେ ଲଭ୍‌ଲିନା

ନୂଆଦିଲ୍ଲୀ, ୭।୮ (ଏଜେନ୍ସି): ଭାରତର ତାରକା ମହିଳା ବକ୍ସର ଲଭଲିନା ବୋରଗୋହେଁ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି । ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍ଆଇ)ର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ କର୍ଣ୍ଣେଲ ଅରୁଣ ମଲିକ ତାଙ୍କ ପ୍ରତି ଭେଦଭାବ ଓ ଅପମାନଜନକ ଆଚରଣ ପ୍ରଦର୍ଶନ କରିଥିବା ନେଇ ଲଭ୍‌ଲିନା ଅଭିଯୋଗ କରିଛନ୍ତି । ଦୁଇ ପୃଷ୍ଠା ସମ୍ବଳିତ ଏହି ଅଭିଯୋଗ ପତ୍ରକୁ ଲଭଲିନା କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ, ସାଇ ନିର୍ଦ୍ଦେଶକ ହରି ରଞ୍ଜନ ରାଓ, ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ର ଅଫିସିଆଲ୍ ଓ ବିଏଫ୍ଆଇ ନିକଟକୁ ପଠାଇଛନ୍ତି । ରିପୋର୍ଟରୁ ଜଣାପଡ଼ିଛି ଯେ, ଜୁଲାଇ ୮ରେ ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ର ଜୁମ୍ ବୈଠକରେ ଏହି ଅଘଟଣ ଘଟିଥିଲା । ଏହି ବୈଠକରେ ଲଭଲିନା ଅନୁରୋଧ କରିଥିଲେ ଯେ ତାଙ୍କର ଆଗାମୀ ୟୁରୋପ ପ୍ରଶିକ୍ଷଣ ଲାଗି ପ୍ରଣମିକା ବୋରୋଙ୍କୁ ସେ ବ୍ୟକ୍ତିଗତ ପ୍ରଶିକ୍ଷକ ଭାବେ ନେବାକୁ ଚାହୁଁଛନ୍ତି । ଏଥିଲାଗି ତାଙ୍କୁ ଅନୁମତି ଦିଆଯାଉ । କିନ୍ତୁ ଏହି ସମୟରେ ଅରୁଣ ମଲିକ ତାଙ୍କୁ ଅପମାନିତ କରି କହିଥିଲେ, 'ଚୁପ୍ ରୁହ ଆମେ ଯାହା କହୁଛୁ ମୁଣ୍ଡ ତଳକୁ କରି ତାହାକୁ ଶୁଣ' । ଲଭଲିନା ଅଭିଯୋଗ ପତ୍ରରେ ଏହା ଦର୍ଶାଇଛନ୍ତି ।

# ଜାଭେଲିନ୍ ଦିବସ ପାଳିଲା ଓଡ଼ିଶା



କଟକ, ୭।୮ (ସମିସ): ଭାରତର ନୀରଜ ଚୋପ୍ରା ଅଗଷ୍ଟ ୭ ତାରିଖରେ ଅଲିମ୍ପିକ୍ସରେ ଜାଭେଲିନ୍‌ରେ ଐତିହାସିକ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ । ଏହି ସଫଳତା ଭାରତ ଲାଗି ଥିଲା ବିରଳ । ଯାହା ଫଳରେ ନୀରଜଙ୍କ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟ ପରଠାରୁ ଭାରତରେ ଅଗଷ୍ଟ ୭କୁ ଜାଭେଲିନ୍ ଦିବସ ଭାବେ ପାଳନ କରାଯାଇଆସୁଛି । ଓଡ଼ିଶାରେ ମଧ୍ୟ ଏହି ଦିବସ ଆଜି ଓଡ଼ିଶା ଆଥଲେଟିକ୍ ସଂଘ ପାଳନ କରିଥିଲା । ଏଥିଲାଗି ସମଗ୍ର ଓଡ଼ିଶାରୁ ୬୦ଜଣ ଜାଭେଲିନ୍ ଫିଙ୍ଗାଳି ଏଠାରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ । ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଆଥଲେଟିକ୍ସ କୋଚ୍ ଚିତ୍ତରଞ୍ଜନ ମହାପାତ୍ର ଓ ଶୈଳେନ୍ଦ୍ର ପ୍ରସନ୍ନ ବର୍ମା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ନ୍ୟାସନାଲ ଟେକ୍ନିକାଲ ଅଫିସିଆଲ ଭବାନୀ ଶଙ୍କର ଜେନା ଏହି ଉତ୍ସବରେ ସଭାପତିତ୍ୱ କରିଥିଲାବେଳେ ଅନେକ ଆଥଲେଟ ଓ କୋଚ୍ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ୨୦୨୧ ଅଗଷ୍ଟ ୭ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ନୀରଜ ଚୋପ୍ରା ଜାଭେଲିନ୍‌ରେ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଥିଲେ ।

### ଟେନିସ୍ ଇତିହାସରେ ରେକର୍ଡ ପୁରସ୍କାର ରାଶି

# ୟୁଏସ୍ ଓପନ୍ ଚାମ୍ପିଅନଙ୍କୁ ମିଳିବ ୪୩.୭୫ କୋଟି

ନ୍ୟୁୟର୍କ, ୭।୮ (ଏଜେନ୍ସି): ଚଳିତ ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହେବ । ୟୁଏସ୍ ଓପନ୍‌ର ଏହା ହେବ ୧୪୫ତମ ସଂସ୍କରଣ । ଏହି ମେଗା ଇଭେଣ୍ଟ ଲାଗି ଆୟୋଜକ ୟୁଏସ୍ ଟେନିସ ସଂଘ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି । ଏଥର ୟୁଏସ୍ ଓପନ୍‌ରେ ମୋଟ୍ ପୁରସ୍କାର ରାଶି ୯୦ ମିଲିୟନ ଡଲାର ରଖାଯାଇଛି । ଯାହାକି ଭାରତୀୟ ମୁଦ୍ରାରେ ୭ ଶହ ୮୭ କୋଟି ୩୧ ଲକ୍ଷ ଟଙ୍କା ହେବ । ଗତ ସଂସ୍କରଣ ତୁଳନାରେ ଏଥର ମୋଟ୍ ପୁରସ୍କାର ରାଶିରେ ୨୦ ପ୍ରତିଶତ ବୃଦ୍ଧି ଘଟିଛି । ଗତବର୍ଷ ୬ ଶହ ୫୬ କୋଟି ୨୦ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ଦିଆଯାଇଥିଲା । ବିଶ୍ୱ ଟେନିସରେ ଆୟୋଜନ କରାଯାଉଥିବା ଯେକୌଣସି ଟୁର୍ଣ୍ଣାମେଣ୍ଟରେ ଏହା ରେକର୍ଡ




ପୁରସ୍କାର ରାଶି ହୋଇଛି । ଯଦି ଗତ ମାସରେ ଅନୁଷ୍ଠିତ ହୋଇଥିବା ୱିମ୍ବଲଡନ ଉପରେ ନଜର ପକାଇବା ତେବେ ସେହି ଟୁର୍ଣ୍ଣାମେଣ୍ଟର ମୋଟ୍ ପୁରସ୍କାର ରାଶି ୭୩ ମିଲିୟନ ଡଲାର (୬ ଶହ ୩୮ କୋଟି ୫୦ ଲକ୍ଷ ଟଙ୍କା) ପ୍ରଦାନ କରାଯାଇଥିଲା ।

ଅପରପକ୍ଷରେ ଏଥର ୟୁଏସ୍ ଓପନ୍‌ର ପୁରୁଷ ଓ ମହିଳା ସିଙ୍ଗଲ୍ସ ଚାମ୍ପିଅନଙ୍କୁ ଆଖିଦୃଶିଆ ରାଶି ମିଳିବ । ପୁରୁଷ ଓ ମହିଳା ସିଙ୍ଗଲ୍ସ ବିଜେତା ଏଥର ୫ ମିଲିୟନ ଡଲାର ତଥା ୪୩ କୋଟି ୭୫ ଲକ୍ଷ ଟଙ୍କା ସାଙ୍ଗରେ ନେଇ ଘରକୁ ଯିବେ । ୨୦୨୪ରେ ୟୁଏସ୍ ଓପନ୍ ବିଜେତାକୁ ୩୧ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଅର୍ଥାତ୍ ଚଳିତ ବର୍ଷ ଏହି ରାଶିରେ ୩୯ ପ୍ରତିଶତ ବୃଦ୍ଧି କରାଯାଇଛି । ସେହିଭଳି ଯେଉଁ ଖେଳାଳି ପ୍ରଥମ ରାଉଣ୍ଡରୁ ବିଦାୟ ନେବେ ସେ ୯୬ ଲକ୍ଷ ଟଙ୍କା ପାଇବେ ।

# ଜୁନିଅର ମହିଳା ହକି କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର, ୭।୮ (ସମିସ): ଆନ୍ଧ୍ର ପ୍ରଦେଶରେ ଚାଲିଥିବା ଜାତୀୟ ଜୁନିଅର ମହିଳା ହକି ଚାମ୍ପିଅନସିପ୍ (ଡିଭିଜନ-ଏ)ରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ପୁଲ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ୨ ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇ ମହାରାଷ୍ଟ୍ର (୬) ପଛକୁ ୨ୟ ସ୍ଥାନରେ ରହିଥିଲା । ମହାରାଷ୍ଟ୍ର ଏହାର ଶେଷ ପୁଲ୍ ମୁକାବିଲାରେ ଗୁରୁବାର ଆନ୍ଧ୍ର ପ୍ରଦେଶକୁ ୫-୧ ଗୋଲ୍‌ରେ ହରାଇବା ପରେ ଓଡ଼ିଶାର କ୍ୱାର୍ଟର ଫାଇନାଲ ଖେଳିବା ସ୍ପଷ୍ଟ ହୋଇଥିଲା । ଶନିବାର କ୍ୱାର୍ଟର ଫାଇନାଲ ଖେଳାଯିବ । ଏଥିରେ ଓଡ଼ିଶାର ମୁକାବିଲା ଶକ୍ତିଶାଳୀ ହରିୟାଣା ସହ ହେବ । ପୁଲ୍-ସି'ରେ ହରିୟାଣା ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା । ଅନ୍ୟ ୩ଟି କ୍ୱାର୍ଟରରେ ମହାରାଷ୍ଟ-ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ-ଛତିଶଗଡ଼ ଏବଂ ଝାଡ଼ଖଣ୍ଡ-ପଞ୍ଜାବ ସାମ୍ନାସାମ୍ନି ହେବେ ।

# ସିବିଏସ୍‌ଇ କ୍ଲଷ୍ଟର-୨ ଆଥ୍‌ଲେଟିକ୍ସ ମିଟ୍ ଆରମ୍ଭ



ଭୁବନେଶ୍ୱର, ୭।୮ (ସମିସ): ସ୍ଥାନୀୟ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଗୁରୁବାର ସିବିଏସ୍‌ଇ କ୍ଲଷ୍ଟର-୨ ଆଥ୍‌ଲେଟିକ୍ସ ମିଟ୍ ଉଦ୍‌ଘାଟିତ ହୋଇଯାଇଛି । ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଓ କିଟ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ଆସନ୍ତା ୧୧ ତାରିଖରେ ଉଦ୍‌ଯାପିତ ହେବ । ଏଥିରେ ସିବିଏସ୍‌ଇ ରିଜିଅନର ୧୧୫ ସ୍କୁଲର ହଜାରେରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି । ସକାଳେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସିବିଏସ୍‌ଇର ପର୍ଯ୍ୟବେକ୍ଷକ ସୋନୁ କାମାତ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରିନ୍ସିପାଲ୍ ସଞ୍ଜୟ ସୁଆର, ଅଧକ୍ଷା ଡ. ମୋନାଲିସା ବଳ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ । ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣକାରୀ ସମସ୍ତ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ ଅଫିସଆଲ୍‌ଙ୍କୁ ଏହି ପ୍ରତିଯୋଗିତା ଲାଗି ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS